- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-261 ♦FRIDAY ♦20 MARCH 2026 ♦PAGE-12 ♦₹ 7.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୨୬୧ ♦ଶୁକ୍ରବାର ♦୨୦ ମାର୍ଚ୍ଚ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦




୯୦୦ ଗୋଲ୍ କ୍ଲବ୍‌ରେ ମେସି

▶ପୃଷ୍ଠା ୧୨ ଦେଖନ୍ତୁ...

# ‘କଳିଙ୍ଗ’ରେ ୨୦୨୮ ବିଶ୍ୱ ଇନ୍‌ଡୋର ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍

■ ଭୁବନେଶ୍ୱର, ୧୯ ।୩ (ସମିସ): ଓଡ଼ିଶା ତଥା କଳିଙ୍ଗ ଷ୍ଟାଡିୟମ କ୍ରୀଡ଼ା ମାନଚିତ୍ରରେ ଆଉ ଏକ ବିଶ୍ୱସ୍ତରୀୟ ଇଭେଣ୍ଟ ଯୋଡ଼ି ହେବାକୁ ଯାଉଛି । ୨୦୨୮ ବିଶ୍ୱ ଇନ୍‌ଡୋର ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍‌ର ଆୟୋଜନ ଅଧିକାର ଭାରତକୁ ମିଳିଛି । ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମସ୍ଥିତ ଇନ୍‌ଡୋର ଆଥ୍‌ଲେଟିକ୍ସ ଷ୍ଟାଡିୟମରେ ଏହି ମେଗା ଇଭେଣ୍ଟ ଆୟୋଜନ ହେବ ବୋଲି ୱାର୍ଲ୍ଡ ଆଥ୍‌ଲେଟିକ୍ସର ସଭାପତି ସେବାଷ୍ଟିଆନ କୋଏ ଆଜି ଘୋଷଣା କରିଛନ୍ତି । ପୋଲାଣ୍ଡର ତରୁନଠାରେ ଗୁରୁବାର ୱାର୍ଲ୍ଡ ଆଥ୍‌ଲେଟିକ୍ସର କାଉନସିଲ୍ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ୨୦୨୮ ଓ ୨୦୩୦ ବିଶ୍ୱ ଇନ୍‌ଡୋର ଆୟୋଜନ ଅଧିକାର ଲାଗି ନିଷ୍ପତ୍ତି ନିଆଯାଇଛି ।

ସୂଚନାଯୋଗ୍ୟ, ବିଜେଡି ସରକାର ସମୟରେ ଏହି ଷ୍ଟାଡିୟମ୍ ନିର୍ମାଣ ହୋଇଥିଲା । ନବୀନ ସରକାରଙ୍କ ଏହି ଦୂରଦୃଷ୍ଟି ଓଡ଼ିଶାକୁ ବିଶ୍ୱ କ୍ରୀଡ଼ା ମାନଚିତ୍ରରେ ପୁଣିଥରେ ସ୍ଥାନିତ କରିଛି । ୨୦୧୭ରେ ଏଠାରେ ଏସିଆନ୍ ଆଥ୍‌ଲେଟିକ୍ ମିଟ୍ ଆୟୋଜିତ ହୋଇଥିଲା । ୱାର୍ଲ୍ଡ ଆଥ୍‌ଲେଟିକ୍ସର କାଉନସିଲ୍ ବୈଠକ ପରେ ଏହି ଘୋଷଣା କରି ସେବାଷ୍ଟିଆନ କୋଏ କହିଛନ୍ତି, ବିଶ୍ୱ ଇନ୍‌ଡୋର ଚାମ୍ପିଅନସିପ୍‌ର ଆଗାମୀ ଦୁଇଟି ସଂସ୍କରଣ ଲାଗି ଭେନ୍ୟୁ ଚୂଡ଼ାନ୍ତ କରାଯାଇଛି । ଓଡ଼ିଶାର ଭୁବନେଶ୍ୱରଠାରେ ୨୦୨୮ ସଂସ୍କରଣ ଏବଂ କାଜାଖସ୍ତାନର ଆଷ୍ଟନରେ ୨୦୩୦ ସଂସ୍କରଣ ଅନୁଷ୍ଠିତ ହେବ । ସେହିଭଳି ୨୦୨୮ ସଂସ୍କରଣ ଆୟୋଜନ ଅଧିକାର ଭୁବନେଶ୍ୱରକୁ ମିଳିଥିବା ନେଇ ଭାରତୀୟ ଆଥ୍‌ଲେଟିକ ମହାସଂଘ (ଏଏଫ୍‌ଆଇ)ର ସଭାପତି ବାହାଦୁର ସିଂହ ସାଗୋ ନିଶ୍ଚିତ କରିଛନ୍ତି ।

ଉଲ୍ଲେଖଯୋଗ୍ୟ ଯେ ଦକ୍ଷିଣ ଏସିଆର ପ୍ରଥମ ଓ ଏକମାତ୍ର ଇନ୍‌ଡୋର ଆଥ୍‌ଲେଟିକ୍ସ ଷ୍ଟାଡିୟମ କଳିଙ୍ଗ ଷ୍ଟାଡିୟମରେ ରହିଛି । ଭାରତର ସର୍ବପ୍ରଥମ ଜାତୀୟ ଇନ୍‌ଡୋର ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍ ଆସନ୍ତା ୨୪ ତାରିଖରୁ ଏଠାରେ ଆରମ୍ଭ ହେବାକୁ ଯାଉଛି ।

ଉଲ୍ଲେଖଯୋଗ୍ୟ, କଳିଙ୍ଗ ଷ୍ଟାଡିୟମରେ ଏଥିପୂର୍ବରୁ ଦୁଇ ଦୁଇଥର ସିନିଅର ପୁରୁଷ ହକି ବିଶ୍ୱକପ୍, ଜୁନିଅର ହକି ବିଶ୍ୱକପ, ୧୭ ବର୍ଷରୁ କମ୍ ଫିଫା ବାଳିକା ବିଶ୍ୱକପ୍, ଏସୀୟ ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍ ଭଳି ବିଶ୍ୱସ୍ତରୀୟ ଇଭେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଏବେ ଏହି ତାଲିକାରେ ବିଶ୍ୱ ଇନ୍‌ଡୋର ଆଥଲେଟିକ୍ସ ଚାମ୍ପିଅନସିପ୍ ଯୋଡ଼ି ହେବାକୁ ଯାଉଛି ।



# କଲେଜ ଛାତ୍ରୀଙ୍କୁ ଦୁଷ୍କର୍ମ ପରେ ହତ୍ୟା!

ଢେଙ୍କାନାଳରେ ଲଜ୍ଜା



ପରୀକ୍ଷା ଦେବାକୁ ଯାଇ ଘରକୁ ଫେରି ନ ଥିଲେ

ଜଙ୍ଗଲରୁ କ୍ଷତବିକ୍ଷତ ମୃତଦେହ ଉଦ୍ଧାର

■ କାମାକ୍ଷାନଗର/ଭୁବନ, ୧୯ ।୩ (ସମିସ): କାମାକ୍ଷାନଗର ଥାନା ସାରୁଆଳି ଗ୍ରାମ ନିକଟ ଜଙ୍ଗଲରୁ ଜଣେ କଲେଜ ଛାତ୍ରୀଙ୍କ କ୍ଷତବିକ୍ଷତ ମୃତଦେହ ଠାବ ହୋଇଛି । ମୃତ ଛାତ୍ରୀଙ୍କ ଘର ଭୁବନ ଥାନା ଅଞ୍ଚଳରେ ହୋଇଥିବା ବେଳେ ସେ କାମାକ୍ଷାନଗର ମହିଳା ମହାବିଦ୍ୟାଳୟରେ ଯୁକ୍ତ ଦୁଇ ପ୍ରଥମ ବର୍ଷରେ ପଢୁଥିଲେ । ପାରିପାର୍ଶ୍ୱିକ ପରିସ୍ଥିତିରୁ, ତାଙ୍କୁ ଦୁଷ୍କର୍ମ ପରେ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି । ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଆଲୋଡ଼ନ ସୃଷ୍ଟି ହୋଇଛି ।

ଛାତ୍ରୀଜଣଙ୍କ କାମାକ୍ଷାନଗରରେ ତାଙ୍କ ଅଜାଙ୍କ ଘରେ ରହି ପଢୁଥିଲେ । ଗତକାଲି ପରୀକ୍ଷା ଦେବାକୁ କଲେଜ ଯାଇ ଆଉ ଫେରିନଥିଲେ । ପରିବାରଲୋକ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ହେଁ ପାଇନଥିଲେ । ଗୁରୁବାର ସକାଳେ ତାଙ୍କ ମୃତଦେହ ସାରୁଆଳି ଜଙ୍ଗଲ ଭିତରେ ପଡ଼ିଥିବା ଦେଖିବାକୁ ମିଳିଥିଲା । ତାଙ୍କ ଶରୀରରେ ଏକାଧିକ କ୍ଷତଚିହ୍ନ ରହିଥିବାରୁ ଏହା ଏକ ହତ୍ୟାକାଣ୍ଡ ବୋଲି ସନ୍ଦେହ କରାଯାଉଛି । ଛାତ୍ରୀଙ୍କୁ ଦୁଷ୍କର୍ମ ପରେ ହତ୍ୟା କରାଯାଇଥିବା ପରିବାରଲୋକ ଓ ସମ୍ପର୍କୀୟ ଅଭିଯୋଗ କରିଛନ୍ତି । ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଢେଙ୍କାନାଳ ଏସ୍‌ପି ଅଭିନବ ସୋନକାର, କାମାକ୍ଷାନଗର ଏସଡିପିଓ ରଜନୀକାନ୍ତ ସାମଲ, ଥାନା ଅଧିକାରୀ, ଫରେନସିକ ଟିମ, ଡଗ୍ ସ୍କ୍ୱାଡ୍ ଏବଂ ଜିଲ୍ଲା ସାଇଣ୍ଟିଫିକ ଟିମ୍ ପହଞ୍ଚି ଛାନ୍‌ଭିନ୍ କରିଛନ୍ତି । ପୁଲିସ ତୁରନ୍ତ ଅପରାଧୀଙ୍କୁ ଗିରଫ କରି କଠୋର୍ ଦଣ୍ଡ ଦେବାକୁ ପରିବାରଲୋକ ଦାବି କରିଛନ୍ତି । ଅନ୍ୟପଟେ ପୁଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରଖିଛି । ଖୁବ୍‌ଶୀଘ୍ର ଅପରାଧୀଙ୍କୁ ଧରାଯିବ ବୋଲି ଏସ୍‌ପି ସୋନକର କହିଛନ୍ତି ।

# ଇରାନର ଚରମ ପ୍ରତିଶୋଧ

## ସାଉଦି, କତାର ଉପରେ ପ୍ରଚଣ୍ଡ ଆକ୍ରମଣ



ଇସ୍ରାଏଲର ହାଇଫା ତୈଳ ବିଶୋଧନାଗାରରେ ମଧ କ୍ଷେପଣାସ୍ତ୍ର ମାଡ଼

ଇରାନର ଗ୍ୟାସ୍ ପ୍ରତିଷ୍ଠାନ ଉପରେ ଆକ୍ରମଣ କରି ଇସ୍ରାଏଲ ଭୁଲ୍ କରିଛି: ଟ୍ରମ୍ପ

■ ଦୁବାଇ/ରିୟାଧ, ୧୯ ।୩ (ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଆମେରିକା- ଇସ୍ରାଏଲ ଓ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧ ଦିନକୁ ଦିନ ଭୟଙ୍କର ହେବାରେ ଲାଗିଛି । ଇରାନ ଉପରେ ଆମେରିକା-ଇସ୍ରାଏଲ ଆକ୍ରମଣ କରି ଯେଉଁ ଭୁଲ କରିଛନ୍ତି, ତାହାର ପ୍ରଭାବ ଏବେ ସାରା ବିଶ୍ୱ ଉପରେ ପଡ଼ିବାକୁ ଆରମ୍ଭ କଲାଣି । ପରସ୍ପରର ସାମରିକ ପ୍ରତିଷ୍ଠାନ ଉପରେ ଆକ୍ରମଣରୁ ଆରମ୍ଭ ହୋଇଥିବା ଏହି ଯୁଦ୍ଧ ଏବେ ଭିନ୍ନ ମୋଡ଼ ନେଇଛି । ଇରାନର ଗୁରୁତ୍ୱପୂର୍ଣ୍ଣ ‘ସାଉଥ ପାର୍ସ’ ଗ୍ୟାସ୍ ଫିଲ୍ଡ ଉପରେ ଗତକାଲି ଇସ୍ରାଏଲ ଆକ୍ରମଣ କରିବା ପରେ ପୁଣି ରକ୍ତମୁଖା ହୋଇଉଠିଛି ଇରାନ । ▶ପୃଷ୍ଠା-୭

## ସେୟାର ବଜାରରେ କମ୍ପନ

### ୨୫୦୦ ପଏଣ୍ଟ ଖସିଲା ସେନ୍‌ସେକ୍ସ

ନିବେଶକଙ୍କ ଧୋଇଗଲା ୧୨ ଲକ୍ଷ କୋଟି

■ ମୁମ୍ବାଇ, ୧୯।୩ (ଏଜେନ୍ସି): ଦିନକୁ ଦିନ ଘନେଇବାରେ ଲାଗିଛି ମଧ ପ୍ରାଚ୍ୟ ସଙ୍କଟ । ଏହାର ପ୍ରଭାବରେ ଭାରତୀୟ ସେୟାର ବଜାର ଧ୍ୱସ୍ତ ହୋଇଯାଇଛି । ଗୁରୁବାର ବୈଶ୍ୱିକ ଉତ୍ତେଜନା ଓ ତୈଳ ମୂଲ୍ୟରେ ଅଚାନକ ବୃଦ୍ଧି ଯୋଗୁ ଘରୋଇ ସେୟାର ବଜାର ତଳମୁହାଁ ହୋଇଛି । ଆମେରିକା, ଇସ୍ରାଏଲ ଓ ଇରାନ ମଧ୍ୟରେ ଜାରି ସଂଘର୍ଷ ଏବେ ପ୍ରମୁଖ ଶକ୍ତି ଭିତ୍ତିଭୂମିଗୁଡ଼ିକୁ ପ୍ରଭାବିତ କରିଛି । ଏହା ପ୍ରଭାବରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ସେନସେକ୍ସ ଏବଂ ନ୍ୟାସନାଲ ଷ୍ଟକ୍ ▶ପୃଷ୍ଠା-୭

# ବିରୋଧୀ ଅଟଳ, ଗୃହ ଅଚଳ, ବୈଠକ ବିଫଳ

ଏସ୍‌ସିବି ଅଗ୍ନିକାଣ୍ଡ ଘଟଣାରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି

■ ଭୁବନେଶ୍ୱର, ୧୯।୩ (ସମିସ): ଏସସିବି ହସ୍ପିଟାଲ ଅଗ୍ନିକାଣ୍ଡ ଘଟଣାକୁ ନେଇ କ୍ରମାଗତ ତୃତୀୟ ଦିନ ପାଇଁ ଗୃହ ଅଚଳ କରିଛନ୍ତି ବିରୋଧୀ । ରାଜ୍ୟ ଇତିହାସରେ ପ୍ରଥମ ଥର ପାଇଁ ସରକାରୀ ହସ୍ପିଟାଲରେ ଏତେବଡ଼ ଅଘଟଣ ଘଟିଥିବା ବେଳେ ସ୍ୱାସ୍ଥ୍ୟ ବିଭାଗର ଅବହେଳା ଏଥିରେ ଜଳଜଳ ଦିଶୁଛି । ତେଣୁ ନୈତିକତା ଦୃଷ୍ଟିରୁ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଇସ୍ତଫା ନ ଦେଲା ପର୍ଯ୍ୟନ୍ତ ପ୍ରତିବାଦ ଜାରି ରହିବ ବୋଲି ଗୃହ ବାହାରେ ରୋକଠୋକ ଶୁଣାଇଛନ୍ତି ବିରୋଧୀ । ଗୁରବାର ମଧ ବିରୋଧୀ ବିଜେଡି ଓ କଂଗ୍ରେସ ଗୃହ କାର୍ଯ୍ୟରେ ଆଦୌ ଭାଗ ନେଇ ନ ଥିବା ବେଳେ ଜଳସମ୍ପଦ ବିଭାଗର ଖର୍ଚ୍ଚଦାବି ପାରିତ ହୋଇଛି ।

## କ୍ରମାଗତ ତୃତୀୟ ଦିନ ପାଇଁ ଗୃହ କାର୍ଯ୍ୟରେ ଭାଗ ନେଲେନି ବିରୋଧୀ

## ବିରୋଧୀଙ୍କ ଅନୁପସ୍ଥିତିରେ ବିଧାନସଭାରେ ଖର୍ଚ୍ଚଦାବି ଆଲୋଚନା

## ଜୋର୍‌ଜବରଦସ୍ତ ସରକାର ଗୃହ ଚଳାଉଥିବା ବିରୋଧୀଙ୍କ ଅଭିଯୋଗ

ଗୁରୁବାର ଗୃହ ଆରମ୍ଭରୁ ବିରୋଧୀ ବିଜେଡି ଓ କଂଗ୍ରେସ ସଦସ୍ୟମାନେ ହାତରେ ପୋଷ୍ଟର ଓ ବ୍ୟାନର ଧରି ଗୃହର ମଧଭାଗକୁ ମାଡି ଆସିଥିଲେ । ‘ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଇସ୍ତଫା ଆମର ଦାବି, ରାମ ନାମ ସତ୍ୟ ହେ... ହରି ନାମ ସତ୍ୟ ହେ’ ସ୍ଲୋଗାନରେ ଗୃହ କମ୍ପାଇଥିଲେ । ଏହା ମଧ୍ୟରେ ପ୍ରଶ୍ନକାଳ ଜାରି ରହିଥିଲେ ହେଁ ବିରୋଧୀଙ୍କ ପ୍ରବଳ ହଟ୍ଟଗୋଳ ମଧ୍ୟରେ କିଛି ଶୁଣାଯାଉ ନ ଥିଲା । ଫଳରେ ବାଚସ୍ପତି ଗୃହକୁ ୧୦ ଟା ୪୩ ରୁ ୧୧ ଟା ୩୦ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ ।

ଶୂନ୍ୟକାଳରେ ପୁଣି ସମାନ ଢଙ୍ଗରେ ହଟ୍ଟଗୋଳ ଜାରି ରହିଥିଲା ଓ ଏହି ସମୟରେ ବାଚସ୍ପତି ବିଜେପି ବିଧାୟକମାନଙ୍କୁ ଶୂନ୍ୟକାଳରେ ବକ୍ତବ୍ୟ ରଖିବାକୁ ସୁଯୋଗ ପ୍ରଦାନକୁ ବିରୋଧୀ ପ୍ରବଳ ବିରୋଧ କରିଥିଲେ । ବାଚସ୍ପତିଙ୍କ ଚେୟାର ପାଖକୁ ଦୁଇ ପାର୍ଶ୍ୱରୁ ବିଜେଡି ଓ କଂଗ୍ରେସ ବିଧାୟକ ଧସେଇ ପଶିବାକୁ ପ୍ରୟାସ କରିଥିଲେ । ବିଜେଡି ବିଧାୟକ ଯୋଗେଶ ସିଂ, ବିଶ୍ୱ ରଞ୍ଜନ ମଲ୍ଲିକ, ପ୍ରଦୀପ ସାହୁ, ପ୍ରଶାନ୍ତ ବେହେରା, ସାରଦା ଜେନା, ରୋହିତ୍ ଜୋସେଫ ତିର୍କୀ, ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ମାଧବ ଧଡ଼ା ଓ କଂଗ୍ରେସ ବିଧାୟକ ମଙ୍ଗୁ ଖିଲ ପ୍ରମୁଖ ବାଚସ୍ପତିଙ୍କ ଚେୟାର ଆଡ଼କୁ ଯିବାବେଳେ ତାଙ୍କୁ ସୁରକ୍ଷା କର୍ମୀମାନେ ଅଟକାଇଥିଲେ । ହୋହାଲ୍ଲା ମଧ୍ୟରେ ବିଜେପିର ପ୍ରାୟ ୧୨ ଜଣ ବିଧାୟକ ନିଜ ନିଜ ଅଞ୍ଚଳର ସମସ୍ୟା କଥା ଶୂନ୍ୟକାଳରେ ଉପସ୍ଥାପନ କରି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏହାସହ ▶ପୃଷ୍ଠା-୭

# ମୁଖ୍ୟମନ୍ତ୍ରୀ ବସ୍ ଧକ୍କାରେ ୩ ମୃତ

■ ସୋରଡ଼ା, ୧୯ ।୩ (ସମିସ): ଗଞ୍ଜାମ ଜିଲ୍ଲା ସୋରଡ଼ା ଥାନା ପାଟପଲ୍ଲୀ ଛକରେ ଆଜି ଏକ ଦୁର୍ଘଟଣାରେ ୩ ଜଣଙ୍କ ଜୀବନ ଯାଇଛି । ‘ମୁଖ୍ୟମନ୍ତ୍ରୀ ବସ୍’ ସହ ଏକ ବୁଲେଟ୍ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଏହି ଅଘଟଣ ଘଟିଛି । ମୃତକମାନେ ହେଲେ, ମାଣିଆକାଠି ଗ୍ରାମର ସିଲୁ ମୂଳି, ଟିଲୁ ଗୌଡ଼ ଓ ଶଙ୍କର ଗୌଡ଼ । ପୁଲିସ ଶବଗୁଡ଼ିକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

ସୂଚନାଯାଯାୀ, ସିଲୁ, ଟିଲୁ ଓ ଶଙ୍କର ଗୋଟିଏ ବୁଲେଟ୍ ବାଇକ୍‌ରେ ସୋରଡ଼ାରୁ କାମ ସାରି ମାଣିଆକାଠିକୁ ଫେରୁଥିଲେ । ଏହି ସମୟରେ ବିପରୀତ ଦିଗରୁ ଆସୁଥିବା ଏକ ‘ମୁଖ୍ୟମନ୍ତ୍ରୀ ବସ୍’ ପାଟପଲ୍ଲୀ ଛକ ନିକଟସ୍ଥ ବାଉଁଶିଆଠାରେ ବାଇକ୍‌କୁ ମୁହାଁମୁହିଁ ଧକ୍କା ଦେଇଥିଲା । ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଘଟଣାସ୍ଥଳରେ ହିଁ ୩ଜଣଙ୍କ ମୃତ୍ୟୁ ହୋଇଯାଇଥିଲା ଏବଂ ସେମାନଙ୍କ ଶବଗୁଡ଼ିକ ଛିନ୍‌ଛତ୍ର ହୋଇଯାଇଥିଲା । ପୁଲିସ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଶବଗୁଡ଼ିକୁ ସୋରଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ । ସେଠାରେ ଡାକ୍ତର ବିଧିବଦ୍ଧ ଭାବେ ସମସ୍ତଙ୍କୁ ମୃତ ଘୋଷଣା କରିଥିଲେ ।

# ଡାକ୍ତର ଦୁର୍ଗାମାଧବ ଶତପଥୀ ନୂଆ ଡିଏମଇଟି

■ ଭୁବନେଶ୍ୱର, ୧୯।୩ (ସମିସ): ଏସସିବି ଅଗ୍ନିକାଣ୍ଡ ଘଟଣାରେ ସ୍ୱାସ୍ଥ୍ୟ ବିଭାଗ ଏବେ ପ୍ରଶ୍ନଘେରରେ ଥିବା ବେଳେ ରାଜ୍ୟ ସରକାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି । ଡକ୍ଟର ଦୁର୍ଗାମାଧବ ଶତପଥୀଙ୍କୁ ନୂଆ ଡିଏମଇଟି(ଡାଇରେକ୍ଟର, ମେଡିକାଲ ଏଜୁକେଶନ ଆଣ୍ଡ ଟ୍ରେନିଂ) ଭାବରେ ନିଯୁକ୍ତି ମିଳିଛି । ପୂର୍ବରୁ ସେ ଏମକେସିଜି ମେଡିକାଲ କଲେଜର ସୁପରିନଟେଣ୍ଡେଣ୍ଟ(ଅଧୀକ୍ଷକ) ଥିଲେ ।

## ସନ୍ତୋଷ ମିଶ୍ରଙ୍କୁ ଭୁବନେଶ୍ୱର ପିଜିଆଇଏମଇଆରର ନିର୍ଦ୍ଦେଶକ ଦାୟିତ୍ୱ

ସେହିପରି ଡିଏମଇଟି ଭାବେ କାର୍ଯ୍ୟ କରୁଥିବା ଡାକ୍ତର ସନ୍ତୋଷ ମିଶ୍ରଙ୍କୁ ଭୁବନେଶ୍ୱର ପିଜିଆଇଏମଇଆର ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି ।


SIKSHA ‘O’ ANUSANDHAN

SAAT-2026

Empowering students for a brighter future

B.TECH PROGRAMMES IN CORE ENGINEERING
- Civil Engineering
- Electrical Engineering
- Mechanical Engineering

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 22nd Best in Engineering Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in


# ଭିଡିଓ କରି ଜୀବନ ହାରିଲେ ପ୍ରତାରିତ ପ୍ରେମିକ

ପୁଅ ବୋଲି ନ୍ୟାୟ ମିଳିଲାନି!

■ ଭୁବନେଶ୍ୱର/ପିପିଲି, ୧୯ ।୩ (ସମିସ): ଓଡ଼ିଆ ମାଟ୍ରିମୋନିରୁ ପରିଚୟ ଓ ପରେ ମନ ଦିଆନିଆ । ସଂପର୍କ ଆଗକୁ ବଢ଼ିବା ପରେ ଦୁହେଁ ଲିଭ୍-ଇନ୍‌ରେ ରହିଲେ । ପ୍ରେମିକାକୁ ଭାବୀ ସ୍ତ୍ରୀ ଭାବି ତା’ର ସବୁ ଇଚ୍ଛା ପୂରଣ କଲେ । ସେ ବାବଦକୁ ପାଖାପାଖି ୯ ଲକ୍ଷ ଟଙ୍କା ଉଡ଼ାଇଦେଲେ । କିନ୍ତୁ, ବର୍ଷେ ସାଥିରେ ରହିବା ପରେ ପ୍ରେମିକା ଧୋକା ଦେଇଦେଲା । କଥା ସେତିକିରେ ସରିଲାନି, ଆକ୍ରୋଶ ରଖି ପ୍ରେମିକା ତାଙ୍କ ଉପରେ ଗୋଟିଏ ପରେ ଗୋଟିଏ ଦାଉ ସାଧି ଚାଲିଲା । ତିନିଟିନିଟି ଥାନାରେ ପ୍ରେମିକକୁ ବିଭିନ୍ନ ମାମଲାରେ ଛନ୍ଦି ଦେଲା । ଶେଷରେ ଲୋକଲଜ୍ଜା ଓ ଗିରଫଦାରୀରୁ ବର୍ତ୍ତିବା ପାଇଁ



ଜୀବନ ହାରିଦେଲେ । ପିପିଲି ଥାନା ଅଧୀନ ଗୋବିନ୍ଦପୁର ଅଞ୍ଚଳରେ ଏଭଳି ଏକ ଅଭାବନୀୟ ଘଟଣା ଏବେ ଚର୍ଚ୍ଚାର ବିଷୟ ହୋଇଛି । ମୃତକ

- ଲିଭ୍-ଇନ୍‌ରେ ରହି ଧୋକା ଦେଲେ ପ୍ରେମିକା!
- ଟଙ୍କା ମାଗିବାରୁ ୩ ଥାନାରେ କଲେ ମାମଲା
- ପୁଲିସ ଚଢ଼ଉ ବେଳେ ଝୁଲିପଡ଼ିଲେ ଯୁବକ
- ଆତ୍ମହତ୍ୟାକୁ ଦୁର୍ଘଟଣା ରୂପ ଦେବାକୁ ଉଦ୍ୟମ

ହେଲେ, କଟକ କଲ୍ୟାଣୀ ନଗର ଅଞ୍ଚଳର ସୁଧାଂଶୁ ଭୂଷଣ ବେହେରା (୩୦) । ପୁଲିସ ଚଢ଼ଉ ବେଳେ ଗିରଫଦାରୀ ଭୟରେ ସୁଧାଂଶୁ ନିଜ ଜୀବନ ହାରିଛନ୍ତି । ମୃତ୍ୟୁ ପୂର୍ବରୁ ସେ ଏକ ଭିଡିଓ କରି ପ୍ରେମିକାର ଅତ୍ୟାଚାର ସଂପର୍କରେ ମୁହଁ ଖୋଲିଛନ୍ତି । ଏବେ ତାହା ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି ।

ଅଭିଯୋଗ ଅନୁଯାୟୀ, କଟକର ସୁଧାଂଶୁଙ୍କର ଓଡ଼ିଆ ମାଟ୍ରିମୋନି ମାଧ୍ୟମରେ ପିପିଲି ଅଞ୍ଚଳର ଜଣେ ଯୁବତୀଙ୍କ ସହ ପରିଚୟ ହେବା ପରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା । ଦୁହେଁ ବିବାହ କରିବାକୁ ନିଷ୍ପତ୍ତି ନେବା ସହ ପିପିଲି ଥାନା ଗୋବିନ୍ଦପୁର ▶ପୃଷ୍ଠା-୭

## ଏଡିଆର ରିପୋର୍ଟ; ରାଜ୍ୟସଭାରେ ଦାଗୀ ଓ କୋଟିପତି

ନୂଆଦିଲ୍ଲୀ, ୧୯ ।୩(ଏଜେନ୍ସି): ଆସୋସିଏସନ ଫର ଡେମୋକ୍ରାଟିକ ରିଫର୍ମସ (ଏଡିଆର)ର ଏକ ନୂତନ ରିପୋର୍ଟ ପ୍ରକାଶ ପାଇଛି । ଏଥିରେ ଦେଶର ୨୨୯ ଜଣ ରାଜ୍ୟସଭା ସାଂସଦଙ୍କ ମଧ୍ୟରୁ ୭୩ ଜଣ ଅର୍ଥାତ ୩୨ ପ୍ରତିଶତ ସଦସ୍ୟ ସ୍ୱୀକାର କରିଛନ୍ତି ଯେ, ସେମାନଙ୍କ ନାମରେ ଆପରାଧିକ ମାମଲା ରହିଛି । ସେହିପରି ୧୪ ପ୍ରତିଶତ ସାଂସଦ ଅତି ଧନୀ ବା ବିଲିୟନାରି ରହିଛନ୍ତି । ୭୩ ଜଣ ସାଂସଦଙ୍କ ମଧ୍ୟରୁ ୩୬ ଜଣଙ୍କ ନାମରେ ହତ୍ୟା, ହତ୍ୟା ଉଦ୍ୟମ ଏବଂ ମହିଳାଙ୍କ ବିରୋଧରେ ଅପରାଧ ଭଳି ଗୁରୁତର ମାମଲା ରହିଛି । ବିଜେପିର ସର୍ବାଧିକ ୨୭ ଜଣ ସାଂସଦଙ୍କ ନାମରେ ଆପରାଧିକ ମାମଲା ରହିଛି । ରାଜ୍ୟସଭାରେ ୩୧ ଜଣ ଅର୍ଥାତ ୧୪ ପ୍ରତିଶତ ସାଂସଦ ଅଛନ୍ତି ଯାହାଙ୍କର ସମ୍ପତ୍ତି ୧,୦୦୦ କୋଟି ଟଙ୍କାରୁ ଅଧିକ । ଜଣେ ରାଜ୍ୟସଭା ସାଂସଦଙ୍କ ହାରାହାରି ସମ୍ପତ୍ତି ୧୨୦.୬୯ କୋଟି ଟଙ୍କା । ଦଳଗତ ହାରାହାରି ସମ୍ପତ୍ତିରେ ଆମ ଆଦମୀ ପାର୍ଟି (ଆପ୍) ସବୁଠାରୁ ଆଗରେ ରହିଛି । ଆପର ହାରାହାରି ସମ୍ପତ୍ତି ସର୍ବାଧିକ ୫୭୪.୦୯ କୋଟି, କଂଗ୍ରେସର ୧୨୮.୬୧ କୋଟି ଓ ବିଜେପିର ୨୮.୨୯ କୋଟି ଟଙ୍କା ରହିଛି । ବିଆରଏସ୍ ପାର୍ଟିର ସାଂସଦ ବନ୍ଦୀ ପାର୍ଥ ସାରଥିଙ୍କ ନିକଟରେ ସର୍ବାଧିକ ୫, ୩୦୦ କୋଟିରୁ ଅଧିକ ଟଙ୍କା ରହିଛି । ଏହି ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛନ୍ତି ଆପ୍‌ର ରାଜେନ୍ଦ୍ର ଗୁପ୍ତା । ରାଜେନ୍ଦ୍ରଙ୍କ ପାଖରେ ରହିଛି ୫, ୦୫୩ କୋଟି ଟଙ୍କା । ଆପ୍‌ର ସନ୍ଥ ବଲବୀର ସିଂହଙ୍କ ପାଖରେ ସର୍ବନିମ୍ନ ୩ ଲକ୍ଷ ଟଙ୍କା ରହିଛି । ସେହିପରି ମଣିପୁର ମହାରାଜା ସନାଜାଓବା ଲୈଶେମ୍ବା ୫ ଲକ୍ଷ ଟଙ୍କା ସହ ଦ୍ୱିତୀୟ ଗରିବ ସାଂସଦ ବିବେଚିତ ହୋଇଛନ୍ତି ।

## ପାକିସ୍ତାନ-ଆଫଗାନିସ୍ତାନ ମଧ୍ୟରେ ସାମୟିକ ଯୁଦ୍ଧ ବିରତି

ଇସଲାମାବାଦ/କାବୁଲ, ୧୯ ।୩(ଏଜେନ୍ସି): ଦକ୍ଷିଣ ଏସିଆର ଦୁଇ ପଡୋଶୀ ଦେଶ ପାକିସ୍ତାନ ଓ ଆଫଗାନିସ୍ତାନ ମଧ୍ୟରେ ବଢୁଥିବା ଉତ୍ତେଜନା ମଧ୍ୟରେ ଏକ ଆଶ୍ୱସ୍ତକର ଖବର ସାମ୍ନାକୁ ଆସିଛି । ଆଗାମୀ ମୁସଲିମ ପର୍ବ ଇଦ୍-ଉଲ-ଫିତରକୁ ଦୃଷ୍ଟିରେ ରଖି ଉଭୟ ଦେଶ ନିଜ ମଧ୍ୟରେ ଚାଲିଥିବା ଯୁଦ୍ଧ ଓ ଆକ୍ରମଣକୁ ସାମୟିକ ଭାବେ ବନ୍ଦ କରିବାକୁ ଘୋଷଣା କରିଛନ୍ତି । ସାଉଦି ଆରବ, ତୁର୍କୀ ଓ କତାର ଭଳି ଇସ୍‌ଲାମିକ ଦେଶଗୁଡ଼ିକର ଅନୁରୋଧ କ୍ରମେ ଏହି ଯୁଦ୍ଧବିରତି ନିଷ୍ପତ୍ତି ନିଆଯାଇଛି । ପାକିସ୍ତାନର ସୂଚନା ମନ୍ତ୍ରୀ ଅତାଉଲ୍ଲା ତାରଡ଼ 'ଏକ୍ସ' ମାଧ୍ୟମରେ ଜଣାଇଛନ୍ତି ଯେ, ପାକିସ୍ତାନ ସେନା ଦ୍ୱାରା ଜାରି ରହିଥିବା ଅପରେସନ ଗଜବ-ଲିଲ୍-ହକ୍‌କୁ ସାମୟିକ ଭାବେ ସ୍ଥଗିତ ରଖାଯାଇଛି ।

## ଉତ୍ତର କୋରିଆରେ କିମ୍ ଜୋଙ୍ଗ ୯୯.୯୩% ଭୋଟ୍‌ରେ ଜିତିଲେ

ପ୍ୟଙ୍ଗୟାଙ୍ଗ୍, ୧୯ ।୩(ଏଜେନ୍ସି): ଉତ୍ତର କୋରିଆରେ ମାର୍ଚ୍ଚ ୧୫ରେ ଅନୁଷ୍ଠିତ 'ସୁପ୍ରିମ ପିପୁଲ୍ସ ଆସେମ୍ବ୍ଲି' ନର୍ବାଚନରେ ରାଷ୍ଟ୍ରପତି କିମ୍ ଜୋଙ୍ଗ ଉନ୍‌ଙ୍କ ଶାସକ ଦଳ ସମସ୍ତ ଆସନରେ ବିଜୟୀ ହୋଇଛି । ସରକାରୀ ଗଣମାଧ୍ୟମ (କେସିଏନ୍ଏ)ର ରିପୋର୍ଟ ଅନୁଯାୟୀ, ଏହି ନିର୍ବାଚନରେ କିମ୍ ଏକପାଖିଆ ଭାବେ ବିଜୟୀ ହେବା ସହ ୯୯.୯୩ ପ୍ରତିଶତ ଭୋଟ୍ ହାସଲ କରିଛନ୍ତି । ଦେଶରେ ମୋଟ୍ ୯୯.୯୯ ପ୍ରତିଶତ ମତଦାନ ହୋଇଥିବା ଦାବି କରାଯାଇଛି । ଏହି ଦେଶରେ ପ୍ରତିଟି ନିର୍ବାଚନୀ ମଣ୍ଡଳୀରେ କେବଳ ଜଣେ ପ୍ରାର୍ଥୀ ହିଁ ଥାନ୍ତି, ଯାହାଙ୍କୁ ସରକାର ପୂର୍ବରୁ ମନୋନୀତ କରିଥାନ୍ତି ।



ଭୋଟରଙ୍କ ପାଖରେ କେବଳ ଦୁଇଟି ବିକଳ୍ପ ଥାଏ, ତାହା ହେଲା ହଁ କିମ୍ବା ନାହିଁ । ତେଣୁ ୦.୦୭ ପ୍ରତିଶତ ଭୋଟ୍ କୌଣସି ବିରୋଧୀ ଦଳକୁ ଯାଇନାହିଁ, ବରଂ ଏହା ସେହି ଭୋଟରମାନଙ୍କର ଯେଉଁମାନେ ସରକାରୀ ପ୍ରାର୍ଥୀଙ୍କୁ ପ୍ରତ୍ୟାଖ୍ୟାନ କରିଛନ୍ତି । ୧୯୫୭ ମସିହା ପରଠାରୁ ପ୍ରଥମଥର ପାଇଁ ଉତ୍ତର କୋରିଆ ସରକରା ସର୍ବସାଧାରଣରେ ସ୍ୱୀକାର କରିଛନ୍ତି ଯେ, କିଛି ଲୋକ ତାଙ୍କ ବିରୋଧରେ ଭୋଟ ଦେଇଛନ୍ତି । ଏହି ନିର୍ବାଚନକୁ ଗଣତାନ୍ତ୍ରିକ ଦର୍ଶାଇବା ପାଇଁ ଏହା ଏକ ରଣନୀତି ହୋଇଥାଇ ପାରେ ବୋଲି କୁହାଯାଉଛି । ଏହି ମତଦାନରେ ୯୯.୯୯ ପ୍ରତିଶତ ଲୋକ ମତଦାନ କରିଥିଲେ । ତେବେ ମାତ୍ର ୦.୦୦୩୭ ପ୍ରତିଶତ ଲୋକ ଭୋଟ ଦେଇପାରି ନଥିଲେ, ଯେଉଁମାନେ ବିଦେଶରେ ଥିଲେ ଓ ସମୁଦ୍ରରେ କାମ କରୁଥିଲେ । ମୋଟ୍ ୬୮୭ ଜଣ ପ୍ରତିନିଧି ନିର୍ବାଚିତ ହୋଇଛନ୍ତି, ଯେଉଁମାନଙ୍କ ମଧ୍ୟରେ ଶ୍ରମିକ, କୃଷକ, ସାମରିକ ଯବାନ ଓ ବୁଦ୍ଧିଜୀବୀ ଅଛନ୍ତି । କିମ ଜୋଙ୍ଗ୍ ୨୦୧୧ରୁ କ୍ଷମତାରେ ଅଛନ୍ତି । ୨୦୧୯ରେ ସମ୍ବିଧାନ ସଂଶୋଧନ ପରେ ତାଙ୍କୁ ଦେଶର ସର୍ବୋଚ୍ଚ ନେତା ଭାବେ ସମ୍ପୂର୍ଣ୍ଣ କ୍ଷମତା ପ୍ରଦାନ କରାଯାଇଛି ।

## ଫାଷ୍ଟ ଟ୍ରାକ କୋର୍ଟକୁ ଗଲା ଜୁବିନ ଗର୍ଗ ମୃତ୍ୟୁ ମାମଲା

ଗୌହାଟୀ, ୧୯ ।୩(ଏଜେନ୍ସି): ଲୋକପ୍ରିୟ ବଲିଉଡ୍ ତଥା ଆସାମ ଗାୟକ ଜୁବିନ ଗର୍ଗଙ୍କ ମୃତ୍ୟୁ ସହିତ ଜଡ଼ିତ ମାମଲାର ବିଚାର ପାଇଁ ଗୌହାଟୀ ହାଇକୋର୍ଟ ଏକ ସ୍ୱତନ୍ତ୍ର ଫାଷ୍ଟ-ଟ୍ରାକ୍ କୋର୍ଟ ଗଠନ କରିଛନ୍ତି । ଏହି କୋର୍ଟର୍ରେ ପ୍ରତିଦିନ ଶୁଣାଣି କରାଯିବ । ବାକ୍ସା ଜିଲ୍ଲାର ଜିଲ୍ଲା ଜଜ୍ ଶର୍ମିଳା ଭୂୟାଁ ଏହି ଫାଷ୍ଟ- ଟ୍ରାକ୍ କୋର୍ଟର ପରିଚାଳନା କରିବେ । ଗୌହାଟୀ ହାଇକୋର୍ଟର ମୁଖ୍ୟ ବିଚାରପତି ଏହି ନିଯୁକ୍ତି କରିଛନ୍ତି । ଗତବର୍ଷ ସେପ୍ଟେମ୍ବର ୧୯ ତାରିଖରେ ସିଙ୍ଗାପୁରର ଲାଜାରସ ଦ୍ୱୀପ ନିକଟରେ ସମୁଦ୍ରରେ ବୁଡ଼ି ଜୁବିନ୍‌ଙ୍କର ଦୁର୍ଭାଗ୍ୟଜନକ ଭାବେ ମୃତ୍ୟୁ ହୋଇଥିଲା । ସେ ସେଠାରେ 'ନର୍ଥ ଇଷ୍ଟ ଇଣ୍ଡିଆ ଫେଷ୍ଟିଭାଲ'ରେ ଯୋଗଦେବାକୁ ଯାଇଥିଲେ । ଆସାମ ପୁଲିସର ସିଆଇଡ଼ି ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସଆଇଟି) ଗଠନ କରି ଏହି ମାମଲାର ଯାଞ୍ଚ କରିଥିଲା । ଏହି ଘଟଣାରେ ୭ ଜଣଙ୍କ ନାମରେ ଚାର୍ଜସିଟ୍ ଦାଖଲ କରାଯାଇଛି । ତେବେ ସିଙ୍ଗାପୁରର କରୋନର କୋର୍ଟ ଏହି ମାମଲାରେ କୌଣସି ପ୍ରକାର ଷଡ଼ଯନ୍ତ୍ରକୁ ଅସ୍ୱୀକାର କରିଛନ୍ତି । କୋର୍ଟ ରିପୋର୍ଟ ଅନୁଯାୟୀ, ଜୁବିନ ଗର୍ଗ ଅତ୍ୟଧିକ ନିଶାଗ୍ରସ୍ତ ଥିଲେ । ସେ ଲାଇଫ ଜ୍ୟାକେଟ ପିନ୍ଧିବାକୁ ମନା କରିଦେଇଥିଲେ, ଯାହା ଫଳରେ ସମୁଦ୍ରରେ ବୁଡ଼ି ତାଙ୍କର ମୃତ୍ୟୁ ହୋଇଥିଲା ।

# ଭାରତ, ପାକ୍, ଆଫଗାନ୍ ଉପରେ ୧୦୦୦ କିମିର ବର୍ଷା ବଳୟ

ନୂଆଦିଲ୍ଲୀ, ୧୯ ।୩(ଏଜେନ୍ସି): ଭାରତ ସମେତ ପଡୋଶୀ ଦେଶ ପାକିସ୍ତାନ ଓ ଆଫଗାନିସ୍ତାନ ଉପରେ ଏକ ଅତି ବିରଳ ପାଣିପାଗ ଦୃଶ୍ୟ ଦେଖିବାକୁ ମିଳିଛି । ଏକ ୧,୦୦୦ କିଲୋମିଟର ଲମ୍ବ ସିଧା ବର୍ଷା ବଳୟ ଏହି ତିନୋଟି ଦେଶକୁ ଘୋଡ଼ାଇ ରଖିଛି । ଯାହା ଫଳରେ ଆଗାମୀ କିଛି ଦିନ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ସାଧାରଣତଃ ପଶ୍ଚିମା ଝଡ଼ ବକ୍ର ବା ବଙ୍କା ଆକାରର ଥାଏ । କିନ୍ତୁ ଏହା ଏକ ସିଧା ରେଖା ପରି ଦେଖାଯାଉଛି, ଯାହା ଅତ୍ୟନ୍ତ ବିରଳ । ଏହିପରି ସିଧା ସଂରଚନା ଯୋଗୁଁ ପ୍ରବଳ ବଜ୍ରପାତ, ଝଡ଼ବର୍ଷା ଓ ପ୍ରଚଣ୍ଡ ବେଗରେ ପବନ ବହିବାର ଆଶଙ୍କା ରହିଛି । ଏହି ବିରଳ ବଳୟ ଆଫଗାନିସ୍ତାନରୁ ଆରମ୍ଭ ହୋଇ ପାକିସ୍ତାନ ଦେଇ ଭାରତର ଉତ୍ତର ଭାଗ ପର୍ଯ୍ୟନ୍ତ ଲମ୍ବିଛି । ଗତ କିଛି ଦିନ ହେବ ଦିଲ୍ଲୀ ସମେତ ଉତ୍ତର ଭାରତର ଅନେକ ସ୍ଥାନରେ ତାପମାତ୍ରା ୩୭ ଡିଗ୍ରୀରେ ପହଞ୍ଚିଥିଲା । ଏହି ନୂତନ ପାଣିପାଗ ପ୍ରଣାଳୀ ଯୋଗୁଁ ତାପମାତ୍ରା ୩ରୁ ୭ ଡ୍ରିଗୀ ହ୍ରାସ ପାଇଛି । ଭାରତୀୟ ପାଣିପାଗ ଅନୁଯାୟୀ, ମାର୍ଚ୍ଚ ୨୦ ପର୍ଯ୍ୟନ୍ତ ଉତ୍ତର-ପଶ୍ଚିମ ଭାରତରେ ମଧ୍ୟମରୁ ପ୍ରବଳ ବର୍ଷା ସହ କୁଆପଥର ମାଡ଼ ହେବାର ସମ୍ଭାବନା ରହିଛି ।




### ପାକିସ୍ତାନରେ ଝଡ଼ ବର୍ଷାର ତାଣ୍ଡବ; ୧୬ ମୃତ

କରାଚି, ୧୯ ।୩(ଏଜେନ୍ସି): ପାକିସ୍ତାନର ବନ୍ଦର ସହର କରାଚିରେ ବୁଧବାର ରାତିରେ ହୋଇଥିବା ପ୍ରବଳ ବର୍ଷା ଓ ଭୟଙ୍କର ଝଡ଼ ଯୋଗୁଁ ୧୬ ଜଣଙ୍କର ମୃତ୍ୟୁ ଘଟିଛି । ଏହି ପ୍ରାକୃତିକ ବିପର୍ଯ୍ୟୟ ସମଗ୍ର ସହରର ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି । ପ୍ରବଳ ବର୍ଷା କାରଣରୁ କରାଚିର ବିଭିନ୍ନ ସ୍ଥାନରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି ଓ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ରୂପେ ବାଧାପ୍ରାପ୍ତ ହୋଇଛି । ଅନେକ ଅଞ୍ଚଳରେ ବିଦ୍ୟୁତ ସେବା ଠପ୍ ହୋଇଯାଇଛି । ପ୍ରଖର ପବନ ଯୋଗୁଁ ବଡ଼ ବଡ଼ ଗଛ ଉପୁଡି ପଡ଼ିବାରୁ ସହରର ମୁଖ୍ୟ ରାସ୍ତାଗୁଡ଼ିକ ବନ୍ଦ ହୋଇଯାଇଛି । ସହରରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ଯେଉଁ ମୃତଦେହଗୁଡ଼ିକର ଚିହ୍ନଟ ହୋଇପାରୁନାହିଁ, ସେଗୁଡ଼ିକୁ ଶବ ସଂରକ୍ଷଣ ଗୃହରେ ରଖାଯାଉଛି । ପୂର୍ବରୁ ପାଣିପାଗ ବିଭାଗ ଦେଇଥିବା ସୂଚନା ଅନୁଯାୟୀ, ଏହି ପଶ୍ଚିମା ପ୍ରଭାବ ଆଗାମୀ କିଛି ଦିନ ପର୍ଯ୍ୟନ୍ତ ଏହି ଅଞ୍ଚଳରେ ସକ୍ରିୟ ରହିବ । ସାମାଜିକ ସଂସ୍ଥା ନିଧି ପାଉଣ୍ଡେସନ ତରଫରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ଯେଉଁ ମୃତଦେହଗୁଡ଼ିକ ଚିହ୍ନଟ ହୋଇଛି ସେଗୁଡିକୁ ସେମାନଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ବୁଧବାର ରାତିରୁ ଆରମ୍ଭ ହୋଇଥିବା ପ୍ରବଳ ବର୍ଷା ଓ ଝଡ଼ରେ ଅନେକ ଲୋକ ଆହତ ହୋଇଛନ୍ତି । କରାଚିର ବାଲ୍ଦିଆ ଟାଉନ୍ ଅନ୍ତର୍ଗତ ମୱାଚ୍ ଗୋଥ ଅଞ୍ଚଳରେ ଏକ ପରିତ୍ୟକ୍ତ କୋଠାର କାନ୍ଥ ଓ ଛାତ ଭୁଶୁଡିବା ଫଳରେ ସେଠାରେ ଆଶ୍ରୟ ନେଇଥିବା ୧୩ ଜଣ ଲୋକଙ୍କର ମୃତ୍ୟୁ ଘଟିଛି । ଲକ୍ଷୀ ମଜିଦ୍ କଲୋନୀରେ କାନ୍ଥ ପଡ଼ି ଜଣେ ଦମ୍ପତିଙ୍କର ମୃତ୍ୟୁ ହୋଇଛି । ସହରରେ ପବନର ତୀବ୍ରତା ଘଣ୍ଟା ପ୍ରତି ୯୦ରୁ ୯୭ କିମି ଥିଲା । ସହରର କିଛି ଅଞ୍ଚଳରେ ୫୫ ମିଲିମିଟର ବର୍ଷା ରେକର୍ଡ କରାଯାଇଛି ।

# ଆମେରିକାର ଚିନ୍ତା ବଢ଼ାଇଲା ରହସ୍ୟମୟ ଡ୍ରୋନ୍



ୱାସିଂଟନ/ ଦୋହା, ୧୯ ।୩(ଏଜେନ୍ସି): ଇରାନ ସହ ଚାଲିଥିବା ଯୁଦ୍ଧ ମଧ୍ୟରେ ଆମେରିକା ରାଜଧାନୀ ୱାସିଂଟନ ଡିସିରେ ଏକ ବଡ଼ ଧରଣର ସୁରକ୍ଷା ତ୍ରୁଟି ସାମ୍ନାକୁ ଆସିଛି । ଆମେରିକାର ଗୁରୁତ୍ୱପୂର୍ଣ୍ଣ ସାମରିକ ଘାଟି 'ଫୋର୍ଟ ମ୍ୟାକନେୟାର' ଉପରେ ଏକାଧିକ ଅଜ୍ଞାତ ଡ୍ରୋନ ଉଡୁଥିବାର ଦେଖିବାକୁ ମିଳିଛି । ଏହି ସ୍ଥାନରେ ଆମେରିକା ବିଦେଶ ମନ୍ତ୍ରୀ ମାର୍କୋ ରୁବିଓ ଏବଂ ପ୍ରତିରକ୍ଷା ମନ୍ତ୍ରୀ ପିଟ୍ ହେଗ୍‌ସେଥ ରୁହନ୍ତି ।



ଗତ ୧୦ ଦିନ ମଧ୍ୟରେ ଗୋଟିଏ ରାତିରେ ଏକାଧିକ ଡ୍ରୋନ୍ ଏହି ସେନା ଘାଟି ଉପରେ ଉଡୁଥିବାର ଦେଖାଯାଇଥିଲା । ଏହି ଘଟଣା ପରେ ହ୍ୱାଇଟ୍ ହାଉସ୍‌ରେ ଏକ ଜରୁରୀକାଳୀନ ବୈଠକ ଅନୁଷ୍ଠିତ ହୋଇଯାଇଛି । ଫୋର୍ଟ ମ୍ୟାକନେୟାରରେ କେବଳ ରୁବିଓ ଓ ହେଗସେଥ ନୁହନ୍ତି, ବରଂ ଟ୍ରମ୍ପ ପ୍ରଶାସନର ଅନେକ ବରିଷ୍ଠ ଅଧିକାରୀ ମଧ୍ୟ ରହିବାକୁ ଆସିଛନ୍ତି । ଏହି ଘାଟି ହ୍ୱାଇଟ ହାଉସ୍‌ଠାରୁ ମାତ୍ର ୩.୨ କିମି ଦୂରରେ ଅବସ୍ଥିତ । ଡ୍ରୋନ ଦେଖାଯିବା ପରେ ସୁରକ୍ଷା ଦୃଷ୍ଟିରୁ ରୁବିଓ ଓ ହେଗସେଥଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ବିଚାରବିମର୍ଶ ହୋଇଥିଲା । କିନ୍ତୁ ବର୍ତ୍ତମାନ ସୁଦ୍ଧା ସେମାନେ ସେହି ବାସଭବନରେ ରହୁଛନ୍ତି । ଇରାନ ଓ ଆମେରିକା ମଧ୍ୟ ଯୁଦ୍ଧ ତୀବ୍ର ହେଉଥିବା ବେଳେ ଏହି ଘଟଣାକୁ ବେଶ୍ ଗୁରୁତ୍ୱ ଦିଆଯାଉଛି । ତେବେ ପେଣ୍ଟାଗନ ମୁଖପାତ୍ର ସିନ ପାର୍ନେଲ ଏନେଇ କୌଣସି ସ୍ପଷ୍ଟ ସୂଚନା ଦେବାକୁ ମନା କରିଦେଇଛନ୍ତି ।

- ଆମେରିକା ସାମରିକ ଘାଟି ଉପରେ ଡ୍ରୋନ୍
- ଇରାନ ଭୁଲ କଲେ ସର୍ବନାଶ ହେବ: ଟ୍ରମ୍ପଙ୍କ ଚେତାବନୀ

ପଶ୍ଚିମ ଏସିଆରେ ଯୁଦ୍ଧ ଚାଲିଥିବା ବେଳେ ଇରାନ ପକ୍ଷରୁ କତାରର ଏଲ୍ଏନ୍‌ଜି ପ୍ଲାଟ୍ ଉପରେ ହୋଇଥିବା କ୍ଷେପଣାସ୍ତ୍ର ଆକ୍ରମଣ ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନକୁ କଡ଼ା ଭାଷାରେ ଚେତାବନୀ ଦେଇଛନ୍ତି । ଟ୍ରମ୍ପ କହିଛନ୍ତି ଯେ ଇରାନର ଗୁରୁତ୍ୱପୂର୍ଣ୍ଣ 'ସାଉଥ ପାର୍ସ' ଗ୍ୟାସ୍ ଫିଲ୍ଡ ଉପରେ ଇସ୍ରାଏଲ ଆଉ ଆକ୍ରମଣ କରିବ ନାହିଁ, ଯଦି ଇରାନ ନିରୀହ କତାର ଉପରେ ଆଉ ଆକ୍ରମଣ ନ କରୁ । ଇସ୍ରାଏଲ ପକ୍ଷରୁ ଇରାନର ଗ୍ୟାସ୍ ଫିଲ୍ଡ ଉପରେ ହୋଇଥିବା ଆକ୍ରମଣ ବିଷୟରେ ଆମେରିକା କିଛି ଜାଣି ନ ଥିଲା ଏବଂ ଏଥିରେ କତାରର କୌଣସି ସମ୍ପୃକ୍ତି ନଥିଲା ବୋଲି ଟ୍ରମ୍ପ ସ୍ପଷ୍ଟ କରିଛନ୍ତି । ଯଦି ଇରାନ ପୁଣିଥରେ କତାରର ଏଲ୍‌ପିଜି କେନ୍ଦ୍ରକୁ ଟାର୍ଗେଟ କରେ, ତେବେ ଆମେରିକା ନିଜେ ଇରାନର ସାଉଥ ପାର୍ସ ଗ୍ୟାସ୍ ଫିଲ୍ଡକୁ ଆକ୍ରମଣ କରି ସମ୍ପୂର୍ଣ୍ଣ ରୂପେ ଧ୍ୱଂସ କରିଦେବ । ଟ୍ରମ୍ପ କହିଛନ୍ତି, ଏହା ଏପରି ଏକ ଶକ୍ତିଶାଳୀ ଆକ୍ରମଣ ହେବ ଯାହା ଇରାନ ପୂର୍ବରୁ କେବେ କଳ୍ପନା କରି ନଥିବ । ସେପଟେ ଆକ୍ରମଣ ପରେ କତାର ସରକାର ଇରାନର ଦୂତାବାସ ଅଧିକାରୀମାନଙ୍କୁ ୨୪ ଘଣ୍ଟା ମଧ୍ୟରେ ଦେଶ ଛାଡ଼ିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଇତିମଧ୍ୟରେ ଅନ୍ତର୍ଜାତୀୟ ବଜାରରେ ତୈଳ ଦର ୫ ପ୍ରତିଶତ ବୃଦ୍ଧି ପାଇଁ ୧୦୮ ଡଲାର ଅତିକ୍ରମ କରିଛି । ଯୁଦ୍ଧ ଆରମ୍ଭରୁ ଦର ପ୍ରାୟ ୫୦ ପ୍ରତିଶତ ବଢ଼ିଲାଣି । ଇରାନ କେବଳ କତାର ନୁହେଁ, ବରଂ ୟୁଏଇର ହବଶାନ ଗ୍ୟାସ ଫିଲ୍ଡକୁ ଟାର୍ଗେଟ କରିଛି, ଯାହାକୁ ୟୁଏଇ ସରକାର ଅତ୍ୟନ୍ତ ବିପଜ୍ଜନକ ବୋଲି କହିଛନ୍ତି । ଇତିମଧ୍ୟରେ ଟ୍ରମ୍ପ ନିଜର ଟ୍ରୁଥ ସୋସିଆଲ ପ୍ଲାଟଫର୍ମରେ ଲେଖିଛନ୍ତି ଯେ ମୁଁ ଏତେ ବଡ଼ ଧରଣର ବିନାଶ ଚାହୁଁନାହିଁ, କିନ୍ତୁ କତାର ଉପରେ ଆକ୍ରମଣ ହେଲେ ଆଦୌ ଦ୍ୱିଧାବୋଧ କରିବି ନାହିଁ ।

## ଇରାନ ଯୁଦ୍ଧ ପାଇଁ ଟ୍ରମ୍ପଙ୍କ ବିଶାଳ ପ୍ରତିରକ୍ଷା ବଜେଟ

ୱାସିଂଟନ, ୧୯ ।୩(ଏଜେନ୍ସି): ପଶ୍ଚିମ ଏସିଆରେ ଜାରି ରହିଥିବା ଯୁଦ୍ଧ ପାଇଁ ଆମେରିକାର ପ୍ରତିରକ୍ଷା ବିଭାଗ 'ପେଣ୍ଟାଗନ' ପକ୍ଷରୁ ଏକ ବୃହତ ଆର୍ଥିକ ଅନୁଦାନ ପାଇଁ ଅନୁରୋଧ କରାଯାଇଛି । ତେବେ ଏହି ପ୍ରସ୍ତାବ ଆମେରିକା କଂଗ୍ରେସରେ ଅନୁମୋଦିତ ହେବା ନେଇ ଏବେ ସନ୍ଦେହ ସୃଷ୍ଟି ହୋଇଛି । ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ଯୁଦ୍ଧ ପାଇଁ ପୂର୍ବରୁ ୧.୫ ଟ୍ରିଲିୟନ ଅର୍ଥାତ ୧୩୯.୭୯ ଲକ୍ଷ କୋଟି ଟଙ୍କା ପ୍ରତିରକ୍ଷା ବଜେଟ ପାଇଁ ଆହ୍ୱାନ ଦେଇଛନ୍ତି । ଏହା ଗତବର୍ଷ ତୁଳନାରେ ୫୦ ପ୍ରତିଶତ ଅଧିକ । ରିପବ୍ଲିକାନ ସଦସ୍ୟମାନେ ଏହି ଅତିରିକ୍ତ ପାଣ୍ଠିକୁ ସମର୍ଥନ କରୁଥିଲେ ମଧ୍ୟ ସିନେଟ୍‌ରେ '୬୦- ଭୋଟ୍' ନିୟମକୁ ଅତିକ୍ରମ କରିବା ପାଇଁ ଏପର୍ଯ୍ୟନ୍ତ କୌଣସି ସ୍ପଷ୍ଟ ରଣନୀତି ପ୍ରସ୍ତୁତ ହୋଇପାରି ନାହିଁ । ଉପ ପ୍ରତିରକ୍ଷା ସଚିବ ଷ୍ଟିଭେନ ଫାଇନବର୍ଗଙ୍କ ନେତୃତ୍ୱରେ ପେଣ୍ଟାଗନ ଏକାଧିକ ପ୍ୟାକେଜ ପ୍ରସ୍ତୁତ କରିଛି । ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଆମେରିକାର ଅସ୍ତ୍ରଶସ୍ତ୍ର ଅଭାବ ଦୂର କରିବା ଓ ପ୍ରତିରକ୍ଷା ଶିଳ୍ପକୁ ଗତିଶୀଳ କରିବା । ପୂର୍ବରୁ ଟ୍ରମ୍ପ ନିର୍ବାଚନ ପ୍ରଚାର ବେଳେ ଜୋ ବାଇଡେନ ପ୍ରଶାସନକୁ ୟୁକ୍ରେନ ଯୁଦ୍ଧରେ ଅତ୍ୟଧିକ ଖର୍ଚ୍ଚ କରିବା ନେଇ ସମାଲୋଚନା କରୁଥିଲେ । ୟୁକ୍ରେନ ପାଇଁ ପ୍ରାୟ ୧୮୮ ବିଲିୟନ ଡଲାର ଖର୍ଚ୍ଚ ହୋଇଥିବା ବେଳେ, ବର୍ତ୍ତମାନ ଇରାନ ଯୁଦ୍ଧ ପାଇଁ ପ୍ରସ୍ତାବିତ ଅର୍ଥ ଏହି ସୀମାକୁ ବହୁ ପଛରେ ପକାଇବ । ତେଣୁ ଆମେରିକା ରାଜନୀତିରେ ଏଥି ପାଇଁ ହଇଚଇ ସୃଷ୍ଟି ହୋଇଛି । ଯୁଦ୍ଧ ଆରମ୍ଭ ହେବା ପରଠାରୁ ଆମେରିକା ସେନା ନିଜର ପ୍ରସ୍ତୁତି ଓ ଅସ୍ତ୍ରଶସ୍ତ୍ର ଭଣ୍ଡାରକୁ ସଜାଡ଼ିବା ପାଇଁ ଅତିରିକ୍ତ ଅର୍ଥ ଦାବି କରିଆସୁଛି । ଯୁଦ୍ଧ ଯୋଗୁଁ ଆମେରିକାର ସଠିକ୍ ଗୁଳିଗୋଳା ଭଣ୍ଡାର ହ୍ରାସ ଘଟିଛି, ଯାହାକୁ ପୂରଣ କରିବା ପେଣ୍ଟାଗନ ପାଇଁ ବଡ଼ ଚ୍ୟାଲେଞ୍ଜ ପାଲଟିଛି । ଯଦି ଏହି ଅନୁଦାନ ମଞ୍ଜୁର ହୁଏ, ତେବେ ଏହା ବିଶ୍ୱ ଇତହାସରେ କୌଣସି ଏକ ନିର୍ଦ୍ଦିଷ୍ଟ ଯୁଦ୍ଧ ପାଇଁ ସବୁଠାରୁ ବଡ଼ ସାମରିକ ଖର୍ଚ୍ଚ ମଧ୍ୟରୁ ଅନ୍ୟତମ ହେବ ।

## ଇସ୍ରାଏଲ ହିଁ ଆମେରିକାକୁ ଯୁଦ୍ଧକୁ ଠେଲି ଦେଇଛି: ଟ୍ରମ୍ପଙ୍କ ପୂର୍ବତନ ସହଯୋଗୀ

ୱାସିଂଟନ, ୧୯ ।୩(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପୂର୍ବତନ ଆତଙ୍କବାଦ ବିରୋଧୀ ସଂସ୍ଥା ମୁଖ୍ୟ ଜୋ କେଣ୍ଟ ଏକ ଚାଞ୍ଚଲ୍ୟକର ମନ୍ତବ୍ୟ ଦେଇଛନ୍ତି । ଇରାନ ଯୁଦ୍ଧ ପ୍ରତିବାଦରେ ନିଜ ପଦରୁ ଇସ୍ତଫା ଦେବା ପରେ, ସେ ଦାବି କରିଛନ୍ତି ଯେ ଇରାନ ପାଖରେ ପରମାଣୁ ବୋମା ନଥିଲା ଏବଂ ଇସ୍ରାଏଲ ହିଁ ଆମେରିକାକୁ ଏହି ଯୁଦ୍ଧ ଭିତରକୁ ଠେଲି ଦେଇଛି । ପ୍ରସିଦ୍ଧ ପୋଡକାଷ୍ଟର ଟକର କାର୍ଲସେନ୍‌ଙ୍କୁ ଦେଇଥିବା ସାକ୍ଷାତକାରରେ କେଣ୍ଟ କହିଛନ୍ତି ଯେ, ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ ହିଁ ଆମେରିକାକୁ ଯୁଦ୍ଧ ପାଇଁ ପ୍ରବର୍ତ୍ତାଇଛନ୍ତି । ଇସ୍ରାଏଲ ଜାଣିଥିଲା ଯେ, ସେମାନେ ଯୁଦ୍ଧ ଆରମ୍ଭ କଲେ ଆମେରିକା ବାଧ ହୋଇ ସେମାନଙ୍କୁ ସାହାଯ୍ୟ କରିବ । ଟ୍ରମ୍ପ ପ୍ରଶାସନ ଦାବି କରିଥିଲା ଯେ ଇରାନ ମାତ୍ର ଦୁଇ ସପ୍ତାହ ମଧ୍ୟରେ ପରମାଣୁ ବୋମା ତିଆରି କରିଦେବ । କିନ୍ତୁ କେଣ୍ଟ



ଏହାକୁ ସମ୍ପୂର୍ଣ୍ଣ ରୂପେ ପ୍ରତ୍ୟାଖାନ କରିଛନ୍ତି । ଏମିତି କୌଣସି ବିପଦ ନଥିଲା ବୋଲି ସେ ସ୍ପଷ୍ଟ କରିଛନ୍ତି । ୨୦୦୪ରୁ ଇରାନରେ ଏକ ଫତୱା ଜାରି ହୋଇଛି, ଯାହା ପରମାଣୁ ଅସ୍ତ୍ର ନିର୍ମାଣକୁ ବିରୋଧ କରେ । ଆମେରିକା ପାଖରେ ଏପରି କୌଣସି ଗୁଇନ୍ଦା ସୂଚନା ନଥିଲା ଯେ ଇରାନ ଏହି ନିୟମ ଭାଙ୍ଗୁଛି । ପୁଣି ଇରାନ ସର୍ବୋଚ୍ଚ ନେତା ଆୟାତୁଲ୍ଲା ଖାମନେଇଙ୍କ ହତ୍ୟା ଆମେରିକା ପାଇଁ ଲାଭ ଦାୟକ ହେବା ପରିବର୍ତ୍ତେ କଠୋରପନ୍ଥୀଙ୍କୁ ଅଧିକ ସକ୍ରିୟ କରିଦେଇଛି ବୋଲି ସେ ମତ ଦେଇଛନ୍ତି । ତେବେ ଜୋ କେଣ୍ଟଙ୍କ ଏହି ଅଭିଯୋଗକୁ ଟ୍ରମ୍ପଙ୍କ ପ୍ରେସ୍ ସଚିବ କାରୋଲିନ ଲିଭିଟ ଖଣ୍ଡନ କରିଛନ୍ତି । ସେ କହିଛନ୍ତି ଯେ ରାଷ୍ଟ୍ରପତି ଟ୍ରମ୍ପ କୌଣସି ବିଦେଶ ଶକ୍ତି ଦ୍ୱାରା ପ୍ରଭାବିତ ନୁହଁନ୍ତି । ସେ ଯାହା ବି ନିଷ୍ପତ୍ତି ନିଅନ୍ତି, ତାହା କେବଳ ଆମେରିକା ସ୍ୱାର୍ଥ ପାଇଁ ।

## ଇସ୍‌ଫାହାନରେ ଇରାନର ନୂଆ ଭୂତଳ ପରମାଣୁ କେନ୍ଦ୍ର

ୱାସିଂଟନ, ୧୯ ।୩(ଏଜେନ୍ସି): ଆମେରିକା ଓ ଇସ୍ରାଏଲ ଦାବି କରିଥିଲେ ଯେ ସେମାନେ ଇରାନର ପରମାଣୁ କ୍ଷମତାକୁ ସମ୍ପୂର୍ଣ୍ଣ ଭାବେ ନଷ୍ଟ କରିଦେଇଛନ୍ତି । କିନ୍ତୁ ଏକ ନୂତନ ରିପୋର୍ଟ ଅନୁଯାୟୀ, ଇସଫାହାନରେ ଇରାନ ଏକ ରହସ୍ୟମୟ ଭୂତଳ ପରମାଣୁ ସମ୍ପ୍ରସାରଣ କେନ୍ଦ୍ର ରହିଛି । ଏନେଇ ଅନ୍ତର୍ଜାତୀୟ ପରମାଣୁ ଶକ୍ତି ଏଜେନ୍ସି (ଆଇଏଇଏ) ପାଖରେ କୌଣସି ସ୍ପଷ୍ଟ ତଥ୍ୟ ନାହିଁ । ଆଇଏଇଏର ମହାନିର୍ଦ୍ଦେଶକ ରାଫାଏଲ ଗ୍ରୋସି କହିଛନ୍ତି ଯେ ଏହି କେନ୍ଦ୍ରଟି ଭୂତଳରେ ଅବସ୍ଥିତ । କିନ୍ତୁ ଏପର୍ଯ୍ୟନ୍ତ ଏଜେନ୍ସିର କୌଣସି ପ୍ରତିନିଧି ସେଠାକୁ ଯାଇନାହାନ୍ତି । ଗତବର୍ଷ ଜୁନମାସରେ ଅପରେସନ ମିଡ୍‌ନାଇଟ୍ ହ୍ୟାମର ଆରମ୍ଭ ହେବା ପୂର୍ବରୁ ଗ୍ରୋସି ସେହିସ୍ଥାନ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ଥିଲା । କିନ୍ତୁ ଯୁଦ୍ଧ ଯୋଗୁଁ ତାହା ବାତିଲ ହୋଇଥିଲା । ଗ୍ରୋସିଙ୍କ କହିବା ଅନୁଯାୟୀ, ସେହି ସ୍ଥାନଟି କେବଳ ଏକ ଖାଲି ହଲ୍ କିମ୍ବା ସେଠାରେ ୟୁରାନିୟମ ସମ୍ପ୍ରସାରଣ ପାଇଁ ସେଣ୍ଟ୍ରିଫ୍ୟୁଜ ଲଗାଯାଇଛି, ସେ ବିଷୟରେ କୌଣସି ସୂଚନା ନାହିଁ । ପୂର୍ବରୁ ଆଇଏଇଏ ଚେତାବନୀ ଦେଇଥିଲା ଯେ ଇରାନ ୬୦ ପ୍ରତିଶତ ପର୍ଯ୍ୟନ୍ତ ଶୁଦ୍ଧ ୟୁରାନିୟମ ପ୍ରସ୍ତୁତ କରିସାରିଛି, ଯାହା ପରମାଣୁ ବୋମା ତିଆରି ପାଇଁ ଆବଶ୍ୟକ ମାତ୍ରାର ଅତି ନିକଟତର । ମଙ୍ଗଳବାର ସନ୍ଧ୍ୟାରେ ଇରାନର ବୁଶେହର ପରମାଣୁ ଶକ୍ତି କେନ୍ଦ୍ର ନିକଟରେ କ୍ଷେପଣାସ୍ତ୍ର ମାଡ଼ ହୋଇଥିଲା । ତେବେ ଏଥିରେ କେନ୍ଦ୍ରର କୌଣସି କ୍ଷତି ହୋଇନାହିଁ । ଇତିମଧ୍ୟରେ ନାଟାଞ୍ଜ ସ୍ଥିତ ଭୂତଳ ପରମାଣୁ କେନ୍ଦ୍ର ଉପରେ ମଧ୍ୟ ଆକ୍ରମଣ ହୋଇଥିବାର ସୂଚନା ମିଳିଛି ।

**ଆଇଏଇଏ ପାଖରେ ନାହିଁ କୌଣସି ସୂଚନା**

# ହର୍ମୁଜ୍ ସମୁଦ୍ର ତଳ କେବୁଲ କାଟି ସାରା ବିଶ୍ୱର ଇଣ୍ଟରନେଟ୍ ବନ୍ଦ କରିବ ଇରାନ!

ନୂଆଦିଲ୍ଲୀ, ୧୯ ।୩(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ କେବଳ ତୈଳ ଯୋଗାଣ ନୁହେଁ, ବରଂ ବିଶ୍ୱର ଡିଜିଟାଲ ବ୍ୟବସ୍ଥା ଓ ଇଣ୍ଟରନେଟ ପାଇଁ ବିପଦ ସୃଷ୍ଟି କରିଛି । ହର୍ମୁଜ ପ୍ରଣାଳୀ ଓ ଲୋହିତ ସାଗର ଦେଇ ଯାଉଥିବା ଗୁରୁତ୍ୱପୂର୍ଣ୍ଣ ଅଣ୍ଡର ସି ଫାଇବର-ଅପ୍ଟିକ କେବୁଲଗୁଡ଼ିକ ଏବେ ଯୁଦ୍ଧର ଟାର୍ଗେଟରେ ରହିଛି । ସମୁଦ୍ର ତଳେ ବିଛା ଯାଇଥିବା ଏହି ପତଳା କେବୁଲଗୁଡ଼ିକ ବିଶ୍ୱର ପ୍ରାୟ ସମସ୍ତ ଡାଟା, ବ୍ୟାଙ୍କିଙ୍ଗ ଟ୍ରାନ୍ସଫର, ଇମେଲ୍ ଓ ଏଆଇ ସେବା ପରିଚାଳନା କରେ । ଲୋହିତ ସାଗର ଓ ହର୍ମୁଜ ପ୍ରଣାଳୀ ଦେଇ ପ୍ରାୟ ୨୦ଟି ପ୍ରମୁଖ କେବୁଲ ଯାଇଛି । ଏଥି ମଧ୍ୟରେ ଏଏଇ-୧, ଫାଲକନ, ଟାଟା- ଟିଜିଏନ୍ ଗଲ୍ ପରି କେବୁଲ ଅନ୍ତର୍ଭୁକ୍ତ, ଯାହା ଭାରତର ଅନ୍ତର୍ଜାତୀୟ କନେକ୍ଟିଭିଟି ପାଇଁ ଅତ୍ୟନ୍ତ ଜରୁରୀ । ଗୁଗଲ, ମାଇକ୍ରୋସଫ୍ଟ ଓ ଆମାଜାନ ପରି କମ୍ପାନୀଗୁଡ଼ିକ ଉପସାଗରୀୟ ଦେଶଗୁଡ଼ିକରେ ବିଶାଳ ଡାଟା ସେଣ୍ଟର ନିର୍ମାଣ କରିଛନ୍ତି, ଯାହା କେବୁଲ ଉପରେ ନିର୍ଭରଶୀଳ । ଇରାନର ହର୍ମୁଜ ପ୍ରଣାଳୀରେ ସାମୁଦ୍ରିକ ମାଇନ୍ ବିଛା ଯାଇଥିବାରୁ ମରାମତି ଜାହାଜଗୁଡ଼ିକ ସେହି ଅଞ୍ଚଳକୁ ଯାଇପାରୁନାହାନ୍ତି । ଯଦି କୌଣସି କାରଣରୁ କେବୁଲ କଟିଯାଏ, ତେବେ ଏହାକୁ ଠିକ୍ କରିବା ପାଇଁ ସପ୍ତାହ କିମ୍ବା ମାସମାସ ସମୟ ଲାଗିପାରେ । ଯଦିଓ ଇରାନର ଅନେକ ନୌଜାହାଜ ବୁଡ଼ି ଯାଇଛି, ତଥାପି ସେମାନଙ୍କ ଅଣ୍ଡରୱାଟର ଟିମ୍ ଏବଂ ଶ୍ୟାଡୋ ଫ୍ଲିଟ୍ କେବୁଲ କାଟିବାରେ ସକ୍ଷମ ବୋଲି ଆଶଙ୍କା କରାଯାଉଛି । ଯଦି ଏହି ଚୋକ ପଏଣ୍ଟଗୁଡ଼ିକରେ କେବୁଲ କ୍ଷତିଗ୍ରସ୍ତ ହୁଏ, ତେବେ ଭାରତରେ ଇଣ୍ଟରନେଟ ଗତି ଅତ୍ୟନ୍ତ ଧିମା ହୋଇଯିବ ଓ ଆର୍ଥିକ କାରବାର ବାଧାପ୍ରାପ୍ତ ହେବ ବୋଲି କୁହାଯାଉଛି ।



# ସୁଭଦ୍ରାରେ ସରିଗଲା ଅଙ୍ଗନବାଡ଼ି କର୍ମୀଙ୍କ ଦରମା!

## ଦରମା ଅପେକ୍ଷାରେ ରାଜ୍ୟର ହଜାରହଜାର କର୍ମୀ ଓ ସହାୟିକା

ଭୁବନେଶ୍ୱର/ ନୟାଗଡ଼,୧୯।୩(ସମିସ): ମହିଳା ଦିବସରେ ସରକାର ରାଜ୍ୟର କୋଟିଏ ମହିଳାଙ୍କୁ ୫ ହଜାର ଟଙ୍କା ଲେଖାଏଁ 'ସୁଭଦ୍ରା' ସହାୟତା ରାଶି ପ୍ରଦାନ କଲେ। ମାତ୍ର ବିଭିନ୍ନ ଜିଲ୍ଲାରେ କାମ କରୁଥିବା ଲକ୍ଷାଧିକ ଅଙ୍ଗନବାଡ଼ି କର୍ମୀ ଓ ସହାୟିକାଙ୍କୁ ଏଯାଏଁ ଦରମା ମିଳି ପାରିଲା ନାହିଁ। କେବଳ ଅଙ୍ଗନବାଡ଼ି ନୁହେଁ; ଅନ୍ୟାନ୍ୟ ଅନେକ ବିଭାଗରେ ଏଯାଏଁ କର୍ମଚାରୀଙ୍କ ଦରମା ବିଲ୍ ହୋଇ ପାରିନାହିଁ। ଖୋଦ୍ ରାଜଧାନୀର ଅଭିନ୍ନ ଚନ୍ଦ୍ର ହୋମିଓପ୍ୟାଥି କଲେଜର ୫୦ରୁ ଊର୍ଦ୍ଧ୍ୱ ଡାକ୍ତର ଓ କର୍ମଚାରୀ ମଧ୍ୟ ଏଯାଏଁ ଦରମା ପାଇ ନ ଥିବା ଅଭିଯୋଗ ହୋଇଛି।

ରାଜ୍ୟରେ ପ୍ରାୟ ୭୪ ହଜାର ଅଙ୍ଗନବାଡ଼ି ଓ ମିନି ଅଙ୍ଗନବାଡ଼ି ରହିଛି। ଏଠାରେ କାର୍ଯ୍ୟ କରୁଥିବା ଅଙ୍ଗନବାଡ଼ି କର୍ମୀ, ମିନି ଅଙ୍ଗନବାଡ଼ି କର୍ମୀ ଓ ସହାୟିକାଙ୍କୁ ମିଶାଇ ମୋଟ କର୍ମଚାରୀ ସଂଖ୍ୟା ୧.୩ ଲକ୍ଷରୁ ଅଧିକ। ମାର୍ଚ୍ଚ ମାସର ତୃତୀୟ ସପ୍ତାହ ବିତିଥିଲେ ବି ରାଜ୍ୟର ବିଭିନ୍ନ ଜିଲ୍ଲାର ଅର୍ଦ୍ଧାଧିକ କର୍ମୀ ଓ ସହାୟିକା ବେତନରୁ ବଞ୍ଚିତ ହୋଇଛି। କେବଳ ଏତିକି ନୁହେଁ; କେଉଁ ଜିଲ୍ଲାରେ ୩ ମାସ ହେଲା ଅଣ୍ଡା ଯୋଗାଣକାରୀ ସଂସ୍ଥା ସେମାନଙ୍କ ପ୍ରାପ୍ୟ ପାଇ ନାହାନ୍ତି ତ, କେଉଁଠି ପୁଣି ରନ୍ଧା ଖାଦ୍ୟଗୁଡ଼ିକ ବାବଦରେ ଟଙ୍କା ମଞ୍ଜୁର ହୋଇ ନାହିଁ। ଯାହାଫଳରେ ଜିଲ୍ଲାଗୁଡ଼ିକରେ ଶିଶୁ ଶିକ୍ଷା ଓ ସୁରକ୍ଷା ପ୍ରଭାବିତ ହେବାକୁ ବସିଛି, ଏହାର ପରୋକ୍ଷ ପ୍ରଭାବ କୋମଳମତି ପିଲାମାନଙ୍କ ଉପରେ ପଡ଼ିଛି।

ଅଙ୍ଗନବାଡ଼ି କର୍ମୀମାନଙ୍କୁ ଖୁବ୍ କମ୍ ପାରିଶ୍ରମିକ ମିଳେ। କେନ୍ଦ୍ର ସରକାର ଅଙ୍ଗନବାଡ଼ି କର୍ମୀଙ୍କ ବେତନ ଅଂଶରୁ ୪୫୦୦ ଟଙ୍କା, ମିନି ଅଙ୍ଗନବାଡ଼ି କର୍ମୀଙ୍କ ବେତନ ଅଂଶରୁ ୩୨୦୦ ଓ ସହାୟିକାଙ୍କ ବେତନ ଅଂଶରୁ ୨୨୫୦ ଟଙ୍କା ପ୍ରଦାନ କରିଥାଆନ୍ତି। ରାଜ୍ୟରେ ଅଙ୍ଗନବାଡ଼ି କର୍ମୀମାନଙ୍କ ଦାବି ପରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଙ୍ଗନବାଡ଼ି କର୍ମୀମାନଙ୍କ ବେତନ ୧୦ ହଜାର, ମିନି ଅଙ୍ଗନବାଡ଼ି କର୍ମୀଙ୍କ ବେତନ ୭୨୦୦ ଓ ସହାୟିକାମାନଙ୍କ ବେତନ ୫ ହଜାର ଟଙ୍କାକୁ ବୃଦ୍ଧି କରିଥିଲେ। ସେହି ଆଧାରରେ ରାଜ୍ୟ ସରକାର ସେମାନଙ୍କୁ ବେତନ ପ୍ରଦାନ କରୁଛନ୍ତି। ପିଲାଙ୍କ ଯତ୍ନନେବା, ସେମାନଙ୍କୁ ପ୍ରାକ୍ ବିଦ୍ୟାଳୟ ଶିକ୍ଷା ପ୍ରଦାନ ସହ ନିଜ ଅଞ୍ଚଳରେ ମହିଳା ଓ ଶିଶୁଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନ, ସହ କିଶୋରୀ ଓ ଶିଶୁ ପୁଷ୍ଟି ଯୋଜନାର ତତ୍ତ୍ୱାବଧାନ ଦାୟିତ୍ୱ ଅଙ୍ଗନବାଡ଼ି କର୍ମୀମାନେ ତୁଲାଇ ଥା'ନ୍ତି। ମାତ୍ର ଅଳ୍ପ ପାରିଶ୍ରମିକ ପାଉଥିବା ଗାଁ ଗହଳିର ଏହି ମହିଳା କର୍ମୀ ଓ ସହାୟିକାଙ୍କୁ ଦରମା ପ୍ରଦାନ ବିଳମ୍ବ ହେବା ପରେ ରାଜ୍ୟର ଆର୍ଥିକ ସ୍ଥିତିକୁ ନେଇ ସ୍ୱାଭାବିକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ନୟାଗଡ଼ ଜିଲ୍ଲାରେ ପ୍ରାୟ ହଜାର ହଜାର କର୍ମୀ ଓ ସହାୟିକା ଏବେ ଦରମାକୁ ଅପେକ୍ଷା କରି ବସିଛନ୍ତି। କେବଳ ନୟାଗଡ଼ ନୁହେଁ; ଅନ୍ୟାନ୍ୟ ଜିଲ୍ଲାରେ ମଧ୍ୟ ସ୍ଥିତି ସମାନ। ତେଣୁ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ କଲ୍ୟାଣ ବିଭାଗ ମନ୍ତ୍ରୀ ଏ ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି।

**ପରୀକ୍ଷା ଖାତା ମୂଲ୍ୟାୟନ ଆରମ୍ଭ**

# ମେ' ଦ୍ୱିତୀୟ ସପ୍ତାହ ସୁଦ୍ଧା ମାଟ୍ରିକ୍ ଫଳ

କଟକ, ୧୯ ।୩(ସମିସ): ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ଆଜିଠାରୁ ରାଜ୍ୟର ୫୧ଟି କେନ୍ଦ୍ରରେ ମାଟ୍ରିକ ପରୀକ୍ଷା ଖାତା ଦେଖା ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ମୂଲ୍ୟାୟନ ପ୍ରକ୍ରିୟା ଆସନ୍ତା ଏପ୍ରିଲ୍ ୨ତାରିଖ ସୁଦ୍ଧା ଶେଷ କରିବା ପାଇଁ ବୋର୍ଡ ପକ୍ଷରୁ ସମୟ ଧାର୍ଯ୍ୟ କରାଯାଇଛି। ମାଟ୍ରିକ୍ ସହ ଷ୍ଟେଟ୍ ଓପନ୍ ସ୍କୁଲ୍ ସାର୍ଟିଫିକେଟ୍ (ଏସ୍ଓଏସ୍ସି) ଏବଂ ସଂସ୍କୃତ ମଧ୍ୟମା ଖାତା ଦେଖା ପାଇଁ ୩୦ଟି ଜିଲ୍ଲାରେ ସମୁଦାୟ ୫୧ଟି ମୂଲ୍ୟାୟନ କେନ୍ଦ୍ର କରାଯାଇଛି। ଏଥିପାଇଁ ବିଭିନ୍ନ ବିଷୟର ପ୍ରାୟ ୧୫ହଜାର ଶିକ୍ଷକଙ୍କୁ ନିୟୋଜିତ କରାଯାଇଛି। ପୂର୍ବରୁ ଓଏମଆର୍ ସିଟ୍ଗୁଡ଼ିକର ମୂଲ୍ୟାୟନ ଶେଷ ହୋଇସାରିଥିବା ବେଳେ ଆଜିଠାରୁ ସବ୍ଜେକ୍ଟିଭ୍ ପେପରଗୁଡ଼ିକର ମୂଲ୍ୟାଙ୍କନ ଆରମ୍ଭ କରାଯାଇଛି। ନିର୍ଦ୍ଧାରିତ ସମୟସୀମାରେ ଏହା ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି। ମୂଲ୍ୟାୟନ ପ୍ରକ୍ରିୟାକୁ ତ୍ରୁଟିଶୂନ୍ୟ ଏବଂ ସ୍ୱଚ୍ଛ କରିବା ପାଇଁ ବୋର୍ଡ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ପ୍ରତି ମୂଲ୍ୟାୟନ କେନ୍ଦ୍ରକୁ ସିସିଟିଭି କ୍ୟାମେରା ଜରିଆରେ ନଜର ରଖାଯାଉଛି ଏବଂ ମୂଲ୍ୟାୟନ କରୁଥିବା ଶିକ୍ଷକମାନଙ୍କୁ କେନ୍ଦ୍ର ଭିତରକୁ ମୋବାଇଲ୍ ଫୋନ୍ ନେବାକୁ ବାରଣ କରାଯାଇଛି। ସେହିପରି କେଉଁ ନୋଡାଲ୍ ସେଣ୍ଟରରୁ ଉତ୍ତରଖାତାଗୁଡ଼ିକ କେଉଁ କେନ୍ଦ୍ରକୁ ପଠାଯାଇଛି, ତାହାକୁ ସମ୍ପୂର୍ଣ୍ଣ ଗୋପନୀୟ ରଖାଯାଇଛି।

**ଏସ୍ସିବି ଅଗ୍ନିକାଣ୍ଡରେ ୧୩ ରୋଗୀଙ୍କ ମୃତ୍ୟୁ ଘଟଣା**

# ତେଜିଲା ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଇସ୍ତଫା ଦାବି



ଭୁବନେଶ୍ୱର,୧୯।୩(ସମିସ): କଟକ ଏସ୍ସିବି ଅଗ୍ନିକାଣ୍ଡ ଓ ଏଥିରେ ୧୩ ଜଣ ରୋଗୀଙ୍କ ମୃତ୍ୟୁ ଘଟଣା ସରକାରଙ୍କ ଅପରାଧିକ ଅବହେଳା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥାର ଦୟନୀୟ ଅବସ୍ଥାର ପ୍ରମାଣ। ଏହା ଦୁର୍ଘଟଣା ନୁହେଁ ବରଂ ସରକାର ଓ ହସ୍ପିଟାଲ ପ୍ରଶାସନର ଅପରାଧିକ ଅବହେଳା ଓ "ବ୍ୟବସ୍ଥାକୃତ ହତ୍ୟା'। ତେଣୁ ଏହି ଘଟଣାରେ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ତୁରନ୍ତ ଇସ୍ତଫା ଦେବା ଦରକାର ବୋଲି ବୋଲି ମିଳିତ ବିରୋଧୀ ଦଳମାନଙ୍କ ପକ୍ଷରୁ କୁହାଯାଇଛି। ଗୁରୁବାର ଭୁବନେଶ୍ୱର ସ୍ଥିତ ସିପିଆଇ(ଏମ୍) ରାଜ୍ୟ କାର୍ଯ୍ୟାଳୟରେ କଟକ ଏସ୍ସିବି ମେଡିକାଲ କଲେଜ ଓ ହସ୍ପିଟାଲର ଟ୍ରମା କେୟାର ଆଇସିୟୁରେ ଘଟିଥିବା ଭୟଙ୍କର ଅଗ୍ନିକାଣ୍ଡ ସମ୍ବନ୍ଧରେ ମିଳିତ ବିରୋଧୀ ଦଳମାନଙ୍କ ଏକ ଜରୁରୀ ବୈଠକରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି ସହ ଅଭିଯୁକ୍ତମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି।

ଦାବିଗୁଡ଼ିକ ମଧ୍ୟରେ ପ୍ରତ୍ୟେକ ମୃତକଙ୍କ ପରିବାରକୁ ଏକ କୋଟି ଟଙ୍କା କ୍ଷତିପୂରଣ ଓ ପରିବାରର ଜଣେ ସଦସ୍ୟଙ୍କୁ ସରକାରୀ ଚାକିରୀ, ଉଚ୍ଚ ନ୍ୟାୟାଳୟର ବିଚାରପତିଙ୍କ ଅଧ୍ୟକ୍ଷତାରେ ନ୍ୟାୟିକ ତଦନ୍ତ, ସମସ୍ତ ଆହତଙ୍କୁ ମାଗଣା ଉଚ୍ଚମାନର ଚିକିତ୍ସା ଓ ଅନ୍ୟୁନ ୫ ଲକ୍ଷ ଟଙ୍କା ସହାୟତା, ହସ୍ପିଟାଲ ସୁପେରିଣ୍ଟେଣ୍ଡେଣ୍ଟ ସମେତ ଏହି ଘଟଣା ପାଇଁ ଦାୟୀ ସରକାରୀ ଅଧିକାରୀ, କର୍ମଚାରୀ ଏବଂ ବିଦ୍ୟୁତ ଠିକାଦାରକୁ ଗିରଫ କରି ଆଇନଗତ କାର୍ଯ୍ୟାନୁଷ୍ଠାନ, ସରକାରୀ ଓ ବେସରକାରୀ ହସ୍ପିଟାଲର ଫାୟାର୍ ସେଫ୍ଟି ଓ ସୁରକ୍ଷା ବ୍ୟବସ୍ଥାର ସାମଗ୍ରିକ ଅଡିଟ୍ ଇତ୍ୟାଦି କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି। ଏହି ଦାବିଗୁଡ଼ିକ ପୂରଣ ପାଇଁ ମିଳିତ ଭାବେ ତୀବ୍ର ଆନ୍ଦୋଳନ ହେବ। ଉପରୋକ୍ତ ଦାବି ଉପରେ ଆସନ୍ତା ଦିନରେ କଟକଠାରେ ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭା, ରାଜ୍ୟ ବିଧାନସଭା ସମ୍ମୁଖରେ ବିଶାଳ ପ୍ରତିବାଦ ପ୍ରଦର୍ଶନ, ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ ଏବଂ ରାଜ୍ୟବ୍ୟାପୀ ପ୍ରତିବାଦ ଆନ୍ଦୋଳନ ସଂଗଠିତ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ବୈଠକରେ କଂଗ୍ରେସ ପକ୍ଷରୁ ଶ୍ରୀକାନ୍ତ ଜେନା, ପଞ୍ଚାନନ କାନୁନଗୋ, ବିଜେଡି ପକ୍ଷରୁ ଅତନୁ ସବ୍ୟସାଚୀ ନାୟକ, ବିଜୟ ନାୟକ, ଲେନିନ ମହାନ୍ତି, ସିପିଆଇ ପକ୍ଷରୁ ଡଃ ପ୍ରଶାନ୍ତ କୁମାର ମିଶ୍ର, ସିପିଆଇ(ଏମ୍) ପକ୍ଷରୁ ସୁରେଶ ପାଣିଗ୍ରାହୀ, ସିପିଆଇ(ଏମ୍ଏଲ୍)- ଲିବରେସନ ପକ୍ଷରୁ ରାଧାକାନ୍ତ ସେଠୀ, ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ୍ରୁ ଜ୍ୟୋତି ରଞ୍ଜନ ମହାପାତ୍ର, ଏନସିପିରୁ ବିକ୍ରମ ସ୍ୱାଇଁ, ସମତା କ୍ରାନ୍ତି ଦଳରୁ ପ୍ରଭାସ ସାମନ୍ତରା ପ୍ରମୁଖ ଯୋଗ ଦେଇଥିଲେ।

**ଗୁମର ଖୋଲିଲେ କଂଗ୍ରେସ ବିଧାୟକ ପବିତ୍ର ସାଉଁତା**

# 'ଘୋଡ଼ା' ମୂଲ ୧୫ କୋଟି !

ଭୁବନେଶ୍ୱର,୧୯।୩(ସମିସ): ଗତ ରାଜ୍ୟସଭା ନିର୍ବାଚନରେ 'ଘୋଡ଼ା' ମାନଙ୍କ ମୂଲ କେତେ ଥିଲା, ତାହାକୁ ନେଇ ସାରା ରାଜ୍ୟରେ ଯାବତୀୟ ଆଲୋଚନା ଚାଲିଛି । ପ୍ରଥମେ ଘୋଡ଼ା ମୂଲ ୨ କୋଟିରୁ ୫ କୋଟି ଥିବା କୁହାଯାଉଥିଲା। ମାତ୍ର କଂଗ୍ରେସ ବିଧାୟକ ପବିତ୍ର ସାଉତା 'ଘୋଡ଼ା' ମୂଲ ନେଇ ଯେଉଁ ବିସ୍ଫୋରକ ତଥ୍ୟ ରଖିଛନ୍ତି; ତାହା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି । ତାଙ୍କୁ ବି ଘୋଡ଼ା ହେବାକୁ ଅଫର ଥିଲା ଓ ଏଥିପାଇଁ ୧୫ କୋଟି ଟଙ୍କା ଯଚା ଯାଇଥିବା ସାଂଘାତିକ ଅଭିଯୋଗ କରିଛନ୍ତି ପବିତ୍ର । ଓଡ଼ିଶା ବିଧାନସଭାର ସବୁଠୁ ଗରିବ ବିଧାୟକଙ୍କ ସୂଚୀରେ ପବିତ୍ର ସାଉଁତାଙ୍କ ନାମ ରହିଛି । କ୍ରସ ଭୋଟିଂ କରିଥିଲେ ତାଙ୍କୁ ହୁଏତ କୋଟି କୋଟି ଟଙ୍କା ମିଳି ଥାଆନ୍ତା, ମାତ୍ର ଏପରି ଲୋଭନୀୟ ଅଫରକୁ ସେ ପ୍ରତ୍ୟାଖ୍ୟାନ କରିଛନ୍ତି । ଯେଉଁ ଦଳ ତାଙ୍କୁ ଟିକଟ ଦେଇଛି ଓ ଯେଉଁ ଲୋକମାନେ ତାଙ୍କୁ ଦଳୀୟ ଚିହ୍ନରେ ଭୋଟ ଦେଇଛନ୍ତି; ସେମାନଙ୍କ ପ୍ରତି ବେଇମାନୀ ନ କରିବାକୁ ନିଷ୍ପତ୍ତି ନେଇ ସେ ଦଳୀୟ ହ୍ୱିପ୍ ମାନି ଭୋଟ ଦେଇଛନ୍ତି ବୋଲି ପବିତ୍ର କହିଛନ୍ତି।



ଗଣମାଧ୍ୟମକୁ ପବିତ୍ର କହିଛନ୍ତି ଯେ କ୍ରସ ଭୋଟିଂ କରିବାକୁ ଆମ ସହ ଯୋଗାଯୋଗ କରାଯାଇଥିଲା। ୧୫ କୋଟି ଟଙ୍କା ପ୍ରଲୋଭନ ଦେଖାଯାଇଥିଲା। ମାତ୍ର ଆମ ପାଇଁ ଆମ ଦଳର ସମ୍ମାନ ଓ ମର୍ଯ୍ୟାଦା ବଡ଼ । ଆମେ ଦଳ ମୁଖିଆଙ୍କ କଥା ମାନିଛୁ ଓ ଦଳ ପକ୍ଷରୁ ଘୋଷିତ ପ୍ରାର୍ଥୀଙ୍କୁ ଭୋଟ ଦେଇଛୁ। ଏହି ଟଙ୍କା ନେଇ ଭୋଟ ଦେଇଥିଲେ ମୋର ଅନେକ ଆର୍ଥିକ ସମସ୍ୟା ଦୂର ହୋଇ ପାରିଥାଆନ୍ତା, ମାତ୍ର ଆମେ ସବୁଦିନ ଦାଗୀ ହୋଇ ଯାଇଥାଆନ୍ତୁ। ସ୍ୱଳ୍ପ ସମୟର ଖୁସି ପାଇଁ ସେହି ଟଙ୍କାକୁ ଗ୍ରହଣ କରି ନେଇଥିଲେ, ମୋ ନିର୍ବାଚନମଣ୍ଡଳୀରେ ଲୋକଙ୍କୁ ସାମନା କରିପାରି ନ ଥାଆନ୍ତୁ କି ବିଧାନସଭାରେ ମୁହଁ ଦେଖାଇ ପାରି ନ ଥାନ୍ତୁ। ଆମର ଅସୁବିଧା ଅଛି, ଅନେକ ବାକି ଉଧାର ରହିଛି। ସେହି ଟଙ୍କାରେ ସବୁ ସମସ୍ୟାର ସମାଧାନ ହୋଇପାରି ଥାଆନ୍ତା। କରଜ ଶୁଝିବା ପରେ ବଳକା ଟଙ୍କାରେ ଖୁସିରେ ବଞ୍ଚି ପାରିଥାଆନ୍ତୁ । ମାତ୍ର ଯେଉଁ ଦଳ ଟିକଟ ଦେଇଛି ଓ ପରିଚୟ ଦେଇଛି, ସେହି ଦଳର ସମ୍ମାନକୁ ପାଦରେ ଦଳିବା ଅକୃତଜ୍ଞତା ହୋଇଥାଆନ୍ତା ବୋଲି ଉଲ୍ଲେଖ କରି ତାଙ୍କ ଦଳରୁ କ୍ରସ ଭୋଟିଂ କରିଥିବା ୩ ଜଣଙ୍କ ନିଷ୍ପତ୍ତି ଦୁର୍ଭାଗ୍ୟଜନକ କହିଛନ୍ତି ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ଗତ ନିର୍ବାଚନରେ ପ୍ରଦାନ କରିଥିବା ସତ୍ୟପାଠ ଅନୁଯାୟୀ ପବିତ୍ର ରାଜ୍ୟ ବିଧାନସଭାରେ ଗରିବ ବିଧାୟକମାନଙ୍କ ମଧ୍ୟରେ ୩ୟ ସ୍ଥାନରେ ଅଛନ୍ତି । ତାଙ୍କର ସମ୍ପତ୍ତି ମାତ୍ର ୨.୯ ଲକ୍ଷ ଟଙ୍କା ବୋଲି ସେ ସତ୍ୟପାଠରେ ଉଲ୍ଲେଖ କରିଛନ୍ତି । ଆର୍ଥିକ ଦୃଷ୍ଟିରୁ ସ୍ୱଚ୍ଛଳ ନ ଥିଲେ ମଧ୍ୟ ସେ କ୍ରସ ଭୋଟିଂ କରିବାକୁ 'ଘୋଡ଼ା' ହୋଇ ନାହାନ୍ତି। ଯେଉଁଥିପାଇଁ ଜ୍ଞାନୀ, ଗୁଣୀ, ଧନୀ, ବଳଶାଳୀ ବୋଲାଉଥିବା 'ଘୋଡ଼ା'ମାନଙ୍କୁ ସାଧାରଣ ଲୋକେ ଗାଳି କରୁଥିବାବେଳେ ପବିତ୍ର ସାଉଁତାଙ୍କ ପରି ବିଧାୟକ ସାଧାରଣରେ ପ୍ରଶଂସିତ ହୋଇଛନ୍ତି ।

# ୨ ଦିନ ପବନ ସହ କୁଆପଥର ମାଡ଼

ଭୁବନେଶ୍ୱର,୧୯।୩(ସମିସ): ରାଜ୍ୟରେ ପଶ୍ଚିମା ଝଡ଼ ପ୍ରଚଣ୍ଡ ହେବ। ଆସନ୍ତା ଦୁଇ ଦିନ ଧରି ରାଜ୍ୟର ଅଧିକାଂଶ ଅଞ୍ଚଳରେ ପ୍ରବଳ ବେଗରେ ପବନ ଓ ବିଜୁଳି, ଘଡ଼ଘଡ଼ି ସହ ବର୍ଷା ଓ କୁଆପଥର ମାଡ଼ର ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ଦୁଇ ଦିନ ଅର୍ଥାତ ଶୁକ୍ରବାର ଓ ଶନିବାର ପାଇଁ ରାଜ୍ୟର ବିଭିନ୍ନ ଅଞ୍ଚଳକୁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ୨୦ ଓ ୨୧ ତାରିଖରେ ବର୍ଷା ପବନର ପ୍ରଭାବ ସବୁଠୁ ଅଧିକ ରହିବ। ୨୦ ତାରିଖରେ ସୁନ୍ଦରଗଡ଼, ମୟୂରଭଞ୍ଜ, କେନ୍ଦୁଝର, ଝାରସୁଗୁଡ଼ା, ବରଗଡ଼ ଓ ସମ୍ବଲପୁରରେ ପ୍ରବଳ ବିଜୁଳି ଘଡ଼ଘଡ଼ି ସହ ବର୍ଷା ସାଙ୍ଗକୁ କୁଆପଥର ପଡ଼ିପାରେ। ଏହି ଜିଲ୍ଲାଗୁଡ଼ିକରେ ପବନର ବେଗ ଘଣ୍ଟାପ୍ରତି ୫୦-୬୦ କିମି ପର୍ଯ୍ୟନ୍ତ ରହିବା ନେଇ ପାଣିପାଗ କେନ୍ଦ୍ର କହିଛି। ଅନ୍ୟପଟେ ଦେବଗଡ଼, ଅନୁଗୁଳ, ଢେଙ୍କାନାଳ, ସୋନପୁର, ବୌଦ୍ଧ, ବଲାଙ୍ଗିର, କନ୍ଧମାଳ, ନୂଆପଡ଼ା, କଳାହାଣ୍ଡି, ରାୟଗଡ଼ା, ନବରଙ୍ଗପୁର, କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ସାଙ୍ଗକୁ ପବନର ବେଗ ୩୦-୪୦ କିମି ପର୍ଯ୍ୟନ୍ତ ରହିବା ନେଇ ପାଣିପାଗ କେନ୍ଦ୍ର କହିଛି। ସେହିପରି ୨୧ ତାରିଖରେ ମଧ୍ୟ ଅନେକ ଜିଲ୍ଲାରେ ସମାନ ସ୍ଥିତି ସୃଷ୍ଟି ହେବ।





ବିଭିନ୍ନ ଦାବି ନେଇ ଲୋୟର ପିଏମ୍ଜିରେ ଗୁରୁବାର ନିଖିଳ ଓଡ଼ିଶା ମଧ୍ୟାହ୍ନ ଭୋଜନ ପାଚିକା ମହାସଂଘର ବିଶାଳ ବିକ୍ଷୋଭ

# ହରିୟାଣାରେ ବିକ୍ରି ନାବାଳିକା ୧୧ ବର୍ଷ ପରେ ଉଦ୍ଧାର

ଫିରିଙ୍ଗିଆ, ୧୯।୩ (ସମିସ): କାମ ଦେବାର ଆଳ ଦେଖାଇ ସଂପର୍କୀୟ ନାବାଳିକା ଭଉଣୀକୁ ମାତ୍ର କିଛି ଟଙ୍କା ଲୋଭରେ ହରିୟାଣାରେ ବିକିଦେବା ଏବଂ ୧୧ ବର୍ଷ ପରେ ପୁଲିସ ତାଙ୍କୁ ଉଦ୍ଧାର କରିବା ଭଳି ଘଟଣା କନ୍ଧମାଳ ଜିଲ୍ଲାରେ ଚର୍ଚ୍ଚାର ବିଷୟ ହୋଇଛି। ଫିରିଙ୍ଗିଆ ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି ଏହା ସହ ଉଦ୍ଧାର ଯୁବତୀଙ୍କୁ ତାଙ୍କ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି।

ସୂଚନାନୁଯାୟୀ, ନାହାଣାଗାଁ ଘାଟିସାହି ଅଞ୍ଚଳର ଜଣେ ନାବାଳିକା ୧୧ବର୍ଷ ତଳେ କେଉଁଆଡ଼େ ନିଖୋଜ ହୋଇଯାଇଥିଲେ। ସେତେବେଳେ ନାବାଳିକାଜଣଙ୍କ ପଞ୍ଚମରେ ପାଠ ପଢୁଥିଲେ। ଜଣେ ସମ୍ପର୍କୀୟ ଭଉଣୀ ତାକୁ କାମ କରିବାକୁ ଘରୁ ଡାକି ନେଇଥିଲେ। ପରେ ପରିବାରଲୋକେ ତା'ର ଆଉ କୌଣସି ଖୋଜ ଖବର ପାଇ ନଥିଲେ। ନାବାଳିକାର ପରିବାରଲୋକେ ଘରୁ ଡାକି ନେଇଥିବା ସମ୍ପର୍କୀୟ ଭଉଣୀ ନାଁରେ ଫିରିଙ୍ଗିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସେତେବେଳେ ଏହି ଘଟଣାକୁ ନେଇ ଥାନାରେ ଏକ ମାମଲା ମଧ୍ୟ ରୁଜୁ କରାଯାଇ

- ଟଙ୍କା ଲୋଭରେ ସଂପର୍କୀୟ ଭଉଣୀ ବିକିଥିଲା
- ଥାନାରେ ମାମଲା
- ପରିବାରଲୋକଙ୍କୁ ହସ୍ତାନ୍ତର କଲା ପୁଲିସ

ତଦନ୍ତ ଆରମ୍ଭ କରାଯାଇଥିଲା। କିନ୍ତୁ ପୁଲିସକୁ ସଫଳତା ମିଳିନଥିଲା। ମାତ୍ର ଦୀର୍ଘ ୧୧ବର୍ଷ ପରେ ନାବାଳିକାକୁ ଉଦ୍ଧାର କରାଯାଇଥିବା ବେଳେ ତା'ର ବୟାନ ରେକର୍ଡ କରିଛି। ସମ୍ପୃକ୍ତ ନାବାଳିକାଜଣଙ୍କ ବର୍ତ୍ତମାନ ସାବାଳିକା ହୋଇସାରିଥିବା ବେଳେ ତାଙ୍କୁ ୨୩ବର୍ଷ। ସେ ବିବାହିତ ଏବଂ ଦୁଇଟି ସନ୍ତାନ ମଧ୍ୟ ଥିବା ଜଣାପଡ଼ିଛି। ସେ ଚକିତ କଲା ଭଳି ବୟାନ ଦେଇଛନ୍ତି।

ତାଙ୍କ କହିବା ଅନୁସାରେ, ସମ୍ପର୍କୀୟ ଭଉଣୀ କାମ କରିବାକୁ ନିଜ ସାଙ୍ଗରେ ନେଇ ହରିଆଣାର କିଛି ଲୋକଙ୍କୁ ବିକ୍ରି କରିଦେଇଥିଲା। ସେଠାରେ ସେ କିଛି ବର୍ଷ ରହିଲା ପରେ ଜଣେ ବ୍ୟକ୍ତିଙ୍କୁ ଜୋରଜବରଦସ୍ତ ବାହା କରିଦିଆଯାଇଥିଲା। ବାହା ହେବାର ୪ ବର୍ଷ ମଧ୍ୟରେ ସେ ଏକ ଝିଅ ଓ ଏକ ପୁତ୍ର ସନ୍ତାନକୁ ଜନ୍ମ ଦେଇଥିଲେ। ପିଲାମାନେ ଟିକିଏ ବଡ଼ ହେବା ପରେ ତାଙ୍କୁ ତାଙ୍କ ଶାଶୁ ଘରଲୋକେ ନିର୍ଯାତନା ଦେଇ ଘରୁ ବାହାର କରିଦେଇଥିଲେ। ପରେ ସେ ବହୁ କଷ୍ଟରେ ଓଡ଼ିଶା ଆସି ଭୁବନେଶ୍ୱରର ଏକ ହୋଟେଲରେ କାମ କରୁଥିଲା। ଖବର ପାଇ ଫିରିଙ୍ଗିଆ ପୁଲିସ ନାବାଳିକାକୁ ଉଦ୍ଧାର କରି ପରିବାରଲୋକଙ୍କୁ ହସ୍ତାନ୍ତର କରିଥିବା ଥାନା ଅଧିକାରୀ ମୁରଲୀଧର ସାହୁ ସୂଚନା ଦେଇଛନ୍ତି।

# ଅସବର୍ଣ୍ଣକୁ ଜମି ବିକିବାରୁ ଗାଁରୁ ବାସନ୍ଦ

କବିସୂର୍ଯ୍ୟନଗର, ୧୯ ।୩ (ସମିସ): ଅସବର୍ଣ୍ଣଙ୍କୁ ଜମି ବିକ୍ରି କରିବାରୁ ଗାଁ ଲୋକେ ସାମାଜିକ ବାସନ୍ଦ କଲେ। ପ୍ରଥମେ ଅଳ୍ପ ଟଙ୍କା ଜରିମାନା ଅଦାୟ କରି ଚୁପ୍ ରହିଥିଲେ। ପରେ ଲକ୍ଷାଧିକ ଟଙ୍କା ମାଗିବାରୁ ପୀଡ଼ିତ ପରିବାର ଦେଇନଥିଲେ। ତେଣୁ ଗାଁ ଲୋକେ ସମ୍ପୃକ୍ତ ପରିବାରକୁ ବାସନ୍ଦ କରିଛନ୍ତି। ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଥାନା ଅର୍ଜୁନପଲ୍ଲୀ ଗାଁରେ ଏଭଳି ଏକ କୁତ୍ସିତ ଘଟଣା ଘଟିଛି।

ସୂଚନାନୁସାରେ, ଅର୍ଜୁନପଲ୍ଲୀ ଗାଁରେ ରହନ୍ତି ଦୟାନିଧି ଗୌଡ଼। ପରିବାର କହିଲେ ସ୍ତ୍ରୀ, ତିନି ଝିଅ ଓ ଜଣେ ପୁଅ। ବଡ଼ ଝିଅ ବାହା ହୋଇଥିବା ବେଳେ ଦୁଇ ଝିଅ ଓ ପୁଅର ବାହାଘର ମୁଣ୍ଡ ଉପରେ। ୪ ବର୍ଷ ତଳେ ଦୁଇ ଝିଅ ଓ ଏକ ପୁଅର ବାହାଘର ଲାଗି ନିଜ ଜମି ଜଣେ ଅସବର୍ଣ୍ଣ ଲୋକକୁ ବିକ୍ରି କରିଥିଲେ ଦୟାନିଧି। ଫଳରେ ତାଙ୍କ ପରିବାର ଗ୍ରାମବାସୀଙ୍କ ରୋଷର ଶିକାର ହୋଇଥିଲେ। ଗାଁ ସଭାରେ ତାଙ୍କୁ ଜରିମାନା କରାଯିବା ସହ ଚୁକ୍ତିନାମା କରିବାକୁ ପଡ଼ିଥିଲା। ଭବିଷ୍ୟତରେ ସେ ତାଙ୍କ ଜମି ଅନ୍ୟ କାହାରିକୁ ବିକିବେ ନାହିଁ, ଯାହାଦ୍ୱାରା ଗ୍ରାମବାସୀ ଅସୁବିଧାର ସମ୍ମୁଖୀନ ହେବେ ବୋଲି ଚୁକ୍ତିନାମା କରିଥିଲେ। କିନ୍ତୁ, ଗତ ୧୬ ଡିସେମ୍ବର ୨୦୨୫ରେ ଗାଁ ସଭାରେ ପୁଣିଥରେ ୭ଲକ୍ଷ ଟଙ୍କା ଜରିମାନା କିମ୍ବା ସେହି ମୂଲ୍ୟର ଜମି ଦେବାକୁ ନିଷ୍ପତ୍ତି ଶୁଣାଯାଇଥିଲା। କିନ୍ତୁ ଦୟାନିଧି ଜରିମାନା ଦେବାକୁ ମନା କରିବାରୁ ତାଙ୍କ ପରିବାରକୁ ବାସନ୍ଦ କରାଯାଇଥିଲା। ଦୟାନିଧିଙ୍କ ପରିବାର ମାନସିକ ଦୁଶ୍ଚିନ୍ତାର ଶିକାର ହୋଇଥିଲେ। ଘରେ ଏକ ପ୍ରକାର ବନ୍ଦୀ ଜୀବନ



ବିତାଇବା ପରେ ଗୁରୁବାର ଦୟାନିଧି ଗୌଡ଼ ଓ ପୁଅ ଅନିଲ କୁମାର ଗୌଡ଼ କବିସୂର୍ଯ୍ୟନଗର ଥାନାରେ ଅଭିଯୋଗ କରିଛନ୍ତି। ନିଜେ ବିକ୍ରି କରିଥିବା ଜମିକୁ ଗ୍ରାମବାସୀ ବାଉଁଶ ବାଡ଼ରେ ଅକ୍ତିଆରରେ ରଖିଥିବା ଅଭିଯୋଗ ହେବା ସହ ଶୀଘ୍ର ନ୍ୟାୟ ପାଇଁ ଗୁହାରି କରିଛନ୍ତି। ଭାରପ୍ରାପ୍ତ ଥାନା ଅଧିକାରୀ ତଥା ଆଇପିଏସ ନୀତେଶ କୁମାର ମିଶ୍ର କହିଛନ୍ତି ଆମେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ।

**ଚୌଦ୍ୱାର ଜେଲ୍‌ରୁ ଅପରାଧୀ ଫେରାର୍ ଘଟଣା**

# ଡିଆଇଜିଙ୍କ ତଦନ୍ତରେ ନାହାନ୍ତି ହାଇସିକ୍ୟୁରିଟି ସେଲ୍ ଇନ୍‌ଚାର୍ଜ

ଭୁବନେଶ୍ୱର,୧୯ ।୩ (ସମିସ): ଚୌଦ୍ୱାର ଜେଲ୍‌ରୁ ଦୁଇ ଅପରାଧୀ ଫେରାର୍ ଘଟଣାକୁ ଦିନ ଯେତିକି ଗଡୁଛି, ରହସ୍ୟ ସେତିକି ବଢୁଛି। ଏହି ସମ୍ବେଦନଶୀଳ ଘଟଣାରେ ଜେଲ୍ କର୍ମଚାରୀ ଓ ଅଧିକାରୀଙ୍କ ଅପାରଗତା ପଦାରେ ପଡ଼ିଥିବା ବେଳେ ଏବେ ତଦନ୍ତ ଓ ଫଳାଫଳ (ଫାଇଣ୍ଡିଂସ୍) କୁ ରହସ୍ୟମୟ କରିଛି। ଫେରାର୍ ଦୁଇ ଅପରାଧୀ ରହୁଥିବା ହାଇ-ସିକ୍ୟୁରିଟି ସେଲ୍‌ର ଇନ୍-ଚାର୍ଜ ତଥା ସବ୍-ଆସିଷ୍ଟାଣ୍ଟ ଜେଲର୍ ସୁବାସ ଚନ୍ଦ୍ର ଦ୍ୱିବେଦୀଙ୍କୁ ତଦନ୍ତ ରିପୋର୍ଟରେ ବାଦ୍ ଦିଆଯିବା କଥା ଏବେ ସାମ୍ନାକୁ ଆସିଛି। ଏଭଳି ସ୍ଥିତିରେ, ପ୍ରକୃତରେ ତାଙ୍କର ଭୂମିକା ନାହିଁ ନା ଜାଣିଶୁଣି ତାଙ୍କୁ ସୁରକ୍ଷା ଦିଆଯାଇଛି, ତାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ୱାର୍ଡର୍‌ଠାରୁ ଆରମ୍ଭ କରି ଜେଲର୍‌ଙ୍କ ପର୍ଯ୍ୟନ୍ତ ନିଲମ୍ବନ ହୋଇଥିଲେ ମଧ୍ୟ ସେଲ୍ ଇନ୍‌ଚାର୍ଜ କିପରି ବର୍ତ୍ତିଗଲେ, ତାହା ଏବେ ସନ୍ଦେହଘେରକୁ ଆସିଛି। ଏହି ଘଟଣା ସାମ୍ନାକୁ ଆସିବା ପରେ ଘଟଣାର ବିଭାଗୀୟ ତଦନ୍ତ କରୁଥିବା ଜେଲ୍ ଡିଆଇଜି ଅନସୂୟା ଜେନାଙ୍କ ଭୂମିକାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଏହା ସବ୍-ଆସିଷ୍ଟାଣ୍ଟ ଜେଲର୍‌ଙ୍କ ପ୍ରତି ଅନୁକମ୍ପା ନା ତଦନ୍ତକାରୀ ଅଧିକାରିଣୀଙ୍କ ଅପାରଗତା, ତାହା ମଧ୍ୟ ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସୂଚନାନୁସାରେ, ୨୦୨୪ ଜୁନ୍ ୨୦ ଓ ଜୁଲାଇ ୩୧ରେ ଚୌଦ୍ୱାର ଜେଲର ତତ୍କାଳୀନ ବରିଷ୍ଠ ଅଧୀକ୍ଷକ ଦୁଇଟି ନିର୍ଦ୍ଦେଶନାମା ଜାରି କରିଥିଲେ। ଦୁଇଟି ଯାକ ନିର୍ଦ୍ଦେଶ ଅନୁସାରେ, ସବ୍-ଆସିଷ୍ଟାଣ୍ଟ ଜେଲର୍ ସୁବାସ ଚନ୍ଦ୍ର ଦ୍ୱିବେଦୀଙ୍କୁ ହାଇ-ସିକ୍ୟୁରିଟି

**ସୁରକ୍ଷା ତ୍ରୁଟି ପରେ ବି ଅନୁକମ୍ପା ଦେଖାଇଥିଲେ ବରିଷ୍ଠ ଅଧୀକ୍ଷକ!**

ସେଲର ଇନଚାର୍ଜ ଭାବେ ଦାୟିତ୍ୱ ମିଳିଥିଲା। ଏହି ଦାୟିତ୍ୱ ସହ ଦିନକୁ ଦୁଇଥର ରାଉଣ୍ଡ ବା ପାଟ୍ରୋଲିଂ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହି ସେଲ୍‌ର ସୁରକ୍ଷାରେ କୌଣସି ତ୍ରୁଟି ପରିଲକ୍ଷିତ ହେଲେ ଶ୍ରୀ ଦ୍ୱିବେଦୀ ସମ୍ପୂର୍ଣ୍ଣ ଭାବେ ଦାୟୀ ରହିବେ ବୋଲି ବରିଷ୍ଠ ଅଧୀକ୍ଷକ ଚେତାଇ ଦେଇଥିଲେ।

ଏହାର ପ୍ରାୟ ୬/୭ମାସ ପରେ ଅର୍ଥାତ୍ ୨୦୨୫ ଫେବ୍ରୁଆରୀ ୧ରେ ପାଣିକୋଇଲି ପଣ୍ଡା ଅଳଙ୍କାର ଦୋକାନ ଲୁଟ୍ ଓ ହତ୍ୟା ମାମଲାର ଦୁଇ ଅଭିଯୁକ୍ତ ମଧୁକାନ୍ତ ରଣା ଓ ରାଜା ସାହାଣୀ ଚୌଦ୍ୱାର ମଣ୍ଡଳ କାରାଗାରକୁ ସ୍ଥାନାନ୍ତର ହୋଇଥିଲେ। ଆଉ ସବ୍-ଆସିଷ୍ଟାଣ୍ଟ ଜେଲର୍ ସୁବାସ ଚନ୍ଦ୍ର ଦ୍ୱିବେଦୀଙ୍କ ଅଧୀନରେ ଥିବା ହାଇ-ସିକ୍ୟୁରିଟି ସେଲ୍‌ରେ ଉଭୟଙ୍କୁ ରଖାଯାଇଥିଲା। ଦୁଇ ଅଭିଯୁକ୍ତ ସଂପୃକ୍ତ ସେଲ୍‌ରେ ରହିବାର ପ୍ରାୟ ଦୁଇ ମାସ ପରେ ଅର୍ଥାତ୍ ମାର୍ଚ୍ଚ ଶେଷ ସପ୍ତାହ ଜେଲ୍ କର୍ମଚାରୀମାନେ ଅଚାନକ ଯାଞ୍ଚ କରିଥିଲେ। ଯାଞ୍ଚ ସମୟରେ ମଧୁକାନ୍ତ ରହୁଥିବା ହାଇ ସିକ୍ୟୁରିଟି ସେଲ୍ କାନ୍ଥରେ ୮/୯ ଇଞ୍ଚର ଗାତ ଠାବ ହୋଇଥିଲା। ସେହିବର୍ଷ ଜୁଲାଇ ୧୯ ଦିନ ମୁଖ୍ୟ ୱାର୍ଡର୍ ସୁକାନ୍ତ କୁମାର ବେହେରା ଯାଞ୍ଚ କରିବା ବେଳେ ମଧୁକାନ୍ତ ରହୁଥିବା ସେଲରୁ ୨ଟି ନୂଆ ନୂଆ ବ୍ଲେଡ୍ ଓ ହାତ ତିଆରି ଛୁରି ଜବତ ହୋଇଥିଲା। ଏହି ଦୁଇଟି ଘଟଣା ଅଭିଯୁକ୍ତମାନେ ଖସିଯିବାକୁ ଯୋଜନା କରୁଥିବା ଦର୍ଶାଉଥିଲେ ମଧ୍ୟ ସେମାନଙ୍କୁ ଅନ୍ୟ ସେଲକୁ ସ୍ଥାନାନ୍ତର କରାଯାଇନଥିଲା। କେବଳ ଏତିକି ନୁହେଁ, ଜେଲ୍‌ର ବରିଷ୍ଠ ଅଧୀକ୍ଷକ ସୁଜିତ ରାଉଳ ହାଇ-ସିକ୍ୟୁରିଟି ସେଲ୍ ଇନଚାର୍ଜ ଶ୍ରୀ ଦ୍ୱିବେଦୀଙ୍କ ଉପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲେ।

ଅକ୍ଟୋବର ୨/୩ ତାରିଖ ରାତିରେ ମଧୁକାନ୍ତ ଓ ରାଜା ସେଲ୍ ଗ୍ରିଲ୍ କାଟିବା ସହ ଜେଲ୍ ପାଚେରି ଡେଇଁ ଫେରାର୍ ହୋଇଯାଇଥିଲେ। ଜେଲ୍‌ର ବରିଷ୍ଠ ଅଧୀକ୍ଷକ ସୁଜିତ ରାଉଳ ଏହାର ୨ଦିନ ପରେ ହାଇ-ସିକ୍ୟୁରିଟି ସେଲ୍ ଇନଚାର୍ଜ ଶ୍ରୀ ଦ୍ୱିବେଦୀଙ୍କୁ କାରଣଦର୍ଶାଅ ନୋଟିସ୍ ଜାରି କରିଥିଲେ। ଏହାପରେ ଜେଲ୍ ଡିଆଇଜି ଅନସୂୟା ଜେନା ଘଟଣାର ବିଭାଗୀୟ ତଦନ୍ତ କରି ରିପୋର୍ଟ ଦାଖଲ କରିଥିଲେ। ହେଲେ ଉକ୍ତ ରିପୋର୍ଟରେ ବରିଷ୍ଠ ଅଧୀକ୍ଷକ, ଜେଲର୍, ମୁଖ୍ୟ ୱାର୍ଡର ଓ ୱାର୍ଡରଙ୍କ ଅବହେଳା ରହିଥିଲେ ମଧ୍ୟ ସବ୍ ଆସିଷ୍ଟାଣ୍ଟ ଜେଲର୍ ତଥା ହାଇ ସିକ୍ୟୁରିଟି ସେଲର ଇନଚାର୍ଜ ଶ୍ରୀ ଦ୍ୱିବେଦୀଙ୍କ ବିଷୟରେ ପଦୁଟିଏ ଉଲ୍ଲେଖ ହୋଇନାହିଁ। ସୁରକ୍ଷା ତ୍ରୁଟି ସାମ୍ନାକୁ ଆସିବା ପରେ ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନଥିବା ବେଳେ ଡିଆଇଜିଙ୍କ ତଦନ୍ତ ରିପୋର୍ଟରେ ମଧ୍ୟ ତାଙ୍କ ଅବହେଳା ବିଷୟରେ ଉଲ୍ଲେଖ ନ ରହିବା, ତଦନ୍ତ ପ୍ରକ୍ରିୟା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ପୁଣି ଚାଷୀଙ୍କୁ ରାଜରାସ୍ତାକୁ ଟାଣିବେ ସରକାର

# ଖରିଫ୍ ଧାନ କିଣା ସରିନି; ରବି ଧାନ ପାଇଁ କସରତ

ବ୍ରହ୍ମଗିରି, ୧୯।୩(ସମିସ)

ଚଳିତ ବର୍ଷ ଖରିଫ ଧାନ ସଂଗ୍ରହରେ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ପ୍ରକାର ଅନିୟମିତତା ଦେଖିବାକୁ ମିଳିଥିଲା। ଏହାକୁ ନେଇ ପ୍ରତ୍ୟେକ ଜାଗାରେ ଚାଷୀ ଆନ୍ଦୋଳନ ଏବଂ ରାଜରାସ୍ତା ଅବରୋଧ ହୋଇଥିଲା। ଏପରିକି କିଛି ଚାଷୀ ଆତ୍ମହତ୍ୟା କରିଥିବା ନଜିର୍ ରହିଛି। ବିଭିନ୍ନ ଚାଷୀ ସଂଗଠନ ଆନ୍ଦୋଳନକୁ ଓହ୍ଲାଇଥିଲେ। ଏ ପ୍ରସଙ୍ଗରେ ବିରୋଧୀ ଦଳଙ୍କ ପ୍ରଶ୍ନରେ ରାଜ୍ୟ ବିଧାନସଭା ବି ଉଠିଲା ପଡ଼ିଲା। ଶେଷରେ ଜିଲ୍ଲା ଯୋଗାଣ ବିଭାଗ ଧାର୍ଯ୍ୟ ତାରିଖ ଅର୍ଥାତ୍ ଚଳିତ ମାସ ୩୧ ତାରିଖ ସୁଦ୍ଧା ଖରିଫ ଧାନ ସଂଗ୍ରହ କରିବାକୁ ଯୋଜନା ରଖିଛି। ଖରିଫ ଧାନ ସଂଗ୍ରହ ଲକ୍ଷ୍ୟଠାରୁ ଯୋଗାଣ ବିଭାଗ ପଛରେ ପଡ଼ିଥିବାବେଳେ ଏବେ ରବି ଧାନ କିଣିବାକୁ କସରତ ଆରମ୍ଭ ହୋଇଛି। ମେ' ପହିଲାରୁ ଧାନ କିଣା ଆରମ୍ଭ ହେବା ପାଇଁ ଯୋଜନା କରାଯାଇଛି।

ଗତ ଖରିଫ ଧାନ ସଂଗ୍ରହ କରିବାକୁ ଯୋଗାଣ ବିଭାଗ ହାତରେ ମାତ୍ର ଦୁଇ ସପ୍ତାହ ସମୟ ରହିଛି। ଏପଟେ କିନ୍ତୁ ରବି ଧାନ ସଂଗ୍ରହ କରିବାକୁ ଚଳିତ ମାସ ୧୦ ତାରିଖଠାରୁ ଅନ୍‌ଲାଇନ୍ ପଞ୍ଜୀକରଣ କରିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୨୫ ତାରିଖ ପଞ୍ଜୀକରଣର ଶେଷ ତାରିଖ ରହିଛି। ଇତିମଧ୍ୟରେ ବ୍ରହ୍ମଗିରି ବ୍ଲକ



### ୨୫ରେ ସରିବ ରବି ଚାଷୀ ପଞ୍ଜୀକରଣ

ଅଧୀନରେ ୨୧ଟି ମଣ୍ଡି ରହିଛି। ହେଲେ ଦୁଃଖର କଥା ପଞ୍ଜୀକରଣ ସମୟର ଏକ ସପ୍ତାହ ବିତିଯାଇଥିଲେ ମଧ୍ୟ ଜଣେ ବି ଚାଷୀ ରବି ଧାନ ବିକ୍ରି କରିବାକୁ ପଞ୍ଜୀକରଣ କରି ନ ଥିବା ଜଣାପଡ଼ିଛି। ଏନେଇ କିଛି ସେବା ସମବାୟ ସମ୍ପାଦକମାନଙ୍କୁ ପଚାରିବାରୁ ସେମାନେ କହିଛନ୍ତି, ଆମ ପାଖକୁ ସରକାରଙ୍କ ତରଫରୁ ଚାଷୀମାନଙ୍କର ରବି ଧାନ ପଞ୍ଜୀକରଣର ପାଇଁ କୌଣସି ପ୍ରକାର ପ୍ରସ୍ତୁତି ପ୍ରକ୍ରିୟା ଆସିନାହିଁ। କେବଳ ପୂର୍ବରୁ କରିଥିବା ପଞ୍ଜୀକରଣର ଚିଠା ବାହାର କରିବା ପାଇଁ କୁହାଯାଇଛି। ଯୋଗାଣ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଆସିଲେ ଆମେ ଚାଷୀମାନଙ୍କୁ ଡାକି ରବିଧାନ ପଞ୍ଜୀକରଣ କରିବୁ। ସେପଟେ କେନ୍ଦ୍ର ସରକାର ଖରିଫ ଧାନ କ୍ୱିଣ୍ଟାଲ ପିଛା ସହାୟକ ମୂଲ୍ୟ ଦେବା ପାଇଁ ରାଜ୍ୟ ସରକାରଙ୍କୁ ଜଣାଇ ନ ଥିଲେ। ଚଳିତ ବର୍ଷ ରାଜ୍ୟ ସରକାର ରବିଧାନ କ୍ୱିଣ୍ଟାଲ ପିଛା କେତେ ଟଙ୍କା ସହାୟକ ମୂଲ୍ୟ ଦେବେ ବୋଲି ଚାଷୀ ଚିନ୍ତାରେ ପଡ଼ିଛନ୍ତି। ସମସ୍ତ ଚାଷୀଙ୍କଠାରୁ ଖରିଫ ଧାନ ସଂଗ୍ରହ ପାଇଁ ସରକାର ପ୍ରତିଶ୍ରୁତି ପୂରଣ ହୋଇ ନ ଥିବାବେଳେ ରବିଧାନ କିଣିବାକୁ ଯୋଗାଣ ବିଭାଗ ପ୍ରସ୍ତୁତ ହେବାକୁ ନେଇ ଚାଷୀନେତାମାନେ ପ୍ରଶାସନ ଉପରେ ବର୍ଷିଛନ୍ତି। ଚଳିତ ବର୍ଷ ବ୍ଲକରେ ବିଭିନ୍ନ ଧାନ ମଣ୍ଡିରେ କଟ୍‌ନିଛଟ୍‌ନି ଅଭିଯୋଗ ଆସିଥିଲା। ତଦନ୍ତ ଆଳରେ ଖରିଫ ଧାନ ସଂଗ୍ରହ ହେବାକୁ ବସିଛି। କିନ୍ତୁ ଜଣେ ହେଲେ ସେବା ସମବାୟ ସମ୍ପାଦକଙ୍କ ବିରୋଧରେ ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନ ଥିବାରୁ ମିଲର ଓ ଯୋଗାଣ ବିଭାଗ ମିଳିମିଶି ଚାଷୀମାନଙ୍କ ଟଙ୍କା ଲୁଟୁଥିବା ଚାଷୀ ଅଭିଯୋଗ କରିଥିଲେ। ହେଲେ ରବି ଧାନ କିଣିବା ପାଇଁ ପ୍ରଥମରୁ ସରକାର ଚାଷୀମାନଙ୍କୁ ଧୋକ୍କା ଦେବା ଆରମ୍ଭ କଲେଣି। ଚଳିତ ବର୍ଷ ଖରିଫ୍ ଧାନ ଫସଲ କିଣା ସମୟରେ ଯୋଗାଣ ବିଭାଗର ବିଫଳତା ରବି ଧାନ କିଣାରେ ତାହା ପ୍ରତିଫଳିତ ହେବନି ତ। ସେଥିପାଇଁ ଚାଷୀମାନେ ଚିନ୍ତାରେ ଅଛନ୍ତି।

## ବିଧାୟକ ଓ ଜିଲ୍ଲାପାଳଙ୍କ ପିପିଲି ସାପ୍ତାହିକ ହାଟ ପରିଦର୍ଶନ



ପିପିଲି, ୧୯।୩(ସମିସ): ବିଶ୍ୱ ବିଖ୍ୟାତ ଚାନ୍ଦୁଆ ବଜାର ମଧ୍ୟରେ ଥିବା ପିପିଲି ସାପ୍ତାହିକ ହାଟ ନବୀକରଣ ଏବଂ ପାର୍ଶ୍ୱରେ ଥିବା ଭୁବନାନନ୍ଦ ପୋଖରୀ ସୌନ୍ଦର୍ଯ୍ୟକରଣ ଦିଗରେ ଗୁରୁବାର ପରିଦର୍ଶନ କରିଛନ୍ତି ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଏବଂ ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା। ପିପିଲି ସାପ୍ତାହିକ ହାଟ ନବୀକରଣ କ୍ଷେତ୍ରରେ ବିଧାୟକ ରାଜ୍ୟ ବିଧାନସଭାରେ ଉପସ୍ଥାପନ କରିଥିବାବେଳେ ସରକାର ଏ ଦିଗରେ ଗୁରୁତ୍ୱ ଦେଇଥିବା ସୂଚନା ମିଳିଛି। ଏହି ସାପ୍ତାହିକ ହାଟ ରାଉରକେଲା ଭଳି ଡିଜାଇନ୍‌ରେ କରାଯିବା ନିମନ୍ତେ ଜିଲ୍ଲାପାଳ କହିଛନ୍ତି। ଏନେଇ ଡିଜାଇନ ହାଟ ଗୃହ ନିର୍ମାଣ ପାଇଁ କେତେ ଅର୍ଥ ବ୍ୟୟ ହେବ ସେନେଇ ଉପସ୍ଥିତ ବିଭାଗୀୟ ଅଧିକାରୀଙ୍କୁ ଏକ ତାଲିକା ପ୍ରସ୍ତୁତ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି ଭୁବନାନନ୍ଦ ପୋଖରୀ ମାଟି ଖନନ କରାଯାଇ ଉକ୍ତ ମାଟିକୁ ପୋଖରୀର ଚତୁଃପାର୍ଶ୍ୱରେ ପକାଯାଇ ବିଦ୍ୟୁତ୍ ଆଲୋକିତ କରାଯିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲାପାଳ। ସେହିଭଳି ପୋଖରୀ ଖନନ ନିମନ୍ତେ ପ୍ରାୟ ୨ କୋଟିରୁ ଊର୍ଦ୍ଧ୍ୱ ଅର୍ଥ ବ୍ୟୟବରାଦ ହୋଇଥିବାବେଳେ ପୋଖରୀ ମଧ୍ୟରୁ ଉଠାଯାଉଥିବା ମାଟିକୁ ଅନ୍ୟତ୍ର ବିକ୍ରୟ କରି ବାହାରକୁ ଚାଲାଣ କରାଯାଉଥିବା ଅଭିଯୋଗ ହେଉଛି। ସେହିପରି ପିପିଲି ବଜାର ଉଚ୍ଛେଦ କରାଯାଇଥିବା ବେଳେ ଉଚ୍ଛେଦର ଜବରଦଖଲକାରୀମାନେ ପୁନର୍ବାର ଦଖଲ କରୁଥିବା ନଜରକୁ ଆସୁଛି। ସେସବୁକୁ ଯଥାଶୀଘ୍ର ଭଙ୍ଗାଯାଇ ରାସ୍ତା ଚଉଡ଼ା କରିବା ପାଇଁ ପିପିଲି ପିଡବ୍ଲୁଡି ବିଭାଗର ସହକାରୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

### ● ଗୋପ ଲୋକ ଉତ୍ସବର ଦ୍ୱିତୀୟ ସନ୍ଧ୍ୟା

## ଆତସବାଜି ପ୍ରତିଯୋଗିତାରେ କମ୍ପିଲା ମେଳଣ ପଡ଼ିଆ

ଗୋପ, ୧୯।୩(ସମିସ): ଗୋପ ଲୋକ ଉତ୍ସବ-୨୦୨୬ର ଦ୍ୱିତୀୟ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୋପ ପଞ୍ଚାୟତ ସମିତି ଅଧ୍ୟକ୍ଷା ଝୁନୁ ମଲ୍ଲିକ ଯୋଗଦେଇ ମେଳଣ ଭାଇଚାରା ସୃଷ୍ଟି କରେ ବୋଲି ମତବ୍ୟକ୍ତ କରିଥିଲେ। ହିନ୍ଦୁ, ମୁସଲିମ୍‌ଙ୍କ ଭାଇଚାରାର ମେଳଣ ଗୋପ ଲୋକ ଉତ୍ସବ କାହିଁ କେଉଁ କାଳରୁ ଚାଲି ଆସୁଥିବାବେଳେ ପୁରାତନ ପରମ୍ପରାକୁ ଉଜ୍ଜୀବିତ କରି ରଖିଥିବା ଆୟୋଜକ ଗୋପାଳଜୀଉ ସାଗର ସ୍ନାନ ମେଳଣ କମିଟିକୁ ପ୍ରଶଂସା କରିଥିଲେ। ଅନୁଷ୍ଠାନର ସମ୍ପାଦକ ପ୍ରକାଶ ଚନ୍ଦ୍ର ଖଟୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଗୋପ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ, ଜିଲ୍ଲା ପରିଷଦ ସଭ୍ୟ ପ୍ରମୋଦ ରାୟ, ପୁଷ୍ପାରାଣୀ ସ୍ୱାଇଁ, ମୋନାଲିସା ସେଠୀ, ସାଗରିକା ନାୟକ ଯୋଗ ଦେଇଥିବାବେଳେ ସାଂସଦଙ୍କ ପ୍ରତିନିଧି ସୁଶାନ୍ତ କୁମାର ସ୍ୱାଇଁ, ସରପଞ୍ଚ ସୁଲୋଚନା ଦାସ, ସମିତିସଭ୍ୟା ମିଲି ଦାସ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ତଥ୍ୟ ଉପସ୍ଥାପନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ଶିକ୍ଷାବିତ୍ ରବୀନ୍ଦ୍ରନାଥ ସିଂ, ଶିକ୍ଷାବିତ୍ ନରେନ୍ଦ୍ର ଦାଶ, ପ୍ରମୋଦ ମହାପାତ୍ର, ପ୍ରଦୀପ୍ତ ମହାନ୍ତି, କାର୍ତ୍ତିକ ପ୍ରଧାନ, ଅଭିମନ୍ୟୁ କାଣ୍ତି, ଲିଙ୍ଗରାଜ ହୋତା ପ୍ରମୁଖ ଉପସ୍ଥିତ ଥିବାବେଳେ ସଂଗ୍ରାମ କେଶରୀ ଭୋଳ, ବିଶ୍ୱରଞ୍ଜନ ମୁଖୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଗୋପ ମେଳଣରେ ପ୍ରମୁଖ ଆକର୍ଷଣ ଭାବେ ବିଭିନ୍ନ କିସମର ବାଣ ଫୁଟା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବାବେଳେ ବିଭିନ୍ନ ସ୍ଥାନରୁ ୪ ଜଣ ବାଣୁଆ ଲକ୍ଷାଧିକ ଟଙ୍କାର ବିଭିନ୍ନ କିସମର ବାଣ ଫୁଟାଇଥିଲେ। ଫଳରେ ମେଳା ପଡ଼ିଆ କମ୍ପି ଉଠିଥିଲା। ବାଣଫୁଟା ଦେଖିବା ପାଇଁ ଗୋପ ତଥା ଆଖପାଖ ଅଞ୍ଚଳର ହଜାର ହଜାର ଜନସାଧାରଣଙ୍କ ଭିଡ଼ ଲାଗି ରହିଥିବା ଦେଖିବାକୁ ମିଳିଥିଲା। ବାଣୁଆଙ୍କ ମଧ୍ୟରୁ ପ୍ରଥମ, ଦ୍ୱିତୀୟଙ୍କୁ ପୁରସ୍କୃତ କରାଯାଇଥିଲା।

## ନୟାହାଟ-କଳାବୁଦା ରାସ୍ତା ଶୋଚନୀୟ

ନୟାହାଟ, ୧୯।୩(ସମିସ): ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ନୟାହାଟ-କଳାବୁଦା ଦୀର୍ଘ ୧୦ କି.ମି. ରାସ୍ତାରୁ ୩ କି.ମି. ମରାମତି ଅଭାବରୁ ଶୋଚନୀୟ ହୋଇପଡ଼ିଛି। ଦେସ୍ଥଳୀ, ବଡ଼ତୋଟାବାଲି ଉପର, ଭାରଗୋଳ, ବଉଲାଙ୍ଗ



ହରିଜନ ସାହିଠାରୁ କରମଙ୍ଗା ପର୍ଯ୍ୟନ୍ତ ବଡ଼ ବଡ଼ ଖାଲରେ ପରିଣତ ହୋଇଛି। ଉକ୍ତ ରାସ୍ତା ଉପରେ ଲକ୍ଷ୍ମୀ ବସ୍ ପୁରୀ-କୋଣାର୍କ ଯାତ୍ରୀବାହୀ ବସ୍ ଯାତାୟାତ କରୁଥିବାରୁ ରାସ୍ତାର ଦୁରବସ୍ଥା ଦେଖି ବସ୍ ଚଳାଚଳ ଗତ କିଛିଦିନ ହେଲା ବନ୍ଦ ଅଛି। ଏହି ରାସ୍ତା ଦେଇ ଧୂମାଳ, ଦେସ୍ଥଳୀ, ବାଉଲାଙ୍ଗ, ଜଙ୍ଗଲବୋରି ପଞ୍ଚାୟତର ଜନସାଧାରଣ କୋଣାର୍କ, ପୁରୀ, କାଳିଆଗାଦି ପ୍ରସିଦ୍ଧ ସ୍ଥାନକୁ ଯିବାଆସିବା କରିବାରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତା ମରାମତି ପାଇଁ ପୂର୍ବତନ ସରପଞ୍ଚ କମଳାକାନ୍ତ କୁଅଁର, ସାମାଜିକ କର୍ମୀ ମକରଧ୍ୱଜ ସ୍ୱାଇଁ, ଜଙ୍ଗଲବୋରି ସରପଞ୍ଚ ପ୍ରଭାତୀ ସାହୁ, ଧୂମାଳ ସରପଞ୍ଚ ମୋନାଲିସା ସିଂହ ପ୍ରମୁଖ ଗ୍ରାମ୍ୟ ଉନ୍ନୟନ ବିଭାଗ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରିଛନ୍ତି।

## ବୃତ୍ତିଗତ ପରାମର୍ଶ ସଚେତନତା କାର୍ଯ୍ୟକ୍ରମ

ନିମାପଡ଼ା/ଚାରିଛକ, ୧୯।୩(ସମିସ): ନିମାପଡ଼ା ବ୍ଲକ ଚାରିଛକସ୍ଥିତ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ପରିସରରେ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଣ୍ଡଷ୍ଟ୍ରିଆଲ ଟେକ୍ନୋଲୋଜି (କିଟ୍), ଭୁବନେଶ୍ୱର ଏବଂ ନିଗମାନନ୍ଦ ମହିଳା ମହାବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ 'ଲାଇବ୍ରେରୀ ଆଣ୍ଡ ଇନ୍‌ଫର୍ମେସନ ସାଇନ୍ସ' ଶୀର୍ଷକ ଏକ ବୃତ୍ତିଗତ ପରାମର୍ଶ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡ. ଅଶୋକ କୁମାର ବିଶ୍ୱାଳ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ସ୍ନାତକ ଶିକ୍ଷା ପରିସମାପ୍ତି ପରେ ଯେଉଁସବୁ ବୃତ୍ତିଗତ ସୁବିଧାସୁଯୋଗ ରହିଛି ତାହା ଉପରେ ଆଲୋକପାତ କରିଥିଲେ। ସଂସ୍କୃତ ବିଭାଗ ଅଧ୍ୟାପକ ଜୀବନ ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କିଟ୍ ବିଶ୍ୱବିଦ୍ୟାଳୟର ଲାଇବ୍ରେରୀ ସାଇନ୍ସ ବିଭାଗର ପ୍ରଫେସର ଡ. ସୀମାଞ୍ଚଳ ବେହେରା, ସହକାରୀ ଗ୍ରନ୍ଥାଗାରିକ ମମତା ସାହୁ, କିଟ୍ କେନ୍ଦ୍ରୀୟ ଗ୍ରନ୍ଥାଗାରର ସହକାରୀ ଗ୍ରନ୍ଥାଗାରିକ ପବିତ୍ର କୁମାର ଚୌଧୁରୀ ଯୋଗଦେଇ ଛାତ୍ରୀମାନଙ୍କୁ ବୃତ୍ତିଗତ ପରାମର୍ଶ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ରୂପେ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରିଣୀ କାନନବାଳା ନନ୍ଦ ଏବଂ ମହାବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ ଡ. ଶ୍ରୀଲେଖା ନାୟକ ଯୋଗଦେଇଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ଓଡ଼ିଆ ବିଭାଗ ମୁଖ୍ୟ ଡ. ଶର୍ମିଷ୍ଠାରାଣୀ ମହାନ୍ତି, ଅଧ୍ୟାପକ ସ୍ୱୟଂ ବିକାଶ ରଥ, ଅଧ୍ୟାପକ ଜଗନ୍ନାଥ ପଣ୍ଡା, ଅଧ୍ୟାପିକା ସୁନିତା ନାୟକ, ଡ. କୀର୍ତ୍ତିମୟୀ ରାଉତରାୟ, ଅଧ୍ୟାପକ ଯୋଗେଶ୍ୱର ମୁଣ୍ଡା, କମ୍ପ୍ୟୁଟର ପ୍ରୋଗ୍ରାମର ସ୍ୱାଧୀନ ନାୟକ, ଡିଇଓ ଦିବାକର ବେହେରା ପ୍ରମୁଖ ଯୋଗଦେଇଥିଲେ। ମହାବିଦ୍ୟାଳୟର +୩ ତୃତୀୟ ବର୍ଷର ଛାତ୍ରୀମାନେ ଏଥିରେ ଅଂଶଗ୍ରହଣ କରିଥିଲେ।

## ମା' ସରସ୍ୱତୀ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଚାରିଛକ, ୧୯।୩(ସମିସ): ଚାରିଛକସ୍ଥିତ ମା' ସରସ୍ୱତୀ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଚେୟାରମ୍ୟାନ୍ ଶିକ୍ଷାବିତ୍ ସୁବାସ ଚନ୍ଦ୍ର ଦାସଙ୍କ




ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ କୁଳପତି କୁମରବର ଦାସ, ମୁଖ୍ୟବକ୍ତା ଭାବେ ଉକ୍ତ କଲେଜର ପ୍ରଶାସନିକ ଅଧିକାରୀ ଅଜୟ କୁମାର ମହାନ୍ତି, ସମ୍ମାନିତ ଅତିଥିଭାବେ ସର୍ବେଶ୍ୱର କଲେଜର ଚେୟାରମ୍ୟାନ ସୀମାଞ୍ଚଳ ବସ୍ତିଆ, ଚାରିଛକ ପ୍ରେସ୍ କ୍ଲବ୍‌ର ସଭାପତି ପ୍ରଫୁଲ୍ଲ କୁମାର କର, ଶିକ୍ଷାବିତ୍ ରୋହିତ କୁମାର ସ୍ୱାଇଁ, ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷକମାନେ ବିଦ୍ୟାଳୟକୁ ସଠିକ୍ ସମୟରେ ଆସି ଶିକ୍ଷାଦାନ କରିବା ଏବଂ ଏହି ବାର୍ଷିକ ଉତ୍ସବ ଦ୍ୱାରା ଛାତ୍ରଛାତ୍ରୀମାନଙ୍କର ଅନ୍ତର୍ନିହିତ ଗୁଣ ପରିପ୍ରକାଶ ହୋଇଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ସ୍ଥାନୀୟ ଅଞ୍ଚଳର ୨ଜଣ ସାମ୍ବାଦିକ ଓ ୧୦ରୁ ଊର୍ଦ୍ଧ୍ୱ ଅଭିଭାବକ ଓ କୃତୀ ପ୍ରତିଭାମାନଙ୍କୁ ସମ୍ମାନିତ କରାଯାଇଥିଲା। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ଶିକ୍ଷାବିତ୍ ସଚ୍ଚିଦାନନ୍ଦ ବେହେରା ପରିଚାଳନା କରିଥିବାବେଳେ ଅନୁଷ୍ଠାନର ଏମ୍‌ଡି ଧରଣୀଧର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଞ୍ଚିକୁ ହରାଇ ସେମିରେ ପୁରୀ ପାୟୋନିୟର

ଗୋପ, ୧୯।୩(ସମିସ): ଗୋପ ଆଥ୍‌ଲେଟିକ୍ ଆସୋସିଏସନ୍ ଦ୍ୱାରା ଆୟୋଜିତ ସର୍ବଭାରତୀୟ ତୃତୀୟ ଧର୍ମେନ୍ଦ୍ର ସାହୁ ମେମୋରିଆଲ ଟ୍ରଫିର ଚତୁର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ୍ ରାଞ୍ଚି କ୍ରିକେଟ୍ କ୍ଲବ୍ ଓ ପୁରୀ ପାୟୋନିୟର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଞ୍ଚିକୁ ହରାଇ ପୁରୀ ପାୟୋନିୟର ସେମିଫାଇନାଲରେ ପ୍ରବେଶ କରିଥିବା ଜଣାପଡ଼ିଛି। ପ୍ରଥମେ ଟସ୍ ଜିତି



ରାଞ୍ଚି ୨୨ ଓଭରରେ ସମସ୍ତ ୱିକେଟ୍ ହରାଇ ୧୩୪ ରନ୍ ସଂଗ୍ରହ କରିଥିଲା। ଜବାବରେ ପୁରୀ ପାୟାନିଓର ୧୧.୩ ଓଭରରେ ୪ ୱିକେଟ୍ ହରାଇ ୧୩୬ ରନ୍ ସଂଗ୍ରହ କରି ସେମିଫାଇନାଲରେ ପ୍ରବେଶ କରିଥିବା ଜଣାପଡ଼ିଛି। ଏହି ମ୍ୟାଚ୍‌ରେ ଅମ୍ପାୟାର ଭାବେ ଦେବେନ୍ଦ୍ର ମିଶ୍ର, ପ୍ରମୋଦ କୁମାର ସିହ୍ନା ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିବାବେଳେ ମନୋଜ ପାତ୍ର, ଗୁନାକର ଭୋଇ ଧାରା ବିବରଣୀ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ କ୍ରୀଡ଼ା ସମ୍ପାଦକ ତ୍ରୈଲୋଚନ ସାହୁ, ସଭାପତି କାମାକ୍ଷାପ୍ରସାଦ ଦଳବେହେରା, କୋଷାଧ୍ୟକ୍ଷ ଶୁଭେନ୍ଦୁ କୁମାର ପୃଷ୍ଟି, କମଳଲୋଚନ ଉପାଧ୍ୟାୟ, ଚିନ୍ମୟ ସ୍ୱାଇଁ, କ୍ଷେତ୍ରମୋହନ ବେହେରା, ଶ୍ରୀକାନ୍ତ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଦୁର୍ନୀତି ସଂଘର୍ଷ ମଞ୍ଚ ସତ୍ୟବାଦୀ ଶାଖାର ବୈଠକ



ସାକ୍ଷୀଗୋପାଳ, ୧୯।୩(ସମିସ): ଦୁର୍ନୀତି ସଂଘର୍ଷ ମଞ୍ଚ, ସତ୍ୟବାଦୀ ଶାଖାର କାର୍ଯ୍ୟନିର୍ବାହୀ ବୈଠକ ସ୍ଥାନୀୟ ପଞ୍ଚସଖା ପାଠାଗାର ପରିସରରେ ସଭାପତି ବୀରେନ୍ଦ୍ର ଭୂଷଣ ହୋତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ମଞ୍ଚର ଉପଦେଷ୍ଟା ଗୁଣ୍ଡୁଚୀ ବରାଳ ପଞ୍ଚସଖାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି କାର୍ଯ୍ୟକ୍ରମଟିର ଉଦ୍‌ଘାଟନ କରିଥିଲେ। ଉପସ୍ଥିତ ଅତିଥିମାନେ ଦୁର୍ନୀତି ବିରୋଧରେ ସଚେତନତା ସୃଷ୍ଟି କରିବା ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସାଧାରଣ ନଟବର ଆଚାର୍ଯ୍ୟ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ରାଜ୍ୟ, ଜିଲ୍ଲାସ୍ତରୀୟ ନେତୃତ୍ୱ ଓ ସ୍ଥାନୀୟ ବିଭିନ୍ନ ସଂଗଠନର ମିଳିତ ସହଯୋଗରେ ଏକ ସାଧାରଣ ସଭା କରାଯାଇ ସାଧାରଣ ଜନତାଙ୍କ ପ୍ରୟୋଜନିୟତା ପ୍ରତି ଅଙ୍ଗୀକାରବଦ୍ଧତାକୁ ପରିବ୍ୟାପ୍ତ କରିବା ନିମିତ୍ତ ପରାମର୍ଶ ଦେଇଥିଲେ। ମଞ୍ଚର ସହସମ୍ପାଦକ ସୁରେନ୍ଦ୍ର ସାହୁ, ଉପସଭାପତି ଦେବେନ୍ଦ୍ର ମହାପାତ୍ର ଓ ସମାଜସେବୀ ଦୋଳଗୋବିନ୍ଦ ଜେନା ଅଂଶ ଗ୍ରହଣ କରିଥିଲେ। ଶେଷରେ ମହିଳା ସାମ୍ମୁଖ୍ୟ ପ୍ରତିନିଧି ସ୍ୱର୍ଣ୍ଣଲତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଦୋକାନରୁ ଚୋରି କରି ଗିରଫ

ସାକ୍ଷୀଗୋପାଳ, ୧୯।୩(ସମିସ): ସତ୍ୟବାଦୀ ଥାନା ଅନ୍ତର୍ଗତ ସାକ୍ଷୀଗୋପାଳ ବଜାରରେ ଥିବା ଜିତେନ୍ଦ୍ର କୁମାର ସାହୁଙ୍କ ପୂଜା ସାମଗ୍ରୀ ଦୋକାନରୁ ନଗଦ ୩୦ ହଜାର ୩୩୦ ଟଙ୍କା ସହିତ କିଛି ପୂଜା ସାମଗ୍ରୀ ଚୋରି ହୋଇଥିଲା। ଦୋକାନୀ ଶ୍ରୀ ସାହୁ ଏ ସମ୍ପର୍କରେ ସତ୍ୟବାଦୀ ଥାନାରେ ଏକ ଏତଲା ଦେଇଥିଲେ। ଦୋକାନୀ ଶ୍ରୀ ସାହୁଙ୍କ ଅଭିଯୋଗକୁ ଭିତ୍ତିକରି ସତ୍ୟବାଦୀ ପୁଲିସ ଉକ୍ତ ଥାନା ଅନ୍ତର୍ଗତ ସୁଆଁଲୋ ଗ୍ରାମର ସଚ୍ଚିଦାନନ୍ଦ ସ୍ୱାଇଁଙ୍କୁ ଜେରା କରିଥିଲେ। ଅଭିଯୁକ୍ତ ନିକଟରୁ ନଗଦ ୨୫ ହଜାର ଟଙ୍କା ଓ ପୂଜା ସାମଗ୍ରୀ ଜବତ କରିଥିଲେ। ତାଙ୍କ ବିରୋଧରେ ଏକ ମାମଲା ରୁଜୁ କରି ଗୁରୁବାର କୋର୍ଟ ଚାଲାଣ କରିଥିଲେ। ଜାମିନ ନାମଞ୍ଜୁର ହେବାରୁ ପୁରୀ ଜେଲ୍‌କୁ ପଠାଇ ଦିଆଯାଇଛି। ଉକ୍ତ ଅଭିଯୁକ୍ତ ନାଁରେ ସତ୍ୟବାଦୀ ଥାନାରେ ଏକାଧିକ ମାମଲା ରହିଛି ବୋଲି ସତ୍ୟବାଦୀ ଥାନା ଆଇଆଇସି ସୌମ୍ୟରଞ୍ଜନ ମହାଲିକ ସୂଚନା ଦେଇଛନ୍ତି।

## ପିଏମ୍‌ଶ୍ରୀ ସରକାରୀ ହାଇସ୍କୁଲର ବାର୍ଷିକ ଉତ୍ସବ

କୋଣାର୍କ, ୧୯।୩(ସମିସ): ରାଜ୍ୟ ସରକାରଙ୍କ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଦ୍ୱାରା ପରିଚାଳିତ କୋଣାର୍କସ୍ଥିତ ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ବୁଧବାର ବାର୍ଷିକ ଉତ୍ସବ ସମ୍ଭାର-୨ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ନିହାର ପ୍ରସାଦ ଲେଙ୍କାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ଅତିଥି ଭାବେ କୋଣାର୍କ ଏନ୍‌ଏସି ଅଧ୍ୟକ୍ଷା ସଂଯୁକ୍ତା



ତ୍ରିପାଠୀ, ପୁରୀ ଜିଲ୍ଲା ମଙ୍ଗଳ ଅଧିକାରୀ ମମତାରାଣୀ ପରିଡ଼ା, ଶିକ୍ଷାବିତ୍ ଦୀନବନ୍ଧୁ ରଥ, ଗୋପ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶ୍ରୀନିବାସ ମହାନ୍ତି, କୋଣାର୍କ ଥାନା ଏସ୍‌ଆଇ କେଦାର ଚରଣ ଦୋରା, ଚମ୍ପାହାର ଅଗ୍ନିଶମ ଅଧିକାରୀ ବିଚିତ୍ର କୁମାର ଚୌଧୁରୀ ପ୍ରମୁଖ ଯୋଗଦେଇ ବିଦ୍ୟାଳୟର ଶୈକ୍ଷିକ କାର୍ଯ୍ୟଧାରା ଓ ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ତଥା ସହଶୈକ୍ଷିକ ସାଫଲ୍ୟର ପ୍ରଶଂସା କରିଥିଲେ। ପ୍ରଧାନଶିକ୍ଷକ ଶ୍ରୀ ଲେଙ୍କା ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ବାର୍ଷିକ ମୁଖପତ୍ର 'ଶତଦଳ'କୁ ଅତିଥିମାନେ ଉନ୍ମୋଚନ କରିବା ସହିତ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଦେଶାତ୍ମବୋଧ ସଙ୍ଗୀତ, ଆଦିବାସୀ ଲୋକନୃତ୍ୟ ସହିତ ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ସତ୍ୟସୁନ୍ଦର ମିଶ୍ର, ଶିକ୍ଷୟିତ୍ରୀ ରୀତା କୁମାରୀ ବଡ଼ଗାଇଁଆ ସଞ୍ଚାଳନ କରିଥିବାବେଳେ ଶିକ୍ଷୟିତ୍ରୀ ଶିଲ୍ପା ଭଞ୍ଜ, ଦୀପିକା ଜେନା, ଅମୀୟ ପ୍ରିୟଦର୍ଶିନୀ ଧରୁଆ, ଅର୍ଜୁନ ଦଳାଇ, ସୁଲୋଚନା ବେହେରା ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

## ଡେଲାଙ୍ଗରେ ପୁଷ୍ଟିଶସ୍ୟ ବିହନ ଉତ୍ପାଦନ ତାଲିମ ଶିବିର

ଭୁବନେଶ୍ୱର, ୧୯।୩(ସମିସ): ପୁଷ୍ଟିଶସ୍ୟ ମାଣ୍ଡିଆ ଓ ସୁଆଁ ଫସଲର ବିହନ ଉତ୍ପାଦନ ଓ ପ୍ରମାଣନ ପାଇଁ ପୁରୀ ଜିଲ୍ଲା ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ସିଂ ବ୍ରହ୍ମପୁର ତଇଲା ସାହିଠାରେ ଗୁରୁବାର ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଛି। ଅଞ୍ଚଳର ପ୍ରାୟ ୧୨ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ସମେତ କୃଷକ ସଂଗଠନର ପ୍ରାୟ ୧୫୦ ଜଣ ଅଗ୍ରଣୀ ଚାଷୀ ତାଲିମ୍ ନେଇଛନ୍ତି। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ର ସହକାରୀ ବିହନ ଉତ୍ପାଦନ ଅଧିକାରୀ ଡ. ଚିତ୍ତରଞ୍ଜନ ସାହୁ ତାଲିମ ଶିବିରର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ଅନୁପମା ବଳିୟାରସିଂହ ବୈଜ୍ଞାନିକ ପଦ୍ଧତିରେ ବିହନ ଉତ୍ପାଦନ ସହିତ ପୁଷ୍ଟିଶସ୍ୟର ଆର୍ଥିକ ମୂଲ୍ୟ ଉପରେ ଆଲୋକପାତ କରିଥିଲେ। ବିହନ ଉତ୍ପାଦନ ଅଧିକାରୀ ଡ. ସ୍ୱର୍ଣ୍ଣଲତା ଦାସ, ସହଯୋଗୀ ପ୍ରାଧ୍ୟାପକ ଡ. ତନ୍ମୟ ଲଳିତେନ୍ଦୁ ମହାନ୍ତି, ବିହନ ପ୍ରମାଣନ ଅଧିକାରୀ ଡ. ସୁମିତା ଦାସ, ସହକାରୀ ଜିଲ୍ଲା କୃଷି ଅଧିକାରୀ ଡ. ପରେଶ କୁମାର ପଣ୍ଡା ପ୍ରମୁଖ ବିହନ ଉତ୍ପାଦନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ବୈଜ୍ଞାନିକ ଡ. ବିପିନ କୁମାର ପ୍ରଧାନ ବିହନ ଉତ୍ପାଦନର ବିଭିନ୍ନ ପର୍ଯ୍ୟାୟ ସମ୍ପର୍କରେ ଅବଗତ କରିଥିବାବେଳେ ବୈଷୟିକ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ମିଶ୍ର, କୈଳାସ ଚନ୍ଦ୍ର ବିଶ୍ୱାଳ ଓ ରାମଚନ୍ଦ୍ର ସିଂ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ କୃଷକ ଉତ୍ପାଦକ ସଂଗଠନର ସମ୍ପାଦକ ଜୟକୃଷ୍ଣ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଡେଲାଙ୍ଗରେ ମତ୍ସ୍ୟ ରୋଗ ସଚେତନତା ଶିବିର

ଡେଲାଙ୍ଗ, ୧୯।୩(ସମିସ): ଡେଲାଙ୍ଗ ବ୍ଲକସ୍ତରୀୟ ମତ୍ସ୍ୟ ରୋଗ ସଚେତନତା କର୍ମଶାଳା ଗୁରୁବାର ଡେଲାଙ୍ଗ-କୋଠବାଡ଼ ଗ୍ରାମ ପଞ୍ଚାୟତ ସଭା କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ କିସମର ମାଛ ରୋଗର ଉତ୍ପତ୍ତି, ଲକ୍ଷଣ, ନିରାକରଣ ଓ ପ୍ରତିଷେଧକ ବ୍ୟବସ୍ଥା ସମ୍ପର୍କରେ ଆଗ୍ରହୀ ମାଛ ଚାଷୀଙ୍କୁ ସଚେତନ କରାଇବା ଲକ୍ଷ୍ୟ ନେଇ ଭାରତୀୟ କୃଷି ଗବେଷଣା ପରିଷଦ ଓ କୌଶଲ୍ୟାଗଙ୍ଗସ୍ଥିତ କେନ୍ଦ୍ରୀୟ ମଧୁର ଜଳ ମାଛ ଚାଷ




ପ୍ରତିଷ୍ଠାନ (ସିଫା) ସମେତ ୭ଟି ସଂସ୍ଥାର ମିଳିତ ଆନୁକୂଲ୍ୟରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ଅଞ୍ଚଳର ଶତାଧିକ ମତ୍ସ୍ୟ ଚାଷୀ ଯୋଗଦେଇଥିଲେ। ସିଫାର ମତ୍ସ୍ୟ ବୈଜ୍ଞାନିକ ଡ. ଅନିର୍ବାଣ ପାଲ୍, ସହଯୋଗୀ ବିପ୍ଳବ କୁମାର ଷଣ୍ଢ ଓ ସୁଶ୍ରୀ ରିଚା ପ୍ରମୁଖ ମାଛ ପୋଖରୀର ପ୍ରସ୍ତୁତି, ପରିଚାଳନା, ଜଳ ପରୀକ୍ଷା ଓ ସଂରକ୍ଷଣ, ଉନ୍ନତ ମାଛ ଜାଆଁଳ ଉତ୍ପାଦନ ଓ ସଂଗ୍ରହ, ମାଛ ଖାଦ୍ୟର ଉପାଦାନ ଓ ପ୍ରସ୍ତୁତି, ନିର୍ଦ୍ଧାରିତ ସମୟରେ ମାଛଙ୍କୁ ଖାଦ୍ୟ ପ୍ରଦାନ ଆଦି ସମ୍ପର୍କରେ ଚାଷୀଙ୍କୁ ସଚେତନ କରାଇଥିଲେ। ସେହିପରି ବିଭିନ୍ନ କିସମର ମାଛରେ ସୃଷ୍ଟି ହେଉଥିବା ବ୍ୟାକ୍ଟେରିଆ, ଭାଇରସ୍, ପାରାସାଇଟ୍ସ, ଫୋଙ୍ଗସ୍ ଆଦି ରୋଗର ଉତ୍ପତ୍ତି, ଲକ୍ଷଣ, ରୋଗର ପରିଣତି, ରୋଗ ନିରାକରଣ ଓ ପ୍ରତିଷେଧକ ବ୍ୟବସ୍ଥା ସମ୍ପର୍କରେ ମଧ୍ୟ ସଚେତନ କରାଯାଇଥିଲା। ଡେଲାଙ୍ଗ-କୋଠବାଡ଼ ପଞ୍ଚାୟତ ସରପଞ୍ଚ ଦୀପକ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ସଚେତନତା ଶିବିରରେ ଧାନକେରା ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ମାନସ ବେହେରା, ସାମ୍ବାଦିକ ପ୍ରସନ୍ନ ତ୍ରିପାଠୀ, ମାଛ ଚାଷୀ ସୂର୍ଯ୍ୟନାରାୟଣ ସାମନ୍ତରାୟ, କିଶୋର କୁମାର ସିଂ, ପ୍ରମୋଦ ପ୍ରଧାନ, ନରେନ୍ଦ୍ର ସୁବୁଦ୍ଧି, ଅନନ୍ତ ସ୍ୱାଇଁ, ସୁକାନ୍ତି ବିଶ୍ୱାଳ, ପ୍ରମିଳା ପ୍ରଧାନ, କୁସୁମ ମିତ୍ର, ଅନୁସୂୟା ମଲ୍ଲିକ ପ୍ରମୁଖଙ୍କ ସମେତ ଅଞ୍ଚଳର ୬୦ରୁ ଊର୍ଦ୍ଧ୍ୱ ମାଛ ଚାଷୀ ସଚେତନତା ଶିବିରରେ ଅଂଶଗ୍ରହଣ କରିଥିଲେ।

## 'କାୟାକଳ୍ପ'ରେ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଜିଲ୍ଲାରେ ପ୍ରଥମ

ଚାରିଛକ, ୧୯।୩(ସମିସ)



ପୁରୀ ଜିଲ୍ଲାର ସର୍ବପୁରାତନ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚଳିତ ବର୍ଷର କାୟାକଳ୍ପରେ ୬ଷ୍ଠ ଥର ପାଇଁ ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ର କାୟାକଳ୍ପ ମାନ୍ୟତା ପାଇଥିବାବେଳେ କ୍ରମାଗତ ଭାବେ ତୃତୀୟଥର ପାଇଁ ଜିଲ୍ଲାରେ ପ୍ରଥମ ସ୍ଥାନ ଅଧିକାର କରିଛି। ଏଥିସହ ରାଜ୍ୟରେ ୭ ନମ୍ବର ସ୍ଥାନରେ ରହିଥିବାବେଳେ ନିମାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଜିଲ୍ଲାରେ ଦ୍ୱିତୀୟ ତଥା ରାଜ୍ୟରେ ୧୩ ନମ୍ବର ସ୍ଥାନ ଅଧିକାର କରିଛି। ସେହିପରି ମଙ୍ଗଳପୁର ଜିଲ୍ଲାରେ ୩ୟ ତଥା ରାଜ୍ୟରେ ୨୧ ନମ୍ବର ସ୍ଥାନ, କଣାସ ସ୍ୱାସ୍ଥ୍ୟକେନ୍ଦ୍ର ଜିଲ୍ଲାରେ ୪ର୍ଥ ଓ ରାଜ୍ୟରେ ୫୩ ନମ୍ବର ସ୍ଥାନରେ ରହିଛି। କାୟାକଳ୍ପ ଟିମ୍ ପରିଦର୍ଶନ ସମୟରେ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକ ପରିଷ୍କାର ପରିଚ୍ଛନ୍ନ, ସୁନ୍ଦର ପରିବେଶ ଓ ଔଷଧୀୟ ବୃକ୍ଷ ଉଦ୍ୟାନ, କାର୍ଯ୍ୟରତ ଡାକ୍ତରଙ୍କ ଉତ୍ତମ ରୋଗୀ ସେବା, ଅତ୍ୟାଧୁନିକ ମେସିନ୍ ଦ୍ୱାରା ରୋଗୀମାନଙ୍କ ରୋଗର ପରୀକ୍ଷା ନିରୀକ୍ଷା କରାଯିବା ସହ କର୍ମଚାରୀମାନଙ୍କ ଉତ୍ତମ ବ୍ୟବହାର ଦେଖି କାୟାକଳ୍ପ ଟିମ୍ ସନ୍ତୋଷ ପ୍ରକଟ କରିଥିଲେ। ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ପ୍ରଶାନ୍ତ କୁମାର ସାମନ୍ତରାୟଙ୍କ ସମେତ ଡା. ମହେଶ କୁମାର ମହାପାତ୍ର, ଡା. ଅଭିନନ୍ଦନ ମହାପାତ୍ର, ଡା. ସରୋଜାଲକ୍ଷ୍ମୀ ଦାଶ, ଡା. ସୌମ୍ୟରଞ୍ଜନ ବିଶ୍ୱାଳ, ବିପିଏମ୍ ଶିବ ନାରାୟଣ ନନ୍ଦ, ବିଏଏମ୍ ଆଶୁତୋଷ ମିଶ୍ରଙ୍କ ସମେତ ସମସ୍ତ କର୍ମଚାରୀଙ୍କ ଅକ୍ଳାନ୍ତ ପରିଶ୍ରମ ଓ ପ୍ରଚେଷ୍ଟା ଫଳରେ ଚଳିତ ବର୍ଷ କାୟାକଳ୍ପରେ ପ୍ରଥମ ସ୍ଥାନ ପାଇଛି। ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଜିଲ୍ଲାରେ ପ୍ରଥମ ସ୍ଥାନରେ ରହିଥିବାରୁ ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରଶାନ୍ତ କୁମାର ସାମନ୍ତରାୟ ସମସ୍ତ ଡାକ୍ତର, ନର୍ସିଂ ଅଫିସର, ଫାର୍ମାସିଷ୍ଟ, ଆଟେଣ୍ଡାଣ୍ଟ, ସୁରକ୍ଷା କର୍ମୀ, ସୁଇପର ସମେତ ସମସ୍ତ କର୍ମଚାରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ଏକାଦଶାହ ଶ୍ରଦ୍ଧାଞ୍ଜଳି



୰ ପଦ୍ମନାଭ ଖାଡଙ୍ଗା
ଆର୍ବିର୍ଭାବ : ୧୫.୦୪.୧୯୫୨
ତିରୋଧାନ : ୧୦.୦୩.୨୬
ଆପଣଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା
ଶୋକ ସନ୍ତପ୍ତ : ପୁଅ- ଅରୁଣ, ପୁତୁରା ଦିଲ୍ଲୁ, ଅଭିଜିତ, ସାନଭାଇ ପରମାନନ୍ଦ ପର୍ଶୁରାମ, ପବିତ୍ର, ଜ୍ୱାଇଁ - ରତନ, ଝିଅ ପ୍ରିୟଦର୍ଶିନି ଓ ଝିଆରୀ, ଆତ୍ମୀୟସ୍ୱଜନ
ସା- କୋକୋସିଂହ, ପୋ - କୁଞ୍ଜରୀ, ଥାନା - ଖୋର୍ଦ୍ଧା ସଦର, ପିନ୍ -୭୫୨୦୫୬, ଜି - ଖୋର୍ଦ୍ଧା, ବ୍ଲକ -ବେଗୁନିଆ

୧୯/୩/୨୦୨୬ (ଗୁରୁବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୫,୨୦,୮୮୦/- ସୁନା:୦୦.୦୦୦ ଗ୍ରାମ୍ ରୁପା: ୩୧.୫୦୦ ଗ୍ରାମ୍





## ଅମାବାସ୍ୟା ନାରାୟଣଙ୍କ ସାଗର ବିଜେ



ପୁରୀ,୧୯।୩(ସମିସ): ପ୍ରତି ଅମାବାସ୍ୟାରେ ଶ୍ରୀମନ୍ଦିରରୁ ଅମାବାସ୍ୟା ନାରାୟଣ ସାଗର ବିଜେ କରିଥା'ନ୍ତି। ଗୁରୁବାର ଚୈତ୍ର ପ୍ରତିପଦ ଅମାବାସ୍ୟା ତିଥିରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସକାଳ ଧୂପ ପରେ ଅମାବାସ୍ୟା ନାରାୟଣ ସାଗର ବିଜେ କରିଥିଲେ। ମହାଜନ ସେବକ ଅମାବାସ୍ୟା ନାରାୟଣଙ୍କୁ ହାତରେ ଧରି ପାଲିଙ୍କିରେ ବିଜେ କରାଇଥିଲେ। ପାଲିଙ୍କି ସିଂହଦ୍ୱାର ଦେଇ ସ୍ୱର୍ଗଦ୍ୱାର ସମୁଦ୍ରକୂଳରେ ବିଜେ କରାଯାଇଥିଲା। ସେଠାରେ ସାଗର ବିଜେ ନୀତି ଅନୁଷ୍ଠିତ ହୋଇଥିଲା। ଗରାବଡ୍ଡୁ ସେବକ ରୁପା ପିଙ୍ଗଣରେ ସମୁଦ୍ର ଜଳ ଆଣି ପଣ୍ଡାଙ୍କୁ ଦେବା ପରେ ତାହାକୁ ସଂସ୍କାର କରାଯାଇ ଠାକୁରଙ୍କୁ ଲାଗି କରାଯାଇଥିଲା।

ସାବତ ନିଯୋଗ ପକ୍ଷରୁ ପଣା ଭୋଗ, କର୍ପୂର ଆଳତି, ବନ୍ଦାପନା, ସଞ୍ଜୀ କାହାଳୀ ଆଳତି ପରେ ବିମାନବଡ୍ଡୁ ସେବକମାନେ ଠାକୁରଙ୍କୁ ପାଲିଙ୍କିରେ ନେଇ ଜମେଶ୍ୱର ମହାଦେବଙ୍କ ମନ୍ଦିର ଦେଇ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଏହାପରେ ଠାକୁରଙ୍କ ଅନ୍ୟାନ୍ୟ ନୀତି ବଢ଼ିଥିଲା।

### ଶ୍ରୀମନ୍ଦିର କାର୍ଯ୍ୟାଳୟରେ ସାହିଯାତ ବୈଠକ

## ଅଧିକ ଆର୍ଥିକ ଅନୁଦାନ ଦାବି



ପୁରୀ,୧୯।୩(ସମିସ): ଆସନ୍ତା ୨୭ ତାରିଖରୁ ଆରମ୍ଭ ହେଉଥିବା 'ଶ୍ରୀରାମ ଲୀଳା' ସାହିଯାତ୍ରାକୁ ଶୃଙ୍ଖଳିତ ଭାବେ ସମ୍ପାଦନ ପାଇଁ ଶ୍ରୀମନ୍ଦିର ନୀତି ପ୍ରଶାସକ ପ୍ରିୟରଞ୍ଜନ ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଗରୁବାର ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାହିର ସମ୍ପାଦକମାନେ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ସାହିଯାତ୍ରା ଶ୍ରୀକ୍ଷେତ୍ରର ଅନନ୍ୟ ପରମ୍ପରା ଓ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନୀତି ସହିତ ଜଡ଼ିତ। ଏହି ପ୍ରାଚୀନ ପରମ୍ପରାକୁ ବଜାୟ ରଖିବା ପାଇଁ ସବୁସ୍ତରରେ ଉଦ୍ୟମ ହେବା ଆବଶ୍ୟକ ବୋଲି ସମ୍ପାଦକମାନେ ମତ ଦେଇଥିଲେ। ଏଣୁ ଯାତ୍ରା ପାଇଁ ଅଧିକ ଆର୍ଥିକ ଅନୁଦାନ ମଞ୍ଜୁର କରିବାକୁ ସାହି ସମ୍ପାଦକମାନେ ବୈଠକରେ ଗୁରୁତ୍ୱାରୋପ କରିଥିଲେ। ସାହିମାନେ ଉତ୍ତମ ସମନ୍ୱୟ ରକ୍ଷାକରି ସାହି ପରିକ୍ରମା ପୂର୍ବକ ଯଥା ସମୟରେ ସିଂହଦ୍ୱାର ନିକଟରେ ପହଞ୍ଚିବାକୁ ନୀତି ପ୍ରଶାସକ ପରାମର୍ଶ ଦେବା ସହିତ ସାହିଯାତ୍ରାର ପରିକ୍ରମା ମାର୍ଗ ପରିଚ୍ଛନ୍ନ ରଖିବାକୁ ପୌରସଂସ୍ଥା ପକ୍ଷରୁ ବିହିତ ବ୍ୟବସ୍ଥା ଗ୍ରହଣ କରାଯାଇଥିବା ବୈଠକରେ ପ୍ରକାଶ କରିଥିଲେ। ଏହି ବୈଠକରେ ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀମାନେ ଉପସ୍ଥିତ ଥିଲେ।

### ପୁରୀ ଜିଲ୍ଲାରେ ଧାନ କିଣାରେ ଚରମ ଅବ୍ୟବସ୍ଥା

# ଚାଷୀଙ୍କ ସହ ନ ଖେଳନ୍ତୁ ସରକାର: ସଞ୍ଜୟ

ପୁରୀ,୧୯।୩(ସମିସ)

ପୁରୀ ଜିଲ୍ଲାରେ ଧାନ କିଣାରେ ଚରମ ଅବ୍ୟବସ୍ଥା ନେଇ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ଉପରେ ବର୍ଷିଛନ୍ତି ବିଜେଡିର ବରିଷ୍ଠ ଉପ ସଭାପତି ତଥା ରାଜନୈତିକ ବ୍ୟାପାର କମିଟି ସଦସ୍ୟ ସଞ୍ଜୟ କୁମାର ଦାସବର୍ମା। ହୋଟେଲ ଏମ୍ପାୟାରରେ ଗୁରୁବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଦାସବର୍ମା କହିଛନ୍ତି,

ଜିଲ୍ଲାରେ ଚଳିତ ବର୍ଷ ଖରିଫ ଋତୁରେ ୧୯ ଲକ୍ଷ କ୍ୱିଣ୍ଟାଲ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ରହିଥିବାବେଳେ ୫୯ ହଜାର ୧୮୬ ଜଣ ଚାଷୀ ପଞ୍ଜୀକୃତ ହୋଇଥିଲେ। ଚାଷୀମାନଙ୍କୁ ଭ୍ୟାଲିଡ୍ ଟୋକନ୍ ମଧ୍ୟ ପ୍ରଦାନ କରାଯାଇଛି। କିନ୍ତୁ ମାର୍ଚ୍ଚ ୧୯ ତାରିଖ ସୁଦ୍ଧା ପୁରୀ ଜିଲ୍ଲାର ୧୧ ହଜାର ଚାଷୀ ୩ ଲକ୍ଷ କ୍ୱିଣ୍ଟାଲ ବିଭିନ୍ନ ମଣ୍ଡିରେ ମାସାଧିକ କାଳ ପାଲ ପକେଇ ବସିଛନ୍ତି। ଜିଲ୍ଲାର ଡେଲାଙ୍ଗ, କାକଟପୁର, ନିମାପଡ଼ା, ଗୋପ ଓ ପିପିଲି ଚାଷୀକୁଳର ଅବସ୍ଥା କହିଲେ ନ ସରେ। ୨୦୨୫-୨୬ ରବି ଧାନ ସଂଗ୍ରହ ପାଇଁ ଚଳିତ ମାସ ୧୦ ତାରିଖରୁ ଫର୍ମ ପୂରଣ କରି ମାର୍ଚ୍ଚ ୨୦ ତାରିଖ ମଧ୍ୟରେ ଦାଖଲ ପାଇଁ କୁହାଯାଇଛି। ସଂଗୃହିତ ସମସ୍ତ ଫର୍ମକୁ ମାର୍ଚ୍ଚ ୨୫ ସୁଦ୍ଧା ଡିଜିଟାଇସନ୍ କରିବା ପାଇଁ ସ୍ଥିର କରାଯାଇଛି। ଜିଲ୍ଲାରେ ରବି ଧାନ କ୍ରୟ ଲାଗି ୧୪୫ଟି କ୍ରୟ କେନ୍ଦ୍ର ଖୋଲିବା ପାଇଁ ନିଷ୍ପତ୍ତି ହେଇଥିବାବେଳେ ଗୁରୁବାର ଅର୍ଥାତ୍ ମାର୍ଚ୍ଚ ୧୯ ତାରିଖ ସୁଦ୍ଧା ମାତ୍ର ୬୮ଟି କେନ୍ଦ୍ର କାର୍ଯ୍ୟକ୍ଷମ ହୋଇଛି।



ଦୁଇବର୍ଷ ତଳୁ ଜିଲ୍ଲାର ପଞ୍ଜିକୃତ ହୋଇଥିବା ନୂତନ ଭାବେ ଗଠିତ ପ୍ରାଥମିକ ସେବା ସମବାୟ ସମିତିକୁ ପଞ୍ଜୀକରଣ ଏବଂ ଧାନ କିଣା ବିକାରେ ସାମିଲ୍ କରା ନ ଯାଇ ୬ ମାସ ତଳେ ପଞ୍ଜିକୃତ ହୋଇଥିବା ଅତିରିକ୍ତ ସେବା ସମବାୟ ସମିତିକୁ ଜିଲ୍ଲା ସମବାୟ ସମିତି ନିବେଦକ ନୂତନ ସେବା ସମବାୟ ସମିତିଗୁଡ଼ିକୁ ଚାଷୀ ପଞ୍ଜୀକରଣ କରିବା ଲାଗି ପ୍ରଶାସନିକ ନିଷ୍ପତ୍ତି ନେଇଥିବାରୁ ଶ୍ରୀ ଦାସବର୍ମା ଏହାର ତୀବ୍ର ନିନ୍ଦା କରିଛନ୍ତି।

**■ ରବିରେ ଜିଲ୍ଲାର ୩୮ ପ୍ରତିଶତ ଚାଷୀ ଧାନ ବିକ୍ରିରୁ ବଞ୍ଚିତ ହୋଇଥିଲେ**
**■ ସବୁ ଚାଷୀଙ୍କଠୁ ଧାନ ନ କିଣିଲେ ଭୟଙ୍କର ଚାଷୀ ଆନ୍ଦୋଳନ ସୃଷ୍ଟି ହେବ**

ସେହିପରି ରବି ଧାନ ସଂଗ୍ରହ ପାଇଁ ରାଜ୍ୟ ସରକାରଙ୍କ ନିୟମାବଳୀକୁ ତୀବ୍ର ନିନ୍ଦା କରିବା ସହ ଏହା ସମ୍ପୂର୍ଣ୍ଣ ଚାଷୀ ବିରୋଧୀ। ଏହାଦ୍ୱାରା ହଜାର ହଜାର ଚାଷୀ ପଞ୍ଜୀକରଣ କରି ଧାନ ବିକ୍ରି କରିବାରୁ ବଞ୍ଚିତ ହେବେ। ପ୍ରାଥମିକ ସେବା ସମବାୟ ସମିତିଗୁଡ଼ିକୁ ଇ-କେୱାଇସି କରିବା ପାଇଁ ବାଧ କରିବା, ଉତ୍ତରାଧିକାରୀ ସତ୍ତ୍ୱ ପ୍ରଦାନ କରିବା ଲାଗି ସମ୍ପୂର୍ଣ୍ଣ ବଂଶାବଳୀର ପ୍ରମାଣପତ୍ର ପ୍ରଦାନ ସହିତ କେଉଁମାନେ ଚାଷ ଜମିର ଉତ୍ତରାଧିକାରୀ ଏବଂ ପରିବାରର ସମସ୍ତ ପରିବାରବର୍ଗଙ୍କ ପଞ୍ଜୀକରଣ ପାଇଁ ସମିତିପତ୍ର ବାଧ୍ୟତାମୂଳକ ବୋଲି ବିଭାଗୀୟ ଅଧିକାରୀମାନେ ଗଣ୍ଠି କରିଥିବାରୁ ରବି ଧାନ ସଂଗ୍ରହ ପାଇଁ ଭୟଙ୍କର ପରିସ୍ଥିତି ସୃଷ୍ଟି ହେବାକୁ ଯାଉଛି ବୋଲି ଶ୍ରୀ ଦାସବର୍ମା ଚେତାଇ ଦେଇଥିଲେ। ନୂତନ ସରକାର ଓଡ଼ିଶାର ଚାଷୀକୁଳ ପ୍ରତି କରିଥିବା ପ୍ରତାରଣାକୁ ଶ୍ରୀ ଦାସବର୍ମା ଗଭୀର ନିନ୍ଦା କରିଛନ୍ତି। ଏହି ଅବସରରେ ଶ୍ରୀ ଦାସବର୍ମା ଚାଷୀକୁଳର ହିତ ପାଇଁ ଜିଲ୍ଲାପାଳଙ୍କ ନିକଟରେ କେତେକ ଦାବି ରଖିଛନ୍ତି। ତୁରନ୍ତ ସମବାୟ ବିଭାଗ, ଖାଦ୍ୟ ଯୋଗାଣ ବିଭାଗ ଓ ରାଜସ୍ୱ ବିଭାଗର ଏକ ମିଳିତ ଉଚ୍ଚସ୍ତରୀୟ ବୈଠକ ଡାକି ୨୦୨୪-୨୫ ରବି ଋତୁ ସମୟରୁ ଯେଉଁ ୪ ଲକ୍ଷ କ୍ୱିଣ୍ଟାଲ ଏବଂ ୨୦୨୪-୨୫ ଖରିଫ ଋତୁରେ ସଂଗୃହିତ ୧ ଲକ୍ଷ କ୍ୱିଣ୍ଟାଲ ଧାନ ଯାହା ଜିଲ୍ଲାର ବିଭିନ୍ନ ମିଲ୍‌ରେ ପଡ଼ିରହିଛି ତାହାକୁ ତୁରନ୍ତ ଷ୍ଟେଟ୍ ପୁଲ୍‌କୁ ହସ୍ତାନ୍ତର କରାଯିବ ସେ ପ୍ରକ୍ରିୟାକୁ ପ୍ରାଥମିକ ଭାବରେ ଗୁରୁତ୍ୱ ଦିଅନ୍ତୁ। ଏଥିସହିତ ଚଳିତ ଖରିଫ ଋତୁରେ ଏକ ମାସରୁ ଉର୍ଦ୍ଧ୍ୱ ବିଭିନ୍ନ ମଣ୍ଡିରେ ପଡ଼ିରହିଥିବା ହାରାହାରି ୪ ଲକ୍ଷ କ୍ୱିଣ୍ଟାଲ ଧାନ କିଭଳି ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସଂଗ୍ରହ କରାଯିବା ସହ ତ୍ୱରିତ ପଦକ୍ଷେପ ଜିଲ୍ଲା ପ୍ରଶାସନ ନେଉ। ତୁରନ୍ତ ରାଜ୍ୟ ସରକାରଙ୍କ ଫୁଡ୍ ପଲିସି ବା ଖାଦ୍ୟ ନୀତିରେ ଥିବା ଚାଷୀ ବିରୋଧୀ ନିଷ୍ପତ୍ତି ତୁରନ୍ତ ପ୍ରତ୍ୟାହାର କରି ପୁରୀ ଜିଲ୍ଲାର ସମସ୍ତ ଚାଷୀକୁଳ ଧାନ ବିକ୍ରି କରିପାରିବ ସେଥିପାଇଁ ଜିଲ୍ଲା ପ୍ରଶାସନ ପଦକ୍ଷେପ ନେବାକୁ ଶ୍ରୀ ଦାସବର୍ମା କହିଛନ୍ତି।

ଆଗାମୀ ଦିନରେ ଜିଲ୍ଲାରେ ଭୟଙ୍କର ଚାଷୀ ଆନ୍ଦୋଳନ ସୃଷ୍ଟି ହେବ ବୋଲି ଶ୍ରୀ ଦାସବର୍ମା ଚେତାବନୀ ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ପୁରୀ ନିମାପଡ଼ା ବ୍ୟାଙ୍କର ନିର୍ଦ୍ଦେଶକ ଭଗବାନ ନାୟକଙ୍କ ସହିତ କୃଷକ ନେତା ଯୁଧିଷ୍ଠିର ନାୟକ ଓ ବିଜୟ କୁମାର ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ।

## ପୁରୀରେ ହେଉ ଆଧ୍ୟାତ୍ମିକ ଗୀତିକବିତା ସମାବେଶ

ପୁରୀ,୧୯।୩(ସମିସ): ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତିର ସମୃଦ୍ଧି ପାଇଁ ଓଡ଼ିଆ ଭାଗବତ ସ୍ରଷ୍ଟା ଅତିବଡ଼ୀ ଜଗନ୍ନାଥ ଦାସଙ୍କ ସାଧନା ପୀଠ ସାତଲହଡ଼ି ମଠରେ ପ୍ରତିମାସର ପ୍ରଥମ ରବିବାର ଭାଗବତ ମହୋତ୍ସବ ଆରମ୍ଭ କରିବାକୁ ଓଡ଼ିଶା ଯୁବ ଚେତନା ସଂଗଠନର ରାଜ୍ୟ ସଭାପତି ବଦ୍ରି ମିଶ୍ର ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ଭେଟି ପ୍ରସ୍ତାବ ଦେଇଛନ୍ତି। ଏଥିସହ ଓଡ଼ିଆ ସାହିତ୍ୟ ଏକାଡେମୀ ଓ ସଂସ୍କୃତି ବିଭାଗର ମିଳିତ ସହଯୋଗରେ ପୁରୀରେ ଆଧ୍ୟାତ୍ମିକ ଗୀତିକବିତା ସମାବେଶ ଓ ପଦ୍ମଶ୍ରୀ ମାଗୁଣି ଦାସଙ୍କ ଦଶଭୂଜା ଗୋଟିପୁଅ ଓଡ଼ିଶୀ ନୃତ୍ୟ ପରିଷଦ ରଘୁରାଜପୁର ପକ୍ଷରୁ ସାହିତ୍ୟ ଓ ସଂସ୍କୃତିକୁ ନେଇ ଦିଲ୍ଲୀରେ ଗୋଟିପୁଅ ନୃତ୍ୟ ପରିବେଷଣ ପାଇଁ ପ୍ରାକ୍ତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ମିଶନ ଓଡ଼ିଶା ସମ୍ପାଦକ ମଧୁସୂଦନ ମିଶ୍ର, ଜିଲ୍ଲା କଳାକାର ସଂଘର ଉପସଭାପତି ବସନ୍ତ କୁମାର ପ୍ରଧାନ ଓ ନୃତ୍ୟଗୁରୁ ବଟକୃଷ୍ଣ ପ୍ରଧାନ ମନ୍ତ୍ରୀଙ୍କ ସହ ଆଲୋଚନା କରିଛନ୍ତି। ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତିର ବିକାଶ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମନ୍ତ୍ରୀ କହିଛନ୍ତି।

### ପ୍ରଶିକ୍ଷଣ କାର୍ଯ୍ୟକ୍ରମ 'ପ୍ରବୋଧନ'

## ଶିକ୍ଷକଙ୍କୁ ଦିଆଯାଉଛି ନିମ୍ନମାନର ଖାଦ୍ୟ

ପୁରୀ,୧୯।୩(ସମିସ): ଓଡ଼ିଶା ପାଠ୍ୟକ୍ରମ ରୂପରେଖ ୨୦୨୫ ଆଧାରରେ ଶିକ୍ଷକମାନଙ୍କ ନିମନ୍ତେ ପ୍ରଶିକ୍ଷଣ 'ପ୍ରବୋଧନ' ନାମରେ ପ୍ରତ୍ୟେକ ବ୍ଲକ୍‌ରେ ୫ ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଚାଲିଛି। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପରୀକ୍ଷା ପୂର୍ବରୁ ହେଉଥିଲା, ଏବେ ପରୀକ୍ଷା ପରେ ଆରମ୍ଭ ହୋଇଛି। ହେଲେ ଏଥିରେ ବହୁ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ରାଜ୍ୟ ସଭାପତି ବ୍ରହ୍ମାନନ୍ଦ ମହାରଣା କହିଛନ୍ତି, ନିର୍ଦ୍ଦେଶନାମାରେ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ତାଲିମ ନେବାକୁ ଲେଖା ନାହିଁ। କିନ୍ତୁ ଶିକ୍ଷକମାନଙ୍କୁ ୧୦ଟାରୁ ୫ଟା ପର୍ଯ୍ୟନ୍ତ ତାଲିମ ଦିଆଯାଉଛି। ଏହା ଶିକ୍ଷକମାନଙ୍କ ମନରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି। ସରକାରଙ୍କ ତରଫରୁ ପ୍ରଶିକ୍ଷଣରେ ଅଂଶଗ୍ରହଣ କରିଥିବା ପ୍ରଶିକ୍ଷାର୍ଥୀଙ୍କ ଗସ୍ତ ଖର୍ଚ୍ଚ ପାଇଁ ଦୈନିକ ୭୦ ଟଙ୍କା, ଚା' ଓ ସ୍ନାକ୍ସ ପାଇଁ ୨୦ ଟଙ୍କା, ମଧ୍ୟାହ୍ନଭୋଜନ ପାଇଁ ୧୦୦ ଟଙ୍କା, ପେନ୍ ଓ ଲେଖିବା ପ୍ୟାଡ୍ ପାଇଁ ୩୦ ଟଙ୍କା ଶିକ୍ଷଣ ସାମଗ୍ରୀ ଓ କଣ୍ଟିଜେନ୍ସି ପାଇଁ ୩୦ ଟଙ୍କା ଓ ତାଲିମ ଦେଉଥିବା ସାଧନକର୍ମୀଙ୍କ ପାଇଁ ଦୈନିକ ୩୦୦ ଟଙ୍କା ଖର୍ଚ୍ଚ କରିବାକୁ ନିର୍ଦ୍ଦେଶ ଥିବାବେଳେ ବିଭିନ୍ନ ବ୍ଲକ୍‌ର କେନ୍ଦ୍ରରେ ଏହାର ବ୍ୟତିକ୍ରମ ଦେଖାଯାଉଛି। ଶିକ୍ଷକମାନଙ୍କୁ ନିମ୍ନମାନର ପେନ୍ ଓ ଖାତା ଦିଆଯାଉଛି। କଣ୍ଟିଜେନ୍ସି ଓ ଶିକ୍ଷଣ ସାମଗ୍ରୀ ଆଦୌ ଦିଆଯାଉନାହିଁ କିମ୍ବା ଏଥିପାଇଁ ଧାର୍ଯ୍ୟ କରାଯାଇଥିବା ଟଙ୍କା ଶିକ୍ଷକମାନଙ୍କୁ ପ୍ରଦାନ କରାଯାଉନାହିଁ। ମଧ୍ୟାହ୍ନଭୋଜନ ପାଇଁ ଧାର୍ଯ୍ୟ କରାଯାଇଥିବା ଟଙ୍କା ଖର୍ଚ୍ଚ କରା ନ ଯାଇ ନିମ୍ନମାନର ମଧ୍ୟାହ୍ନଭୋଜନ ଦିଆଯାଉଥିବା ଶ୍ରୀ ମହାରଣା କହିଛନ୍ତି।

କୃଷ୍ଣପ୍ରସାଦ ବ୍ଲକ୍ ନୂଆପଡ଼ା ସର୍କଲରେ ଚାଲିଥିବା ଏକ ତାଲିମ କେନ୍ଦ୍ରରେ ବ୍ୟାପକ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ପ୍ରବୋଧନ ତାଲିମରେ ୪ ଜଣ ସାଧନକର୍ମୀ ତାଲିମ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ୨ ଜଣ ସାଧନକର୍ମୀରେ କାମ ଚଳାଇ ଅନ୍ୟ ଦୁଇଜଣଙ୍କ ୫ ଦିନର ୩୦୦୦ ଟଙ୍କା ହଡ଼ପ କରାଯାଉଥିବା ଅଭିଯୋଗ ହେଉଛି। ପ୍ରଥମ ଦିନ ଭାତ, ପାଣିଆ ଡାଲମା ଓ ଖଟା ଅପରାହ୍ନ ୨ଟା ୩୦ରେ ଦିଆଗଲା। ଦ୍ୱିତୀୟ ଦିନ ଭାତ ଓ ଘାଣ୍ଟ ଅପରାହ୍ନ ୩ଟା ୩୦ରେ ଦିଆଗଲା। ପୁନଶ୍ଚ ଦ୍ୱିତୀୟ ଥର ମାଗିଲେ ମିଳୁନି। ଶିକ୍ଷକମାନେ ଭୋକରେ ଆଉଟୁପାଉଟୁ ହୋଇ ଅଭିଯୋଗ କଲେ ମଧ୍ୟ ସେମାନଙ୍କ କଥା ଶୁଣାଗଲା ନାହିଁ। ସେମାନଙ୍କୁ ପାଟି ନ ଖୋଲିବାକୁ ଧମକ ଦିଆଗଲା। ପାଟି ଖୋଲିଲେ ବଦଳି କରାଯିବ ବୋଲି ଧମକ ଦିଆଯାଉଛି। ଏଠି ପ୍ରଶ୍ନ ଉଠୁଛି କାହା ଇଙ୍ଗିତରେ ଏହା କରାଯାଉଛି। ତାଲିମ କେନ୍ଦ୍ରରେ ସଠିକ୍ ଟଙ୍କା ଖର୍ଚ୍ଚ ନ କରି ଏକ ବଡ଼ ଅଂଶ ଉପରିସ୍ଥ ଅଧିକାରୀଙ୍କୁ ଖୁସି କରିବା ପାଇଁ ଦିଆଯାଉଛି ବୋଲି ଜଣେ ଶିକ୍ଷକ ନାମ ଗୋପନ ରଖି କହିଛନ୍ତି। ସବୁଠାରୁ ବଡ଼ ପ୍ରଶ୍ନ ହେଉଛି ପିଲାମାନଙ୍କ ବାର୍ଷିକ ପରୀକ୍ଷା ସରିଥିବାବେଳେ ସେମାନଙ୍କ ଖାତା ଦେଖି ମାର୍ଚ୍ଚ ୧୯ ତାରିଖରେ ଫଳାଫଳ ପ୍ରକାଶ କରିବାକୁ ନିର୍ଦ୍ଦେଶ ଥିବାବେଳେ କାହିଁକି ବର୍ତ୍ତମାନ ଶିକ୍ଷକମାନଙ୍କୁ ତାଲିମ ଦିଆଯାଉଛି ବୋଲି ବୁଦ୍ଧିଜୀବୀ ପ୍ରଶ୍ନ କରିଛନ୍ତି।

**କଣ୍ଟିଜେନ୍ସି ଓ ଶିକ୍ଷଣ ସାମଗ୍ରୀ ଆଦୌ ଦିଆଯାଉ ନ ଥିବା ଅଭିଯୋଗ**

ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ରାଜ୍ୟ ସଭାପତି ଶ୍ରୀ ମହାରଣା କହିଛନ୍ତି, ପରୀକ୍ଷା ପୂର୍ବରୁ ଶିକ୍ଷକମାନେ ପାଠ୍ୟକ୍ରମ ସାରିବାକୁ ବ୍ୟସ୍ତ ଥିବେ। ପରୀକ୍ଷା ପରେ ଶିକ୍ଷକମାନେ ପରୀକ୍ଷା ଖାତା ଦେଖିବା, ଫଳାଫଳ ବାହାର କରିବା ଓ ପ୍ରଗତିପତ୍ର ଲେଖିବାରେ ବ୍ୟସ୍ତ ରହିବେ। ତେଣୁ ଏହି ସମୟରେ ତାଲିମ ନ କରିବା ଉଚିତ୍। ଏ ସମ୍ପର୍କରେ ଜିଲ୍ଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀ କହିଛନ୍ତି, ଏହା ବ୍ଲକ୍‌ସ୍ତରରେ ଚାଲିଛି। ଯଦି କେଉଁଠି ଏମିତି ହେଉଛି ତାହାର ଅନୁଧ୍ୟାନ କରାଯାଇ ପଦକ୍ଷେପ ନିଆଯିବ।

## ବିପଦ: ବ୍ରିଜ୍ ତଳୁ ତାଡ଼ି ନିଆଯାଉଛି ମାଟି

ପୁରୀ,୧୯।୩(ସମିସ): କିଛିଦିନ ତଳେ ବିଧାନସଭାର ପ୍ରଶ୍ନ ଉତ୍ତରରେ ବିଭାଗୀୟ ମନ୍ତ୍ରୀ କହିଥିଲେ କୌଣସି ବ୍ରିଜ୍ ତଳୁ ମାଟି ଖୋଳା ହୋଇପାରିବ ନାହିଁ। ହେଲେ ପୁରୀ ଜିଲ୍ଲାରେ ଏହାକୁ ଫୁ'



କରିଛନ୍ତି ମାଫିଆ। ଖୁଲମ୍‌ଖୁଲା ବ୍ରିଜ୍ ପିଲାର ମୂଳରୁ ହିଁ ତାଡ଼ି ନେଉଛନ୍ତି ବାଲି, ମାଟି। ଏ ସମ୍ପର୍କରେ ଆପ୍ ଜିଲ୍ଲା ସଭାପତି ସଞ୍ଜୀବ କୁମାର ମହାନ୍ତି ଅଭିଯୋଗ କରିଛନ୍ତି ଯେ, ସବୁଠୁ ବଡ଼କଥା ହେଉଛି ରାଜ୍ୟରେ ବାଲି, ମାଟି ଚୋରାଚାଲାଣ ଏବେ ବ୍ୟାପକ ମାତ୍ରାରେ ଚାଲିଛି। ଏହାକୁ ନେଇ ବିଭିନ୍ନ ସମୟରେ ହୋହଲ୍ଲା ପରିସ୍ଥିତି ବି ଉପୁଜୁଛି। ଏଥିପାଇଁ କେତେକ ବ୍ରିଜ୍ ବିପଦରେ ବୋଲି ଅଭିଯୋଗ ହେବା ପରେ ଏହାକୁ ବେଶ୍ ଗମ୍ଭୀରତାର ସହ ନେଇଥିଲେ ସରକାର। ଏହି ମର୍ମରେ ବ୍ରିଜ୍‌ର ୧ କି.ମି. ଦୂରତା ପର୍ଯ୍ୟନ୍ତ କେହି ଖୋଳିପାରିବେ ନାହିଁ ବୋଲି ଅଧିକାରୀଙ୍କୁ ନୋଟିସ୍ ଜାରି କରିଥିଲେ। ହେଲେ କଣାସ ବ୍ଲକ୍ ପାଣ୍ଡିଆକେରା ପଞ୍ଚାୟତ ଭାଟପଡ଼ାଠାରେ ଏକ ବ୍ରିଜ୍ ନିର୍ମାଣ ହେଉଛି। ଦିନ ଦ୍ୱିପ୍ରହରରେ ଏଠାରୁ ଏଭଳି ମାଟି ତାଡ଼ିନିଆଯାଉଛି ଯେ, ଏବେ ବିପଦରେ ସେହି ବ୍ରିଜ୍। ହେଲେ ଏ ଦିଗରେ ସରକାରୀ ଅଧିକାରୀ ସମସ୍ତେ ଚୁପ୍। ଆଶ୍ଚର୍ଯ୍ୟର କଥା ଖୋଦ୍ ତହସିଲ୍‌ଦାର ମଧ୍ୟ ବ୍ରିଜ୍‌ଠାରୁ କେତେ ଦୂରତା ଖୋଳିବା ପାଇଁ କଟକଣା ରହିଛି ତାହା ଅବଗତ ନାହାନ୍ତି। ବ୍ରିଜ୍ ତଳେ ବ୍ୟକ୍ତିଗତ ପ୍ଲଟ୍ ବୋଲି ଗଣମାଧ୍ୟମକୁ କହିଛନ୍ତି। ବଡ଼ କଥା ଯେଉଁ କମ୍ପାନୀ କାମ ନେଇଛି ସେ ବାବୁଙ୍କୁ ବ୍ରିଜ୍ ତଳୁ ମାଟି ଉଠେଇବା ପାଇଁ ଅନୁମତି ମାଗିଛି। ତେଣୁ ସେ ସଂସ୍ଥା ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଶ୍ରୀ ମହାନ୍ତି ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି ରଖିଛନ୍ତି।

## ୧୦.୯୦ ଗ୍ରାମ୍ ବ୍ରାଉନ୍‌ସୁଗର ଜବତ, ୪ ଗିରଫ

ପୁରୀ,୧୯।୩(ସମିସ): ପୁରୀକୁ ଅପରାଧମୁକ୍ତ ଓ ବେଆଇନ ନିଶା କାରବାର ମୁକ୍ତ କରିବା ଲାଗି ପୁଲିସ ପକ୍ଷରୁ ଚାଲିଛି ଅପରେସନଚକ୍ର। ଏହି ଅଭିଯାନରେ ପୁଣି ୪ ଜଣ ପେସାଦାର ବ୍ରାଉନ୍‌ସୁଗର ବେପାରୀକୁ ଗିରଫ କରିଛି ଟାଉନ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଲେ ସୁଆରସାହିର ଦୀପକ ସୁଆର (୩୬), ପଥୁରିଆ ସାହିର ଭବାନୀଶଙ୍କର ମଙ୍ଗରାଜ (୩୨), ପାଣ୍ଡଜାଗାର ରଘୁନାଥ ନନ୍ଦ (୩୫) ଓ ମାର୍କଣ୍ଡେଶ୍ୱର ସାହି ନୂଆପାଟଣା ଲେନ୍‌ର ଆଶୁତୋଷ ଦାଶ (୩୨)। ଏମାନଙ୍କ ନିକଟରୁ ପୁଲିସ ୧୦.୯୦ ଗ୍ରାମ୍ ଧଳାଜହର ଜବତ କରିବା ସହ ୨ଟି ମୋବାଇଲ ଫୋନ୍ ଏବଂ ୮୦୦ ଟଙ୍କା ଜବତ କରାଯାଇଛି। ବୁଧବାର ସନ୍ଧ୍ୟାରେ ଜଗନ୍ନାଥ ବଲ୍ଲଭ ବହୁତଳ ପାର୍କିଂ ପାଖରେ ବ୍ରାଉନ୍‌ସୁଗର ବିକିବା ପାଇଁ ୩ ବେପାରୀଙ୍କ ସହ ମୁଲଚାଲ କରାଯାଉଥିଲା। ଖବର ପାଇ ପୁଲିସ ଚଢ଼ଉ କରି ସମସ୍ତ ୪ ଜଣଙ୍କୁ କାବୁ କରିଥିଲା। ସେମାନଙ୍କଠାରୁ ଉକ୍ତ ପରିମାଣର ବ୍ରାଉନ୍‌ସୁଗର ଜବତ ହୋଇଛି। ଏ ନେଇ ଥାନାରେ ଏକ ମାମଲା (ନଂ.୧୭୫/୨୬) ରୁଜୁ କରାଯାଇ ଗୁରୁବାର ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ମାତ୍ର ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ଜିଲ୍ଲା କାରାଗାରକୁ ପଠାଇ ଦିଆଯାଇଛି। ଏହି ଅଭିଯୁକ୍ତମାନଙ୍କ ନାମରେ ପୂର୍ବରୁ ମଧ୍ୟ ବ୍ରାଉନ୍‌ସୁଗର ମାମଲା ସମେତ ଆକ୍ରମଣ ଓ ହତ୍ୟା ଉଦ୍ୟମ ମାମଲା ବିଭିନ୍ନ ଥାନାରେ ରହିଛି।

### ସାଇବର ଠକଙ୍କ ଅଭିନବ ତରିକା

## ନମ୍ବର ହ୍ୟାକ୍ ପରେ ସମ୍ପର୍କୀୟଙ୍କୁ ହ୍ୱାଟ୍ସଆପ୍‌ରେ ମାଗିଲେ ଟଙ୍କା

ପୁରୀ,୧୯।୩(ସମିସ): ବଢ଼ିଗଲାଣି ସାଇବର ଠକେଇ। ବିଭିନ୍ନ ଉପାୟରେ ଟଙ୍କା ଠକି ନେଉଛନ୍ତି ସାଇବର ଅପରାଧୀ। ସେମାନଙ୍କ ଟଙ୍କା ଲୁଟିବା ପାଇଁ ବିଭିନ୍ନ ପ୍ରକାର ତରିକା ଆପଣାଉଛନ୍ତି। ଏଭଳି ଏକ ନୂଆ ତରିକାରେ ଟଙ୍କା ଠକିନେବାକୁ ଉଦ୍ୟମ କରିଥିଲେ। ହେଲେ ଜଣେ ସଚେତନ ନାଗରିକ ହାବୁଡ଼ରେ ପଡ଼ିଯିବାରୁ ସେମାନେ ସଫଳ ହୋଇପାରି ନ ଥିଲେ। ଗୁରୁବାର ସାଇବର ଥାନାରେ ବୁଦ୍ଧିଜୀବୀ ହେକ୍ଟର ମିଶ୍ର କରିଥିବା ଅଭିଯୋଗ ଅନୁଯାୟୀ, ପୂର୍ବାହ୍ନ ୧୦ଟା ୪୦ରେ ପ୍ରସିଦ୍ଧ କାର୍ଡିଓଲୋଜିଷ୍ଟ ଡା. ପି.କେ. ସାହୁ ତାଙ୍କ ହ୍ୱାଟ୍ସଆପ୍‌କୁ ମେସେଜ କରିଥିଲେ। ତାଙ୍କର ତୁରନ୍ତ ୩୫ ହଜାର ଟଙ୍କା ଦରକାର ବୋଲି ଲେଖିଥିଲେ। ଶ୍ରୀ ମିଶ୍ର ରାଜି ହୋଇ ସେହି ମେସେଜରେ ଫୋନ୍ ପେ' ନମ୍ବର ମାଗିଥିଲେ। ସେପଟୁ ଏକ ନମ୍ବର ମଧ୍ୟ ଆସିଥିଲା। ଯେହେତୁ ଡାକ୍ତର ସାହୁ ତାଙ୍କର ଅତ୍ୟନ୍ତ ଘନିଷ୍ଠ ତେଣୁ ଶ୍ରୀ ମିଶ୍ର ଫୋନ୍ କରିଥିଲେ। ଡା. ସାହୁ ତାଙ୍କ ନମ୍ବର ହ୍ୟାକ୍ କରାଯାଇ ଏଭଳି ଅନେକ ଲୋକଙ୍କୁ ଟଙ୍କା ମଗାଯାଇଛି। ସେ ଏବେ ଥାନାରେ ଅଭିଯୋଗ କରୁଛନ୍ତି ବୋଲି ଜଣାଇଥିଲେ। ଏପରିକି କିଛି ଲୋକ ଟଙ୍କା ପଠାଇ ଦେଇଥିବା ମଧ୍ୟ କହିଥିଲେ। ଏହାପରେ ଶ୍ରୀ ମିଶ୍ର ତାଙ୍କ ପାଖକୁ ଆସିଥିବା ଫୋନ୍ ପେ' ନମ୍ବରକୁ ନେଇ ପୁରୀ ସାଇବର ଥାନାରେ ଅଭିଯୋଗ କରିବା ସହ ଅଭିଯୁକ୍ତକୁ ଧରିବା ପାଇଁ ଅନୁରୋଧ କରିଛନ୍ତି।

# ଗରିବ କୁଡ଼ିଆରୁ ପଞ୍ଚତାରକା ହୋଟେଲ ମହକୁଛି ପଖାଳ ବାସ୍ନା

ପୁରୀ,୧୯।୩(ସମିସ)

ଉତ୍କଳୀୟ ପରମ୍ପରାରେ ଖାଦ୍ୟର ଯେଉଁ ବିଶେଷତ୍ୱ ରହିଛି ତା' ମଧ୍ୟରୁ ପଖାଳ ଅନ୍ୟତମ। ଓଡ଼ିଆ ଘରର ପ୍ରିୟ ଖାଦ୍ୟ ପଖାଳ। ପ୍ରତି ଓଡ଼ିଆଙ୍କ ଆବେଗ ହେଉଛି ପଖାଳ। ଦିନ ଥିଲା ଗାଁ ଗହଳି ଲୋକଙ୍କ ଜୀବନ ଶୈଳୀରେ ପଖାଳ ଏକ ସ୍ୱତନ୍ତ୍ର ସ୍ଥାନ ନେଇଥିଲା। ପଖାଳ କଂସା ଧରି ଏକାଠି ବସି ଖାଇବା ପ୍ରତିଟି ଓଡ଼ିଆ ଘରେ ସମ୍ପର୍କକୁ ସୁଦୃଢ଼ କରୁଥିଲା। ହେଲେ ପଖାଳ କଂସାର ନିଆରା ଆକର୍ଷଣ ଆଉ ଗାଁ ଗହଳିରେ ସୀମିତ ନାହିଁ। ସହରବାସୀ ମଧ୍ୟ ପଖାଳ ପ୍ରେମରେ ପଡ଼ିଗଲେଣି।

ପୁରୀର ହୋଟେଲ ଓ ରେସ୍ତୋରାଁଗୁଡ଼ିକରେ ଏକାଧିକ ପ୍ରକାର ପଖାଳ ପ୍ରସ୍ତୁତ କରାଯାଉଛି। ଛୋଟଠୁ ବଡ଼ ହୋଟେଲ ପର୍ଯ୍ୟନ୍ତ ସବୁଠି ବିଭିନ୍ନ ପ୍ରକାର ପଖାଳ ମେନୁ ରଖାଯାଇଛି। ଦହି ପଖାଳ, ସାଦା ପଖାଳ, ଛୁଙ୍କ ପଖାଳ ଗ୍ରାହକଙ୍କ ଚାହିଦା ମୁତାବକ ପରଷାଯାଉଛି। ବଡ଼ ବଡ଼ ହୋଟେଲରେ ଗ୍ରାହକଙ୍କୁ ଆକୃଷ୍ଟ କରିବା ପାଇଁ କଂସାବାସନରେ ପଖାଳ ଦିଆଯାଉଛି। ପଖାଳ କଂସାର ମୂଲ୍ୟ ଭିନ୍ନ ଭିନ୍ନ ରହିଛି। ମଧ୍ୟମ



ଧରଣର ହୋଟେଲଗୁଡ଼ିକରେ ସର୍ବନିମ୍ନ ୪୦ ଟଙ୍କାରୁ ଆରମ୍ଭ ହୋଇ ୧୦୦ ଟଙ୍କା ପର୍ଯ୍ୟନ୍ତ ରହିଛି। ବଡ଼ ହୋଟେଲରେ ୨୦୦ରୁ ୪୦୦ ଟଙ୍କା ପର୍ଯ୍ୟନ୍ତ ରହିଛି ପଖାଳ କଂସାର ଦାମ୍। ବିଭିନ୍ନ ହୋଟେଲରେ ଅରୁଆ ଓ ଉଷୁନା ପଖାଳ ଉପଲବ୍ଧ ହେଉଛି। ଉଷୁନା ପଖାଳ ଖାଇବାକୁ ସାଧାରଣତଃ ଦେଶୀୟ ପର୍ଯ୍ୟଟକ ରୁଚି ରଖୁଥିବାବେଳେ ବିଦେଶୀ ଅରୁଆ ପଖାଳକୁ ପସନ୍ଦ କରୁଛନ୍ତି। ସେହିପରି ପଖାଳ ସାଙ୍ଗକୁ ସାଦା ଓ ଆମିଷ ବ୍ୟଞ୍ଜନର ବ୍ୟବସ୍ଥା ରହିଛି। ସାଦା ମେନୁରେ ବଡ଼ିଚୁରା, ବାଇଗଣ ପୋଡ଼ା, ଆଳୁ ଭରତା, ଆମ୍ବ ଚଟଣି, ବିଭିନ୍ନ ପ୍ରକାର ଭଜା (କଖାରୁ ଫୁଲ, ଶାଗ, ଲିମ୍ବକଡ଼ି, ସଜନା ଛୁଇଁ), ଚିପ୍ସ, ସାଲାଡ୍ ରହିଛି। ଆମିଷ ମଧ୍ୟରେ ଚୁନା ଓ ବଡ଼ ମାଛ ଭଜା, ଚିଙ୍ଗୁଡ଼ି ଛେଚା ରହୁଛି। ବୁଦ୍ଧିଜୀବୀ ଶ୍ୟାମ ପ୍ରକାଶ ସେନାପତି କୁହନ୍ତି, ପଖାଳ କଥା ପଡ଼ିଲେ ପିଲାଦିନର ଗାଁ ସ୍ମୃତି ମନେପଡ଼ିଯାଏ। ଘରେ ପଖାଳ ସାଙ୍ଗକୁ ବଡ଼ିଚୁରା, ଶାଗଭଜା, ଆଳୁ ଭରତା ଏମିତି ବିଭିନ୍ନ ପ୍ରକାର ଖାଉ। ସେହି ପଖାଳକୁ ନେଇ ଆଜି 'ପଖାଳ ଦିବସ' ପାଳନ ହେଉଛି। ଏହା ନିଶ୍ଚିତ ଆମ ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଖୁସି ଓ ଗର୍ବର କଥା। ଆମ ଆରାଧ୍ୟ ଦେବତା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ମଧ୍ୟ ପଖାଳ ଭୋଗ ହୋଇଥାଏ।

### ପଖାଳ ମେନୁରେ ସ୍ଥାନ ପାଉନି ଶୁଖୁଆ

ଦିନ ଥିଲା ପଖାଳ ପ୍ରସଙ୍ଗ ଉଠିଲେ ଶୁଖୁଆ, କଞ୍ଚାଲଙ୍କା ଓ ପିଆଜ କଥା ମନକୁ ଚାଲିଆସୁଥିଲା। ଅର୍ଥାତ୍ ପଖାଳ କଂସା ସହିତ ଏମାନଙ୍କ ଘନିଷ୍ଠତା ସବୁଠୁ ଅଧିକ ଥିଲା। କିନ୍ତୁ ଏବେ ପଖାଳ ଓ ଶୁଖୁଆ ମଧ୍ୟରେ ଦୂରତା ବଢ଼ିଯାଇଛି। ପଖାଳ ସହିତ ଆଉ ଏତେଟା ଶୁଖୁଆ କେହି ଖାଉନାହାନ୍ତି। ଗାଁ ଗହଳିରେ ଅବଶ୍ୟ ପଖାଳ ସହିତ ଶୁଖୁଆର ସମ୍ପର୍କ ଅତୁଟ ରହିଛି। କିନ୍ତୁ ହୋଟେଲ ଏବଂ ରେସ୍ତୋରାଁରେ ପଖାଳଠାରୁ ଦୂରେଇ ଯାଇଛି ଶୁଖୁଆ। ଜଣେ ରେସ୍ତୋରାଁ ମାଲିକଙ୍କ ମତରେ ଶୁଖୁଆର ବାସ୍ନା ଅଧିକ। ଜଣେ ଖାଇଲେ ଏହାର ବାସ୍ନା ଆଉ କାହାକୁ ଅରୁଚିକର ଲାଗିପାରେ। ତେଣୁ ପଖାଳ ମେନୁରେ ଏହାକୁ ସ୍ଥାନ ଦେବା ଆଉ ସମ୍ଭବ ହେଉନାହିଁ।

## ଉର୍ଜାବାନ ଓଡ଼ିଶା ପକ୍ଷରୁ ପଖାଳ ଦିବସ



ପୁରୀ,୧୯।୩(ସମିସ): ପ୍ରତିବର୍ଷ ମାର୍ଚ୍ଚ ୨୦ ତାରିଖକୁ ବିଶ୍ୱ ପଖାଳ ଦିବସ ରୂପେ ପାଳନ କରାଯାଉଛି। ଆମ ସଂସ୍କୃତି ପରମ୍ପରା ଓ ଚାଲିଚଳଣିକୁ ବିଶ୍ୱସ୍ତରରେ ପହଞ୍ଚାଇବା ପାଇଁ ଏହା ଏକ ଉଦ୍ୟମ।

ଏହି ଅବସରରେ ପୁରୀର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ଉର୍ଜାବାନ ଓଡ଼ିଶା ଟ୍ରଷ୍ଟ ପକ୍ଷରୁ ପଖାଳ ଦିବସ ଆୟୋଜିତ ହୋଇଯାଇଛି। ଏଥିରେ ପ୍ରାକ୍ତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ ଏବଂ ଇ୨୪ ହସ୍ପିଟାଲ ପ୍ରତିଷ୍ଠାତା ଇଂ. ରାଜେଶ କୁମାର ମିଶ୍ର ପ୍ରମୁଖ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସହରର ଅନେକ ଯୁବ ସମାଜସେବୀ, ଗଣମାଧ୍ୟମ ପ୍ରତିନିଧିଗଣ, ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗଦେଇ ଏକାଠି ବସି ପଖାଳ ଖାଇଥିଲେ। ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଅତିଥିଙ୍କୁ ବୃକ୍ଷ ଚାରା ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦିକା ନିହାରିକା ତ୍ରିପାଠୀ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଅନୁଷ୍ଠାନର ସଭାପତି ସନ୍ତୋଷ ଧନ୍ୟବାଦ ଅର୍ପଣ କରିଥିଲେ।

# ସମ୍ପାଦକୀୟ



ବାସ୍ତବତା ଯେ ଅନ୍ତର୍ନିହିତ ଧାରଣାଠାରୁ ଭିନ୍ନ, ତାହା ଯେକୌଣସି ଘଟଣାରୁ ଧରାପଡ଼ିଯାଏ। ତେଣୁ ବୌଦ୍ଧ ଧର୍ମରେ ଅନ୍ଧବିଶ୍ୱାସ ଓ କଳ୍ପନା ଅଗ୍ରହଣୀୟ।

-ଦଲାଇ ଲାମା

ସକାଳ
THE SAKALA

## ମାଡ଼ି ଆସୁଛି ମହାସଙ୍କଟ

ଇରାନ୍‌ରେ ଶାସନ କ୍ଷମତା ପରିବର୍ତ୍ତନର ମୂଳ ଲକ୍ଷ୍ୟ ନେଇ ଆରମ୍ଭ ହୋଇଥିବା ମଧ୍ୟପ୍ରାଚ୍ୟ ଯୁଦ୍ଧ ଏବେ ଇନ୍ଧନ-ଯୁଦ୍ଧର ରୂପ ନେଇଛି। ଆମେରିକା ଓ ଇସ୍ରାଏଲ୍ ଇରାନ୍‌ର ତୈଳ ଓ ପ୍ରାକୃତିକ ବାଷ୍ପ ଉତ୍ସ ଉପରେ ଆକ୍ରମଣ ଜାରି ରଖିଥିବା ବେଳେ ଇରାନ୍ ମଧ୍ୟ ଆମେରିକାର ଉପସାଗରୀୟ ସହଯୋଗୀ ରାଷ୍ଟ୍ରମାନଙ୍କର ତୈଳ ଓ ପ୍ରାକୃତିକ ବାଷ୍ପ ପ୍ରକଳ୍ପ ଉପରେ ପ୍ରତିଆକ୍ରମଣ କରୁଛି। ଆମେରିକାର ଅହଂକାର ଓ ଇସ୍ରାଏଲ୍‌ର ବିସ୍ତାରବାଦୀ ଆଭିମୁଖ୍ୟ ଏବେ ସମଗ୍ର ମଧ୍ୟପ୍ରାଚ୍ୟକୁ ଏକ ଜଳନ୍ତା ଭୂଖଣ୍ଡରେ ପରିଣତ କରିଛି। ଆଞ୍ଚଳିକ ସ୍ତରର ଏହି ଇନ୍ଧନ-ଯୁଦ୍ଧ ଆଉ ମାତ୍ର କିଛିଦିନ ଭିତରେ ସମଗ୍ର ବିଶ୍ୱକୁ ବ୍ୟାପିବ ଏବଂ ବିଶ୍ୱ ଅର୍ଥ ବ୍ୟବସ୍ଥାକୁ ଛାରଖାର କରିଦେବ ବୋଲି ବିଶେଷଜ୍ଞମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏବେ ଇନ୍ଧନ ହିଁ ବିଶ୍ୱ ଅର୍ଥନୀତିର ମୁଖ୍ୟ ସଂଚାଳକ। ପୁଣି ବିଶ୍ୱର ୫୦% ପେଟ୍ରୋଲିୟମ୍ ଓ ୪୦% ପ୍ରାକୃତିକ ବାଷ୍ପ ମଧ୍ୟପ୍ରାଚ୍ୟ ଓ ଉପସାଗରୀୟ ଅଞ୍ଚଳରେ ଗଚ୍ଛିତ ଅଛି। ତେଣୁ ମଧ୍ୟପ୍ରାଚ୍ୟ ଓ ଉପସାଗରୀୟ ଇନ୍ଧନ ଭଣ୍ଡାର ଯଦି ଯୁଦ୍ଧରେ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୁଏ ତେବେ ବିଶ୍ୱ ଅର୍ଥନୀତି ଉତ୍କଟ ସଙ୍କଟକୁ ଠେଲି ହୋଇଯିବା ନିଶ୍ଚିତ।

ଇରାନ୍‌ର ବେସାମରିକ ସ୍ଥଳ, ଏପରିକି ବିଦ୍ୟାଳୟ ଉପରେ ଅମାନବୀୟ ଆକ୍ରମଣ କରିଥିବା ଇସ୍ରାଏଲ୍ ଅତି ଅପରିଣାମଦର୍ଶୀ ଭାବେ ଇରାନ୍‌ର ତୈଳ ଭଣ୍ଡାର ଓ ବିଶୋଧନ କେନ୍ଦ୍ର ଆଦି ଉପରେ ଆକ୍ରମଣ କରୁଛି। ଇରାନ୍‌ର ଅର୍ଥନୀତିକୁ ଧୂଳିସାତ କରିବାର ଲକ୍ଷ୍ୟ ରଖିଥିବା ଯୁଦ୍ଧମତ୍ତ ଇସ୍ରାଏଲ୍ କିନ୍ତୁ ଏହାର ସୁଦୂର ପ୍ରସାରୀ ପ୍ରଭାବ ବୁଝିପାରୁନାହିଁ। ଏହିକ୍ରମରେ ଗତ ୧୮ ତାରିଖରେ ବିଶ୍ୱର ସର୍ବବୃହତ୍ ପ୍ରାକୃତିକ ବାଷ୍ପ ଭଣ୍ଡାର ଇରାନ୍‌ର ସାଉଥ୍ ପାର୍ସ ଗ୍ୟାସ୍ ଫିଲ୍ଡ ଓ ବୁସାଲେସ୍ ପ୍ରୋଭିନ୍ସ ସ୍ଥିତ ଆସାଲୁଏ ଇନ୍ଧନ ଭଣ୍ଡାର ଉପରେ ଇସ୍ରାଏଲ୍ ଆକ୍ରମଣ କରିବା ପରେ ଆମେରିକା-ଇସ୍ରାଏଲ୍ ସହଯୋଗୀ କାତାରର ରାସ୍ ଲାଫାନ୍ ଇଣ୍ଡଷ୍ଟ୍ରିଆଲ୍ ସିଟିରେ ଥିବା ବିଶ୍ୱର ସର୍ବବୃହତ୍ ଏଲ୍‌ଏନ୍‌ଜି ରପ୍ତାନୀ ପ୍ଲାଣ୍ଟ ସମେତ ସାଉଦି ଆରବର ସାମ୍‌ରି ରିଫାଇନାରୀ, ଜୁବୈଲ୍ ପେଟ୍ରୋକେମିକାଲ୍ କମ୍ପ୍ଲେକ୍ସ, ୟୁଏଇର ଅଲ୍ ହୋସନ୍ ଗ୍ରାସ୍ ଫିଲ୍ଡ ଉପରେ ଇରାନ୍ ପାଲଟା ଆକ୍ରମଣ କରିଛି। ଏହାପୂର୍ବରୁ ଇରାନ୍‌ର କାରାଜ, ଶାହରନ୍, ଆଘଦାସେ ଓ ଶହର ଇ-ରେ ସମେତ ଦୈନିକ ୨ ଲକ୍ଷ ୨୫ ହଜାର ଉତ୍ପାଦନ କ୍ଷମତାବିଶିଷ୍ଟ ଇରାନ୍ ରାଜଧାନୀ ତେହେରାନ୍‌ର ତୈଳବିଶୋଧାନାଗାର ଉପରେ ଇସ୍ରାଏଲ୍ ଆକ୍ରମଣ କରି ସେଗୁଡ଼ିକୁ ନଷ୍ଟ କରିସାରିଛି। ଏହି ଆକ୍ରମଣ ଓ ପ୍ରତିଆକ୍ରମଣ ଜନିତ କ୍ଷତିର ଭରଣା ଏତେଶୀଘ୍ର ହେବା ସମ୍ଭବ ନଥିବାରୁ ଏହାର ତତ୍କାଳ ପ୍ରଭାବ ଇନ୍ଧନ ବଜାର ଜରିଆରେ ବିଶ୍ୱ ଅର୍ଥନୀତିକୁ ପ୍ରଭାବିତ କରିବାକୁ ଯାଉଛି। କେତେକ ତୈଳ ଉତ୍ପାଦନକାରୀ ରାଷ୍ଟ୍ର ଇରାନ୍ ଆକ୍ରମଣ ଭୟରେ ତୈଳ ଉତ୍ତୋଳନ ପ୍ରକଳ୍ପ ଓ ବିଶୋଧନାଗାରଗୁଡ଼ିକୁ ବନ୍ଦ କରିଚାଲିଛନ୍ତି। ଏହାର ପ୍ରଭାବ ମଧ୍ୟ ବିଶ୍ୱ ତୈଳ ବଜାର ଉପରେ ତତ୍କାଳ ପଡ଼ିଛି। ପରିସ୍ଥିତି ଏଭଳି ହୋଇଛି ଯେ ଇନ୍ଧନଯୁଦ୍ଧର ପରିଣାମରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଧ୍ୟ ଭୟଭୀତ ହୋଇସାରିଛନ୍ତି। ତେଣୁ ଇସ୍ରାଏଲ୍‌ର ଏହି ଅପରିଣାମଦର୍ଶୀ କାର୍ଯ୍ୟକଳାପ ପଛରେ ଆମେରିକା ହାତ ନାହିଁ କି ଆକ୍ରମଣର ସୂଚନା ଆମେରିକା ପାଖରେ ନଥିଲା ବୋଲି ଟ୍ରମ୍ପ ଘୋଷଣା କରିବାକୁ ବାଧ୍ୟ ହୋଇଛନ୍ତି। ଏହି ଘୋଷଣା ପଛରେ କାତାର ଉପରେ ଇରାନ୍‌ର ସମ୍ଭାବ୍ୟ ବଡ଼ଧରଣର ଆକ୍ରମଣ ନେଇ ଟ୍ରମ୍ପଙ୍କ ଭୟ ବାରି ହୋଇପଡୁଛି ଏବଂ ଯୁଦ୍ଧର ଗତି କୁଆଡ଼େ ଯାଉଛି ତାହା କିଛିଟା ସ୍ପଷ୍ଟ ହେଉଛି।

ଅପରପକ୍ଷରେ ପେଟ୍ରୋଡଲାର ଚୁକ୍ତି ଅନୁଯାୟୀ ଆରବ ଓ ଉପସାଗରୀୟ ରାଷ୍ଟ୍ରଙ୍କୁ ଆମେରିକା ଦେଇଥିବା ପ୍ରତିରକ୍ଷା ଓ ସୁରକ୍ଷା ପ୍ରତିଶ୍ରୁତି ରକ୍ଷା କରିବାରେ ବିଫଳ ହୋଇଛି। ତେଣୁ ଉପସାଗରୀୟ ଓ ଆରବୀୟ ରାଷ୍ଟ୍ରମାନେ କ୍ଷୁବ୍ଧ ହୋଇଛନ୍ତି। ଇରାନ୍‌ର ଆକ୍ରମଣରେ କ୍ଷତିଗ୍ରସ୍ତ ଭିତ୍ତିଭୂମି ମରାମତି ପାଇଁ ବିପୁଳ ସମ୍ବଳ ଆବଶ୍ୟକ ହେଉଥିବାରୁ ଆରବୀୟ ରାଷ୍ଟ୍ରମାନେ ଆମେରିକାର ଟ୍ରେଜେରି ବଣ୍ଡରେ କରିଥିବା ନିବେଶ ପ୍ରତ୍ୟାହାର କରିବା ଆରମ୍ଭ କରିଛନ୍ତି। ଏହି ପ୍ରକ୍ରିୟା ଯେତେ ତ୍ୱରାନ୍ୱିତ ହେବ ଆମେରିକା ଅର୍ଥନୈତିକ ସଙ୍କଟ ସେତେ ଉତ୍କଟ ହୋଇଚାଲିବ। ବିଶ୍ୱବଜାରରେ ଆମେରିକା ଟ୍ରେଜେରି ବଣ୍ଡର ଚାହିଦା ହ୍ରାସ ପାଇ ମୂଲ୍ୟ କମିଲେ ଡଲାର ମଧ୍ୟ ଦୁର୍ବଳ ହେବ। ସେହିଭଳି ଇରାନ୍ ଆକ୍ରୋଶର ଶିକାର ହୋଇଥିବା ମଧ୍ୟପ୍ରାଚ୍ୟର ବିଭିନ୍ନ ଇନ୍ଧନ ପ୍ରକଳ୍ପରେ ଆମେରିକା ବିପୁଳ ନିବେଶ କରିଛି। ଇରାନ୍ ଆକ୍ରମଣରେ ସେଗୁଡ଼ିକ କ୍ଷତିଗ୍ରସ୍ତ ହେଉଥିବାରୁ ଆମେରିକାର ବିପୁଳ ପୁଞ୍ଜି ବୁଡ଼ିବାରେ ଲାଗିଛି। ଅପରପକ୍ଷରେ ଇରାନ୍ ବିରୋଧରେ ଯୁଦ୍ଧର ଅବଧି ଦୀର୍ଘ ହେବାକୁ ଥିବାରୁ ସେ ବାବଦରେ ମଧ୍ୟ ଆମେରିକାକୁ ବିପୁଳ ବ୍ୟୟ କରିବାକୁ ପଡ଼ିବ। ତେଣୁ ଯୁଦ୍ଧ ପରିସ୍ଥିତିରେ ଖୁବ୍‌ଶୀଘ୍ର ସୁଧାର ନ ଆସିଲେ ଆମେରିକା ଅର୍ଥନୀତି ଭୁଶୁଡ଼ି ପଡ଼ିବା ଥୟ। ଆମେରିକା ଅର୍ଥବ୍ୟବସ୍ଥାରେ ସାମାନ୍ୟତମ ଓଲମବିଲମ ହେଲେ ତାହା କିଭଳି ବିଶ୍ୱର ଅର୍ଥବ୍ୟବସ୍ଥାକୁ ପ୍ରଭାବିତ କରେ ତାହାର ଶେଷତମ ଉଦାହରଣ ୨୦୦୮ ରେ ଆମେ ଦେଖିସାରିଛନ୍ତି। ଏଥର ଆମେରିକା ଏକ ବଡ଼ ଧରଣର ଆର୍ଥିକ ସଙ୍କଟର ସାମ୍ନା କରିବାକୁ ଯାଉଥିବାରୁ ତାହାର ପ୍ରଭାବ ବିଶ୍ୱରେ କ'ଣ ହେବ ତାହା ଅନୁମାନ କରିବା କଷ୍ଟକର ନୁହେଁ।

ମଧ୍ୟପ୍ରାଚ୍ୟ ଯୁଦ୍ଧରେ ଗୋଟିଏ ପକ୍ଷରେ ଇରାନ୍ ଓ ଅନ୍ୟପକ୍ଷରେ ଆମେରିକା ଓ ଇସ୍ରାଏଲ୍ ପ୍ରତ୍ୟକ୍ଷ ଅର୍ଥନୈତିକ କ୍ଷତିର ସମ୍ମୁଖୀନ ହୋଇଥିବା ବେଳେ ଅବଶିଷ୍ଟ ବିଶ୍ୱର ଅନେକ ରାଷ୍ଟ୍ରର ଅର୍ଥନୀତି ପରୋକ୍ଷ ପ୍ରଭାବିତ ହୋଇଛି। ଏବେ ହର୍ମୁଜ୍ ପ୍ରଣାଳୀ ଦେଇ ଯାଉଥିବା ଜାହାଜ ଉପରେ ଶୁଳ୍କ ଆଦାୟ କରିବ ବୋଲି ଇରାନ୍ ଘୋଷଣା କରିଛି। ବିଶ୍ୱ ଇନ୍ଧନ ସଙ୍କଟକୁ ଟାଳିବା ପାଇଁ ଅନ୍ୟଦେଶର ଇନ୍ଧନବାହୀ ଜାହାଜ ଏହି ଶୁଳ୍କ ଦେବାକୁ ଏକପ୍ରକାର ବାଧ୍ୟ ହେବେ, ଯାହାର ପ୍ରଭାବ ବିଶ୍ୱ ଇନ୍ଧନ ବଜାରକୁ ଆକାଶଛୁଆଁ କରିବ। ଏଥିରେ ଭାରତ ପରି ବୃହତ୍ ଇନ୍ଧନ ଆମଦାନୀକାରୀ ରାଷ୍ଟ୍ରମାନଙ୍କର ଚାଲୁ ଖାତା ନିଅଣ୍ଟ ପରିମାଣ ଉଦ୍‌ବେଗଜନକ ଭାବେ ବଢ଼ିଯାଇ ବଜାର ଅର୍ଥନୀତିର ଅନ୍ୟାନ୍ୟ କ୍ଷେତ୍ରକୁ ଖୁବ୍‌ଶୀଘ୍ର ସଞ୍ଚରି ଯିବ। ମଧ୍ୟପ୍ରାଚ୍ୟରୁ ପ୍ରବାସୀ ଭାରତୀୟମାନଙ୍କର ଘରବାହୁଡ଼ା ପର୍ବ ଆରମ୍ଭ ହେଲେ ଭାରତକୁ ଏକପକ୍ଷରେ ବୈଦେଶିକ ମୁଦ୍ରା ପ୍ରେରଣ ସଙ୍କୁଚିତ ହେବ ଏବଂ ଅପରପକ୍ଷରେ ଆଭ୍ୟନ୍ତରୀଣ ନିଯୁକ୍ତି ସଙ୍କଟ ଉତ୍କଟ ହେବ। ଏହାଛଡ଼ା ଅଧିକ ଲାଭ ଆଶାରେ ମଧ୍ୟପ୍ରାଚ୍ୟରେ ନିବେଶ ଓ ଜମା କରିଥିବା ଭାରତ ସମେତ ବିଶ୍ୱର ଅନ୍ୟାନ୍ୟ ନିବେଶକମାନଙ୍କର ହଜାର ହଜାର କୋଟି ଡଲାର ବୁଡ଼ିଯିବାର ଆଶଙ୍କା ମଧ୍ୟ ସୃଷ୍ଟି ହୋଇଛି। ଏହାର ସାମଗ୍ରିକ ପ୍ରଭାବ ବିଶ୍ୱ ପାଇଁ ଅର୍ଥନୈତିକ ମହାସଙ୍କଟକୁ ଆମନ୍ତ୍ରଣ କରିସାରିଛି, ଯାହାର ପରାଭବରୁ ବର୍ତ୍ତିବାର ଆଶା କ୍ଷୀଣ ହୋଇଚାଲିଛି।

# ଓଡ଼ିଶାରେ ବିଧାନ ପରିଷଦର ଆବଶ୍ୟକତା

**ବୃହସ୍ପତି ସାମଲ**

ଆଗକୁ ହେବାକୁ ଯାଉଥିବା ନିର୍ବାଚନ ମଣ୍ଡଳୀର ସୀମା ପୁନଃନିର୍ଦ୍ଧାରଣ ପ୍ରକ୍ରିୟା ସମାପ୍ତି ପରେ ଓଡ଼ିଶା ବିଧାନସଭାର ଆସନ ସଂଖ୍ୟା ୧୪୭ରୁ ପାଖାପାଖି ୨୦୦କୁ ବଢ଼ିବା ସମ୍ଭାବନାକୁ ଦୃଷ୍ଟିରେ ରଖି ଏକ ନୂଆ, ଅତ୍ୟାଧୁନିକ ବିଧାନସଭା ଭବନ ନିର୍ମାଣ ଯୋଜନା ଏବଂ ଭବିଷ୍ୟତରେ ଯଦି ଉଚ୍ଚ ସଦନ ଗଠିତ ହୁଏ, ତେବେ ବର୍ତ୍ତମାନର ୭୦ ବର୍ଷ ପୁରୁଣା ବିଧାନସଭା ଭବନକୁ ବିଧାନ ପରିଷଦ ଭବନ ଭାବରେ ବ୍ୟବହାର କରାଯାଇପାରିବ ବୋଲି ନିକଟ ଅତୀତରେ ଆଇନ ମନ୍ତ୍ରୀଙ୍କ ବକ୍ତବ୍ୟ ଆସିଥିବାରୁ ଓଡ଼ିଶାରେ ବିଧାନ ପରିଷଦ ଗଠନର ସମ୍ଭାବନା ପୁଣିଥରେ ଚର୍ଚ୍ଚାକୁ ଆସିଛି। ଏହାକୁ ସରକାରଙ୍କ ପକ୍ଷରୁ ପ୍ରଶାସନିକ ପ୍ରସ୍ତୁତିର ଏକ ସଙ୍କେତ ବୋଲି ଦେଖାଯାଉଛି। ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ବିଜେଡି ସରକାର ଶାସନକାଳରେ ମଧ୍ୟ ବିଧାନ ପରିଷଦ ଗଠନର ପ୍ରସଙ୍ଗ କେତେକ ସମୟରେ ଉଠିଥିଲା। ସେସମୟରେ ଏହାକୁ ପ୍ରଧାନତଃ ବରିଷ୍ଠ ନେତା, ବିଶେଷଜ୍ଞ ଓ ଦଳୀୟ ପୁରାତନ କର୍ମୀମାନଙ୍କୁ ଥଇଥାନ କରିବାର ଏକ ବିକଳ୍ପ ଉପାୟ ଭାବରେ ବିଚାର କରାଯାଇଥିଲା। କିନ୍ତୁ ଖର୍ଚ୍ଚ, ଉପଯୋଗିତା ଓ ରାଜନୈତିକ ସମ୍ମତିକୁ ନେଇ ମତାନ୍ତର ଥିବାରୁ ଏ ବାବଦରେ ବିଧାନସଭାରେ କୌଣସି ଔପଚାରିକ ପ୍ରସ୍ତାବ ଆଣାଯାଇ ନ ଥିଲା। କିନ୍ତୁ ବର୍ତ୍ତମାନର ବିଜେପି ସରକାରଙ୍କ ଏହି ମତାମତକୁ ଦ୍ୱିସଦନୀୟ ବ୍ୟବସ୍ଥା ସୃଷ୍ଟିର ସମ୍ଭାବନା ସହିତ ଭୌତିକ ପ୍ରତିଷ୍ଠାନିକ ଢାଞ୍ଚାକୁ ସମନ୍ୱିତ କରିବାର ଏକ ପ୍ରଶାସନିକ ପଦକ୍ଷେପ ଭାବରେ ଦେଖାଯାଉଛି। ସୂଚନା ଅନୁଯାୟୀ ଆନୁମାନିକ ୩୮୭.୯୪ କୋଟି ଟଙ୍କା ବ୍ୟୟ ଅଟକଳରେ ନୂଆ ବିଧାନସଭା ଭବନ, ଲୋକ ସେବା ଭବନ ଓ ବର୍ତ୍ତମାନର ବିଧାନସଭା ମଧ୍ୟବର୍ତ୍ତୀ ଜମିରେ ନିର୍ମାଣ ହେବ, ଯେଉଁଠି ଅତ୍ୟାଧୁନିକ ସୁବିଧା ସୁଯୋଗ ସହ ପ୍ରାୟ ୩୦୦ ଜଣ ବିଧାୟକଙ୍କ ପାଇଁ ସମସ୍ତ ପ୍ରକାରର ବ୍ୟବସ୍ଥା ଉପଲବ୍ଧ ହେବ।

ଏଠି କହି ରଖିବା ଉଚିତ ହେବ ଯେ ବିଧାନ ପରିଷଦ ହେଉଛି ଏକ ସ୍ଥାୟୀ ଉଚ୍ଚ ସଦନ, ଯାହା ଆଇନ ନିର୍ମାଣ ପ୍ରକ୍ରିୟାରେ ଅନୁଭବ ଓ ଦକ୍ଷତାକୁ ଆଣିବାର ଉଦ୍ଦେଶ୍ୟ ରଖେ। ସମ୍ବିଧାନର ଧାରା ୧୬୯, ଏକ ରାଜ୍ୟକୁ ବିଧାନ ପରିଷଦ ସୃଷ୍ଟି କିମ୍ବା ବିଲୋପ କରିବାର ସୁଯୋଗ ଦେଇଥାଏ, ଯାହା ପାଇଁ ପ୍ରଥମେ ଏକ ବିଶେଷ ବହୁମତ ସହିତ ବିଧାନସଭାରେ ପ୍ରସ୍ତାବ ପାରିତ ଓ ଅନୁମୋଦିତ ହେବା ଆବଶ୍ୟକ। ପରେ ସଂସଦର ମଞ୍ଜୁରୀ ଓ ରାଷ୍ଟ୍ରପତିଙ୍କ ସମ୍ମତି ଆବଶ୍ୟକ ହୁଏ। ବିଧାନ ପରିଷଦର ସଦସ୍ୟମାନେ ବିଧାୟକ, ସ୍ଥାନୀୟ ସ୍ୱୟଂଶାସିତ ସଂସ୍ଥା, ସ୍ନାତକ, ଶିକ୍ଷକ ଓ ରାଜ୍ୟପାଳଙ୍କ ଦ୍ୱାରା ମନୋନୟନ ମାଧ୍ୟମରେ ଚୟନ ହୁଅନ୍ତି। ଏହି ପ୍ରଣାଳୀ ଏହାକୁ କମ୍ ନିର୍ବାଚନୀ ଓ ଅଧିକ ସଂସ୍ଥାଗତ ଅନୁଭବ ପ୍ରତିନିଧିତ୍ୱ କରୁଥିବା ସଦନ ଭାବେ ଗଢ଼ିଥାଏ। ପ୍ରତି ଦୁଇବର୍ଷରେ ଏହାର ଏକ-ତୃତୀୟାଂଶ ସଦସ୍ୟ ଅବସର ନେଇଥା'ନ୍ତି ଏବଂ ଏହାର ସଦସ୍ୟ ସଂଖ୍ୟା ବିଧାନସଭା ସଦସ୍ୟ ସଂଖ୍ୟାର ଏକ-ତୃତୀୟାଂଶରୁ ଅଧିକ ହୋଇପାରେ ନାହିଁ। ଏହି ସଦନ ଅର୍ଥ ବିଲ୍ ଆଣିପାରେ ନାହିଁ ଏବଂ ସେଗୁଡ଼ିକୁ କେବଳ ୧୪ ଦିନ ପର୍ଯ୍ୟନ୍ତ ବିଳମ୍ବ କରିପାରେ। ସାଧାରଣ ବିଲ୍ ମାମଲାରେ ମଧ୍ୟ ସର୍ବାଧିକ ଚାରି ମାସ ପରେ ବିଧାନସଭାର ନିଷ୍ପତ୍ତି ହିଁ ଅନ୍ତିମ ହୁଏ। ବିଧାନ ପରିଷଦର ସରକାର ଗଠନ କିମ୍ବା ପତନରେ କୌଣସି ଭୂମିକା ନଥାଏ। ଅନ୍ୟପକ୍ଷରେ ବିଧାନସଭା ହେଉଛି ରାଜ୍ୟର ପ୍ରଧାନ ଆଇନ ନିର୍ମାଣ ସଦନ, ଯାହାର ସଦସ୍ୟମାନେ ସିଧାସଳଖ ଜନତାଙ୍କ ଦ୍ୱାରା ନିର୍ବାଚିତ। ଏହି କାରଣରୁ ଏହା ସର୍ବାଧିକ ଲୋକତାନ୍ତ୍ରିକ ସଂସ୍ଥା ଭାବେ ପରିଚିତ। ମନ୍ତ୍ରିମଣ୍ଡଳ ସମୂହଗତ ଭାବେ ବିଧାନସଭା ପ୍ରତି ଦାୟୀ ଥାଏ ଏବଂ ସରକାର କେବଳ ଏହି ସଦନର ବିଶ୍ୱାସ ହାରାଇଲା ମାତ୍ରେ ପତନ ହୁଏ। ବିଶେଷକରି ଅର୍ଥ ବିଲ୍ ସମ୍ବନ୍ଧୀୟ ସମସ୍ତ ଆର୍ଥିକ ଅଧିକାର ପ୍ରାୟ ସମ୍ପୂର୍ଣ୍ଣ ଭାବେ ବିଧାନସଭାର ହାତରେ ରହିଥାଏ।

ସଂବିଧାନ ରଚନାକାରମାନେ ବିଧାନ ପରିଷଦକୁ ଏକ ଚିନ୍ତନଶୀଳ ଓ ଅନୁଭବ ସମୃଦ୍ଧ ସଦନ ଭାବେ କଳ୍ପନା କରିଥିଲେ, ଯାହା ଆଇନ ନିର୍ମାଣକୁ ଗଭୀରତା ଦେବ। କିନ୍ତୁ ବାସ୍ତବରେ ଅନେକ ରାଜ୍ୟରେ ଏହା ହାରିଥିବା ନେତାଙ୍କ ପାଇଁ ପୁନର୍ବାସ କେନ୍ଦ୍ର, ଦଳୀୟ ନିଷ୍ଠାକୁ ପୁରସ୍କୃତ କରିବାର ଉପାୟ ଏବଂ ଜନମତକୁ ଏଡ଼ାଇ ଯିବାର ଏକ ପଛଦ୍ୱାର ଭାବେ ପରିଣତ ହୋଇଛି। ଏହାଫଳରେ ଏହି ସଦନ ତାହାର ଲୋକତାନ୍ତ୍ରିକ ମୂଲ୍ୟବୋଧ ଓ ନୀତିଗତ ମାନ୍ୟତା ହରାଇଛି। ନାମ ମନୋନୟନ ପ୍ରକ୍ରିୟା ନେଇ ମଧ୍ୟ ଗଭୀର ଆଶଙ୍କା ରହିଛି। ସମ୍ବିଧାନ ରାଜ୍ୟପାଳଙ୍କୁ ଶିକ୍ଷା, ସାହିତ୍ୟ, ବିଜ୍ଞାନ, ଆଇନ ଓ ସାମାଜିକ ସେବା କ୍ଷେତ୍ରରେ ବିଶେଷ ଅବଦାନ ଥିବା ବ୍ୟକ୍ତିମାନଙ୍କ ନାମ ମନୋନୟନ କରିବାର ଅଧିକାର ଦେଇଛି। କିନ୍ତୁ ପ୍ରାୟୋଗିକ ଅନୁଭବ ଦେଖାଏ ଯେ ଏପରି ନାମ ମନୋନୟନ ଅନେକ ସମୟରେ ଶାସକ ଦଳର ଇଚ୍ଛାକୁ ମାତ୍ର ପ୍ରତିବିମ୍ବିତ କରେ। ସରକାରୀ ନିଗମ, ବୋର୍ଡ, କମିଶନ ଓ ସରକାରୀ ଅଧିବକ୍ତା ନିଯୁକ୍ତିରେ ଯେପରି ଦଳୀୟ ନିଷ୍ଠା ଦକ୍ଷତାଠାରୁ ଅଧିକ ଗୁରୁତ୍ୱ ପାଉଛି, ସେହି ପ୍ରବୃତ୍ତି ବିଧାନ ପରିଷଦରେ ମଧ୍ୟ ପୁନରାବୃତ୍ତି ହେବାର ଆଶଙ୍କା ରହିଛି। ଶକ୍ତିଶାଳୀ ସଂଖ୍ୟାଗତ ଆଧିକ୍ୟ ଥିବା ଏକ ସରକାର ପାଇଁ ବିଧାନ ପରିଷଦ ଦଳୀୟ ଏକାଧିକାର ସୃଷ୍ଟି କରିବାର ଆଉ ଏକ ମଞ୍ଚ ହୋଇପାରେ।

ଏହି ପରିପ୍ରେକ୍ଷୀରେ, ଓଡ଼ିଶା ପରି ଏକ ଗରିବ ରାଜ୍ୟରେ ବିଧାନ ପରିଷଦ ଗଠନର ଅର୍ଥ ହେଉଛି ସ୍ଥାୟୀ ଆର୍ଥିକ ବୋଝ, ସଦସ୍ୟଙ୍କ ବେତନ, ଭତ୍ତା, ପେନସନ୍, କର୍ମଚାରୀ ନିଯୁକ୍ତି, ସୁରକ୍ଷା ବ୍ୟବସ୍ଥା ଓ ପ୍ରଶାସନିକ ଖର୍ଚ୍ଚ। ନିକଟରେ ବିଧାୟକ ଓ ମନ୍ତ୍ରୀଙ୍କ ବେତନ ଓ ଭତ୍ତା ବୃଦ୍ଧି ପ୍ରସ୍ତାବକୁ ଲୋକଙ୍କ ତୀବ୍ର ପ୍ରତିକ୍ରିୟା ପରେ ବାତିଲ କରାଯିବା ଏହି ବିଷୟର ସମ୍ବେଦନଶୀଳତାକୁ ସ୍ପଷ୍ଟ କରେ। ଯେତେବେଳେ ବର୍ତ୍ତମାନର ନିର୍ବାଚିତ ପ୍ରତିନିଧିଙ୍କ ଦରମା ବୃଦ୍ଧି ମଧ୍ୟ ଜନମାନସରେ ଅସନ୍ତୋଷ ସୃଷ୍ଟି କରୁଛି, ସେତେବେଳେ ଏକ ନୂଆ ସଦନ ସୃଷ୍ଟି କରିବାର ପ୍ରୟାସ ନିଶ୍ଚିତ ଭାବେ ଗ୍ରହଣଯୋଗ୍ୟ ନୁହେଁ। ଏବେ ବି ଓଡ଼ିଶାର ମହାବାତ୍ୟା ସମୟର କଥା ମନେ ପଡ଼ିଲେ ଦେହ ଶିହରି ଉଠେ। ଆର୍ଥିକ ପରିସ୍ଥିତି ଏତେ ଖରାପ ଥିଲା ଯେ ସେ ସମୟରେ କର୍ମଚାରୀଙ୍କୁ ବେତନ ଦେବାକୁ ତତ୍କାଳୀନ କଂଗ୍ରେସ ସରକାର ପାଖରେ ଅର୍ଥର ଅଭାବ ଥିବା ଯୋଗୁଁ ବାରମ୍ବାର ଓଭରଡ୍ରାଫ୍ଟ କରିବାକୁ ପଡୁଥିଲା। ୨୦୦୦ରୁ ୨୦୦୯ ମଧ୍ୟରେ ଉଭୟ ବିଜେଡି ବିଜେପିର ମିଳିତ ସରକାର ଏବଂ ପରେ ପରେ ୨୦୨୪ ପର୍ଯ୍ୟନ୍ତ ଏକୁଟିଆ ବିଜେଡି ସରକାର ଆର୍ଥିକ ସୁପରିଚାଳନା କରି ଓଡ଼ିଶାକୁ ଏକ ନିଅଣ୍ଟିଆରୁ ବଳକା ରାଜ୍ୟରେ ପରିଣତ କରିଥିଲେ ହେଁ ଦୀର୍ଘ ୨୪ ବର୍ଷର ବିଜେଡି ଶାସନ ତୁଳନାରେ ବିଗତ ୨୧ ମାସର ବିଜେପି ସରକାରରେ ରାଜ୍ୟ ଋଣଭାର ଯଥେଷ୍ଟ ବୃଦ୍ଧି ପାଇଛି।

ବାତ୍ୟା ନିୟନ୍ତ୍ରଣ ଠାରୁ କୋଭିଡ୍ ମୁକାବିଲା ପର୍ଯ୍ୟନ୍ତ ବହୁକ୍ଷେତ୍ରରେ ଓଡ଼ିଶା ଜାତିସଂଘ ସହ ଦେଶବିଦେଶରୁ ପ୍ରଶଂସା ସାଉଁଟି ଥିଲେ ମଧ୍ୟ ଏବେ ବି ଅନେକ ଗାଁକୁ ଭଲ ରାସ୍ତାଟିଏ ନାହିଁ। ନଈନାଳ ଡେଇଁ ବିପଦସଂକୁଳ ଅବସ୍ଥାରେ ଛୋଟ ଛୋଟ ପିଲାମାନେ ପାଠ ପଢ଼ିବାକୁ ସଂଘର୍ଷ କରୁଛନ୍ତି। ଅପପୁଷ୍ଟିରେ ଏବେ ବି ଓଡ଼ିଶାରେ ଅନେକ ନଗଡ଼ାର ଚିତ୍ର ସ୍ପଷ୍ଟ ବାରିହୁଏ। ଶିକ୍ଷା ଓ ସ୍ୱାସ୍ଥ୍ୟର ମାନ ଅନ୍ୟ ରାଜ୍ୟ ତୁଳନାରେ ଢେର ତଳେ। ବିଶୁଦ୍ଧ ପାନୀୟ ଜଳ ତଥା ବିଜୁଳି ବ୍ୟବସ୍ଥା ଏବେ ବି ଅନେକଙ୍କ ପାଇଁ ସ୍ୱପ୍ନ। ଯୁବଗୋଷ୍ଠୀ ବେକାର। ଶ୍ରମିକ ଓ କୃଷକଙ୍କ ଦାବି ଅଣଦେଖା। ରାଜ୍ୟ ସରକାରଙ୍କ ବିଭିନ୍ନ ସଂସ୍ଥା, ସାମୟିକ ଓ ଚୁକ୍ତିଭିତ୍ତିକ କର୍ମଚାରୀରେ ଭରପୂର। ସେମାନଙ୍କୁ ନିୟମିତ କରି ସମାନ କାମକୁ ସମାନ ଦରମା ଦେବାର ଯୋଗ୍ୟତା ଏଯାଏଁ କୌଣସି ସରକାର ଦେଖେଇ ପାରିଲେ ନାହିଁ। ଓଡ଼ିଶାକୁ ଏକ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ କ୍ଷମତାସୀନ ସରକାରଙ୍କୁ ଅନେକ କିଛି କରିବାର ଅଛି। କେବଳ ସୌଧ ନିର୍ମାଣରେ, ଚମତ୍କାରୀ ନାରାବାଜିରେ, ରଙ୍ଗବେରଙ୍ଗର ମାଳମାଳ ବିଜ୍ଞାପନରେ ଅଥବା ରଙ୍ଗ ପରିବର୍ତ୍ତନରେ ବିକାଶ ହୁଏ ନାହିଁ।

ସମ୍ବିଧାନର ଧାରା ୧୬୯ ରାଜ୍ୟମାନଙ୍କୁ ବିଧାନ ପରିଷଦ ଗଠନ କରିବାର ସାମ୍ବିଧାନିକ ଅଧିକାର ଦେଇଛି ସତ, କିନ୍ତୁ ଏହା ବାଧ୍ୟତାମୂଳକ ନୁହେଁ। ଏହା ଏକ ପ୍ରକ୍ରିୟା ମାତ୍ର, ଆଦେଶ ନୁହେଁ। ଏହି ଶକ୍ତିକୁ ବ୍ୟବହାର କରିବା ସମୟରେ ସଂଯମ, ସାର୍ବଜନୀନ ହିତ ଓ ନୀତିଗତ ଦାୟିତ୍ୱ ଆବଶ୍ୟକ। ଯେତେଦିନ ପର୍ଯ୍ୟନ୍ତ ବିଧାନ ପରିଷଦ ପକ୍ଷଧରମାନେ ସ୍ପଷ୍ଟ ଭାବେ ପ୍ରମାଣ କରିପାରୁନାହାନ୍ତି ଯେ ଏହାର ଲାଭ ତାହାର ଖର୍ଚ୍ଚକୁ ଅତିକ୍ରମ କରିବ ଏବଂ ଏହା ରାଜନୈତିକ ବର୍ଗ ବିସ୍ତାର ନୁହେଁ, ବରଂ ଶାସନର ଗୁଣାତ୍ମକତା ବୃଦ୍ଧି କରିବ, ସେପର୍ଯ୍ୟନ୍ତ ଏପରି ପ୍ରସ୍ତାବକୁ ଯୁକ୍ତିସଂଗତ କହିବା କଠିନ। ତେଣୁ ବିଧାନ ପରିଷଦ ପ୍ରସଙ୍ଗର ପୁନରୁତ୍ଥାନ ନିରବ ପ୍ରଶାସନିକ ପ୍ରସ୍ତୁତି ନୁହେଁ, ବରଂ ଖୋଲା ସାର୍ବଜନୀନ ଚର୍ଚ୍ଚା ଦାବି କରେ। ସୌଧ ନିର୍ମାଣ ନୁହେଁ, ବରଂ ଦେଶର ଆର୍ଥିକ ବିକାଶ ସରକାରଙ୍କ ପ୍ରାଥମିକତା ହେବା ଜରୁରୀ।

ପଦ୍ମପୁର(କେନ୍ଦୁଝର), ମୋ: ୯୪୩୭୦୨୨୬୬

# କାଦୁଅ ମୂର୍ତ୍ତିରୁ ସିଲିକନ୍ କ୍ଲାଉଡ୍ ପର୍ଯ୍ୟନ୍ତ

**ସୁରେନ୍ଦ୍ରନାଥ ପଶୁପାଳକ**

ଶ୍ରେଣୀଗୃହ କେବଳ ଚାରିକାନ୍ଥର ଏକ ଆବଦ୍ଧ କୋଠରି ନୁହେଁ; ବରଂ ପରିବେଶବିତ୍ ଜି.ଇ. ହଚିନସନଙ୍କ ଭାଷାରେ ଏହା ଏକ 'ହାଇପର-ଭଲ୍ୟୁମ୍'। ଏହା ଏମିତି ଏକ କ୍ଷେତ୍ର, ଯେଉଁଠି ମଣିଷର ଜୈବିକ, ସାମାଜିକ ଓ ଜ୍ଞାନଗତ ବିଭାବର ମିଳନ ଘଟେ। ଭାରତୀୟ ଶିକ୍ଷା ବ୍ୟବସ୍ଥା ଏହି କ୍ଷେତ୍ର ମଧ୍ୟରେ ଏକ ଲମ୍ବା ଯାତ୍ରା କରିଛି। ପ୍ରାଚୀନ ଗୁରୁକୁଳର ମୁକ୍ତଆକାଶରୁ ଆରମ୍ଭ କରି ଆଜିର 'ସ୍ମାର୍ଟ୍ କ୍ଲାସ' ପର୍ଯ୍ୟନ୍ତ ଏହି ପରିବର୍ତ୍ତନ ଯେତିକି ଚମତ୍କାର, ସେତିକି ଚିନ୍ତାଜନକ। ଆଜିର ଏଆଇ ଯୁଗରେ ଆମେ ନିଜକୁ ପଚାରିବା ଉଚିତ୍ ଯେ ଆମେ ପ୍ରକୃତରେ ପ୍ରଗତି କରୁଛୁ ନା ଆମର ବୁଦ୍ଧିମତ୍ତା ଧୀରେ ଧୀରେ ସଂକୁଚିତ ହେଉଛି?




ଭାରତୀୟ ଶିକ୍ଷାର ସବୁଠାରୁ ବଡ଼ ଶାରୀରିକ ପରିବର୍ତ୍ତନ ଥିଲା ମୁକ୍ତ ଗୁରୁକୁଳରୁ ଚାରିକାନ୍ଥର ଆବଦ୍ଧ କୋଠରି। ଗୁରୁକୁଳରେ ଶିକ୍ଷା ଥିଲା ପ୍ରକୃତି ସହ ସଂପୃକ୍ତ, ଯେଉଁଠି ଜ୍ଞାନର କୌଣସି ସୀମା ନଥିଲା। ରବୀନ୍ଦ୍ରନାଥ ଠାକୁର ଏହି ଦର୍ଶନକୁ ଶାନ୍ତିନିକେତନରେ ପ୍ରାଧାନ୍ୟ ଦେଇଥିଲେ। ସେ ବିଶ୍ୱାସ କରୁଥିଲେ ଯେ କାନ୍ଥ ମଣିଷର କଳ୍ପନାକୁ ବନ୍ଦୀ କରିଦିଏ। କିନ୍ତୁ ବ୍ରିଟିଶ୍ ଶାସନ କାଳରେ ଆରମ୍ଭ ହେଲା 'ଫ୍ୟାକ୍ଟ୍ରି ମଡେଲ୍'ବେଞ୍ଚ, ଡେସ୍କ ଓ ଚାରିକାନ୍ଥ। ଏହି ଶିକ୍ଷା ବ୍ୟବସ୍ଥା ମଣିଷକୁ ଏକ ପ୍ରଶାସନିକ ଯନ୍ତ୍ରର କୋଗ୍ ଭାବରେ ଗଢ଼ିବା ପାଇଁ ତିଆରି ହୋଇଥିଲା।

ଶିକ୍ଷାର ପ୍ରକ୍ରିୟାରେ ଜେନ୍ ଏକ୍ସ ରୁ ଜେନ୍ ଆଲ୍‌ଫା ପର୍ଯ୍ୟନ୍ତ ଏକ ବିରାଟ ପରିବର୍ତ୍ତନ ଘଟିଛି। ଜେନ୍ ଏକ୍ସ ଥିଲେ ଶ୍ରମିକ। ସେମାନେ ନିଜେ ନୋଟ୍ ଲେଖୁଥିଲେ, ତାହାକୁ ପୁଣି ଥରେ ନକଲ କରି ମନେ ରଖୁଥିଲେ। ଜେନ୍ ୱାଇ ଆସିବା ପରେ କଲମର ସ୍ଥାନ ନେଲା କି-ବୋର୍ଡ। ଏହିଠାରୁ ହିଁ 'କପି-ପେଷ୍ଟ' ସଂସ୍କୃତିର ଜନ୍ମ ହେଲା। ତଥ୍ୟ ସ୍କ୍ରିନ୍‌ରୁ ସ୍କ୍ରିନ୍‌କୁ ଗଲା ସତ, କିନ୍ତୁ ମସ୍ତିଷ୍କ ଭିତରକୁ ଗଲା ନାହିଁ। ଆଜିର ଜେନ୍ ଆଲ୍‌ଫା ପିଢ଼ିରେ ଏଆଇ ନିଜେ ନୋଟ୍ ଲେଖିଦେଉଛି। ଫଳରେ ମସ୍ତିଷ୍କ କେବଳ ଜ୍ଞାନର ଜଣେ 'ଯାତ୍ରୀ' ହୋଇ ରହିଯାଇଛି, 'ଚାଳକ' ନୁହେଁ। ୧୯୬୦ ଦଶକରେ ଓଡ଼ିଶାର ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ କାଦୁଅରେ ମୂର୍ତ୍ତି ତିଆରି କରିବା ପାଠ୍ୟକ୍ରମର ଅଂଶ ଥିଲା। ଏହା କେବଳ ଖେଳ ନଥିଲା, ବରଂ ଏହା ଥିଲା ମସ୍ତିଷ୍କର ପ୍ରଶିକ୍ଷଣ। କାଦୁଅରେ କାମ କରିବା ଦ୍ୱାରା ହାତର ସୂକ୍ଷ୍ମ କୌଶଳ ବା ମୋଟୋର ସ୍କିଲ୍ ଓ ସୃଜନଶୀଳତା ବଢୁଥିଲା। ଆଜି ସେହି କାଦୁଅର ସ୍ଥାନ ନେଇଛି ଟ୍ୟାବଲେଟ୍।

ବିଶ୍ୱର ଅଭିଜ୍ଞତା ଆମକୁ କିଛି ଅଲଗା ସୂଚନା ଦେଉଛି। ଡେନମାର୍କ, ଯିଏ ଦିନେ ସବୁକିଛି ଡିଜିଟାଲ୍ କରିଦେଇଥିଲା, ସେ ଏବେ ପୁଣି ଥରେ ବହିକୁ ଫେରୁଛି। ଆମେରିକାରେ ଲ୍ୟାପଟପ୍ ଓ ଆଇପ୍ୟାଡ୍ ବଣ୍ଟାଯିବା ପରେ ଗବେଷଣାରୁ ଜଣାପଡ଼ିଲା ଯେ ପିଲାଙ୍କ ମଧ୍ୟରେ ଗଭୀର ଚିନ୍ତାଧାରା ଓ ସୃଜନଶୀଳତା କମିବାରେ ଲାଗିଛି। କଲମ ଓ କାଦୁଅର ସେହି 'ଧୀର' ସଂଘର୍ଷ ହିଁ ମସ୍ତିଷ୍କର ସ୍ନାୟୁକୁ ସକ୍ରିୟ କରିଥାଏ। ବିବର୍ତ୍ତନବାଦର ନିୟମ କହେ, ଯେଉଁ ଅଙ୍ଗର ବ୍ୟବହାର ହୁଏ ନାହିଁ ତାହା ଧୀରେ ଧୀରେ ନଷ୍ଟ ହୋଇଯାଏ। ଯଦି ଆମେ ଆମର ସ୍ମୃତିଶକ୍ତିକୁ ଗୁଗୁଲ୍ ଏବଂ ବିଶ୍ଳେଷଣ ଶକ୍ତିକୁ ଏଆଇ ପାଖରେ ବିକି ଦେବା, ତେବେ ଆମେ ପ୍ରକୃତରେ ପ୍ରଗତି କରୁନାହୁଁ, ବରଂ ଜ୍ଞାନଗତ ପତନ ଆଡ଼କୁ ଗତି କରୁଛୁ ବୋଲି ଭାବିବାକୁ ହେବ।

ଏବେ ଯନ୍ତ୍ର ବଢୁଛି, କିନ୍ତୁ ମଣିଷର ବୈଜ୍ଞାନିକ ଓ ଚିନ୍ତନ ଶକ୍ତି ଦୁର୍ବଳ ହେଉଛି। ବିଜ୍ଞତାର ସୁରକ୍ଷା ବୈଷୟିକ କିମ୍ବା ପ୍ରଯୁକ୍ତି ବିଦ୍ୟା ବିରୁଦ୍ଧରେ କୌଣସି ଯୁଦ୍ଧ ନୁହେଁ। ବୈଷୟିକ ଜ୍ଞାନକୌଶଳ ନିଶ୍ଚିତ ଭାବେ ଦରକାର, କିନ୍ତୁ ସାବଧାନତାର ସହ। ବିଶେଷକରି ପ୍ରାଥମିକ ଶିକ୍ଷା ସମୟରେ ବିଦ୍ୟାଳୟଗୁଡ଼ିକ 'ଧୀର କଲମ' ଏବଂ 'କାଦୁଅର ମୂର୍ତ୍ତି' ପରି ମୌଳିକ କାର୍ଯ୍ୟକୁ ଧରି ରଖିବା ଉଚିତ୍। ତଥ୍ୟ ପାଇଁ ଏଆଇର ସାହାଯ୍ୟ ନିଅନ୍ତୁ, କିନ୍ତୁ ମସ୍ତିଷ୍କର ବିକାଶ ପାଇଁ ଆନାଲଗ୍ ପଦ୍ଧତିକୁ ବଞ୍ଚାଇ ରଖନ୍ତୁ। ଆମକୁ ସମୟର ଚକକୁ ଟିକେ ପଛକୁ ବୁଲାଇବାକୁ ପଡ଼ିବ, ଯେମିତି ଆମ ପିଲାମାନେ ଏଆଇ ଯୁଗର ମାଲିକ ହୋଇ ରହିବେ, କେବଳ ତାହାର ଦାସ ନୁହେଁ।

ଭୁବନେଶ୍ୱର, ମୋ: ୭୭୩୫୩୭୪୯୭

# କୀଟଙ୍କୁ କ୍ଷମାପ୍ରାର୍ଥନାର ଆଉ ଏକ ପର୍ବ: କଦଲେଟା

**ଓଜସ୍ୱିନୀ**

**ବିଚିତ୍ର ବିଶ୍ୱାସ**

ଜାପାନ ଭଳି ଭାରତରେ ମଧ୍ୟ କୀଟପତଙ୍ଗଙ୍କ ବଳିଦାନକୁ ସ୍ୱୀକୃତି ଓ ସମ୍ମାନ ଦେବା ପାଇଁ ବିଭିନ୍ନ ପର୍ବ ଓ ଉତ୍ସବ ପାଳନ କରାଯାଏ। ଝାଡ଼ଖଣ୍ଡରେ ଏକ ନିଆରା ପରମ୍ପରାଗତ ପର୍ବ ପାଳିତ ହୋଇଥାଏ, ଯାହା 'କଦଲେଟା ପୂଜା' ନାମରେ ପରିଚିତ। ଏହି ପର୍ବକୁ 'ଡଣ୍ଡାକଟନା' ମଧ୍ୟ କୁହାଯାଏ। ମୁଖ୍ୟତଃ ଝାଡ଼ଖଣ୍ଡରେ ରହୁଥିବା ସରନା ନାମକ ଆଦିବାସୀ ସମ୍ପ୍ରଦାୟ ଦ୍ୱାରା ଏହି ପର୍ବ ଭାଦ୍ରବ ମାସ ବା ପ୍ରାୟ ସେପ୍ଟେମ୍ବର ମାସରେ ପାଳନ କରାଯାଇଥାଏ। ଏହି ସମୟରେ କ୍ଷେତରେ ଭରପୂର ଫସଲ ରହିଥାଏ। ଆର୍ଦ୍ର ଜଳବାୟୁ ଯୋଗୁଁ ଫସଲରେ ବିଭିନ୍ନ ପ୍ରକାର କୀଟ ସଂକ୍ରମଣର ଆଶଙ୍କା ଥାଏ। ତେଣୁ ଫସଲକୁ କୀଟଙ୍କଠାରୁ ରକ୍ଷା କରିବା ପାଇଁ କୀଟନାଶକ ଔଷଧ ଅଧିକ ମାତ୍ରାରେ ପ୍ରୟୋଗ କରାଯାଏ। ତେଣୁ ଏହି ପର୍ବର ମୁଖ୍ୟ ଉଦ୍ଦେଶ୍ୟ ହେଉଛି କୀଟନାଶକ ପ୍ରଭାବରେ ମୃତକୀଟଙ୍କ ବଳିଦାନ ଏବଂ ହତ୍ୟା ଭଳି କୁକର୍ମ ପାଇଁ କ୍ଷମାପ୍ରାର୍ଥନା କରିବା ସହିତ କୀଟଙ୍କ ଆତ୍ମାର ସଦ୍‌ଗତି କାମନା କରିବା। ବିଶ୍ୱାସ ରହିଛି ଯେ ନିଜର ସ୍ୱାର୍ଥ ପାଇଁ କୀଟଗୁଡ଼ିକୁ ମାରି ଦିଆଯାଉଥିବାରୁ ମଣିଷମାନେ ଯେଉଁ ପାପ କରିଥା'ନ୍ତି, କ୍ଷମା ପ୍ରାର୍ଥନା କଲେ ଉକ୍ତ ପାପ ଦୂର ହୋଇଥାଏ। ଯେଉଁଠି ଏହି ପୂଜା ଅନୁଷ୍ଠିତ ହୋଇଥାଏ, ତାହାକୁ 'ସରନା ସ୍ଥଳ', 'କଦଲେଟା ଟାଙ୍ଗ' ବା 'ପୂଜାଟାଙ୍ଗ' ବୋଲି କୁହାଯାଏ। ଲୋକମାନେ ଏକତ୍ରିତ ହୋଇ କ୍ଷମାପ୍ରାର୍ଥନା କରିବା ସହିତ କୀଟଙ୍କ ଆତ୍ମାର ସଦ୍‌ଗତି ପାଇଁ ସମବେତ ପୂଜା କରିଥା'ନ୍ତି।

ପ୍ରଥମେ ପୂଜାସ୍ଥଳକୁ ଗୋବରରେ ଲିପାଯାଇ ପବିତ୍ର କରାଯାଏ। ଏହାପରେ 'ଭେଲ୍‌ଭା' ଓ 'କେଉଁନ୍ଦ' ବା 'ତେନ୍ଦୁ' ନାମକ ଗଛର ପତ୍ରକୁ ପୂଜାସ୍ଥଳରେ ରଖାଯାଏ। ସରନା ସମ୍ପ୍ରଦାୟଙ୍କ ପୂଜକ(ପାହନ, ପୂଜାର ବା ମହତୋ)ଙ୍କ ଦ୍ୱାରା ପୂଜା ସମାପ୍ତ ହେବା ପରେ ସମସ୍ତେ ଉତ୍ତମ ଫସଲ ହେବା ସହିତ ଭଲ ବର୍ଷା ହେବା ଏବଂ ଫସଲକୁ ଜଙ୍ଗଲୀ ପଶୁ ଓ କୀଟପତଙ୍ଗଠାରୁ ସୁରକ୍ଷା ଦେବା ପାଇଁ ପ୍ରକୃତି ମାତା ଆଦିଶକ୍ତିଙ୍କୁ ପ୍ରାର୍ଥନା କରିଥା'ନ୍ତି। ଏହାପରେ କୀଟଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରାଯାଏ। ଏଭଳି କରିବା ଦ୍ୱାରା କୀଟହତ୍ୟା ପାପ ଦୂର ହେବା ସହିତ ଆଦିଶକ୍ତି ପ୍ରସନ୍ନ ହୋଇଥା'ନ୍ତି ଏବଂ ଗ୍ରାମବାସୀଙ୍କ ସୁଖସମୃଦ୍ଧି ବୃଦ୍ଧି ହୋଇଥାଏ ବୋଲି ବିଶ୍ୱାସ ରହିଛି। ପୂଜା ପରେ ଖେଚୁଡ଼ି କିମ୍ବା ଖିରୀ ଭୋଗ ହୋଇଥାଏ, ଯାହାକୁ ପ୍ରସାଦ ଭାବେ ସମସ୍ତେ ଗ୍ରହଣ କରିଥା'ନ୍ତି। ପୂଜାସ୍ଥାନରେ ବିଭିନ୍ନ ପରମ୍ପରାଗତ ବାଦ୍ୟର ତାଳେ ତାଳେ ଲୋକନୃତ୍ୟର ଆୟୋଜନ ମଧ୍ୟ କରାଯାଏ।

କଦଲେଟା ପର୍ବର ତୃତୀୟ ଦିନରେ ଚାଷୀଭାଇମାନେ ନିଜ ନିଜ କ୍ଷେତରେ ଭେଲ୍‌ଭା, କେଉଁନ୍ଦ ଓ ଶାଳ ଗଛର ଡାଳ ପୋତିଥା'ନ୍ତି। ଏହାଦ୍ୱାରା ଫସଲ ଉପରେ ଥିବା କୁଦୃଷ୍ଟି ଦୂର ହୋଇଥାଏ ବୋଲି ବିଶ୍ୱାସ ରହିଛି। ସ୍ଥାନୀୟ ମାନ୍ୟତା ଓ ଲୋକବିଶ୍ୱାସ ଅନୁସାରେ ଭେଲ୍‌ଭା ଓ କେଉଁନ୍ଦ ଗଛର ଡାଳ ଓ ପତ୍ର ଝଡ଼ାଫୁଙ୍କା ଦିଗରେ ସହାୟକ। ଏହାବ୍ୟତୀତ ଏହି ଡାଳ ଉପରେ ବିଭିନ୍ନ ପ୍ରକାର ପକ୍ଷୀ ଆସି ବସିଥା'ନ୍ତି, ଯେଉଁମାନେ ଫସଲରେ ଥିବା କେତେକ କୀଟକୁ ନିଜର ଖାଦ୍ୟ ଭାବେ ଗ୍ରହଣ କରିଥା'ନ୍ତି। ତେଣୁ ପରୋକ୍ଷ ଭାବରେ ଫସଲ ସୁରକ୍ଷିତ ହୋଇ ରହିଥାଏ।

ଭାରତର ସ୍ଥଳବିଶେଷରେ ଏଭଳି ଅନେକ କୃଷିଭିତ୍ତିକ ପର୍ବ ପାଳନ କରାଯାଏ, ଯାହାର ନିଜସ୍ୱ ସ୍ୱତନ୍ତ୍ରତା ଓ ମହତ୍ତ୍ୱ ରହିଛି। ଓଡ଼ିଶାରେ ମଧ୍ୟ ବର୍ଷା ଋତୁରେ କ୍ଷେତରେ ବେଉଷଣ ଆରମ୍ଭ ହେବା ପୂର୍ବରୁ ଗେଣ୍ଡାମାନଙ୍କ ଉଦ୍ଦେଶ୍ୟରେ ପ୍ରାର୍ଥନା ଓ ପୂଜା କରାଯିବାର ପରମ୍ପରା ଏବେ ମଧ୍ୟ କେତେକ ଗ୍ରାମରେ ବଞ୍ଚି ରହିଛି। କ୍ଷେତକୁ ଯାଉଥିବା ଚାଷୀଭାଇମାନଙ୍କୁ କୌଣସି କ୍ଷତି ନ କରିବା ପାଇଁ ଏହି ପର୍ବରେ ଗେଣ୍ଡାମାନଙ୍କୁ ପ୍ରାର୍ଥନା କରାଯାଇଥାଏ ଏବଂ ଚାଷ ପ୍ରକ୍ରିୟାରେ ଯଦି ଗେଣ୍ଡାମାନଙ୍କର ଶରୀର କ୍ଷତବିକ୍ଷତ ହୁଏ ସେଥିପାଇଁ ମଧ୍ୟ କ୍ଷମାପ୍ରାର୍ଥନା କରାଯାଏ। କୀଟଙ୍କ ବଳିଦାନ ପାଇଁ କ୍ଷମାପ୍ରାର୍ଥନା କରିବାର ଏହି ନିଆରା ଶୈଳୀ ପ୍ରକୃତରେ ଅବର୍ଣ୍ଣନୀୟ। ଏହିଭଳି ପର୍ବରେ ଭାରତୀୟ ସଂସ୍କୃତିର ମୂଳ ଜୀବେଦୟା ସ୍ପଷ୍ଟଭାବେ ଦୃଶ୍ୟମାନ ହେଉଛି, ଯାହାକି ବିଶ୍ୱସ୍ତରରେ ଏକ ଅନନ୍ୟ ଉଦାହରଣ ହୋଇପାରିବ।

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ସକାଳ THE SAKALA



## ଜରୁରୀକାଳୀନ ବିଭାଗରେ ଅନିୟମିତତା ଅଭିଯୋଗ

# ପିଇଓଙ୍କ ପାଇଁ ଅଧିକାରୀଙ୍କ ନିୟମ ଉଲ୍ଲଂଘନ

ନୟାଗଡ଼,୧୯ ।୩(ସମିସ)

ନୟାଗଡ଼ ଜିଲ୍ଲା ପ୍ରଶାସନର କିଛି ବରିଷ୍ଠ ଅଧିକାରୀ ଖଣ୍ଡପଡ଼ା ବ୍ଲକର ଜଣେ ପିଇଓଙ୍କ ପାଇଁ ଅହେତୁକ ଅନୁକମ୍ପା ପ୍ରଦର୍ଶନକୁ ନେଇ ସାଂଘାତିକ ଚର୍ଚ୍ଚା ହେଉଛି। ଉକ୍ତ ପିଇଓଙ୍କ ବେନାମୀ ମାଲିକାନାରେ ଥିବା ତାରିଣୀ ଆର୍ଟ୍ସକୁ ସହଯୋଗ କରିବା ପାଇଁ ଟେଣ୍ଡର ଫିକ୍ସିଂ କରିବାକୁ ଅଧିକାରୀ ପଛାଇ ନାହାନ୍ତି। ଜାଣିଶୁଣି ଅନିୟମିତତାକୁ ପ୍ରଶ୍ରୟ ଦେଇ ପିଇଓଙ୍କୁ ସହଯୋଗ କରିବାକୁ ନେଇ ଅନେକ ବ୍ୟବସାୟୀ ଏବେ କୋର୍ଟକୁ ଯିବାକୁ ବାହାରିଛନ୍ତି। ଜିଲ୍ଲାରେ ବିଭିନ୍ନ କାର୍ଯ୍ୟାଳୟରୁ ଫ୍ଲେକ୍ସ ଓ ବ୍ୟାନର ପ୍ରସ୍ତୁତି ପାଇଁ ଟେଣ୍ଡର ଆହ୍ୱାନ କରାଯିବା ବଦଳରେ କୋଟେସନ୍ ଆହ୍ୱାନ କରାଯାଉଛି। ପିଛିଲା ତାରିଖରେ କାଗଜପତ୍ର ପ୍ରସ୍ତୁତ କରି ନୟାଗଡ଼ ସହରରେ ଥିବା ତାରିଣୀ ଆର୍ଟ୍ସ ନାମକ ସଂସ୍ଥାକୁ ଲକ୍ଷ ଲକ୍ଷ ଟଙ୍କାର କାର୍ଯ୍ୟାଦେଶ ଦିଆଯାଉଛି। ଏହି ସଂସ୍ଥାର ପ୍ରକୃତ ମାଲିକ ଖଣ୍ଡପଡ଼ା ବ୍ଲକରେ କାର୍ଯ୍ୟରତ ଜଣେ ପିଇଓ ହୋଇଥିବା ବେଳେ ଏହାର ନାମମାତ୍ର ମାଲିକାନା ଅନ୍ୟ ଲୋକଙ୍କ ନାମରେ ରହିଛି। ନୟାଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଥିବା ଜରୁରୀକାଳୀନ ବିଭାଗରେ ନିକଟରେ ହୋଇଥିବା ଫିକ୍ସିଂ ଏବେ ଚର୍ଚ୍ଚାର ବିଷୟ ହୋଇଛି।

### ଫ୍ଲେକ୍ସ, ବ୍ୟାନର ପ୍ରସ୍ତୁତି ପାଇଁ ନିର୍ଦ୍ଦିଷ୍ଟ ସଂସ୍ଥାକୁ ଅନୁକମ୍ପା

ଗତ ୭ ତାରିଖ କିଛି ଫ୍ଲେକ୍ସ ଓ ବ୍ୟାନର ପାଇଁ ଟେଣ୍ଡର ଆହ୍ୱାନ କରାଯାଇଥିଲା। ଉକ୍ତ କୋଟେସନକୁ ନୋଟିସ ବୋର୍ଡରେ ଲଗାଯାଇ କାଢ଼ି ଦିଆଯାଇଥିବା କିମ୍ବା ଆଦୌ ଲଗାଯାଇ ନ ଥିବା ଅଭିଯୋଗ ହୋଇଛି। ଏହି କୋଟେସନ୍ ସମ୍ପର୍କରେ ସହରର ଅନ୍ୟ କୌଣସି ସଂସ୍ଥା ସାମାନ୍ୟତମ ସୁରାକ ପାଇ ନ ଥିବା ବେଳେ ତାରିଣୀ ଆର୍ଟ୍ସକୁ କାର୍ଯ୍ୟାଦେଶ ଦିଆଯାଇଛି। ଜରୁରୀ କାଳୀନ ବିଭାଗ ମାର୍ଚ୍ଚ ୭ ତାରିଖ ଚିଠି ସଂଖ୍ୟା ୪୮୪ରେ ଏହି କାମର କୋଟେସନ୍ ଆହ୍ୱାନ କରିଥିବା ଜଣାପଡ଼ିଛି। ଉକ୍ତ କୋଟେସନରେ ୨୮ଟି ୧୦-୮ ଫୁଟ ଫ୍ଲେକ୍ସ, ୨୦ଟି ୮-୬ ଫୁଟ ଫ୍ଲେକ୍ସ, ୧୮ଟି ୬-୪ ଫୁଟ ଫ୍ଲେକ୍ସ, ଗୋଟିଏ ଗ୍ଲସି ସାମ୍ପଲ କପି ପ୍ରସ୍ତୁତ କରିବାକୁ କୁହାଯାଇଛି। ଉକ୍ତ କାମର ଆନୁମାନିକ ମୂଲ୍ୟ ୫୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ହେବ। ଏହାକୁ ନେଇ ସହରର ଅନ୍ୟ ଫ୍ଲେକ୍ସ ଓ ବ୍ୟାନର ବ୍ୟବସାୟୀ ଏବେ କୋର୍ଟକୁ ଯିବାକୁ ପ୍ରସ୍ତୁତ ହେଉଛନ୍ତି। ଗତ କିଛି ବର୍ଷ ହେବ ଜିଲ୍ଲାର ବିଭିନ୍ନ ବିଭାଗରୁ ଏହି ସଂସ୍ଥାକୁ ଏଭଳି ଅନିୟମିତତା କରି କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିବା ଏବଂ ବିନା କାମରେ ଫଲ୍ସ ବିଲ କରାଯାଇଥିବା ଅଭିଯୋଗ ଆସୁଛି। ଜିଲ୍ଲାର ଦୁଇ ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କ ସହଯୋଗରେ ଉକ୍ତ ସଂସ୍ଥା କାମ ପାଉଥିବା ବେଳେ ଅନ୍ୟ ବ୍ୟବସାୟୀ ଜଳକା ସାଜିଛନ୍ତି। ବିଗତ ଦିନରେ ଉକ୍ତ ସଂସ୍ଥାକୁ କାମ ଦେବା ପାଇଁ ଅନ୍ୟ ସଂସ୍ଥାର କୋଟେସନକୁ ଚିରି ଦିଆଯାଇଥିବା ମଧ୍ୟ ଅଭିଯୋଗ ହୋଇଛି। ଖଣ୍ଡପଡ଼ା ବ୍ଲକରେ କାର୍ଯ୍ୟରତ ପିଇଓ ସହ ଦୁଇ ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କ ଭିତିରିଆ କାରବାର ଥିବା ବ୍ୟବସାୟୀମାନେ ଅଭିଯୋଗ କରିଛନ୍ତି। ଗତ ତିନିବର୍ଷ ମଧ୍ୟରେ ଜିଲ୍ଲାର ଅନେକ ବିଭାଗରୁ ଅନିୟମିତତା କରି ଉକ୍ତ ସଂସ୍ଥାକୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ଯାହାର ଭିଜିଲାନ୍ସ ତଦନ୍ତ କରାଯିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି। ପିଇଓ ଜଣକ ଖଣ୍ଡପଡ଼ା ବ୍ଲକରେ କାର୍ଯ୍ୟରତ ଥାଇ ନୟାଗଡ଼ରେ ବ୍ୟବସାୟ ଚଳାଇବାକୁ ନେଇ ଅନେକ ପ୍ରଶ୍ନ ଉଠିଛି। ଉକ୍ତ ପିଇଓଙ୍କ ସମ୍ପର୍କରେ ଭିଜିଲାନ୍ସ ତଦନ୍ତ କରାଗଲେ ଅନେକ ରହସ୍ୟ ସାମ୍ନାକୁ ଆସିବ ବୋଲି ମତ ପ୍ରକାଶ ପାଇଛି। ଏହି ଘଟଣାକୁ ନେଇ ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାଶଙ୍କ ମତାମତ ନେବାରେ କୌଣସି ଅନିୟମିତତା ହୋଇ ନ ଥିବା ସେ କହିଛନ୍ତି।

## ● ୨୧ ଗୋରୁ ଉଦ୍ଧାର

# ୩ ଗାଡ଼ି ଜବତ, ଜଣେ ଗିରଫ

ଗଣିଆ,୧୯ ।୩(ସମିସ): ଗଣିଆ ବ୍ଲକ ରାସଙ୍ଗ ପଞ୍ଚାୟତ ଡଙ୍କାରିସାହି ଗ୍ରାମରେ ଗୋଚାଲାଣ ବେଳେ ୨୧ ଗୋରୁଙ୍କୁ ଉଦ୍ଧାର କରିଛି ଗଣିଆ ପୁଲିସ। ଏଥିରେ ସମ୍ପୃକ୍ତ ଜଣକୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ଡଙ୍କାରିସାହିର ସୁଶାନ୍ତ ପଣ୍ଡା। ବୁଧବାର ବିଳମ୍ବିତ ରାତିରେ ପୁଲିସ ପାଟ୍ରୋଲିଂ କରୁଥିବା ବେଳେ ଡଙ୍କାରିସାହିରେ ପିକଅପ ଭ୍ୟାନରେ ଗୋରୁ ଚାଲାଣ ହେଉଥିବା ଦେଖିବାକୁ ମିଳିଥିଲା। ରାସ୍ତା କଡ଼ରେ ରାତିରେ ଗାଡ଼ିଗୁଡ଼ିକ ଅଟକି ଥିବାରୁ ପୁଲିସର ସନ୍ଦେହ ହୋଇଥିଲା। ଥାନା ଅଧିକାରୀ ଟଙ୍କଧର ଛତ୍ରିଆ, ଏସଆଇ ଶ୍ୟାମସୁନ୍ଦର ପ୍ରଧାନ ସଦଳବଳ ଘଟଣାସ୍ଥଳରେ ପହଞ୍ଚିଥିଲେ। ପୁଲିସ ଗାଡ଼ି ଦେଖି ଗୋରୁ କିଣିବାକୁ ଆସିଥିବା ବେପାରୀ ଗାଡ଼ିଗୁଡ଼ିକୁ ଛାଡ଼ି ଫେରାର ହୋଇଯାଇଥିଲେ। ଘଟଣାସ୍ଥଳରୁ ପୁଲିସ ୨୧ଟି ଗୋରୁ ସହ ୨ଟି ପିକଅପ ଭ୍ୟାନ ଏବଂ ଗୋଟିଏ ବୋଲେରୋ ଗାଡ଼ି ଜବତ କରିଛି। ସୁଶାନ୍ତ ପଣ୍ଡାଙ୍କୁ ଗିରଫ କରାଯାଇଛି। ଘଟଣାରେ ଅନେକ ବ୍ୟକ୍ତି ସମ୍ପୃକ୍ତ ଥିବା ଅନୁମାନ କରାଯାଉଛି। ସେମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଥାନା ଅଧିକାରୀ କହିଛନ୍ତି। ଉଦ୍ଧାର ଗୋରୁଗୁଡ଼ିକୁ ସ୍ଥାନୀୟ ଗୋଶାଳାକୁ ପଠାଇ ଦିଆଯାଇଛି।

# ଛାତରୁ ଖସିପଡ଼ି ଜଣେ ମୃତ

ଓଡ଼ଗାଁ,୧୯ ।୩(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା କୁରାଳ ଗ୍ରାମ ବେଙ୍ଗେଇସାହିରେ ଛାତରୁ ଖସି ପଡ଼ି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଗୌରଚନ୍ଦ୍ର ମହାପାତ୍ର (୫୯)। ଗୁରୁବାର ମଧ୍ୟାହ୍ନରେ ଏସି ଲଗାଇବା କାମ ସମୟରେ ଗୌରଚନ୍ଦ୍ର ଏକ ଘରର ଛାତରୁ ପାଖପାଖି ଅନ୍ୟ ଛାତକୁ ଯିବାକୁ ଚେଷ୍ଟା କରୁଥିଲେ। ଏହି ସମୟରେ ତାଙ୍କ ପାଦ ଖସିଯାଇ ଦୁଇମହଲା ଉଚ୍ଚତାରୁ ତଳକୁ ପଡ଼ି ଗୁରୁତର ଆହତ ହୋଇଥିଲେ। ତୁରନ୍ତ ତାଙ୍କୁ ଓଡ଼ଗାଁ ମେଡିକାଲ ନିଆଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା। ତେବେ ବାଟରେ ତାଙ୍କ ମୃତ୍ୟୁ ଘଟିଛି।

# ପୋକ୍ସୋ ଆଇନ ଉପରେ କର୍ମଶାଳା




ନୟାଗଡ଼,୧୯ ।୩(ସମିସ): ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଆନୁକୂଲ୍ୟରେ ଏସପିଙ୍କ କାର୍ଯ୍ୟାଳୟରେ ବୁଧବାର ଜିଲ୍ଲାର ସମସ୍ତ ଥାନା ଅଧିକାରୀଙ୍କୁ ନେଇ ପୋକ୍ସୋ ଆଇନ ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଛି। ଜିଲ୍ଲା ଶିଶୁସୁରକ୍ଷା ଅଧିକାରୀ ଶିବିୟନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ଶିଶୁଙ୍କ ସୁରକ୍ଷା, ପୋକ୍ସୋ ଆଇନର ବିଭିନ୍ନ ପ୍ରାବଧାନ, ଶିଶୁଙ୍କ ବିରୋଧରେ ଘଟୁଥିବା ଯୌନ ଅପରାଧ ସମ୍ବନ୍ଧୀୟ ମାମଲାର ସଠିକ ତଦନ୍ତ ପ୍ରକ୍ରିୟା ଏବଂ ପୀଡ଼ିତ ଶିଶୁଙ୍କୁ ସହାୟତା ଓ ପୁନର୍ବାସ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହା ସହିତ ଥାନା ଅଧିକାରୀଙ୍କୁ ପୋକ୍ସୋ ମାମଲାରେ ଶିଶୁମିତ୍ର ଭାବପୂର୍ଣ୍ଣ ବ୍ୟବହାର କରିବା, ସମୟୋପଯୋଗୀ ଭାବେ ମାମଲା ପଞ୍ଜୀକରଣ ଓ ତଦନ୍ତ ସମ୍ପନ୍ନ କରିବା ପାଇଁ କୁହାଯାଇଥିଲା। କାର୍ଯ୍ୟକ୍ରମରେ ତାଲିମଦାତା ପ୍ରମୋଦ ଆଚାର୍ଯ୍ୟ ଆଇନ ବିଷୟରେ ଆଲୋଚନା ରଖିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ଅନୁଷ୍ଠାନିକ ଯତ୍ନ ସୁରକ୍ଷା ଅଧିକାରୀ ସତ୍ୟରଞ୍ଜନ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଡିଏସପି ନୀହାର ରଞ୍ଜନ ମହାନ୍ତି ପୁଲିସ ଅଧିକାରୀଙ୍କୁ ଶିଶୁ ଅଧିକାର ବିଷୟରେ ଅବଗତ କରାଇଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଫିସ ଏଲପିଓ ମହମ୍ମଦ ଅର୍ଶଦ ଅନସାରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ● ଭୂତଳ ଜଳ ସ୍ଥିତି କର୍ମଶାଳା

# ନୟାଗଡ଼ ବ୍ଲକ ପାଇଁ ଚିନ୍ତାଜନକ ପରିସ୍ଥିତି



ନୟାଗଡ଼,୧୯ ।୩(ସମିସ): ନୟାଗଡ଼ ଜିଲ୍ଲା ପରିଷଦ ସୃଜନ ସମ୍ମିଳନୀ କକ୍ଷରେ ଏନ୍‌ଏକ୍ୟୁୟୁଆଇଏମ୍ ସୁପାରିସ ଏବଂ ଭୂତଳ ଜଳ ପରିଚାଳନା ଉପରେ ଏକ କର୍ମଶାଳା ଗୁରୁବାର ଅନୁଷ୍ଠିତ ହୋଇଛି। ଏଥିରେ କେନ୍ଦ୍ରୀୟ ଭୂତଳ ଜଳ ବିଭାଗ ବୈଜ୍ଞାନିକ ସୁମିତ୍ରା ସରକାର, ମୌସୁମୀ ସାହୁ, ସଞ୍ଜୟ ନାୟକ, ଏପିଡି ଆଡମିନ ଜିତେନ୍ଦ୍ର ନାୟକ, ପିଡି, ଜଳ ବିଭାଜିକା ଶୁଭେନ୍ଦ୍ର କୁମାର ପରିଡ଼ା ଯୋଗଦେଇଥିଲେ। ଜିଲ୍ଲା ପରିଷଦ ଅଧ୍ୟକ୍ଷ ଙ୍କ ଦେବାଶିଷ ପଟ୍ଟନାୟକ କର୍ମଶାଳାକୁ ଉଦଘାଟନ କରିଥିଲେ। ଜିଲ୍ଲାର ଭୂତଳ ଜଳ ସ୍ଥିତିର ସମ୍ପୂର୍ଣ୍ଣ ଦୃଶ୍ୟପଟ୍ଟ କେନ୍ଦ୍ରୀୟ ଭୂତଳ ଜଳ ବୋର୍ଡ ଭୁବନେଶ୍ୱର ବୈଜ୍ଞାନିକମାନେ ଆଲୋଚନା କରିଥିଲେ। ନୟାଗଡ଼ ବ୍ଲକର ଭୂତଳ ଜଳର ସ୍ଥିତି ଅତ୍ୟନ୍ତ ଚିନ୍ତାଜନକ ବୋଲି ବୈଜ୍ଞାନିକମାନେ କହିଥିଲେ। ଆଜି ପର୍ଯ୍ୟନ୍ତ ପ୍ରାୟ ୮୭ ପ୍ରତିଶତ ଭୂତଳ ଜଳ ବ୍ୟବହାର କରାଯାଇଛି। ଭୂତଳ ଜଳ କିପରି ବୃଦ୍ଧି କରାଯିବ ଏବଂ ଭୂତଳ ଜଳର ସୁବିଚାରପୂର୍ଣ୍ଣ ବ୍ୟବହାର ଆଲୋଚନାର କେନ୍ଦ୍ରବିନ୍ଦୁ ଥିଲା। କାର୍ଯ୍ୟକ୍ରମରେ ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ, ବିଡିଓ, କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ମତ୍ସ୍ୟ ଅଧିକାରୀ, ନିର୍ବାହୀ ଯନ୍ତ୍ରୀ, ଜଳସେଚନ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ।

## ଅପରେସନ୍ ସାଇବର କବଚ, ଗ୍ୟାଙ୍ଗ ସମ୍ପର୍କରେ ଖୁଲାସା କଲେ ଏସ୍‌ପି

# ମାଷ୍ଟରମାଇଣ୍ଡ ସମେତ ୩ ଗିରଫ

### ୧୬ ମାମଲା ରୁଜୁ, ୧୯ ଲକ୍ଷ ଜବତ
### ପୂର୍ବରୁ ୩ ଜଣ ଗିରଫ ହୋଇଥିଲେ

ନୟାଗଡ଼,୧୯ ।୩(ସମିସ): ରାଜ୍ୟ ପୁଲିସ ନିର୍ଦ୍ଦେଶକ୍ରମେ ଚାଲିଥିବା ଅପରେସନ୍ ସାଇବର କବଚ ଜରିଆରେ ନୟାଗଡ଼ ପୁଲିସ ୧୬ଟି ମାମଲା ରୁଜୁ କରି ଏକ ବଡ଼ ଗ୍ୟାଙ୍ଗ ସମ୍ପର୍କରେ ଖୁଲାସା କରିଛି। ନୟାଗଡ଼ ଏସ୍‌ପି ଏସ୍ ଶୁଶ୍ରୀ ଗୁରୁବାର ସାଇବର ଥାନା ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏନେଇ ସୂଚନା



ଦେଇଛନ୍ତି। ଏହି ଘଟଣାର ମାଷ୍ଟରମାଇଣ୍ଡ ସମେତ ୩ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଶରଣକୁଳ ଥାନା ଚଢ଼େୟାପଲ୍ଲୀ ଗ୍ରାମର ସୋନୁ ନିଗମ ବିଶ୍ୱାଳ, ଶଙ୍କର ଚୌଧୁରୀ ଓ ଓଡ଼ଗାଁ ଥାନା ରଙ୍ଗଣୀପାଟଣା ଗ୍ରାମର ରମେଶ ଡାକୁଆ। ସୋନୁ ସାଇବର ଅପରାଧର ମାଷ୍ଟରମାଇଣ୍ଡ। ଏ ସମସ୍ତଙ୍କୁ ନୟାଗଡ଼ ପୁଲିସ ବିହାରରୁ ଉଠାଇ ଆଣିଥିବା ଏସ୍‌ପି ସୂଚନା ଦେଇଛନ୍ତି।

ଏସ୍‌ପିଙ୍କ ସୂଚନା ମୁତାବକ, ନୟାଗଡ଼ ପୁଲିସ ସାଇବର କବଚ ଅପରେସନ ଜରିଆରେ ତଦନ୍ତ ଚଳାଇଥିଲା। ତଦନ୍ତ ସମୟରେ ୨୩୨୭ ସନ୍ଦିଗ୍ଧ ଆକାଉଣ୍ଟକୁ ଯାଞ୍ଚ କରାଯାଇଥିଲା। ୧୫୨ଟି ଚେକ୍ ଉଠାଣ, ୨୪୫୭ଟି ଏଟିଏମ୍ ଉଠାଣକୁ ତଦନ୍ତ ପରିସରକୁ ଅଣାଯାଇଥିଲା। ଯାହାକୁ ନେଇ ଜିଲ୍ଲାର ବିଭିନ୍ନ ଥାନାରେ ୧୬ଟି ମାମଲା ରୁଜୁ କରାଯାଇଛି। ୩୫୭ ଜଣଙ୍କୁ ନୋଟିସ୍ କରାଯାଇଛି। ଅନ୍ୟ ଲୋକଙ୍କ ଆକାଉଣ୍ଟକୁ ଭଡ଼ା ସୂତ୍ରରେ ତଥା ସେମାନଙ୍କୁ କିଛି କମିଶନ ଦେଇ ଅପରାଧୀମାନେ ସେମାନଙ୍କ ଅପରାଧିକ କାର୍ଯ୍ୟକଳାପରେ ବ୍ୟବହାର କରୁଥିଲେ। ପୂରା ଘଟଣାର ତଦନ୍ତ ସମୟରେ ଏହି ଅପରାଧରେ ୬ ଜଣ ସାମିଲ ଥିବା ଜଣାପଡ଼ିଥିଲା। ୬ ଜଣଙ୍କ ମଧ୍ୟରୁ ୩ ଜଣଙ୍କୁ ବିଗତ ଦିନରେ ଶରଣକୁଳ ଥାନା ପୁଲିସ ଗିରଫ କରିଥିଲା। ଆଜି ମାଷ୍ଟରମାଇଣ୍ଡ ସମେତ ୩ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ୧୯ ଲକ୍ଷ ୩୨ ହଜାର ୫୪୪ ଟଙ୍କା, ୨୨ଟି ପାସବୁକ, ୩ଟି ଚେକ ବୁକ୍, ୧୨ଟି ଏଟିଏମ୍ କାର୍ଡ, ୯ଟି ଆଧାର ଓ ପ୍ୟାନ କାର୍ଡ, ୭ଟି ମୋବାଇଲ ଫୋନ୍, ଗୋଟିଏ ଲାପଟପ୍, ଗୋଟିଏ ବାୟୋମେଟ୍ରିକ ସ୍କାନର ଜବତ କରାଯାଇଛି। ଦୀର୍ଘଦିନ ଧରି ଅଭିଯୁକ୍ତମାନେ ଏକ ଗ୍ୟାଙ୍ଗ କରି ଲୋକଙ୍କ ଆକାଉଣ୍ଟରୁ ଟଙ୍କା ଲୁଟ୍ କରୁଥିଲେ। ଅନେକ ଏଜେଣ୍ଟ ନିଯୁକ୍ତି କରି ଟଙ୍କା ଉଠାଣ କରୁଥିଲେ। ଏହି ଘଟଣାର ତଦନ୍ତ ଜାରି ରହିଛି। ଗିରଫ ସଂଖ୍ୟା ବୃଦ୍ଧି ପାଇବ ବୋଲି ଏସ୍‌ପି କହିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଡିଏସ୍‌ପି ନୀହାର ରଞ୍ଜନ ମହାନ୍ତିଙ୍କ ସମେତ ସାଇବର ଥାନା ପୁଲିସ ଉପସ୍ଥିତ ଥିଲେ। ମାଷ୍ଟରମାଇଣ୍ଡ ସୋନୁ ନିଗମ ଏବଂ ସହଯୋଗୀ ଶଙ୍କର ଚୌଧୁରୀ ଶରଣକୁଳ ଥାନାର ଏକ ହତ୍ୟା ମାମଲାର ଅଭିଯୁକ୍ତ ବୋଲି ସୂଚନା ମିଳିଛି।

## ରାମନବମୀ ମହୋତ୍ସବ

# ଦ୍ୱିତୀୟ ଅଯୋଧ୍ୟା ଉତ୍ସବମୁଖର



ଭାପୁର,୧୯ ।୩(ସମିସ): ଦ୍ୱିତୀୟ ଅଯୋଧ୍ୟା ଭାବେ ବିବେଚିତ ଫତେଗଡ଼ ଶ୍ରୀରାମ ମନ୍ଦିରରେ ବିଜେ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ଜନ୍ମଦିନ ରାମନବମୀ ପାଇଁ ଆୟୋଜିତ ହେଉଛି ରାମ ନବମୀ ମହୋତ୍ସବ। ଏହା ୯ ଦିନ ଧରି ଚାଲିବ। ଶ୍ରୀରାମ ସେବା ପରିଷଦ ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସବୁଦିନ ପାରାୟଣ, ପ୍ରବଚନ ଓ ଭଜନ ପରିବେଷଣ ହେବ। ରାମନବମୀରେ ରାଜ୍ୟର ଆଗଧାଡ଼ିର ୧୦ରୁ ଉର୍ଦ୍ଧ୍ୱ ଗାୟକ ଗାୟିକା ଭଜନ ପରିବେଷଣ କରିବେ। ଏହାସହ ମିନାବଜାର ଓ ଯାତ୍ରା ଆୟୋଜିତ ହେବ। ଏ ଉପଲକ୍ଷେ ମନ୍ଦିରକୁ ପୁଷ୍ପ ଓ ଆଲୋକମାଳାରେ ସଜ୍ଜିତ କରାଯାଇଛି। ବୁଧବାର ଅଧିବାସ ଓ ଅଙ୍କୁରାରୋପଣ ପରେ ଗୁରୁବାର କଳସଯାତ୍ରା ଆୟୋଜିତ ହୋଇଛି। ଭୋର ସମୟରେ ମହାନଦୀର କରବର ଘାଟରୁ ୫ ଶହ ମାନସିକଧାରୀ ନୂତନ ବସ୍ତ୍ର ପରିଧାନ କରି ଜଳପୂର୍ଣ୍ଣ କଳସ ଧରି ପାହାଡ଼ ଚଢ଼ି ମନ୍ଦିର ପରିସରରେ କଳସ ସ୍ଥାପନ କରିଥିଲେ। ସକାଳେ ସୂର୍ଯ୍ୟପୂଜା ପରେ ପାରାୟଣ ଓ ରାମନାମ ପ୍ରବଚନ, ସନ୍ଧ୍ୟାରେ ଭଜନ ପରିବେଷଣ ପରେ ପ୍ରବଚନ ଆରମ୍ଭ ହୋଇଥିଲା। ବ୍ୟାସ ଭାବେ ସୂର୍ଯ୍ୟନାରାୟଣ ଦାଶ, ଆଚାର୍ଯ୍ୟ ଶ୍ରୀନିବାସ ଦାଶ ଓ ପ୍ରବଚକ ଥିଲେ ସତ୍ୟ ଚୈତନ୍ୟ ଦାସ ମହାରାଜ। ମନ୍ଦିର ମୁଖ୍ୟ ପୂଜକ ସୁଶାନ୍ତ କୁମାର କର ସମସ୍ତଙ୍କୁ ସ୍ୱାଗତ କରିଥିଲେ।

## ପାଠାଗାରରେ ବ୍ୟାପକ ଅବ୍ୟବସ୍ଥା, ଜିଲ୍ଲାପାଳଙ୍କୁ ଫେରାଦ ହେଲେ ଛାତ୍ରଛାତ୍ରୀ

# ଇଓଙ୍କୁ ନିଲମ୍ବନ ପାଇଁ ଜିଲ୍ଲାପାଳଙ୍କ ଚେତାବନୀ

ନୟାଗଡ଼,୧୯ ।୩(ସମିସ): ନୟାଗଡ଼ ଜିଲ୍ଲା ପାଠାଗାର ଅତ୍ୟାଧୁନିକ ବ୍ୟବସ୍ଥାରେ ନିର୍ମାଣ କରାଯାଇଛି। ଶତାଧିକ ଛାତ୍ରଛାତ୍ରୀ ଏହା ଉପରେ ନିର୍ଭର କରୁଛନ୍ତି। ଅନେକ ଛାତ୍ରଛାତ୍ରୀ କମ୍ପିଟିଟିଭ୍ ପରୀକ୍ଷା ପାଇଁ ଏଠାରେ ପ୍ରସ୍ତୁତି କରୁଛନ୍ତି। ନୟାଗଡ଼ ପୁରୁଣା ସହରଠାରେ ଅବସ୍ଥିତ ଏହି ପାଠାଗାର ଅନେକ ଛାତ୍ରଛାତ୍ରୀଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇଥିବା ବେଳେ ନୟାଗଡ଼ ପୌର ପରିଷଦ ଅବହେଳାରୁ ଅନେକ ସମସ୍ୟା ଏଠାରେ ଦେଖାଯାଇଛି। ଶୌଚାଳୟଗୁଡ଼ିକ ନିୟମିତ ସଫେଇ ହେଉ ନ ଥିବା ବେଳେ ଆଉ ଦୁଇଟି ଶୌଚାଳୟ ନିର୍ମାଣର ଆବଶ୍ୟକତା ରହିଛି। ଖରା ଆରମ୍ଭ ହୋଇଥିଲେ ମଧ୍ୟ ଏସିଗୁଡ଼ିକ ମରାମତି ଅଭାବରୁ କାମ କରୁନାହିଁ। ଫ୍ୟାନଗୁଡ଼ିକ ବୁଲୁଥିଲେ ମଧ୍ୟ ପବନ ହେଉନି। ବିଦ୍ୟୁତ୍ କଟିବା ସମୟରେ ଛାତ୍ରଛାତ୍ରୀ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ପିଇବା ପାଣି ପାଇଁ ରହିଥିବା ଆକ୍ୱାଗାର୍ଡ ଆବଶ୍ୟକତା ମେଣ୍ଟାଇ ପାରୁନାହିଁ। ଏହା ସହ ସମସ୍ୟା ତାଲିକା ଅନେକ ଲମ୍ବା ବୋଲି ଛାତ୍ରଛାତ୍ରୀମାନେ କହିଛନ୍ତି। ଦୀର୍ଘ ଦିନ ଧରି ଛାତ୍ରଛାତ୍ରୀମାନେ ପୌର ପରିଷଦ ନିର୍ବାହୀ ଅଧିକାରୀଙ୍କୁ



ଏନେଇ ଅଭିଯୋଗ କରି ଆସୁଥିଲେ। କୌଣସି ସୁଫଳ ନ ମିଳିବାରୁ ଆଜି ଛାତ୍ରଛାତ୍ରୀମାନେ ସିଧା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଜିଲ୍ଲାପାଳ ମଧୁମିତା ରଥ ଘଟଣା ଶୁଣିବା ନିକଟରେ ଉପସ୍ଥିତ ଥିବା ପୌର ନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟଙ୍କୁ ପ୍ରଶ୍ନ କରିଥିଲେ। ନିର୍ବାହୀ ଅଧିକାରୀ ଛାତ୍ରଛାତ୍ରୀଙ୍କ ଅଭିଯୋଗକୁ ଟାଳିବା ପାଇଁ ଉଦ୍ୟମ କରିବାରୁ ଜିଲ୍ଲାପାଳ ତାଙ୍କୁ ଧରି ସିଧା ପାଠାଗାରରେ ପହଞ୍ଚିଥିଲେ। ସେଠାରେ ଛାତ୍ରଛାତ୍ରୀମାନେ ବ୍ୟାଗ ରଖିବାକୁ ସ୍ଥାନ ଅଭାବ, ୧୧ଟି ଏସି ମଧ୍ୟରୁ ମାତ୍ର ୩ଟି କାର୍ଯ୍ୟ କରୁଥିବା, ଫ୍ୟାନଗୁଡ଼ିକ ବୁଲୁଥିଲେ ମଧ୍ୟ ତାହା ପବନ ହେଉନଥିବା, ପାଣି ପିଇବା ପାଇଁ ଆକ୍ୱାଗାର? ସମସ୍ୟା, ବିଦ୍ୟୁତ୍ କଟିବା ସମୟରେ ଇନଭୋଟର ନଥିବା, ଶୌଚାଳୟ ସମସ୍ୟା ସମ୍ପର୍କରେ ଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ। ଜିଲ୍ଲାପାଳ ସବୁ ଅବ୍ୟବସ୍ଥା ଦେଖିବା ପରେ ନିର୍ବାହୀ ଅଧିକାରୀଙ୍କ ଉପରେ ଖପ୍ପା ହୋଇଥିବା ଦେଖାଯାଇଥିଲା। ସମସ୍ୟା ତୁରନ୍ତ ସମାଧାନ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ନଚେତ୍ ସିଧାସଳଖ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଚେତାବନୀ ଦେଇଥିଲେ। କାମ କର ନଚେତ୍ ନିଲମ୍ବନ କରିବି ବୋଲି ଜିଲ୍ଲାପାଳ ଚେତାବନୀ ଦେଇଛନ୍ତି। ନୟାଗଡ଼ ପୌର ନିର୍ବାହୀ ଅଧିକାରୀଙ୍କ ଖାମଖିଆଲ ମନୋଭାବକୁ ନେଇ ନୟାଗଡ଼ ବାସୀ ଉତକ୍ଷିପ୍ତ ଅବସ୍ଥାରେ ରହିଥିବା ବେଳେ ସହରରେ କୌଣସି କାମ ସଠିକ ଭାବେ ହେଉନଥିବା ବାରମ୍ବାର ଅଭିଯୋଗ ହେଉଛି। ଜିଲ୍ଲା ପାଠାଗାର ସମସ୍ୟା ଶୀଘ୍ର ଦୂର ହେବ

## ଘରୁ ଲୁଟ୍ ଉଦ୍ୟମ

# ଦୁର୍ବୃତ୍ତଙ୍କ ଆକ୍ରମଣରେ ବାପପୁଅ ଗୁରୁତର

ଖଣ୍ଡପଡ଼ା,୧୯ ।୩(ସମିସ): ଖଣ୍ଡପଡ଼ା ଥାନା କିଆଝର ପଞ୍ଚାୟତ ଗୋଛାବାରୀ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପରିଡ଼ାଙ୍କ ଘରୁ ବୁଧବାର ରାତିରେ ଲୁଟ୍ ଉଦ୍ୟମ ହୋଇଛି। ଦୁର୍ବୃତ୍ତମାନେ ପରିବାର ଲୋକଙ୍କୁ ମରଣାନ୍ତକ ଆକ୍ରମଣ କରି ଲୁଟ୍ ଉଦ୍ୟମ କରିଥିଲେ ମଧ୍ୟ ବିଫଳ ହେବାରୁ ଫେରାର ହୋଇଯାଇଛନ୍ତି। ଆକ୍ରମଣରେ ପୂର୍ଣ୍ଣଚନ୍ଦ୍ର ଓ ତାଙ୍କ ପୁଅ ଗୁରୁତର ଆହତ ହୋଇଛନ୍ତି। ଉଭୟଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।




ବୁଧବାର ବିଳମ୍ବିତ ରାତିରେ ୪ରୁ ୫ ଜଣ ଦୁର୍ବୃତ୍ତ ମାରଣାସ୍ତ୍ର ଧରି ପୂର୍ଣ୍ଣଚନ୍ଦ୍ରଙ୍କ ଘର ପଛପାଖର କବାଟ ଓ ଲୁହାଗ୍ରୀଲ ତାଲା ଭାଙ୍ଗି ଘରେ ପ୍ରବେଶ କରିବାକୁ ଚେଷ୍ଟା କରିଥିଲେ। ପୂର୍ଣ୍ଣଚନ୍ଦ୍ରଙ୍କ ପତ୍ନୀ ସେମାନଙ୍କୁ ଦେଖି ଚିତ୍କାର କରିବାରୁ ଦୁର୍ବୃତ୍ତମାନେ ତାଙ୍କୁ ଧକ୍କା ମାରି ଘରେ ପଶିବାକୁ ଚେଷ୍ଟା କରିଥିଲେ। ମା'ଙ୍କ ପାଟି ଶୁଣି ପୂର୍ଣ୍ଣଚନ୍ଦ୍ରଙ୍କ ବଡ଼ପୁଅ ସୁଧାଂଶୁ ଦୁର୍ବୃତ୍ତଙ୍କୁ କାବୁ କରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ଦୁର୍ବୃତ୍ତମାନେ ଧାରୁଆ ଅସ୍ତ୍ରରେ ସୁଧାଂଶୁଙ୍କୁ ଆକ୍ରମଣ କରିବାରୁ ସେ ଗୁରୁତର ଆହତ ହୋଇଥିଲେ। ପରେ ଦୁର୍ବୃତ୍ତମାନେ ପୂର୍ଣ୍ଣଚନ୍ଦ୍ରଙ୍କୁ ଆକ୍ରମଣ କରିଥିଲେ। ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ରକ୍ତ ଜୁଡୁବୁଡୁ ଅବସ୍ଥାରେ ବାପପୁଅଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ନିକଟସ୍ଥ ନୂଆଗଡ଼ିଆ ସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବାରୁ ଉଭୟଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି। ଖଣ୍ଡପଡ଼ା ଥାନାଧିକାରୀ କୃତିବାସ ହରିଚନ୍ଦନ, ନୂଆ ଗଡ଼ିଆସାହି ଫାଣ୍ଡି ଅଧିକାରୀ ଶଙ୍କର ପାଢ଼ୀ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଘଟଣାର ଖୋଳତାଡ଼ ଆରମ୍ଭ କରିଥିବା ବେଳେ ଗୁରୁବାର ଅପରାହ୍ନରେ ପୁଲିସ ସନ୍ଧାନୀ କୁକୁର ସହାୟତାରେ ଛାନଭିନ କରିଛି। ଦୁର୍ବୃତ୍ତମାନେ ବ୍ୟବହାର କରିଥିବା ଧାରୁଆ ଅସ୍ତ୍ରକୁ ପୁଲିସ ଜବତ କରିଛି। ଏ ସମ୍ପର୍କରେ ଥାନାରେ ଏକ ମାମଲା ରୁଜୁ ହୋଇଛି।

# ଭୋକିଲା ପେଟରେ ତୃପ୍ତି ଆଣିଦିଏ ପଖାଳ

ନୟାଗଡ଼,୧୯ ।୩(ସମିସ)

ଭୋକିଲା ପେଟରେ ତୃପ୍ତି ଆଣିଦିଏ ପଖାଳ। ପଖାଳ କେବେ ଗରିବ ପେଟର ଜ୍ୱାଳା ଲିଭାଏ ତ ପୁଣି କେବେ ଧନୀକୁ ଖୁସି ଦିଏ। ମାର୍ଚ୍ଚ ୨୦ ତାରିଖ ପଖାଳ ଦିବସକୁ ନେଇ ସୋସିଆଲ ମିଡିଆ ଉତ୍ସବମୁଖର ହୋଇଥିବା ବେଳେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମଧ୍ୟ ପଖାଳ ଦିବସକୁ ସ୍ୱତନ୍ତ୍ର ଭାବେ ପାଳନ କରାଯାଉଛି। ଘରେ ଘରେ ପଖାଳ କଂସା ସାଙ୍ଗକୁ ବଡ଼ିଚୁରା, ଶାଗଭଜା ଏବଂ ଅନ୍ୟାନ୍ୟ ରୁଚିକର ଖାଦ୍ୟର ଫଟୋ ପଖାଳ ଦିବସ ପାଳନ ପୂର୍ବରୁ ସୋସିଆଲ ମିଡିଆରେ ଘୂରି ବୁଲିଛି। ପ୍ରଚାର ପ୍ରସାର ପାଇଁ ଅଣଆନୁଷ୍ଠାନିକ ଭାବେ ମାର୍ଚ୍ଚ ୨୦ ତାରିଖ ପଖାଳ ଦିବସ ପାଳନ କରାଯାଏ। ଭାତରେ ପାଣି ପୂରାଇ ପଖାଳ ପ୍ରସ୍ତୁତ କରାଯାଉଥିଲେ ମଧ୍ୟ ଏହାକୁ ଭିନ୍ନ ପ୍ରଣାଳୀରେ ମଧ୍ୟ ପ୍ରସ୍ତୁତ କରାଯାଏ। ଦହିପଖାଳ, ଛୁଙ୍କ ପଖାଳ ଆଦି ଅନେକ ରୂପେ ପରାସା ଯାଇପାରୁଥିବା ଏହି ଖାଦ୍ୟକୁ ଓଡ଼ିଶା ସମେତ ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ ଏବଂ ପଡ଼ୋଶୀ ଦେଶ ବାଂଲାଦେଶରେ ମଧ୍ୟ ଏହାର ଚାହିଦା ରହିଛି। ଏବେ ଅନେକ ହୋଟଲରେ ମଧ୍ୟ ପଖାଳକୁ ଗୁରୁତ୍ୱ ଦିଆଯାଉଥିବା ବେଳେ ପଖାଳ ଖାଇବା ଲୋକଙ୍କ ସଉକରେ ପରିଣତ ହୋଇଛି। ପୂର୍ବେ ଗାଁଗହଳି ଲୋକେ



ଚାଷବାସ ପାଇଁ ଅଧିକ ପରିଶ୍ରମ କରୁଥିବାରୁ ଦେହର ଜଳୀୟ ଅଂଶ ଅଧିକ କରିବା ପାଇଁ ପଖାଳ ଖାଉଥିଲେ। ଚାଷୀ ବିଲରେ ବସି ପଖାଳ ଖାଇବାର ମଜା ମଧ୍ୟ ସମ୍ପୂର୍ଣ୍ଣ ଅଲଗା ଥିଲା। ଖରାଦିନେ ଶରୀରର ଜଳୀୟ ଅଂଶ ହ୍ରାସ ପାଉଥିବାରୁ ପଖାଳ ଖାଇବା ଏବଂ ପଖାଳ ତୋରାଣି ସ୍ୱାସ୍ଥ୍ୟପାଇଁ ବହୁ ଆବଶ୍ୟକ ବୋଲି ଜଣାପଡ଼ିଛି। ପଖାଳକୁ ନେଇ ବିଭିନ୍ନ ପ୍ରକାର ଲୋକଗୀତ ମଧ୍ୟ ରହିଛି। ଏଥିସହ ଝିଅ ବାହାଘର ସମୟରେ ପଖାଳ ଖିଆକୁ ନେଇ ଏକ ପରମ୍ପରା ରହିଛି। ଯାହା "ତୋରାଣି ପିଆ' ନାମରେ ପରିଚିତ।

## ଏମାନେ ଯାହା କୁହନ୍ତି...



ପଖାଳ ଓଡ଼ିଆର ଗର୍ବ। ପଖାଳ ଖାଇବାର ଶାନ୍ତି ନିଆରା। ପଖାଳ ଦିବସ ପାଳନ ଦ୍ୱାରା ଆମ ଅସ୍ମିତା ଓ ଗୌରବକୁ ଉଜ୍ଜୀବିତ କରାଯାଉଛି। ବିଶ୍ୱରେ ପଖାଳର ଚାହିଦା ବୃଦ୍ଧି କରିବା ପାଇଁ ଉଦ୍ୟମ ହେବା ଆବଶ୍ୟକ। ଓଡ଼ିଆଙ୍କ ପାଇଁ ଏହା ଦିବସରେ ସୀମିତ ନୁହେଁ।

ମଧୁସ୍ମିତା ମଲ୍ଲିକ, ସାଲୁଣୀ, ନୟାଗଡ଼



ଓଡ଼ିଆଙ୍କ ପ୍ରିୟ ଖାଦ୍ୟ ପଖାଳ। ଗରିବର ସାଥୀ ପଖାଳ। ପଖାଳ କଂସାରେ ଚାଷୀର ଜୀବନ ଲୁଚି ରହିଥାଏ। ସକାଳ ଆରମ୍ଭ ହୋଇଥାଏ ପଖାଳରେ, ଦିନ ଶେଷ ହୋଇଥାଏ ପଖାଳରେ। ଏହାର ବିକଳ୍ପ ଖୋଜିବା ପାଇଁ ଚାଷୀ ପାଖରେ ସମୟ, ଧୈର୍ଯ୍ୟ ଏବଂ ସାହାସ ନ ଥାଏ। ପଖାଳ ପାଇଁ ଦରକାର ହୁଏନି ବିଭିନ୍ନ ବ୍ୟଞ୍ଜନ। ପିଆଜ, ଲୁଣ, ଲଙ୍କାରେ ପଖାଳ କଂସା ଶେଷ। ଗହିର ମଝିରେ ପଖାଳ ଖାଇବାର ତୃପ୍ତି କେବଳ ଚାଷୀକୁ ହିଁ ମିଳିଥାଏ।

ଭୁବନଚାନ୍ଦ ହାତୀ, ବିରୁଡ଼ା, ନୟାଗଡ଼



ଆଜିକାର ଦିନରେ ପଖାଳ ଖାଇବା ସମୟରେ ବୋଉ କଥା ବହୁତ ମନେ ପଡ଼େ। ଓଡ଼ିଆଙ୍କ ଜୀବନ ହେଉଛି ପଖାଳ। ଦିବସ ପାଳନ କରିବା ପାଇଁ ନୁହେଁ, ପୂର୍ବପୁରୁଷଙ୍କ ଏହି ପାରମ୍ପରିକ ଖାଦ୍ୟକୁ ଉଜ୍ଜୀବିତ କରିବା ମୁଖ୍ୟ ଉଦ୍ଦେଶ୍ୟ ବୋଲି ଭାବିବାକୁ ହେବ।

ସୂର୍ଯ୍ୟପ୍ରସାଦ ଦାଶ, ପୁରୁଣାସହର, ନୟାଗଡ଼

## ମା’ ଜାଗୁଳାଇଙ୍କ ବାସନ୍ତିକ ଦୁର୍ଗାପୂଜା

ଜଟଣୀ,୧୯।୩ (ସମିସ): କୁଦିଆରି ଗ୍ରାମଦେବୀ ମା’ ଜାଗୁଳାଇଙ୍କ ବାସନ୍ତିକ ଦୁର୍ଗାପୂଜା ଓ ନବରାତ୍ର ମହୋତ୍ସବ ଗୁରୁବାର ଠାରୁ ଆରମ୍ଭ ହୋଇଯାଇଛି । ଏହା ମାର୍ଚ୍ଚ ୨୭ ପର୍ଯ୍ୟନ୍ତ ଚାଲିବ। ଆଜି ଦିନ ୧୧ ଟାରେ ବ୍ରତଧାରୀ ମହିଳା ପୁରୁଷ ମାନେ ରାଜପୁଷ୍କରଣୀ ମାଝଣାରୁ କଳସ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା ପରେ ଯଜ୍ଞ ମଣ୍ଡପରେ ସ୍ଥାପନା କରାଯାଇଥିଲେ। ଆଜି ମା’ଶୈଳପୁତ୍ରୀ ବେଶରେ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଦର୍ଶନ ଦେଇଥିଲେ । ଷୋଡଶ ଉପଚାର ପୂଜା, ଶପ୍ତ ସତୀ ଚଣ୍ଡୀ ଆହୁତି, ଆରତୀ ଓ ପୁଷ୍ପାଞ୍ଜଳି ଦିଆଯାଇଥିଲା । ଚଳିତ ବର୍ଷ କର୍ତ୍ତା କର୍ତ୍ତୀ ଭାବେ ହରେକୃଷ୍ଣ ମଙ୍ଗରାଜ ଓ ତାଙ୍କ ଧର୍ମପତ୍ନୀ ରାନୁବାଳାଙ୍କୁ ଚୟନ କରାଯାଇଥିଲା । ମନ୍ଦିର ମୁଖ୍ୟ ପୂଜକ ମନୋରଞ୍ଜନ ପଣ୍ଡା, ସଭପତି ରାଧାମୋହନ ପଟ୍ଟନାୟକ, ସମ୍ପାଦକ ଏଲ ଡି ମହାନ୍ତି, ଅଶୋକ ଦାଶ, ଭାଗିରଥି ପ୍ରଧାନ, ପୂର୍ଣଚନ୍ଦ୍ର ସାହାଣୀ, ଜିତେନ୍ଦ୍ର ଜେନା, ପବିତ୍ର ମୋହନ ରାଣସିଂହ, ବାରିଷ୍ଟର ସୁରେଶ ମିଶ୍ର, ଚନ୍ଦ୍ରଶେଖର ପଣ୍ଡା ନିତ୍ୟ ସେବକ, ସତୀଶ ପରିଡା, ସାହିଲ ସାହାଣୀ, ବିଶ୍ୱରଂଜନ ସାହୁ, ବିକାଶ ବେହେରା, ଜଗନ୍ନାଥ ବାରିକ ସମେତ ଗ୍ରାମବାସୀ ଙ୍କ ସହଯୋଗ ପରିଚାଳନା ହୋଇଥିଲା।

## ଶୈଳପୁତ୍ରୀ ବେଶରେ ମା’ ବନଦୁର୍ଗା



ନିରାକାରପୁର, ୧୯।୩ (ସମିସ): ଖୋର୍ଦ୍ଧା ଜିଲ୍ଲା ରାମେଶ୍ୱରସ୍ଥିତ ମା’ ବନଦୁର୍ଗାଙ୍କ ପୀଠରେ ଶାରଦୀୟ ଷୋଳପୂଜାର ନବମ ଦିବସ ନବରାତ୍ରିର ପ୍ରଥମ ଦିବସରେ ଶୈଳପୁତ୍ରୀ ବେଶରେ ମା’ ଦର୍ଶନ ଦେଇଛନ୍ତି। ସକାଳୁ ମା’ଙ୍କର ମଙ୍ଗଳ ଆଳତି, କଳଶ ପୂଜା, ସୂର୍ଯ୍ୟ ପୂଜା ପଞ୍ଚ ଦେବତା ପୂଜା, ପରେ ମା’ଙ୍କର ଶୋଡ଼ଶ ଉପଚାରରେ ମଧ୍ୟାହ୍ନ ଧୂପ, ଦୁର୍ଗା ସପ୍ତଶତୀ ଚଣ୍ଡୀ ପାଠ, ସନ୍ଧ୍ୟା ବାଲଭୋଗ, ଆଳତି, ଆଧରପଣା ଓ ଶ୍ରୀ ମହାପ୍ରସାଦ ମା’ଙ୍କୁ ସମର୍ପଣ ପୂର୍ବକ ରୀତିନୀତି ଅନୁଯାୟୀ ପୂଜା ଅର୍ଚ୍ଚନା କରାଯାଇଛି । ଡ. କୃପାସିନ୍ଧୁ ପଣ୍ଡା ପୂଜାର୍ଚ୍ଚନା କରିଥିଲେ । ପଣ୍ଡିତ ତପନ କୁମାର ମହାପାତ୍ର , ବିଷ୍ଣୁପ୍ରୀୟା ପଟ୍ଟଯୋଷୀ, ପଣ୍ଡିତ ସୀତାକାନ୍ତ ଦାଶ ଓ ବେଦ ବିଦ୍ୟାର୍ଥୀ ମାନେ ସହଯୋଗ କରିଥିଲେ।

## ଡି. ସୁନିଲ ଖୋର୍ଦ୍ଧାରୋଡ ଡିଆରଏମ୍



ଜଟଣୀ, ୧୯।୩ (ସମିସ): ଡି. ସୁନିଲଙ୍କୁ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳର ନୂତନ ମଣ୍ଡଳ ରେଳ ପ୍ରବନ୍ଧକ (ଡିଆରଏମ) ଭାବରେ ନିଯୁକ୍ତ କରାଯାଇଛି। ସେ ଆଜି ଦାୟିତ୍ୱ ଗ୍ରହଣ କରିଛନ୍ତି। ଭାରତୀୟ ରେଳପଥ ସିଗନାଲ ସେବାର ୧୯୯୬ ବ୍ୟାଚର ବରିଷ୍ଠ ଅଧିକାରୀ ଡି. ସୁନିଲ, ପୂର୍ବତଟ ରେଳପଥ ଅଧୀନରେ ଖୋର୍ଦ୍ଧା ରୋଡ୍ ମଣ୍ଡଳର ନୂତନ ଡିଆରଏମ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ସେ ଏହି ଭୂମିକାରେ ତାଙ୍କର ପୂର୍ଣ୍ଣ ସମର୍ପଣ ଏବଂ ପ୍ରତିବଦ୍ଧତା ଆଣିଛନ୍ତି। ସମଗ୍ର ମଣ୍ଡଳ ପକ୍ଷରୁ ଶ୍ରୀ ସୁନିଲଙ୍କୁ ସ୍ୱାଗତ ଜଣାଇବା ସହ ତାଙ୍କ ନେତୃତ୍ୱରେ ବିଭାଗ ଅଧିକ ସଫଳତା ଲାଭ କରିବ ବୋଲି ଆଶା ବ୍ୟକ୍ତ କରାଯାଇଛି।। ଶ୍ରୀ ସୁନିଲ୍ ପୂର୍ବରୁ ଦକ୍ଷିଣ ରେଳପଥରେ ମୁଖ୍ୟ ସିଗ୍ନାଲ୍ ଏବଂ ଦୂରସଂଚାର ଇଞ୍ଜିନିୟର (ନିର୍ମାଣ) ଏବଂ ମୁଖ୍ୟ ସିଗ୍ନାଲ୍ ଇଞ୍ଜିନିୟର ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀରେ କାର୍ଯ୍ୟ କରିଛନ୍ତି। ସେ କୋଚି ମେଟ୍ରୋ ରେଳ ଲିମିଟେଡ୍‌ରେ ଜେନେରାଲ୍ ମ୍ୟାନେଜର ଭାବେ ପ୍ରତିନିଯୁକ୍ତି ରେ ମଧ ସଫଳତାର ସହ କାର୍ଯ୍ୟ କରିଥିଲେ।

## ଜଳ ପ୍ରକଳ୍ପରେ ତାଲା ପକାଇ ମହିଳାଙ୍କ ବିକ୍ଷୋଭ



ନିରାକାରପୁର,୧୯।୩ (ସମିସ): ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ ନୂଆଗଡ ପଞ୍ଚାୟତ ନୂଆଗଡ ଗ୍ରାମ୍ୟ ଜଳ ଯୋଗାଣ ପ୍ରକଳ୍ପ ଠାରେ ଆଜି ଗ୍ରାମର ମହିଳା ମାନେ ଜଳ ଯୋଗାଣ ବିଭ୍ରାଟକୁ କେନ୍ଦ୍ର କରି ବିକ୍ଷୋଭ କରିଥିବା ଦେଖିବାକୁ ମିଳିଥିଲା। ଗ୍ରାମରେ ଜଳ ଯୋଗାଣ ହେଉଥିବା ପାଣି ପାଇପ ଲାଇନରୁ କିଛି ମୁଷ୍ଟିମେୟ ଲୋକ ନିଜ ଘରକୁ ପାଣି ମୋଟର ଲଗାଇ ପାଣି ନେଉଛନ୍ତି। ବାରମ୍ବାର ଏହା ବିରୁଦ୍ଧରେ ଲୋକଙ୍କ ସ୍ୱର ଉଠୁଥିଲେ ମଧ ବିଭାଗ ଏହାର ସମାଧାନ କରିବାରେ ବିଫଳ। ତେଣୁ ଗ୍ରାମର କିଛି ମହିଳା ଜଳ ଯୋଗାଣ ପ୍ରକଳ୍ପ ଫାଟକ ବନ୍ଦ କରି ନାରାବାଜି କରିଥିଲେ।

## ସଫେଇ କାର୍ଯ୍ୟକ୍ରମ

ଟାଙ୍ଗୀ,୧୯।୩ (ସମିସ): ଟାଙ୍ଗୀ ଦୁର୍ଗାଚରଣ ଚିଲିକା ମହାବିଦ୍ୟାଳୟ ପଛପଟେ ପ୍ରାଚୀର ନଥିବା ସନ୍ଧ୍ୟା ନଇଁଲେ ଖେଳ ପଡ଼ିଆରେ ଜମେ ନିଶାଡ଼ିଙ୍କ ଆଡ୍ଡା। ଫଳରେ ଉକ୍ତ ସ୍ଥାନ ମଦ ବୋତଲ ସହ ଅନ୍ୟାନ୍ୟ ଆବର୍ଜନାରେ ପରିପୂର୍ଣ୍ଣ ହୋଇପଡ଼ିଥିଲା। ଗତ ତିନି ଦିନ ହେଲା ଅଞ୍ଚଳର ଶିକ୍ଷାବିତ, ଆଇନଜୀବୀ, ସାମ୍ବାଦିକ ମିଳିତ ଭାବେ ସଫେଇ କାର୍ଯ୍ୟ କରୁଥିବା ଜଣାପଡିଛି। ପୂର୍ବତନ ଜିଲ୍ଲା ଶିକ୍ଷାଧିକାରୀ ଲକ୍ଷ୍ମୀଧର ବେହେରା, ପୂର୍ବତନ ସରପଞ୍ଚ ତଥା ବରିଷ୍ଠ ଆଡଭୋକେଟ ସୁରେନ୍ଦ୍ର କୁମାର ବେହେରା, ଆଡଭୋକେଟ ହମିଦ ମିରା, ହେମନ୍ତ ଦାସ, କମଲ ରାୟ, ସୁବ୍ରତ ନାୟକ, ସୁନିଲ ପୃଷ୍ଟି, ବିରଞ୍ଚି ନାରାୟଣ ପୃଷ୍ଟି, ସାମ୍ବାଦିକ ମନୋଜ କୁମାର ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ।

# ଦଲାଲଙ୍କ କବ୍‌ଜାରେ ଖୋର୍ଦ୍ଧା ଉପନିବନ୍ଧକ କାର୍ଯ୍ୟାଳୟ

ଖୋର୍ଦ୍ଧା,୧୯।୩(ସମିସ): ଦଲାଲଙ୍କ କବ୍ଜାରେ ଖୋର୍ଦ୍ଧା ଉପନିବନ୍ଧକ କାର୍ଯ୍ୟାଳୟ। ବିନା ହାତଗୁଞ୍ଜାରେ ହେଉନି କିଛି କାମ। ଉପନିବନ୍ଧକ ନିଜେ ଲୋକଙ୍କ ଠାରୁ ହାତଗୁଞ୍ଜା ନେଇ କାମ କରିବା ପରେ ଧର୍ମ ନାଁ ରେ ନିୟମ ପକାଇ ବାହାରେ ନ କହିବାକୁ ବାରଣ କରାଯାଇଥିବା ନେଇ କେତେକ ଆଇନଜୀବୀ ରାଜସ୍ୱ ସଚିବଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଗୁରୁତର ସହ ଗ୍ରହଣ କରାଯାଇଥିବାବେଳେ ଏହାର ଯଥାଶୀଘ୍ର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ରାଜସ୍ୱ ବିଭାଗ ଉପସଚିବ ମନମୋହନ ଦାସ ଜିଲ୍ଲାପାଳ ଖୋର୍ଦ୍ଧାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।



ଅଭିଯୋଗ ଅନୁସାରେ, ଖୋର୍ଦ୍ଧା ଉପନିବନ୍ଧକ ଅତନୁ କୁମାର ପାତ୍ର କାର୍ଯ୍ୟାଳୟରେ ବସି ବିଭିନ୍ନ ଦୁର୍ନୀତିରେ ସମ୍ପୃକ୍ତ ରହିଛନ୍ତି। ଶ୍ରୀ ପାତ୍ର ବିଭିନ୍ନ ପାର୍ଟ ପ୍ଲଟ ବାବଦକୁ ଦଶ ହଜାରରୁ ଏକ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦାବି କରୁଛନ୍ତି। ଏଥିରେ ସହମତି ପ୍ରକାଶ କରୁନଥିବା ଲୋକଙ୍କ ରେଜିଷ୍ଟ୍ରେସନ କରିବାକୁ ସଫା ବାରଣ କରୁଛନ୍ତି। କିନ୍ତୁ ସରକାରଙ୍କ ପାର୍ଟ ପ୍ଲଟ ରେଜିଷ୍ଟ୍ରେସନ ପାଇଁ ନିୟମ ଥିଲେ ମଧ ଖୋର୍ଦ୍ଧା ସବରେଜିଷ୍ଟ୍ରାର ସେ ନିୟମକୁ ଫୁ’ କରିଦେଉଛନ୍ତି। ନାଁ ଦାବି ପତ୍ର ଦଲିଲ ରେଜିଷ୍ଟ୍ରେସନ ଫରମାଟ୍‌କୁ ସେ ମଧ ମନଇଚ୍ଛା ବଦଳାଇ ଗ୍ରହୀତଙ୍କ ନାମ ଓ ଧାମ ରଖୁନାହାନ୍ତି, କି ଜମି ସ୍ୱତାଧିକାରୀଙ୍କ ମଧ୍ୟରୁ ଜଣେ ଉତ୍ତରାଧିକାରୀ ଚାହିଁଲେ ତା’ର ଅଂଶକୁ ନାଁ ଦାବୀ ପତ୍ର ଦଲିଲ କରିପାରିବ ନାହିଁ କହି ଫେରାଇ ଦେଉଛନ୍ତି।

ସରକାରଙ୍କ ନିୟମ ଅନୁସାରେ ଯଦି ଚାଷ ଜମି କିମ୍ବା ଘରବାରୀ କିସମ ଥିବା ଜମିର ପାର୍ଟ ପ୍ଲଟ କଲେ ‘ଗ’ ଏବଂ ‘ଘ’ ଫର୍ମ ଲାଗି ରେଜିଷ୍ଟ୍ରେସନ ହେବା କଥା। ମାତ୍ର ଯେଉଁମାନେ ‘ଗ’ ଏବଂ ‘ଘ’ ଫର୍ମ ଲଗାଇ ପାର୍ଟ ପ୍ଲଟ କରିବେ ତାଙ୍କୁ ୧୦ହଜାର ଏବଂ ‘ଗ’ ଏବଂ ‘ଘ’ ଫର୍ମ ନଲଗାଇ ରେଜିଷ୍ଟ୍ରେସନ କରାଇଲେ ୨୦ ହଜାରରୁ ୩୦ ହଜାର ଟଙ୍କା ଦେବାକୁ ସେ ଦାବୀ କରୁଥିବା ଅଭିଯୋଗ ରେ ଦର୍ଶାଯାଇଛି। ଟଙ୍କା ନ ଦେଲେ ରେଜିଷ୍ଟ୍ରେସନ ହେବନାହିଁ କହୁଛନ୍ତି। ଦାବି ଅର୍ଥ ପାଇବାପରେ ସେ ଠାକୁରଙ୍କ ନାମରେ ନିୟମ କରି ଟଙ୍କା ଦବା ନବା କଥା ବାହାରେ କୌଣସି ଲୋକଙ୍କ ଆଗରେ ପ୍ରକାଶ ନକରିବାକୁ ଶପଥ କରାଉଥିବା ଅଭିଯୋଗ ହୋଇଛି।

ଏପରିକି ଲୋକମାନେ ଦୂରଦୂରାନ୍ତରୁ ରେଜିଷ୍ଟ୍ରେସନ କରିବାକୁ ଆସି ଘଂଟା ଘଂଟା ଧରି ସବ୍ ରେଜିଷ୍ଟ୍ରାରଙ୍କୁ ଅପେକ୍ଷା କରି ରହୁଥିବାବେଳେ ସେ ଶୁଣାଣି ସମୟରେ ନିଜ ଚୌକି ଛାଡି ମୋହରିର ଏବଂ ଦଲାଲମାନଙ୍କ ସହିତ ଟଙ୍କା ନେଣଦେଣ ସ୍ଥିର ହେଲା ପରେ ଦଲିଲ ରେଜିଷ୍ଟ୍ରେସନ କରୁଛନ୍ତି। ଯିଏ ତାଙ୍କ କଥାରେ ରାଜି ହେଉନାହାନ୍ତି ତା’ ଦଲିଲକୁ ଫେରାଇ ଦେଉଥିବାବେଳେ ଦଲିଲ ବ୍ୟାକ୍ ପାଇଁ ଦରଖାସ୍ତ ଦେବାକୁ ବାଧ କରୁଥିବା ଅଭିଯୋଗ ହୋଇଛି। ଓକିଲମାନେ ଯେଉଁ କାମକୁ ନେଲେ ସେ କରିପାରୁନାହାନ୍ତି ମାତ୍ର ଦଲାଲମାନେ ମୋଟା ଅଙ୍କର ଅର୍ଥ ଦେଇ ସେହି କାମକୁ ହାତେଇ ନେଉଥିବା ଅଭିଯୋଗ କରିଛନ୍ତି। ସରକାରୀ ନିୟମ ଅନୁସାରେ ଘରବାରୀ ପ୍ଲଟ ଗୋଟିଏ ଥର ରେଜିଷ୍ଟ୍ରେସନ ହୋଇପାରିବ କିନ୍ତୁ ଉକ୍ତ ଅଧିକାରୀ ବିଭିନ୍ନ ସମୟରେ ୫୦ ହଜାରରୁ ୮୦ହଜାର ଟଙ୍କା ପର୍ଯ୍ୟନ୍ତ ହାତଗୁଞ୍ଜା ନେଇ ଦ୍ୱିତୀୟ ଥର ବିକ୍ରୟକୁ ଅନୁମତି ପ୍ରଦାନ କରୁଥିବା ଅଭିଯୋଗ ହୋଇଛି। ହୋମ୍ ଭିଜିଟ୍ ରେଜିଷ୍ଟ୍ରେସନ ପାଇଁ ବିଭିନ୍ନ ଆଳ ଦେଖାଇ ୩୦ରୁ ୫୦ ହଜାର ଟଙ୍କା ନେଇ ଭିଜିଟ୍ ରେଜିଷ୍ଟ୍ରେସନ କରୁଛନ୍ତି। କିନ୍ତୁ ଦାବି ଅର୍ଥ ନମିଳିଲେ ବିଭିନ୍ନ ବାହାନା କରି ଭିଜିଟ୍ ନକରିବା ପାଇଁ ତାରିଖ ପରେ ତାରିଖ ଗଡ଼ାଇ ଚାଲିଥିବା ଅଭିଯୋଗ ହୋଇଛି।

- ହାତଗୁଞ୍ଜା ନ ଦେଲେ ପଞ୍ଜୀକରଣ ହେଉନି
- ରାଜସ୍ୱ ବିଭାଗ ଉପସଚିବଙ୍କ ଜିଲ୍ଲାପାଳଙ୍କୁ ତଦନ୍ତ ନିର୍ଦ୍ଦେଶ

ଏପରିକି ସରକାରଙ୍କ ନିୟମ ଅନୁଯାରେ ଅଫିସ କାର୍ଯ୍ୟ ଅପରାହ୍ନ ୫.୩୦ ସୁଦ୍ଧା ସରିବାକୁ ରହିଛି। ମାତ୍ର ଉପନିବନ୍ଧକ ୭.୩୦ ରୁ ୮ଟା ପର୍ଯ୍ୟନ୍ତ ଅଫିସରେ ରହି ଦଲାଲମାନଙ୍କୁ ଡାକି ଦୈନିକ ଆଦାୟ ଅର୍ଥରୁ ନିଜ ଭାଗ ହିସାବକରି ନେଉଥିବା ଅଭିଯୋଗ ହୋଇଛି। ତେବେ ଅଭିଯୋଗ କୁ ଗୁରୁତର ସହ ଗ୍ରହଣ ରାଜସ୍ୱ ବିଭାଗ ଉପସଚିବ ଶ୍ରୀ ଦାସ ଏହାର ତଦନ୍ତ କରି ତୁରନ୍ତ ରିପୋର୍ଟ ଦେବା ସହିତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ନବୋଦୟ ପରୀକ୍ଷାରେ ସାଇ ପ୍ରସାଦ ବେହେରା ଖୋର୍ଦ୍ଧା ଜିଲ୍ଲା ଟପ୍ପର



ନିରାକାରପୁର,୧୯।୩ (ସମିସ): ୨୦୨୫-୨୬ ଶିକ୍ଷାବର୍ଷ ପାଇଁ ଅନୁଷ୍ଠିତ ଜବାହର ନବୋଦୟ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷାରେ ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ବ୍ଲକ ଅନ୍ତର୍ଗତ କାଶୀପୁର ଗ୍ରାମର ଛାତ୍ର ସାଇ ପ୍ରସାଦ ବେହେରା ସଫଳତା ହାସଲ କରିଛନ୍ତି। ଗତ ୧୭ ମାର୍ଚ୍ଚରେ ଘୋଷଣା ହୋଇଥିବା ପରୀକ୍ଷା ଫଳ ଅନୁଯାୟୀ, ସାଇ ପ୍ରସାଦ ସମଗ୍ର ଖୋର୍ଦ୍ଧା ଜିଲ୍ଲାରେ ପ୍ରଥମ ସ୍ଥାନ ଅଧିକାର କରି ନିଜ ଅଞ୍ଚଳ ତଥା ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ସାଇ ପ୍ରସାଦ ହେଉଛନ୍ତି ଡିଆ ସରପଞ୍ଚ ପ୍ରଶାନ୍ତ କୁମାର ବେହେରା ଏବଂ ଗୃହିଣୀ ପ୍ରଭାସିନୀ ବେହେରାଙ୍କ ଏକମାତ୍ର ସୁପୁତ୍ର।

## ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ

ଖୋର୍ଦ୍ଧା,୧୯।୩(ସମିସ) : ଖୋର୍ଦ୍ଧା ଉପକଣ୍ଠ କୁମାରବସ୍ତ ଶ୍ରୀଲୋକନାଥ ଦେବ ସରକାରୀ ଉଚ୍ଚ ବିଦ୍ୟାଳୟର ପୁରସ୍କାର ବିତରଣ ଉତ୍ସବ ପ୍ରଧାନ ଶିକ୍ଷକ ପ୍ରଦୀପ୍ତ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ରାଜ୍ୟ ବିଦ୍ୟା ଶିକ୍ଷା ଟ୍ରଷ୍ଟର ଚେୟାରମ୍ୟାନ୍ ରମାକାନ୍ତ ମହାପାତ୍ର ମୁଖ୍ୟ ଅତିଥି, ସ୍ଥାନୀୟ ସରପଂଚ ସ୍ୱର୍ଣଲତା ସେଠୀ ମୁଖ୍ୟ ବକ୍ତା, ମୋ ସ୍କୁଲର ସଭାପତି ଲକ୍ଷ୍ମୀଧର ଛୋଟରାୟ, ବିଦ୍ୟାଳୟ ପରିଚାଳନାର ସଭାପତି ମାମିନା ବରାଡ଼ ପ୍ରମୁଖ ସମ୍ମାନିତ ଅତିଥିଭାବରେ ଯୋଗ ଦେଇଥିଲେ। ବିଦ୍ୟାଳୟର ପିଲାମାନଙ୍କ ଦ୍ୱାରା ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଶିକ୍ଷକ ସୂରଜ ନାୟକଙ୍କ ନେତୃତ୍ୱରେ ପରିବେଷଣ କରାଯାଇଥିଲା। ଉତ୍ସବକୁ ବରିଷ୍ଠ ଶିକ୍ଷକ ପ୍ରତାପ ରାଉତ, ଦେବସ୍ମିତା ବେହେରା, ପ୍ରଦୀପ ବାରା ପ୍ରମୁଖ ସଭାକାର୍ଯ୍ୟକୁ ସଂଯୋଜନା କରିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ଅନସୂୟା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଉମା-ମହେଶ୍ୱର ଦେବଙ୍କ ପୀଠରେ ଅଷ୍ଟଶମ୍ଭୁ ମିଳନ ପ୍ରସ୍ତୁତି ବୈଠକ

ବାଲୁଗାଁ, ୧୯।୩ (ସମିସ): ପ୍ରତି ବର୍ଷ ଓଡ଼ିଆ ନବ ବର୍ଷ ତଥା ପବିତ୍ର ମହାବିଷୁବ ସଂକ୍ରାନ୍ତି ଅବସରରେ ବାଲୁଗାଁ ଅଞ୍ଚଳର ସୁପ୍ରସିଦ୍ଧ ଶୈବପୀଠ ଶ୍ରୀ ଉମାମହେଶ୍ୱର ଦେବଙ୍କ ପୀଠରେ ଦୁଇ ଦିନ ବ୍ୟାପି ଅଷ୍ଟଶମ୍ଭୁ ମିଳନ ମହୋତ୍ସବ ମହାଆଡମ୍ବର ସହକାରେ ଅନୁଷ୍ଠିତ ହୋଇ ଆସୁଛି। ଏପରି ସ୍ଥଳେ ଚଳିତ ବର୍ଷ ପୀଠରେ ଅଷ୍ଟଶମ୍ଭୁ ମିଳନ ମହୋତ୍ସବ ଧୁମଧାମର ସହ ପାଳନ ନିମନ୍ତେ ଗୁରୁବାର ସକାଳେ ଏକ ପ୍ରସ୍ତୁତି ବୈଠକ ମନ୍ଦିର କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅଷ୍ଟଶମ୍ଭୁ ମିଳନ କମିଟିର ସଭାପତି ତଥା ପ୍ରଶାସନ ତରଫରୁ ମନ୍ଦିର ଟ୍ରଷ୍ଟି ଦାୟିତ୍ୱରେ ଥିବା ଚିଲିକା ତହସିଲଦାର କାହ୍ନୁଚରଣ ଘଡ଼େଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ବାଲୁଗାଁ ଏସଡିପିଓ ସଂଜୟ କୁମାର ପଟ୍ଟନାୟକ, ମନ୍ଦିର ପରିଚାଳନା ଦାୟତ୍ୱରେ ଥିବା ବାଲୁଗାଁ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରାଣନାଥ ସେଠ, ଥାନା ଅଧିକାରୀ ଜୟପ୍ରକାଶ ପରିଡାଙ୍କ ସମେତ ବିଭିନ୍ନ ବିଭାଗୀୟ ପ୍ରଶାସନିକ ଅଧିକାରୀ, ଉତ୍ସବରେ ସାମିଲ ହେଉଥିବା ସମସ୍ତ ଦେବଦେବୀଙ୍କ ମନ୍ଦିର ପ୍ରତିନିଧି ଓ ଯାତ୍ରା କମିଟିର ସମସ୍ତ ସଦସ୍ୟ ଯୋଗ ଦେଇ ପାରମ୍ପରିକ ରୀତିନୀତି ସହ ବିଭିନ୍ନ ସାଜସଜ୍ଜା, ପାଟ ପଟୁଆର ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇ ମହାଆଡମ୍ବର ସହକାରେ ଏହି ଯାତ୍ରା ଅନୁଷ୍ଠିତ ହେବା ପାଇଁ ସ୍ଥିର କରାଯାଇଛି। ଚଳିତ ଅପ୍ରେଲ ମାସ ୧୪ ତାରିଖ ରାତ୍ରରେ ଉତ୍ସବର ସ୍ଥାନାଧିପତି ଶ୍ରୀ ଉମାମହେଶ୍ୱର ଦେବଙ୍କ ନିମନ୍ତ୍ରଣ କ୍ରମେ ବିଭିନ୍ନ ଗ୍ରାମର ଦେବାଦେବୀ ସୁସଜ୍ଜିତ ବିମାନରେ ପାଟ ପଟୁଆର ସହ ଯାତ୍ରା ପଡିଆକୁ ଆଗମନ କରିବାକୁ ଥିବା ବେଳେ ସଂଧ୍ୟାରୁ ରାତ୍ର ତମାମ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବା ସହ ୧୫ ତାରିଖ ଅପରାହ୍ନରେ ନୀତି ନିର୍ଘଣ୍ଟ ଅନୁଯାୟୀ ଠାକୁର ମାନଙ୍କ ମହା ମେଳଣ ଉତ୍ସବ ଅନୁଷ୍ଠିତ ହେବା ନିମନ୍ତେ ବୈଠକରେ ନିଷ୍ପତ୍ତି ହୋଇଛି। ଚଳିତ ବର୍ଷ ଅଧିକ ଶବ୍ଦ ପ୍ରଦୁଷଣ କରୁଥିବା ଡିଜେ ଓ ଆତସବାଜୀ ପ୍ରଦର୍ଶନ ଉପରେ କଟକଣା ଲଗାଯାଇଛି।

## ଦେଉଳଟାଙ୍ଗି କ୍ରିକେଟ : ସେମିଫାଇନାଲରେ ଦେଉଳଟାଙ୍ଗି ଓ ପଳାସପୁର

ଖୋର୍ଦ୍ଧା,୧୯।୩(ସମିସ): ଦେଉଳଟାଙ୍ଗି ମା’ବଘେଇ କ୍ରିକେଟ ଆସୋସିଏସନ୍ ଆନୁକୂଲ୍ୟରେ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୫ମ ଦିବସର ପ୍ରଥମ ମ୍ୟାଚ୍ ଜରିପୁଟ ଓ ଦେଉଳଟାଙ୍ଗି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଜରିପୁଟ ଦଳ ବ୍ୟାଟିଂ କରି ୧୫ ଓଭର ଖେଳି ୮ୱିକେଟ୍ ବିନିମୟରେ ୧୪୧ ରନ୍ କରିଥିଲା। ଜବାବରେ ଦେଉଳଟାଙ୍ଗି ଦଳ ଓଭର ଖେଳି ୫ ୱିକେଟ ହରାଇ ୧୪୪ ରନ୍ କରିଥିଲା। ଫଳରେ ଦେଉଳଟାଙ୍ଗି ଦଳ ୫ ୱିକେଟରେ ବିଜୟୀ ହୋଇଥିଲା। ଦଳ ତରଫରୁ ସୌମେନ୍ଦ୍ର ପ୍ରଧାନ ୪୬ ବଲରୁ ୮୩ ରନ କରି ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଦ୍ୱିତୀୟ ମ୍ୟାଚଟି ପଳାସପୁର ଓ ସୁଆଙ୍ଗ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ପଳାସପୁର ଦଳ ୧୫ଓଭର ଖେଳି ୬ୱିକେଟ ବିନିମୟରେ ୧୮୦ରନ୍ କରିଥିଲା। ଜବାବରେ ସୁଆଙ୍ଗ ଦଳ ୧୫ଓଭର୍ ଖେଳି ୯ୱିକେଟ ବିନିମୟରେ ୧୬୪ ରନ କରିଥିଲା। ଫଳରେ ୧୬ ରନ୍ ରେ ପଳାସପୁର ଦଳ ବିଜୟୀ ହୋଇଛି। ଦଳ ତରଫରୁ ବସନ୍ତ ସାହୁ ୩୭ ବଲରେ ୯୫ ରନ ଓ ୩ ଓଭର ବୋଲିଂ କରି ୧୮ ରନ୍ ଦେଇ ୨ୱିକେଟ ନେଇ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଖେଳ କୁ ପ୍ରଶାନ୍ତ ମାର୍ଥା ଓ ତିରୁପତି ସାମନ୍ତରାୟ ପରିଚାଳନା କରିଥିବାବେଳେ ସ୍କୋରର ସନ୍ତୋଷ ସାହୁ ଓ ଭାଷ୍ୟକାର ଆଶୁତୋଷ ମହାପାତ୍ର ରହିଥିଲେ।

## ଏସ୍‌ଆଇଆର ଓ ପଣ୍ଡିତ ଦୀନ୍‌ଦୟାଲ୍ ଉପାଧ୍ୟାୟ ପ୍ରଶିକ୍ଷଣ ଶିବିର



ନିରାକାରପୁର,୧୯।୩ (ସମିସ): ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) ଓ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ଶିବିର ପାଇଁ ଜିଲ୍ଲା ଯୋଜନା ବୈଠକ ଖୋର୍ଦ୍ଧା ଦକ୍ଷିଣ ମଣ୍ଡଳ ସଭାପତି ରମାକାନ୍ତ ଜେନାଙ୍କ ସଂଯୋଜନାରେ ଜଙ୍କିଆ ମହାବୀର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇ ଯାଇଛି। ବୈଠକରେ ଏସଆଇଆର ପାଇଁ ନିଯୁକ୍ତ ପ୍ରଭାରୀ ଦିଲ୍ଲୀପ କୁମାର ହୋତା, ନିକୁଞ୍ଜ କିଶୋର ପଟ୍ଟନାୟକ, ପ୍ରଫୁଲ ଦଳେଇ, କିଶୋର ଚନ୍ଦ୍ର ବରାଳ, କେଲୁ ଚରଣ ଜଗଦେବ ପ୍ରମୁଖ ଯୋଗଦେଇଥିଲେ।

## ଗ୍ରାମ୍ୟ ଉନ୍ନୟନ ରାସ୍ତା ମରାମତି କାର୍ଯ୍ୟାରମ୍ଭ

ବେଗୁନିଆ,୧୯।୩(ସମିସ): ଗତ ୧୬ ତାରିଖରେ ବେଗୁନିଆ ବ୍ଲକ ଅନ୍ତର୍ଗତ ବଡବେରଣା-କାଚେରା - କଣ୍ଟାବାଡ଼ ଗ୍ରାମ୍ୟ ଉନ୍ନୟନ ରାସ୍ତା ମରାମତି ହେଉ ନ ଥିବାରୁ ‘ସକାଳ’ରେ ଖବର ପ୍ରକାଶ ପାଇଥିଲା। ଏଥିରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀ ଜ୍ୟୋର୍ତିମୟୀ ବେହେରା ପହଁଚି ରାସ୍ତାଟିର ସମାଧାନ ପାଇଁ ଠିକାଦାରଙ୍କୁ ତାଗିଦ୍ କରିଥିଲେ। ତେବେ ଗୁରୁବାର ପୂର୍ବାହ୍ନରେ ଠିକାଦାର ଜେସିବି ଦ୍ୱାରା ରାସ୍ତା ମରାମତି ପାଇଁ କାର୍ଯ୍ୟ ଆରମ୍ଭ କରିଥିବା ଦେଖିବାକୁ ମିଳିଥିଲା। ଦୀର୍ଘ ଦିନର ସମସ୍ୟା ସୁଧୁରି ଯିବ ବୋଲି ସାଧାରଣରେ ଆନନ୍ଦ ପ୍ରକାଶ ପାଇଛି।



# ଦିନକ ପରେ ଇଦ୍ ଉଲ୍ ଫିତର; ଜମୁଛି ରମ୍‌ଜାନ୍ ବଜାର

ଖୋର୍ଦ୍ଧା,୧୯।୩ (ସମିସ): ଶୁକ୍ରବାର ସରିବ ପବିତ୍ର ରମଜାନ ମାସ। ଶନିବାର ପାଳନ ହେବ ଇଦୁଲ୍ ଫିତର। ମୁସଲିମ ଭାଇଭଉଣୀମାନେ ଏହି ମାସକୁ ନିଷ୍ଠାର ସହ ପାଳନ କରିଛନ୍ତି। ଦିନସାରା ଉପବାସରେ ରହି ସନ୍ଧ୍ୟାରେ ସମୁହ ନାମଜପାଠ ପରେ ଇଫତାର ପାର୍ଟିମାନ ମାସର ବିଭିନ୍ନ ସମୟରେ ଆୟୋଜନ କରିଥିଲେ। ରମଜାନ ମାସର ପବିତ୍ର ଅବସରରେ ସହର ଓ ଉପକଣ୍ଠର ବିଭିନ୍ନ ସ୍ଥାନରେ ପଡିଛି ରମଜାନ୍ ବଜାର। ଏହି ମାସରେ ଶ୍ରଦ୍ଧାଳୁମାନେ ଖାଉଥିବା ପ୍ରତିଟି ଖାଦ୍ୟ ସେଠାରେ ବିକ୍ରି ହୋଇଥାଏ। ମାସ ତମାମ ମୁସଲିମ୍‌ଙ୍କ ସମେତ ସବୁ ବର୍ଗର ଲୋକ ଏ ସ୍ଥାନ ମାନଙ୍କରୁ ନିଜ ମନପସନ୍ଦର ଜିନିଷ କିଣି ନେଇଥାନ୍ତି। ବିଭିନ୍ନ ଦୋକାନରେ ଡ୍ରାଏଫ୍ରୁଟ୍ସ, ଅତର ଠାରୁ ଆରମ୍ଭ କରି କେଶର, ଲଚ୍ଛା ପ୍ରଭୃତି ଖାଦ୍ୟ ସାମଗ୍ରୀ ଲୋକଙ୍କ ଧ୍ୟାନ ଆକର୍ଷଣ କରୁଛି। ଏଠାରେ ଲାଲ ହଳଦୀ, କେଶର ରଙ୍ଗର ଲଚ୍ଛା କେଜି




୧୫୦ ରୁ ଆରମ୍ଭ କରି ୮୦୦ପର୍ଯ୍ୟନ୍ତ ମିଳୁଛି। ଖୋଲା ଖଜୁରୀ କେଜି ୪୦ ଟଙ୍କା ରୁ ୧୨୦୦ଟଙ୍କା ଯାଏଁ ରହିଛି। ଖଜୁରୀ ପ୍ରାୟ ୨୦ରୁ ୨୫ ପ୍ରକାର ମିଳୁଥିବାବେଳେ ଆରବ ଦେଶରୁ ଆସୁଥିବା ଅଜୁଆ ଖଜୁରୀ ର ଚାହିଦା ମାତ୍ରାଧିକ ରହିଛି। ଯାହାର କେଜି ୮୫୦ରୁ ଆରମ୍ଭ ହେଉଛି।

ସେହିଭଳି ଗୋଲାପରୁ ପ୍ରସ୍ତୁତ ରୁଅବଜା, ଖସ ସରବତ୍, କାଜୁ, ପିସ୍ତା, ଅଖରୋଟ, ଅଞ୍ଜିର, ଚେରୀ, ସିମେୟିଆ ପ୍ରଭୃତି ବିଭିନ୍ନ ରକମର ଖାଦ୍ୟ ସାମଗ୍ରୀ ମିଳୁଛି। ମାସ ଶେଷ ହେବାକୁ ଗୋଟିଏ ଦିନ ଥିବାରୁ ଶେଷ ଦିନରେ ଚଳିତ ବର୍ଷ ବେପାର ଭଲ ହେବ ବୋଲି ବ୍ୟବସାୟୀମାନେ ଆଶା କରିଛନ୍ତି। ସେହିପରି ଏଠାରେ ଅତର, ଆସନ ଓ ଦାନ୍ତକାଠି(ମିସ୍‌ୱାକ୍)ର ମଧ ପସରା ଖୋଲିଛି। ସଦାବାହାର, ଜନହା ପରଫ୍ୟୁମ, ଚକୋଲେଟ ମସ୍କ, ବ୍ଲାକ ଷ୍ଟୋନ ପରି ବିଭିନ୍ନ ପ୍ରକାର ର ଅତର ବିକ୍ରି ହେଉଛି। ଯାହାର ଦାମ ୪୦ ଟଙ୍କାରୁ ଆରମ୍ଭ କରି ୬୦୦ଟଙ୍କା ପର୍ଯ୍ୟନ୍ତ ମିଳୁଛି।

ଅନ୍ୟପକ୍ଷରେ ବଜାରରେ ଜମୁଛି କିଣାବିକା ଆସର। ସବୁଠି ଅସମ୍ଭାଳ ଭିଡ। କିଏ ନିଜ ମନ ପସନ୍ଦର ପୋଷାକ କିଣି ନେଉଛି ତ’ କିଏ ନିଜ ପୋଷାକ ସହ ମ୍ୟାଚ୍ କରୁଥିବା କାନ ଫୁଲ, ଚୁଡ଼ି ଓ ଅଳଙ୍କାର ମନୋହରୀ ଦୋକାନରୁ ବାଛି ନେଉଛି। ଚଳିତ ବର୍ଷ ଯୁବତୀମାନଙ୍କ ପାଇଁ ବଜାରରେ ଫ୍ୟାନ୍ସି ଡ୍ରେସ ଓ ମହିଳାମାନଙ୍କ ପାଇଁ ବୋରଖା ଲାଗି ବସ୍ତ୍ରାଳୟମାନଙ୍କରେ ଭିଡ ଜମୁଥିବା ଦେଖାଯାଇଛି।

ଏମିତିକି ବିଭିନ୍ନ ମଲ୍, ମାର୍କେଟ୍ ବିଲ୍ଡିଂ, ବିଉଟି ପାର୍ଲରରେ ମେହେନ୍ଦି ଆର୍ଟିଷ୍ଟମାନେ ବୁକିଂ କରିଥିବାବେଳେ ବିଭିନ୍ନ ପାର୍ଲରରେ ଗହଳି ଆରମ୍ଭ ହୋଇଗଲାଣି। ଅନ୍ୟପକ୍ଷରେ କେତେକ ମହିଳା ଦ୍ୱାର ଦ୍ୱାର ବୁଲି ଅର୍ଡର ଅନୁସାରେ ମେହେନ୍ଦୀ ଲଗାଉଥିବା ଜଣାଯାଇଛି। ସୋମବାର ରାତିରୁ ରାତି ତମାମ ଉଜାଗର ରହି ଲୈଲତୁଲ୍ କଦ୍ର ପଢିଛନ୍ତି ଧର୍ମାବଲମ୍ବୀମାନେ। ଶନିବାର ଇଦଉଲ ଫିତର ଯୋଗୁ ଏବେଠାରୁ ବିଭିନ୍ନ ଶଫି ମାହୋଲ ସରଗରମ ହେଉଛି।

# ରାଷ୍ଟ୍ରୀୟ ନବବର୍ଷ ସମାରୋହ

ଖୋର୍ଦ୍ଧା,୧୯।୩(ସମିସ) : ସଂସ୍କୃତି ସୁରକ୍ଷା ସମିତି ଖୋର୍ଦ୍ଧା ଆନୁକୂଲ୍ୟରେ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ରାଷ୍ଟ୍ରୀୟ ନବବର୍ଷ ସମାରୋହ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସମିତି ସଭାପତି ତଥା ଆର୍‌ଏସ୍‌ଏସ୍ ସହ ପ୍ରାନ୍ତସେବା ପ୍ରମୁଖ ବେଲେଶ୍ୱର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମାରୋହରେ ଜିଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ ଅଧ୍ୟକ୍ଷ ତାପସ ନାୟକ ମୁଖ୍ୟଅତିଥି, ମୁଖ୍ୟବକ୍ତା ଭାବେ ଆରଏସଏସ ସହ ପ୍ରାନ୍ତ କାର୍ଯ୍ୟବାହ ଙ୍କ ସୁଦର୍ଶନ ଦାସ ରାଷ୍ଟ୍ରୟୀ ନବବର୍ଷ ସମ୍ପର୍କରେ ଆଲୋକପାତ କରିଥିଲେ। ସମିତି ସମ୍ପାଦକ ତଥା ନଗର କାର୍ଯ୍ୟବାଦ ପ୍ରଶାନ୍ତ ବେହେରା ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଶିଶୁ ମନ୍ଦିର ପ୍ରଧାନାଚାର୍ଯ୍ୟ ଗିରିଜା ପ୍ରସାଦ ମହାପାତ୍ର ସ୍ୱାଗତ ଭାଷଣରେ ରାଷ୍ଟ୍ରୀୟ ନବବର୍ଷର ତାତ୍ପର୍ଯ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଗୋଲକ ହାତୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ବାଣପୁର: ବାଣପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ତରଫରୁ ବିଦ୍ୟାଳୟ ପରିସରରେ ରାଷ୍ଟ୍ରୀୟ ନବ ବର୍ଷ ପାଳନ କରାଯାଇଛି। ବିଦ୍ୟାଳୟ ପରିଚାଳନା କମିଟିର କୋଷାଧ୍ୟକ୍ଷ ବୈରାଗୀ ଚରଣ ବଳ, ପ୍ରଧାନାଚାର୍ଯ୍ୟ ଅବିନାଶ ପଟ୍ଟନାୟକଙ୍କ ସମେତ ସମସ୍ତ ଗୁରୁଜି ଗୁରୁମା ସାମିଲ ହୋଇଥିଲେ।

**ଟାଙ୍ଗୀ:** ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଟାଙ୍ଗୀ ଖଣ୍ଡର କନ୍ଦନୟାଗଡ ସ୍ଥିତ ଗୁରୁକୁଳ ଶିକ୍ଷାକେନ୍ଦ୍ର ପରିସରରେ ରାଷ୍ଟ୍ରୀୟ ନବବର୍ଷ ପାଳିତ ହୋଇଯାଇଛି। ଖଣ୍ଡର ସେବା ପ୍ରମୁଖ ଭଗବାନ ଗୁରୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ରୂପେ ପରିକ୍ଷୀତ ସେଠୀ, ମୁଖ୍ୟ ବକ୍ତା ଖୋର୍ଦ୍ଧା ସହ ଜିଲ୍ଲା ସଂଘ ଚାଳକ ଲଳିତ ନାରାୟଣ ମହାପାତ୍ର ଯୋଗଦେଇ ଥିଲେ। ଦେବସ୍ମିତା ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। ମିତା ପରିଡ଼ା, ସୋନାଲୀ ଛୋଟରାୟ, ପ୍ରିୟଦର୍ଶିନୀ ଛୁଆଳସିଂହ, ଉଷାରାଣୀ ରାଉତ, ରୋଜାଲିନ ବେହେରା, ଅନ୍ନପୂର୍ଣ୍ଣା ସେଠୀ, ଶିବରାମ ସେଠୀ,ସାଇ ଶାଶ୍ୱତ ଗୁରୁ ସ୍ୱୟଂଶ୍ରୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ବସ୍ତା ବିଧାୟିକାଙ୍କ ବାସଭବନ ସମ୍ମୁଖରେ ବିଜୁ ମହିଳା ଜନତା ଦଳର ପ୍ରତିବାଦ ଶୋଭାଯାତ୍ରା

# ନବୀନଙ୍କ ସହ ବିଶ୍ୱାସଘାତ କରିଛନ୍ତି ସୁବାସିନୀ




ଭୁବନେଶ୍ୱର, ୧୯।୩ (ସମିସ): ରାଜ୍ୟସଭା ନିର୍ବାଚନରେ କ୍ରସ ଭୋଟିଂ କରିଥିବା ବିଜେଡିର ବସ୍ତା ବିଧାୟିକା ସୁବାସିନୀ ଜେନାଙ୍କ ବିଜେବି ନଗର ସ୍ଥିତ ବାସଭବନ ସମ୍ମୁଖରେ ଗୁରୁବାର ଦୃଢ଼ ପ୍ରତିବାଦ କରିଛି ବିଜୁ ମହିଳା ଜନତା ଦଳ। ଶ୍ରୀମତୀ ଜେନା କରିଥିବା କାର୍ଯ୍ୟକୁ ବିଜେଡି ମହିଳା ନେତ୍ରୀ କଡ଼ା ଶବ୍ଦରେ ନିନ୍ଦା କରିବା ସହ ନବୀନଙ୍କ ସହ ବିଶ୍ୱାସଘାତକତା କରିଥିବା ଅଭିଯୋଗ କରିଛନ୍ତି।

ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ କହିଛନ୍ତି ଯେ ନବୀନ ପଟ୍ଟନାୟକଙ୍କ ଆଶୀର୍ବାଦରେ ବିଜୁ ଜନତା ଦଳରୁ ଟିକେଟ ପାଇ ସୁଭାସିନୀ ଜେନା ନିର୍ବାଚିତ ହୋଇଥିଲେ। ଦଳ ପାଣ୍ଠିରେ ସେ ନିର୍ବାଚନ ଲଢ଼ିଥିଲେ। ତାଙ୍କ ପାଇଁ ଦଳର ନେତାମାନେ ବସ୍ତାରେ ପ୍ରଚାର କରିଥିଲେ। ରାଜ୍ୟସଭା ନିର୍ବାଚନ ପୂର୍ବରୁ ଦଳର ସଭାପତିଙ୍କ ନିର୍ଦ୍ଦେଶ ଯାହା ରହିବ, ତାକୁ ମାନିବି ବୋଲି କହୁଥିବା ଶ୍ରୀମତୀ ଜେନା ନିର୍ବାଚନ ଦିନ ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ ଦେବା ଦୁର୍ଭାଗ୍ୟଜନକ ଓ ନିନ୍ଦନୀୟ। ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ବିଜୁ ଜନତା ଦଳ ସହିତ ରହି ରାଜ୍ୟସଭା ନିର୍ବାଚନରେ କ୍ରସ ଭୋଟିଂ କରି ଦଳ ବିରୋଧୀ କାର୍ଯ୍ୟ କରିବା ଏବଂ ନବୀନ ପଟ୍ଟନାୟକଙ୍କ ସହ ବିଶ୍ୱାସଘାତକତା କରିଥିବା ଶ୍ରୀମତୀ ଜେନାଙ୍କୁ ଆଗାମୀ ଦିନରେ ଓଡ଼ିଶାବାସୀ ଉଚିତ୍ ଜବାବ ଦେବେ। ରାଜ୍ୟସଭା ନିର୍ବାଚନରେ ଘୋଡ଼ା ବେପାରରେ ସାମିଲ ହୋଇ ଅର୍ଥ ଲୋଭରେ ଶ୍ରୀମତୀ ଜେନା ଯେଉଁ ଦଳବିରୋଧୀ କାର୍ଯ୍ୟ କରିଛନ୍ତି ତାହାକୁ ଯେତେ କଡ଼ା ଭାଷାରେ ନିନ୍ଦା କଲେ କମ ହେବ। ଯଦି ନୈତିକ ସାହସ ଅଛି ତେବେ ସେ ତୁରନ୍ତ ବିଧାୟିକା ପଦରୁ ଇସ୍ତଫା ଦିଅନ୍ତୁ ବୋଲି ସ୍ନେହାଙ୍ଗିନୀ ଆହ୍ୱାନ ଦେଇଛନ୍ତି।

ଏହି ପ୍ରତିବାଦ ସଭା କାର୍ଯ୍ୟକ୍ରମରେ ଭୁବନେଶ୍ୱର ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, କର୍ପୋରେଟର ସର୍ବଶ୍ରୀ ଭାରତୀ ସିଂହ, ନୃପେଶ ନାୟକ, କେ. ଶାନ୍ତି, ମାନସୀ ସୁନ୍ଦରରାୟ, ରଞ୍ଜୁଲତା ରାୟ, ପ୍ରଭାସିନୀ ସେଠୀ, ଅଲିଅଲି ମଲ୍ଲିକ, ବରିଷ୍ଠ ନେତ୍ରୀ ସାରଳା ସ୍ୱାଇଁ, ସସ୍ମିତା ନନ୍ଦ, ବନଜା ମହାନ୍ତି, ଲୋରା ମହାପାତ୍ର, ଜ୍ୟୋତ୍ସ୍ନା ପରଜା, ରୁନୁ ଜେନା, ମୋନାଲିସା ଗନ୍ତାୟତ, ଲକ୍ଷ୍ମୀ ସାହୁ, ଇଲା ସ୍ୱାଇଁ, ତିଲୋତ୍ତମା ଚୌଧୁରୀ, ସ୍ମିତା ସ୍ୱାଇଁ, ସୁସ୍ମିତା ଦାସ ଏବଂ ବିଜୁ ମହିଳା ଜନତା ଦଳର ହଜାର ହଜାର ମହିଳା ସମର୍ଥକ ସାମିଲ ହୋଇଥିଲେ।

# ନିଲମ୍ବିତଙ୍କୁ ବାଦ୍ ଦେଇ ନୂଆ ସଂଗଠନ କରିବ କଂଗ୍ରେସ

ଭୁବନେଶ୍ୱର,୧୯।୩(ସମିସ): କ୍ରସ୍ ଭୋଟିଂ ପାଇଁ କଂଗ୍ରେସ ୩ ଜଣ ବିଧାୟକଙ୍କୁ ନିଲମ୍ବନ କରିଛି। ସେମାନଙ୍କ ସଦସ୍ୟତା ରଦ୍ଦ ପାଇଁ ମଧ୍ୟ ଉଦ୍ୟମ ଆରମ୍ଭ ହୋଇଛି। ଏହି କାର୍ଯ୍ୟାନୁଷ୍ଠାନ ସହିତ ଏବେ ଦଳ ସେମାନଙ୍କୁ ଛାଡ଼ି କିପରି ସଂଗଠନ ଆଗକୁ ବଢ଼ିବ, ସେନେଇ ପ୍ରକ୍ରିୟା ଆରମ୍ଭ କରିଛି। ନିଲମ୍ବିତ ବିଧାୟକଙ୍କ

■ ଦୁଇ ଦିନରେ ଦୁଇ ଜିଲ୍ଲା ନେତୃତ୍ୱଙ୍କ ସହ ବୈଠକ
■ ରିପୋର୍ଟ ପାଇଁ ୨ ପର୍ଯ୍ୟବେକ୍ଷକଙ୍କ ମୋହନା ଗସ୍ତ
■ କଂଗ୍ରେସ ଭବନରେ କଟକ ନଗର, ଗଞ୍ଜାମ ଓ ପଶ୍ଚିମ ନେତା

ମଧ୍ୟରୁ ରମେଶ ଜେନା ଗଞ୍ଜାମ-ପଶ୍ଚିମ ଓ ବିଧାୟକ ଦାଶରଥି ଗମାଙ୍ଗୋ ଗଜପତି ଜିଲ୍ଲାର ଜିଲ୍ଲା କଂଗ୍ରେସ ସଭାପତି ଭାବେ କାର୍ଯ୍ୟ କରୁଥିଲେ। ଏମାନଙ୍କ ନିଲମ୍ବନ ସହିତ ଏହି ପଦ ଏବେ ଫାଙ୍କା ପଡ଼ିଛି। ଏହା ବ୍ୟତୀତ କଟକ ନଗର କଂଗ୍ରେସ ସଭାପତି ଗିରିବାଳା ବେହେରାଙ୍କୁ ମଧ୍ୟ ଦଳ ବହିଷ୍କାର କରିଥିବାରୁ ଏବେ ଏହି ୩ ଟି ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ସଭାପତି ପଦ ଫାଙ୍କା ରହିଛି। ତେବେ କିପରି ଏହି ନିଲମ୍ବିତ ସଦସ୍ୟଙ୍କୁ ବାଦ୍ ଦେଇ ତୁରନ୍ତ ନୂତନ ଜିଲ୍ଲା ସଭାପତି ଚୟନ କରାଯିବ ଓ ସଂଗଠନ ଆଗକୁ ବଢ଼ିବ, ସେନେଇ ପିସିସି ସଭାପତି ଭକ୍ତ ଚରଣ ଦାସ ପ୍ରକ୍ରିୟା ଆରମ୍ଭ କରି ଦେଇଛନ୍ତି।

ଏହି କ୍ରମରେ ଦୁଇ ଦିନ ମଧ୍ୟରେ ଶ୍ରୀ ଦାସ ଦୁଇଟି ଜିଲ୍ଲାର ନେତୃତ୍ୱଙ୍କ ସହ କଂଗ୍ରେସ ଭବନରେ ବୈଠକ କରିଛନ୍ତି। କଟକ ନଗର କଂଗ୍ରେସ ଓ ଗଞ୍ଜାମ-ପଶ୍ଚିମ ସାଂଗଠନିକ ଜିଲ୍ଲାରୁ ନେତୃବୃନ୍ଦମାନେ ପିସିସି ସଭାପତି ଓ ଅନ୍ୟ ନେତୃବର୍ଗଙ୍କ ସହ ଏ ବିଷୟରେ ମାନସମନ୍ଥନ କରିଛନ୍ତି। ଗୁରୁବାର ଗଞ୍ଜାମ ଜିଲ୍ଲାର ନେତୃବୃନ୍ଦ ଓ କର୍ମକର୍ତ୍ତାମାନଙ୍କ ସହ ଦଳୀୟ ସଙ୍ଗଠନର ସୁଦୃଢ଼ୀକରଣ, ଜନସମସ୍ୟାର ପର୍ଯ୍ୟାଲୋଚନା ଓ ରାଜ୍ୟର ବର୍ତ୍ତମାନର ରାଜନୈତିକ ପରିସ୍ଥିତି ସହ ଆଗାମୀ କାର୍ଯ୍ୟଯୋଜନା ବିଷୟରେ ଦୀର୍ଘ ତିନିଘଣ୍ଟା ବିଚାର ବିମର୍ଷ ହୋଇଛି। ଜିଲ୍ଲାରୁ ଆସିଥିବା କଂଗ୍ରେସ ନେତୃବୃନ୍ଦ ନିଜର ମତାମତ ଓ ପରାମର୍ଶ ଉପସ୍ଥାପନ କରିଛନ୍ତି। ଏଥିରେ ଡଃ ଲଲାଟେନ୍ଦୁ ମହାପାତ୍ର, ବିଜୟ ପ୍ରଧାନ, ଦେବୀପ୍ରସାଦ ବିଷୋଇଙ୍କ ସମେତ ଅନ୍ୟ ପ୍ରମୁଖ ନେତାମାନେ ସାମିଲ ହୋଇଛନ୍ତି।

ସେହିପରି ବୁଧବାର ଦିନ କଟକ ନଗର କଂଗ୍ରେସ ପାଇଁ ନୂତନ ସଭାପତି ନିଯୁକ୍ତ ତଥା ସମସ୍ତ ସାଙ୍ଗଠନିକ ଗଠନକୁ ନେଇ ମଧ୍ୟ ବିଚାରବିମର୍ଶ କରାଯାଇଥିଲା। ଏହି ସଭାରେ କଟକ ଜିଲ୍ଲାର ସମସ୍ତ ନେତା ଏବଂ କର୍ମକର୍ତ୍ତା ବାରବାଟୀ ବିଧାୟିକା ସୋଫିଆ ଫିର୍ଦ୍ଦୋଶ୍ ଏବଂ ଜିଲ୍ଲା ସଭାନେତ୍ରୀଙ୍କ ଦଳ ବିରୋଧୀ କାର୍ଯ୍ୟକଳାପକୁ ନିନ୍ଦା କରିବା ସହ ସଭାପତିଙ୍କ କାର୍ଯ୍ୟାନୁଷ୍ଠାନର ସମର୍ଥନ କରିଥିବା ନେଇ କଂଗ୍ରେସ ମିଡିଆ ସେଲ୍ ପକ୍ଷରୁ କୁହାଯାଇଛି। ସାଂଗଠନିକ ପୁନର୍ଗଠନ ନିମନ୍ତେ ସମସ୍ତଙ୍କ ମତାମତ ଓ ପ୍ରସ୍ତାବ ଲୋଡ଼ାଯାଇଥିବା ବେଳେ କଟକ କଂଗ୍ରେସକୁ ରାଜ୍ୟରେ ଉଦାହରଣ ସୃଷ୍ଟି କରିବ ବୋଲି ପିସିସି ସଭାପତି କହିଛନ୍ତି।

ଏହି ଗୁରୁତ୍ୱପୂର୍ଣ୍ଣ ସାଂଗଠନିକ କାର୍ଯ୍ୟକ୍ରମରେ କଟକ ଜିଲ୍ଲାରୁ ସୁରେଶ ମହାପାତ୍ର, ରବିନ୍ଦ୍ର ମଲ୍ଲିକ, ବିଜୟଲକ୍ଷ୍ମୀ ସାହୁ, ମାନସ ଚୌଧୁରୀ, ସିର୍ଦ୍ଧାର୍ଥ ସ୍ୱରୂପ ଦାଶ, ଦେବାଶିଷ ପଟ୍ଟନାୟକଙ୍କ ଭଳି ନେତୃବୃନ୍ଦ ସାମିଲ ହେବା ସହ ଦଳୀୟ ସଂଗଠନ ବିଷୟରେ ଆଲୋଚନା କରିଛନ୍ତି। ଏହା ବ୍ୟତୀତ ମୋହନା ବିଧାୟକଙ୍କ ନିଲମ୍ବନ ଓ ଏହାକୁ ନେଇ ଗଜପତି ଜିଲ୍ଲାରେ ସ୍ଥିତି ସମ୍ପର୍କରେ ରିପୋର୍ଟ ସଂଗ୍ରହ ପାଇଁ ଜିଲ୍ଲାର ଦୁଇ ଜଣ ପର୍ଯ୍ୟବେକ୍ଷକ ବିଧାୟକ ସତ୍ୟଜିତ ଗମାଙ୍ଗୋ ଓ କାଦ୍ରାକା ଆପାଲାସ୍ୱାମୀ ଗଜପତି ଗସ୍ତ କରିଥିବା ଜଣାପଡ଼ିଛି। ଏହି ଦୁଇ ବିଧାୟକ ସେଠାରୁ ରିପୋର୍ଟ ସଂଗ୍ରହ କରି ପିସିସିକୁ ପ୍ରଦାନ କରିବେ ଓ ଏହାପରେ ଦଳୀୟ କାର୍ଯ୍ୟପନ୍ଥା ସ୍ଥିର ହେବ ବୋଲି ଜଣାପଡ଼ିଛି।

## ଏପ୍ରିଲ୍ ୨ରେ ଶିଶୁବାଟିକାରେ ଖଡ଼ିଛୁଆଁ ଉତ୍ସବ

ଭୁବନେଶ୍ୱର,୧୯ ।୩(ସମିସ): ଶିଶୁବାଟିକା ପିଲାଙ୍କ ପାଇଁ ଆସନ୍ତା ଏପ୍ରିଲ୍ ୨ ତାରିଖରେ ବିଦ୍ୟାଳୟରେ ଅନୁଷ୍ଠିତ ହେବ ପ୍ରବେଶ ବା ଖଡ଼ିଛୁଆ ଉତ୍ସବ। ପ୍ରଥମ ଥର ବିଦ୍ୟାଳୟକୁ ଯାଉଥିବା ଶିଶୁମାନେ ଖଡ଼ି ଛୁଇଁବେ ବା ପାଠପଢ଼ା ଆରମ୍ଭ କରିବେ। ଏଥିପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପିଲାଙ୍କ ପରିବାରକୁ ନିମନ୍ତ୍ରଣ ଦିଆଯାଇଛି। ସେହିପରି ଏପ୍ରିଲ ୬, ୭ ଓ ୮ ରେ ବିଦ୍ୟାଳୟସ୍ତରରେ ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କୁ ନେଇ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏନେଇ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ଶିଶୁବାଟିକାରେ ନାମ ଲେଖାଇବାକୁ ଥିବା ଶିଶୁଙ୍କ ପରିବାରକୁ ନିମନ୍ତ୍ରଣ ପତ୍ର ବଣ୍ଟନ କରାଯାଇଛି।

## ପିଜି ପ୍ରବେଶିକା ଆବେଦନ ୨୨ ଯାଏଁ ବୃଦ୍ଧି

ଭୁବନେଶ୍ୱର, ୧୯ ।୩(ସମିସ): ସ୍ନାତକୋତ୍ତର ନାମଲେଖାଇବାକୁ ଏକକ ପ୍ରବେଶିକା ପରୀକ୍ଷା ସିପିଇଟି ପାଇଁ ଆବେଦନ ଅବଧି ବୃଦ୍ଧି ହୋଇଛି। ଆଗ୍ରହୀ ଛାତ୍ରଛାତ୍ରୀମାନେ ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ଆବେଦନ କରିପାରିବେ। ଆବେଦନ ଅବଧି ଗତକାଲି ଶେଷ ହେଉଥିବାବେଳେ ଛାତ୍ରଛାତ୍ରୀଙ୍କ ଆବେଦନକୁ ଦୃଷ୍ଟିରେ ରଖି ଅବଧି ବୃଦ୍ଧି କରାଯାଇଛି। ଆବେଦନରେ କୌଣସି ତ୍ରୁଟି ଥିଲେ ୨୩ ତାରିଖ ୧୧ଟା ମଧ୍ୟରେ ସଂଶୋଧନ କରିପାରିବେ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏପ୍ରିଲ ୨୩ ରେ ଏସ୍‌ଏସ୍‌ବି ୱେବସାଇଟ୍‌ରେ ଆଡମିଟ୍ କାର୍ଡ ପ୍ରକାଶ ପାଇବା ପରେ ୨୭ରୁ ମେ ୧୦ ମଧ୍ୟରେ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ।

## ପରିତ୍ୟକ୍ତ ଘର ନିକଟରେ ରିଲ୍ସ କରିବାକୁ ନେଇ ହାତାହାତି

ଜଗତସିଂହପୁର,୧୯।୩(ସମିସ): ଜଗତସିଂହପୁର ସଦର ଥାନା ତରଡ଼ାପଡ଼ା ମଜୁରାଇ ନିକଟରେ ଥିବା ଏକ ପରିତ୍ୟକ୍ତ ଘର ନିକଟରେ ରିଲ୍‌ସ କରିବାକୁ ନେଇ ହାତାହାତି ପରିସ୍ଥିତି ସୃଷ୍ଟି ହୋଇଥିଲା। ଏଥିରେ ୨/୩ ଜଣ ଆହତ ହୋଇଥିବା ସୂଚନା ମିଳିଛି। ସୂଚନାନୁସାରେ, ଗତ ୧୯୯୯ ଅଗଷ୍ଟରେ ଉକ୍ତ ଘରେ ୭ ଜଣଙ୍କର ମୃତ୍ୟୁ ହୋଇଥିଲା। ୬ ଜଣଙ୍କ ଶବ ରକ୍ତାକ୍ତ ଅବସ୍ଥାରେ ମିଳିଥିବା ବେଳେ ଗୃହକର୍ତ୍ତାଙ୍କ ଶବ ଝୁଲନ୍ତା ଅବସ୍ଥାରେ ଠାବ କରାଯାଇଥିଲା। ସେ ସମୟରେ ଏହି ଘଟଣା ସମଗ୍ର ଓଡ଼ିଶାରେ ଚାଞ୍ଚଲ୍ୟ ଖେଳାଇ ଦେଇଥିଲା। ଗୁଣିଗାରେଡ଼ି ପାଇଁ ଏଭଳି ଘଟିଥିବା କୁହାଯାଇଥିବା ବେଳେ ଅଦ୍ୟାବଧି ଏହି ମର୍ମସ୍ପର୍ଶୀ ହତ୍ୟାକାଣ୍ଡ ରହସ୍ୟ ହୋଇ ରହିଛି। ତେବେ ଏହି ଘଟଣାର କିଛି ବର୍ଷ ପରେ ସେଠାରେ ଜନୈକ ବ୍ୟକ୍ତି ସିମେଣ୍ଟ ଏବଂ ରଡ୍ ବ୍ୟବସାୟ ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ଏହା ବନ୍ଦ ହୋଇଥିଲା ଏବଂ ଏବେ ଉକ୍ତ ଗୃହଟି ପରିତ୍ୟକ୍ତ ଅବସ୍ଥାରେ ରହିଛି। ଏହାର ସୁଯୋଗ ନେଇ କିଛି ଯୁବକ ସେଠାରେ ରିଲ୍‌ସ କରି ସାମାଜିକ ଗଣମାଧ୍ୟମରେ ଭୂତକୋଠି ଆଖ୍ୟା ଦେଇ ଭାଇରାଲ କରିଛନ୍ତି। ଆଜି ଦୁଇଜଣ ଯୁବକ ସେଠାରେ ରିଲ୍‌ସ କରୁଥିବା ବେଳେ ସ୍ଥାନୀୟ ଅଞ୍ଚଳର ଜଣେ ଯୁବକ ତାଙ୍କୁ ବିରୋଧ କରିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ରିଲ୍‌ସ କରୁଥିବା ଯୁବକ ତାକୁ ମାଡ଼ ମାରିଥିଲେ। ପରେ ସ୍ଥାନୀୟ ଲୋକମାନେ ପହଞ୍ଚି ରିଲ୍‌ସ କରୁଥିବା ଯୁବକଦ୍ୱୟଙ୍କୁ ମାଡ଼ ମାରିଥିଲେ। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁଇଜଣଙ୍କୁ ଉଠାଇ ନେଇଥିଲା। ଏନେଇ ଥାନାରେ କୌଣସି ମାମଲା ହୋଇନଥିବା ଆଇଆଇସି ସରୋଜ ସାମଲ ସୂଚନା ଦେଇଛନ୍ତି।

## ଡାଲମା ହଣ୍ଡାରେ ମଲା ସାପ

ପଟ୍ଟାମୁଣ୍ଡାଇ,୧୯।୩ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ପୌରାଞ୍ଚଳରେ ଆୟୋଜିତ ଏକ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସ୍ତୁତ ଡାଲମା ହଣ୍ଡାରେ ସାପ ପଡ଼ିବା ଘଟଣା ଦେଖିବାକୁ ମିଳିଛି। ଡାଲମା ଖାଇଥିବା ଲୋକେ ଭୟଭୀତ ହୋଇପଡ଼ିଥିବା ବେଳେ ସାଧାରଣରେ ଆତଙ୍କ ଦେଖାଦେଇଥିଲା। ବିଷଧର ସାପ ପଡ଼ିଥିବା ଡାଲମା ଖାଇଥିବା ଶତାଧିକ ଲୋକ ଭୟଭୀତ ହୋଇ ଚିକିତ୍ସା ପାଇଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭିଡ଼ ଜମାଇଥିଲେ। ଛୋଟଛୋଟ ଶିଶୁଙ୍କଠାରୁ ଆରମ୍ଭ କରି ବୟସ୍କ ପୁରୁଷ ଓ ମହିଳାଙ୍କ ଲମ୍ବା ଧାଡ଼ି ଦେଖିବାକୁ ମିଳିଛି। ସୂଚନା ମୁତାବକ, ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଆନ୍ତର୍ଗତ ୧୦ନଂ ୱାର୍ଡରେ ଗତକାଲି ବିଳମ୍ବିତ ରାତ୍ରିରେ ଭାଗବତ ପାରାୟଣ ଅବସରରେ ୪୦୦ ଲୋକଙ୍କ ପ୍ରସାଦସେବନ ପାଇଁ ବ୍ୟବସ୍ଥା କରାଯାଇଥିଲା। ତଦନୁଯାୟୀ ଖାଦ୍ୟରନ୍ଧା ହୋଇଥିଲା। ପ୍ରସାଦସେବନ ସମୟରେ ଡାଲମା ହଣ୍ଡାରେ ଏ ମଲା ବିଷଧର ସାପ ପଡ଼ିଥିବା ଦେଖିବାକୁ ମିଳିଥିଲା। ବିଶେଷକରି ଡାଲମା ଖାଇଥିବା ଲୋକେ ଭୟଭୀତ ହୋଇ ତତ୍କାଳ ଚିକିତ୍ସା ପାଇଁ ପଟ୍ଟାମୁଣ୍ଡାଇ ଉପଖଣ୍ଡସ୍ତରୀୟ ମେଡିକାଲ ଆସିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ୨୦୦ରୁ ଉର୍ଦ୍ଧ୍ୱ ଲୋକଙ୍କ ଲମ୍ବା ଲାଇନ୍ ଦେଖିବାକୁ ମିଳିଥିଲା। ସ୍ୱାସ୍ଥ୍ୟକେନ୍ଦ୍ରରେ ପରୀକ୍ଷା ପରେ ବିଷଧର ସାପ ପଡ଼ିଥିବା ଡାଲମା ଖାଇ କେହି ଗୁରୁତର ହୋଇନଥିବା ଜଣାପଡ଼ିଥିଲା।

■ ସାପ ଡାଲମା ଖାଇ ଲୋକେ ଆତଙ୍କିତ
■ ସ୍ୱାସ୍ଥ୍ୟକେନ୍ଦ୍ରରେ ଶତାଧିକ ଲୋକଙ୍କ ଭିଡ଼

■ ଗୃହରେ ଖଣିମନ୍ତ୍ରୀଙ୍କ ସୂଚନା

## ନୂଆପଡାରେ ହୀରା ଖଣି, କଳାହାଣ୍ଡିରେ ମାଣିକ

ଭୁବନେଶ୍ୱର,୧୯।୩(ସମିସ): ନୂଆପଡା ଜିଲ୍ଲାର ନୂଆପଡା ବ୍ଲକ ଅନ୍ତର୍ଗତ କାଲମିଦାଦର ଠାରେ ହୀରାପଥର ଥିବାର ଚିହ୍ନଟ ହୋଇଛି। ଏହାର ବୈଷୟିକ, ଅର୍ଥନୈତିକ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ମୂଲ୍ୟାୟନ କାର୍ଯ୍ୟ ଚାଲୁଅଛି ବୋଲି ଗୁରବାର ଗୃହରେ ଲିଖିତ ଉତ୍ତର ରଖିଛନ୍ତି ଖଣିମନ୍ତ୍ରୀ ବିଭୂତି ଭୂଷଣ ଜେନା। ଏକ ଅଣତାରକା ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି ଯେ କଳାହାଣ୍ଡି ଜିଲ୍ଲାର ଜୁନାଗଡ ବ୍ଲକର ହିଞ୍ଜିଳିବାହାଲ-ଜିଲିଙ୍ଗିବାର ଠାରେ ମାଣିକ ଥିବାର ଚିହ୍ନଟ ହୋଇଛି। ତେବେ ବର୍ତ୍ତମାନ ସୁଦ୍ଧା ଓଡ଼ିଶାରେ କୌଣସି ମୋତି ଖଣି ଚିହ୍ନଟ କରାଯାଇ ନାହିଁ। ରାଜ୍ୟରେ ଦେବଗଡ ଜିଲ୍ଲାର ରିଆମାଳ ବ୍ଲକ ଅନ୍ତର୍ଗତ ଆଦାସ-ରାମପାଲ୍ଲୀ ଅଞ୍ଚଳରେ ତମ୍ବାବାହୀ ପଥର, ଗ୍ରାଫାଇଟ୍, ନିକେଲ ସହିତ ସୁନା ଥିବାର ଜଣାପଡିଛି। ମୟୂରଭଞ୍ଜ ଜିଲ୍ଲାର କୁଳିଅଣା ବ୍ଲକ ଅନ୍ତର୍ଗତ ମଦନାସାହି-କାଞ୍ଜିଆ ଅଞ୍ଚଳରେ ତମ୍ବାବାହୀ ପଥର ସହିତ ସୁନାଥିବାର ଆକଳନ ହୋଇଛି। ସେହିପରି କେନ୍ଦୁଝର ଜିଲ୍ଲାର ବଂଶପାଳ ବ୍ଲକ ଅନ୍ତର୍ଗତ ଗୋପୁର-ଜଳଡ଼ିହି ଅଞ୍ଚଳରେ ସୁନାପଥର ଥିବାର ସନ୍ଧାନ ମିଳିଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

### ୨୫ ବର୍ଷ ପରେ ମିଳିଲା ନ୍ୟାୟ

## ୨ ହତ୍ୟା ଅଭିଯୁକ୍ତଙ୍କୁ ଦୋଷମୁକ୍ତ କଲେ ହାଇକୋର୍ଟ

କଟକ,୧୯ ।୩(ସମିସ): ଦୀର୍ଘ ୨୫ ବର୍ଷ ପରେ, ଏକ ହତ୍ୟା ମାମଲାରେ ଦୁଇଜଣ ଅଭିଯୁକ୍ତ ସମ୍ପୂର୍ଣ୍ଣ ଦୋଷମୁକ୍ତ ହୋଇଥିବା ବେଳେ ଅନ୍ୟ ଜଣେ ଅଭିଯୁକ୍ତଙ୍କ ଆଜୀବନ ଜେଲ ଦଣ୍ଡାଦେଶକୁ ହାଇକୋର୍ଟ କୋହଳ କରିଛନ୍ତି। କଟକ ଦ୍ୱିତୀୟ ଅତିରିକ୍ତ ଦୌରାଅଦାଲତଙ୍କ ଦ୍ୱାରା ଗତ ୨୦୦୧ ଅକ୍ଟୋବର ୧୭ରେ ଆଜୀବନ କାରାଦଣ୍ଡାଦେଶକୁ ରଦ୍ଦ କରିଦେଇଛନ୍ତି ହାଇକୋର୍ଟ। ଜଷ୍ଟିସ୍ ମାନସ ରଞ୍ଜନ ପାଠକ ଓ ଜଷ୍ଟିସ୍ ଶଶିକାନ୍ତ ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ପ୍ରଫୁଲ୍ଲ କୁମାର ଦେହୁରୀ ଓ ଅନ୍ୟ ଦୁଇଜଣଙ୍କ ପକ୍ଷରୁ ନିମ୍ନ ଅଦାଲତଙ୍କ ଦଣ୍ଡାଦେଶକୁ ଚାଲେଞ୍ଜ କରି ରୁଜୁ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମୁଖ୍ୟ ଅଭିଯୁକ୍ତଙ୍କ ଦଣ୍ଡାଦେଶକୁ କୋହଳ କରିବା ସହ ଅନ୍ୟ ଦୁଇ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଏହି ଘଟଣାଟି ପୂର୍ବ ଯୋଜନାବଦ୍ଧ ନଥିଲା, ବରଂ ଏକ ଆକସ୍ମିକ ଝଗଡ଼ା ଓ ଉତ୍ତେଜନାମୂଳକ ପରିସ୍ଥିତିରେ ଘଟିଥିଲା। ତେଣୁ, ଏହା ଆଇପିସି ଧାରା ୩୦୨ (ହତ୍ୟା) ପରିସରଭୁକ୍ତ ନ ହୋଇ ଧାରା ୩୦୪ ପାର୍ଟ-୧ (ହତ୍ୟା ଶ୍ରେଣୀଭୁକ୍ତ ହେଉ ନଥିବା ମାନବ ହତ୍ୟା) ଅନ୍ତର୍ଗତ ବୋଲି ଅଦାଲତ କହିଛନ୍ତି।

ସୂଚନାଯୋଗ୍ୟ, ଗତ ୧୯୯୯ ଜାନୁଆରୀ ୨୭ ସକାଳେ କଟକ ଜିଲ୍ଲା କାନପୁର ଥାନା ଅନ୍ତର୍ଗତ ନୂଆସୋଲବନ୍ଧ ଗ୍ରାମରେ ଏହି ଘଟଣା ଘଟିଥିଲା। ଘର ଉପରକୁ ପଥର ମାଡ଼କୁ କେନ୍ଦ୍ର କରି ଏହାର ପୂର୍ବଦିନ ଜୀବନ ନାୟକ ଓ ପ୍ରଫୁଲ୍ଲ ଦେହୁରୀଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ପ୍ରଫୁଲ୍ଲ ଏକ ଟାଙ୍ଗିଆରେ ଜୀବନଙ୍କ ମୁଣ୍ଡକୁ ଆକ୍ରମଣ କରିବାରୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପ୍ରାଥମିକ ଏତଲାରେ କେବଳ ମୁଖ୍ୟ ଅଭିଯୁକ୍ତ ପ୍ରଫୁଲ୍ଲ ଦେହୁରୀଙ୍କ ନାମ ଥିଲା। ପରବର୍ତ୍ତୀ ସମୟରେ ଅନ୍ୟ ଦୁଇ ଅଭିଯୁକ୍ତ ପ୍ରତାପ ଓ ପଙ୍କଜଙ୍କ ନାମ ଯୋଡ଼ାଯାଇଥିଲା। ଏହା ସନ୍ଦେହଜନକ ବୋଲି ହାଇକୋର୍ଟ ଦର୍ଶାଇଛନ୍ତି। ଏହି ଘଟଣାରେ ଅଭିଯୁକ୍ତ ପ୍ରଫୁଲ୍ଲ ମଧ୍ୟ ଆହତ ହୋଇଥିଲେ ଏବଂ ଏକ ପ୍ରତିପକ୍ଷ ମାମଲା ରୁଜୁ ହୋଇଥିଲା, ଯାହାକୁ ନିମ୍ନ ଅଦାଲତ ଅଣଦେଖା କରିଥିଲେ। ହାଇକୋର୍ଟ ସମସ୍ତ ପ୍ରମାଣ ଓ ପାର୍ଶ୍ୱପରିସ୍ଥିତିକୁ ବିଚାର କରି ମୁଖ୍ୟ ଅଭିଯୁକ୍ତ ପ୍ରଫୁଲ୍ଲ ଦେହୁରୀଙ୍କୁ ୭ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଅନ୍ୟପକ୍ଷରେ, ଉପଯୁକ୍ତ ପ୍ରମାଣ ଅଭାବରୁ ପ୍ରତାପ ଓ ପଙ୍କଜଙ୍କୁ ନିର୍ଦ୍ଦୋଷରେ ଖଲାସ କରାଯରାଇଛି।

ମୁଖ୍ୟ ଅଭିଯୁକ୍ତଙ୍କ ଆଜୀବନ ଜେଲ ଦଣ୍ଡାଦେଶ କୋହଳ

### ମୟୂରଭଞ୍ଜ ବହଳଦାରେ ଆଦିବାସୀ ନାବାଳିକାଙ୍କୁ ଅସଦାଚରଣ ପ୍ରସଙ୍ଗ

## ଜାତୀୟ ଅନୁସୂଚିତ ଜାତି ଆୟୋଗର ହସ୍ତକ୍ଷେପ ଦାବିକଲା ବିଜେଡି

ଭୁବନେଶ୍ୱର,୧୯।୩(ସମିସ): ମୟୂରଭଞ୍ଜ ଜିଲ୍ଲାର ବହଳଦାରେ ୧୪ ବର୍ଷୀୟା ଜଣେ ଆଦିବାସୀ ନାବାଳିକାଙ୍କ ସହ ହୋଇଥିବା ଅସଦାଚରଣ ଘଟଣାରେ ଗୁରୁବାର ବିଜେଡିର ଏକ ପ୍ରତିନିଧିମଣ୍ଡଳୀ ଜାତୀୟ ଅନୁସୂଚିତ ଜାତି ଆୟୋଗର ଅଧ୍ୟକ୍ଷଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଛି। ପ୍ରତିନିଧିମଣ୍ଡଳୀ ଭୁବନେଶ୍ୱର ନୟାପଲ୍ଲୀସ୍ଥିତ ଏସଟି କମିଶନଙ୍କ ଆଞ୍ଚଳିକ କାର୍ଯ୍ୟାଳୟରେ ଜାତୀୟ ଅଧ୍ୟକ୍ଷଙ୍କ ଉଦ୍ଦେଶ୍ୟରେ ଏହି ସ୍ମାରକପତ୍ର ପ୍ରଦାନ କରିଥିଲେ। ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଆଦିବାସୀ ମହିଳା ଓ ନାବାଳିକାଙ୍କ ଉପରେ ଉଦବେଗଜନକ ଅତ୍ୟାଚାର ଘଟଣାମାନ ବୃଦ୍ଧି ପାଉଛି। ଏଭଳି ଘଟଣାରେ ପୁଲିସର ନିଷ୍କ୍ରିୟତା ଓ ପ୍ରଶାସନିକ ଅବହେଳାକୁ କଡ଼ା ନିନ୍ଦା କରିଛି ବିଜୁ ଜନତା ଦଳ।

ବିଜେଡି ପକ୍ଷରୁ କୁହାଯାଇଛି ଯେ ଖାଲି ଏହି ଘଟଣା ନୁହେଁ; ରାୟଗଡା, ମୟୂରଭଞ୍ଜ, କନ୍ଧମାଳ, କୋରାପୁଟ (ବୋରିଗୁମ୍ମା), ଲମତାପୁଟ ଓ ସୁନ୍ଦରଗଡ଼ ଭଳି ଜିଲ୍ଲାରୁ ଏହିପରି ଅନେକ ଘଟଣା ଲୋକଲୋଚନକୁ ଆସିଛି। ଆଦିବାସୀ ସମୁଦାୟଙ୍କୁ ସୁରକ୍ଷା, ମର୍ଯ୍ୟାଦା ଓ ନ୍ୟାୟ ଦେବାରେ ବିଜେପି ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛି। ବହଳଦା ଘଟଣାରେ ପୁଲିସ ଏତଲା ରୁଜୁ କରିବାରେ ବିଳମ୍ବ କରିବା, ଅଭିଯୁକ୍ତକୁ ତୁରନ୍ତ ଗିରଫ ନ କରିବା, ପୀଡ଼ିତାଙ୍କ ସହ ଅସମ୍ବେଦନଶୀଳ ଭାବେ ବ୍ୟବହାର କରିବା ଓ ଲୋକମାନଙ୍କ ପ୍ରତିବାଦକୁ ଦମନ କରିବାକୁ ନେଇ ବିଜେଡି ନିଜର କ୍ଷୋଭବ୍ୟକ୍ତ କରିବା ସହ ଏନେଇ ସ୍ମାରକପତ୍ରରେ ଉଲ୍ଲେଖ କରିଛି।

■ ଘଟଣାରେ ଜଡ଼ିତ ପୁଲିସ ଅଧିକାରୀଙ୍କ ବିରୋଧରେ ତୁରନ୍ତ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ସୁପାରିସ ଦାବି
■ ପୀଡ଼ିତାକୁ ଉଚିତ୍ ନ୍ୟାୟ ଦେବା ପାଇଁ ଏକ ଦୃଢ଼ ନିରୀକ୍ଷଣ ବ୍ୟବସ୍ଥା କରାଯିବାକୁ ଅଧ୍ୟକ୍ଷଙ୍କୁ ସ୍ମାରକପତ୍ର

ବହଳଦା ଅସଦାଚରଣ ଘଟଣା ଭାରତୀୟ ସମ୍ବିଧାନର ଧାରା ୧୪, ୧୫ ଓ ୨୧ ଅନୁଯାୟୀ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି (ଅତ୍ୟାଚାର ପ୍ରତିରୋଧ) ଆଇନ, ୧୯୮୯ର ବିଧାନକୁ ଉଲ୍ଲଙ୍ଘନ କରୁଛି ବୋଲି ଅଭିଯୋଗ କରିଛି ଦଳ। ଦଳ ପକ୍ଷରୁ ଜାତୀୟ ଅନୁସୂଚିତ ଜାତି ଆୟୋଗ ଅଧ୍ୟକ୍ଷଙ୍କୁ ପ୍ରଦତ୍ତ ସ୍ମାରକପତ୍ରରେ କୁହାଯାଇଛି ଯେ ବହଳଦା ଘଟଣାରେ ପୁଲିସର ନିଷ୍କ୍ରିୟତା ପାଇଁ ପୀଡ଼ିତା ନ୍ୟାୟ ପାଇବାରୁ ବଞ୍ଚିତ ହୋଇଛି। ଏହି ଘଟଣାରେ ଜଡ଼ିତ ପୁଲିସ ଅଧିକାରୀଙ୍କ ବିରୁଦ୍ଧରେ ତୁରନ୍ତ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ସୁପାରିସ କରିବା ସହିତ ପୀଡ଼ିତାକୁ ଉଚିତ୍ ନ୍ୟାୟ ଦେବା ପାଇଁ ଏକ ଦୃଢ଼ ନିରୀକ୍ଷଣ ବ୍ୟବସ୍ଥା କରାଯାଉ। ବର୍ତ୍ତମାନ ଓଡ଼ିଶାରେ ଯେପରି ଆଇନଶୃଙ୍ଖଳା ସ୍ଥିତି ରହିଛି, ସେଥିରେ ଆଦିବାସୀ ସମୁଦାୟ ଭୟରେ ରହିବା ସହ ନିଜକୁ ଅସୁରକ୍ଷିତ ମଣୁଛନ୍ତି।

ବିଜେଡିର ଏହି ପ୍ରତିନିଧି ମଣ୍ଡଳୀରେ ମୟୂରଭଞ୍ଜ-୨ର ଜିଲ୍ଲା ସଭାପତି ଡ. ଦେବାଶିଷ ମାରାଣ୍ଡି, ଗଣମାଧ୍ୟମ ସଂଯୋଜକ ତଥା ମୁଖପାତ୍ର ଡ. ପ୍ରିୟବ୍ରତ ମାଝୀ ଓ ଲେନିନ ମହାନ୍ତି, ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସୀତା ସାହୁ, ମୟୂରଭଞ୍ଜ ଜିଲ୍ଲା ବିଜେଡି ସମ୍ପାଦକ ଗଙ୍ଗାଧର ହେମ୍ବ୍ରମ ଓ ନୀଳମାଧବ ସାବର ପ୍ରମୁଖ ଉପସ୍ଥିତ ଥିଲେ। ଆଦିବାସୀ ସମୁଦାୟଙ୍କ ଅଧିକାର, ମର୍ଯ୍ୟାଦା ଓ ସୁରକ୍ଷା ପାଇଁ ବିଜୁ ଜନତା ଦଳ ସର୍ବଦା କାର୍ଯ୍ୟ କରିଆସୁଛି। ନାରୀ ନିର୍ଯ୍ୟାତନାର ଶିକାର ହେଉଥିବା ପୀଡ଼ିତାମାନଙ୍କ ସହ ଓ ତାଙ୍କ ପରିବାରବର୍ଗଙ୍କ ସହ ବିଜୁ ଜନତା ଦଳ ସର୍ବଦା ରହିଆସିଛି ଏବଂ ପୀଡ଼ିତାଙ୍କୁ ନ୍ୟାୟ ଦେବା ପାଇଁ ବିଜେଡି ସର୍ବଦା ଲଢ଼େଇ ଜାରି ରଖିବ ବୋଲି ଦଳ ପକ୍ଷରୁ କୁହାଯାଇଛି।

# ଡ୍ରପ୍‌ଆଉଟ୍ ପାଇଁ ଓଡ଼ିଶାରେ ବଢ଼ୁଛି ବାଲ୍ୟ ବିବାହ

ଭୁବନେଶ୍ୱର,୧୯।୩(ସମିସ): ବାଲ୍ୟବିବାହ ସମ୍ପୂର୍ଣ୍ଣରୂପେ ବନ୍ଦ କରିବାକୁ ଓଡ଼ିଶା ସରକାର ମାଳମାଳ ଯୋଜନା ପ୍ରଣୟନ କରୁଛନ୍ତି। ଏଥିପାଇଁ ରାଜ୍ୟ ରାଜକୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। ପ୍ରତି ଶନିବାର 'ଅଦ୍ୱିକା' କାର୍ଯ୍ୟକ୍ରମ ଆୟୋଜନ କରାଯାଇ କିଶୋର ବାଳିକା, ବାଳକମାନଙ୍କୁ ବିଭିନ୍ନ ପ୍ରଶିକ୍ଷଣ ସହ ସଚେତନତା ତଥ୍ୟ ପ୍ରଦାନ କରାଯାଉଛି। ୧୨ ମାସରେ ୧୨ଟି ଥିମ୍ ବିଷୟରେ ପିଲାମାନଙ୍କୁ ପ୍ରଶିକ୍ଷଣ ଦିଆଯାଉଛି। ବିଭିନ୍ନ ସମ୍ପ୍ରଦାୟର ମୁଖିଆଙ୍କ ସହ ଜିଲ୍ଲାପାଳଙ୍କ ବୈଠକ ଆୟୋଜନ କରାଯାଇ ବାଲ୍ୟ ବିବାହର କୁପରିଣାମ ବିଷୟରେ ଅବଗତ କରାଯିବା ସହ ନିଜ ସମ୍ପ୍ରଦାୟରେ ଲୋକମାନଙ୍କୁ ସଚେତନ କରାଯିବାକୁ ନିର୍ଦ୍ଦେଶ ରହିଛି। କିନ୍ତୁ ବାଲ୍ୟବିବାହର ହାରାହାରି ସଂଖ୍ୟା ଜାତୀୟ ହାରଠାରୁ ଆଗରେ ରହି ଓଡ଼ିଶା ଏକ ଅଲୋଡ଼ା ରେକର୍ଡ ସୃଷ୍ଟି କରିଛି। ଏହି ଧାରା ଜାରି ରହିଲେ ୨୦୩୦ ମସିହା ସୁଦ୍ଧା ଓଡ଼ିଶାକୁ 'ବାଲ୍ୟବିବାହ ମୁକ୍ତ ରାଜ୍ୟ' କରିବା ପାଇଁ ସରକାର ଧାର୍ଯ୍ୟ କରିଥିବା ଲକ୍ଷ୍ୟ ପୂରଣ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ସରକାରୀ ଉଦାସୀନତା, ଲୋକଙ୍କ ମଧ୍ୟରେ ସଚେତନତାର ଅଭାବ ଦେଖିବାକୁ ମିଳୁଛି କିନ୍ତୁ, ସାମାଜିକ ବିଧି ବ୍ୟବସ୍ଥା ଓ ଡ୍ରପଆଉଟ୍ କାରଣରୁ ରାଜ୍ୟରେ ବାଲ୍ୟ ବିବାହ ବୃଦ୍ଧି ପାଉଥିବା ଜଣାପଡ଼ିଛି।

ନ୍ୟାସନାଲ୍ ଫ୍ୟାମିଲି ହେଲ୍‌ଥ ସର୍ଭେ-୫' ରିପୋର୍ଟ ଅନୁସାରେ, ବାଲ୍ୟବିବାହର ଜାତୀୟ ହାର ୨୩.୩% ରହିଥିବା ବେଳେ ଓଡ଼ିଶାର ୧୨ଟି ଜିଲ୍ଲାରେ ଏହି ହାର ଆହୁରି ଅଧିକ ରହିଛି। ବାଲ୍ୟ ବିବାହରେ ଉଦ୍‌ବେଗଜନକ ରେକର୍ଡ ସୃଷ୍ଟି କରିଥିବା ଏହି



ଜିଲ୍ଲାଗୁଡ଼ିକ ହେଉଛି-ନବରଙ୍ଗପୁରରେ ୩୯.୪%, ନୟାଗଡ଼ରେ ୩୫.୭%, କୋରାପୁଟରେ ୩୫.୫%, ରାୟଗଡ଼ାରେ ୩୩.୨%, ମାଲକାନଗିରିରେ ୩୨.୪%, ମୟୂରଭଞ୍ଜରେ ୩୧.୩%, କେନ୍ଦୁଝରରେ ୨୯%, ଗଜପତିରେ ୨୮.୧%, ବାଲେଶ୍ୱରରେ ୨୬.୪%, ବୌଦ୍ଧରେ ୨୫.୩%, ଅନୁଗୁଳରେ ୨୫% ରହିଛି। ଗତ ୬ ବର୍ଷରେ ରାଜ୍ୟରେ ୮ ହଜାର ୧୫୯ଟି ବାଲ୍ୟବିବାହ ରେକର୍ଡ କରାଯାଇଥିବା ବେଳେ ଗଞ୍ଜାମ ଜିଲ୍ଲାରେ ୯୬୬ଟି ଏବଂ କୋରାପୁଟରେ ୬୩୬ ବାଲ୍ୟବିବାହ ଅନୁଷ୍ଠିତ ହୋଇଛି। ଏହି ସମୟ ମଧ୍ୟରେ ନବରଙ୍ଗପୁରରେ ସର୍ବାଧିକ ୧୩୪୭ଟି ବାଲ୍ୟ ବିବାହ ହୋଇଛି।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏକଦା ବାଲ୍ୟବିବାହମୁକ୍ତ ଜିଲ୍ଲାର ମାନ୍ୟତା ପାଇଥିବା ଗଞ୍ଜାମ ଓ ଗଜପତି ଜିଲ୍ଲାରେ ପୁଣି ଥରେ ବାଲ୍ୟବିବାହ ହାର ବଢ଼ୁଥିବା ଲକ୍ଷ୍ୟ କରାଯାଉଛି। ତେବେ ବାଲ୍ୟ ବିବାହରେ ସବୁଠାରୁ ଆଗରେ ରହିଥିବା ନବରଙ୍ଗପୁର ଜିଲ୍ଲାରେ ଡ୍ରପ୍‌ଆଉଟ୍ ଏକ ମୁଖ୍ୟ କାରଣ ହୋଇଥିବା ସୂଚନା ରହିଛି। ଏନଏଫ୍‌ଏଚଏସ୍ ରିପୋର୍ଟ ଅନୁସାରେ, ଜିଲ୍ଲାରେ ମାଟ୍ରିକ୍ ପରେ ୧୫% ପ୍ରତିଶତ ଝିଅ ଉଚ୍ଚଶିକ୍ଷା ପାଇଁ ବାହାରକୁ ଯାଉଛନ୍ତି। ବଳକା ଛାତ୍ରୀ ଅର୍ଥାଭାବ ଏବଂ ପରିବାରରେ ସଚେତନତା ଅଭାବରୁ ପାଠପଢ଼ାରେ ଡୋରି ବାନ୍ଧୁଛନ୍ତି। ଜିଲ୍ଲାରେ ଶିକ୍ଷା ବ୍ୟବସ୍ଥା ବେଶ୍ ପଛରେ ରହିଛି। କାରଣ ଏଠାରେ ସମସ୍ତ ଗାଁଗୁଡ଼ିକରେ ବିଦ୍ୟାଳୟ ନଥିବାରୁ ଦୂର ଗାଁର ବିଦ୍ୟାଳୟକୁ ଜଙ୍ଗଲ ରାସ୍ତାରେ କିଶୋରୀ ବାଳିକା ପାଠ ପଢ଼ିବାକୁ ଯାଇଥାନ୍ତି। ଫଳରେ ଝିଅମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏକାକୀ ଛାଡ଼ିବାକୁ ଅଭିଭାବକମାନେ ଅନୁଚିତ୍ ମନେକରି ଅଧାରୁ ପାଠପଢ଼ା ଛାଡ଼ି ବିବାହ କରାଇଥା'ନ୍ତି। ସେହିପରି ଜିଲ୍ଲାରେ ଉଚ୍ଚ ବିଦ୍ୟାଳୟ ସଂଖ୍ୟା କମ୍ ସାଙ୍ଗକୁ କଲେଜ୍ ଗୁଡ଼ିକ ବି ଦୂରରେ ରହିଥିବା ବେଳେ ସିଟ୍ ସଂଖ୍ୟା କମ୍। ପ୍ରତିବର୍ଷ ଜିଲ୍ଲାରେ ପ୍ରାୟ ୧୫ ହଜାର ପିଲା ମାଟ୍ରିକ୍ ପରୀକ୍ଷା ଦେଉଥିବା ବେଳେ ଉଭୟ ସରକାରୀ ଓ ବେସରକାରୀ କଲେଜର ମୋଟ୍ ସିଟ୍ ସଂଖ୍ୟା ୯ ହଜାର। ତେଣୁ ବଳକା ୬ ହଜାର ପିଲାଙ୍କ ମଧ୍ୟରୁ ପ୍ରାୟ ୨ହଜାର ଧନୀ ଶ୍ରେଣୀର ପିଲା ଜିଲ୍ଲା ବାହାରକୁ ପଢ଼ିବାକୁ ଯାଇଥିବା ବେଳେ ୪ହଜାର ପିଲା ମାଟ୍ରିକ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ମଧ୍ୟ ପାଠପଢ଼ାରେ ଡୋରୀ ବାନ୍ଧିବାକୁ ବାଧ ହୋଇଥାନ୍ତି। ଫଳରେ ସେମାନେ ବାଲ୍ୟ ବିବାହର ଶିକାର ହୋଇଥା'ନ୍ତି। ପାଠପଢ଼ିବାରୁ ବଞ୍ଚିତ ହୋଇ ପଡ଼ୋଶୀ ରାଜ୍ୟ ଛତିଶଗଡ଼ରେ ଲଙ୍କା ତୋଳିବା ଅବା ହାଇଦରାବାଦରେ ପ୍ଲମ୍ବର କାମ କରିବାକୁ ଅନେକ ଚାଲିଯାଆନ୍ତି। ସେଠାରେ ଉଭୟ ପୁଅ ଝିଅ ଏକାଠି ରହିଥା'ନ୍ତି। ଯେତେବେଳେ ଉଭୟ ଗାଁକୁ ଫେରିଥା'ନ୍ତି, ଝିଅଟି ଗର୍ଭବତୀ ହୋଇଥିବା ଜଣାପଡ଼େ। ଫଳରେ ପରିବାର ଲୋକେ ବିବାହ କରିବାକୁ ବାଧ ହୋଇଥା'ନ୍ତି।

■ ସାମାଜିକ ବିଧିବ୍ୟବସ୍ଥା ଅନ୍ୟତମ କାରଣ
■ ଆଗରେ ରହିଛି ନବରଙ୍ଗପୁର ଓ ନୟାଗଡ଼

## ଆଳୁ ବୋଝେଇ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ; ଦୁଇ ମୃତ

ସୋର, ୧୯।୩ (ସମିସ): ବାଲେଶ୍ୱର ଜିଲ୍ଲା ଦେଇ ଯାଇଥିବା ୧୬ ନମ୍ବର ଜାତୀୟ ରାଜପଥର ସୋର ଥାନା ଅନ୍ତର୍ଗତ ତଳନଗର ପୋଲ ଉପରେ ଆଜି ଏକ ଦୁର୍ଘଟଣା ୨ଜଣଙ୍କ ଜୀବନ ନେଇଛି। ଏକ ଆଳୁ ବୋଝେଇ ଟ୍ରକ୍ ଡିଭାଇଡର୍‌କୁ ଧକ୍କା ଦେଇ ତଳକୁ ଖସିପଡ଼ିବାରୁ ଟ୍ରକ୍ ଚାଳକ ଏବଂ ଖଲାସୀଙ୍କ ମୃତ୍ୟୁ ହୋଇଛି। ଭୋର୍ ସମୟରେ ଏହି ଅଘଟଣ ଘଟିଛି। ମୃତକଦ୍ୱୟ ହେଲେ, ଟ୍ରକ୍ ଚାଳକ କାରୁ ରାୟ ଓ ହେଲପର୍ ପ୍ରସନ୍ନଜିତ ସିଂ। ସୂଚନାନୁଯାୟୀ, ପଶ୍ଚିମବଙ୍ଗରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଉକ୍ତ ଆଳୁ ବୋଝେଇ ଟ୍ରକ୍‌ଟି ତଳନଗର ନିକଟରେ ଅନ୍ୟ ଏକ ଗାଡ଼ିକୁ ଧକ୍କା ଦେବା ସହ ଡିଭାଇଡର୍‌କୁ ପିଟିଥିଲା। ଫଳରେ, ଗାଡ଼ିର ଚାଳକ ଓ ହେଲପର୍ ଆଳୁବସ୍ତା ସହ ପୋଲ ତଳକୁ ଖସି ପଡି ଚାପି ହୋଇ ରହିଥିଲେ।

## ପିଚୁ କାରଖାନାରେ ଅଗ୍ନିକାଣ୍ଡ

ସମ୍ବଲପୁର, ୧୯।୩ (ସମିସ): ସମ୍ବଲପୁର ଜିଲ୍ଲା ଯୁଯୋମୁରା ବ୍ଲକ୍ ଜୟନ୍ତପୁରସ୍ଥିତ 'ଅଗ୍ରୱାଲ ରସାୟନ' ପିଚୁ ଫ୍ୟାକ୍ଟ୍ରିରେ ଗୁରୁବାର ସକାଳୁ ନିଆଁ ଲାଗି ଲକ୍ଷାଧିକ ଟଙ୍କାର କ୍ଷୟକ୍ଷତି ହୋଇଛି। ଅଗ୍ନିଶମ ବିଭାଗର ତିନୋଟି ଟିମ୍ ଦୀର୍ଘ ୨ଘଣ୍ଟା କାଳ ପରିଶ୍ରମ କରି ନିଆଁକୁ ଆୟତ୍ତ କରିଛନ୍ତି। ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ସଂପତ୍ତି ନଷ୍ଟ ହୋଇଯାଇଛି। କିନ୍ତୁ ଏଥିରେ କେହି ମୃତାହତ ହୋଇନଥିବା ଜଣାଯାଇଛି।

ସୂଚନାନୁଯାୟୀ, ଗୁରୁବାର ଭୋର୍‌ରୁ ଜୟନ୍ତପୁରସ୍ଥିତ 'ଅଗ୍ରୱାଲ ରସାୟନ' ପିଚୁ ଫ୍ୟାକ୍ଟ୍ରିରେ ନିଆଁ ଲାଗି ଯାଇଥିଲା। ନିଆଁ ଲାଗିବା ସହ ସମଗ୍ର ଅଞ୍ଚଳ ଧୂଆଁମୟ ହୋଇଯାଇଥିଲା। ଅନ୍ୟପକ୍ଷରେ, ଏହି ପିଚୁ କାରଖାନା ପାଖରେ ଅଗ୍ନି ସୁରକ୍ଷା ସାର୍ଟିଫିକେଟ୍(ଏଫ୍‌ଏସି) ନଥିବା ଫାୟାର୍ ଷ୍ଟେସନ୍ ଇନ୍‌ଚାର୍ଜ କହିଛନ୍ତି। ସମ୍ବଲପୁର ଅଗ୍ନିଶମ ବିଭାଗ ପକ୍ଷରୁ ପୂର୍ବରୁ ଏଥିସକାଶେ କାରଖାନାକୁ ନୋଟିସ ମଧ୍ୟ ଜାରି କରାଯାଇଥିଲା। ଅଗ୍ନିକାଣ୍ଡକୁ ନେଇ ଅଗ୍ନିଶମ ବିଭାଗ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି।

## ଆଜିର ରାଶିଫଳ

**ମେଷ:** କର୍ମଚଞ୍ଚଳ ରହିବେ। ମନ ଖୁସି ରହିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇପାରେ। ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଉତ୍ତମ। ବ୍ୟବସାୟରୁ ଲାଭ ମିଳିବ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ବୃଷ:** ଦିନଟି ଚିନ୍ତାଜନକ ରହିବ। କଳା, ମନୋରଞ୍ଜନ ପ୍ରତି ଆଗ୍ରହ ବଢ଼ିବ। ପରିବାର ସହ କୌଣସି ଦୂର ସ୍ଥାନକୁ ଯାତ୍ରା କରିବେ। ପ୍ରିୟଜନଙ୍କଠାରୁ ଉପହାର ପାଇବେ।

**ମିଥୁନ:** ବ୍ୟବସାୟ ଓ ଧାର୍ମିକ କାର୍ଯ୍ୟ ପାଇଁ ଅନୁକୂଳ ସମୟ। ବ୍ୟାୟାମ, ଯୋଗ, ଉଚ୍ଚଶିକ୍ଷା, ଧ୍ୟାନ ଆଦି ପ୍ରତି ରୁଚି ବଢ଼ିବ। ଜମି ବିବାଦ ମାମଲା ସମାଧାନ ହେବ। ସାମାଜିକ କାର୍ଯ୍ୟରେ ସାମିଲ ହେବେ।

**କର୍କଟ:** କାର୍ଯ୍ୟ ସ୍ଥିତିରେ ସୁଧାର ଆସିଲେ ମଧ୍ୟ ସ୍ୱାସ୍ଥ୍ୟ ଭଲ ରହିବ ନାହିଁ। କୌଣସି ସ୍ଥାନକୁ ବୁଲିବାକୁ ଯାଆନ୍ତୁ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ଶତ୍ରୁଙ୍କଠାରୁ ଦୂରତ୍ୱ ରକ୍ଷା କରିବେ।

**ସିଂହ:** ଦାମ୍ପତ୍ୟ ଜୀବନ ସୁଖମୟ ହେବ। କିଛି କ୍ଷେତ୍ରରେ ଅସଫଳ ରହିବେ। କାଳୀ ମା'ଙ୍କ ପୂଜା କରନ୍ତୁ। ନୂଆ ଯୋଜନା ପାଇଁ ଉପଯୁକ୍ତ ସମୟ। ଯୋଗ, ଏକ୍ସରସାଇଜ୍ ପ୍ରତି ଆଗ୍ରହ ପ୍ରକାଶ କରିବେ।

**କନ୍ୟା:** ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ବିରୋଧୀଙ୍କଠାରୁ ଦୂରେଇ ରହିବେ। ପ୍ରେମିକ ପ୍ରେମିକାଙ୍କ ମଧ୍ୟରେ ଥିବା ଭୁଲ ବୁଝାମଣା ଦୂର ହେବ। ଛାତ୍ରଛାତ୍ରୀ ପ୍ରବେଶିକା ପରୀକ୍ଷାରେ ସଫଳ ହେବେ।

**ତୁଳା:** ବ୍ୟବସାୟରୁ ଲାଭ ମିଳିବ। ପରିବାର ସଦସ୍ୟଙ୍କ ସହ ମତାନ୍ତର ଦୂର ହେବ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସନ୍ତାନଙ୍କ ସହଯୋଗ ପ୍ରାପ୍ତ ହେବ। ଋଣ ସମସ୍ୟା ଦୂର ହେବ। ଧାର୍ମିକ ଯାତ୍ରା କରିପାରନ୍ତି।

**ବିଛା:** ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖା ଦେବ। କୋର୍ଟକଚେରୀ ମାମଲାରୁ ବିଜୟ ଲାଭ କରିବେ। ପ୍ରତିଯୋଗୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ। କମ୍ ସମୟରେ ଅଧିକ କାମ କରିବେ।

**ଧନୁ:** ପିଲାଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ ଉପରେ ଅଧିକ ଖର୍ଚ୍ଚ କରିବାକୁ ପଡ଼ିପାରେ। ଭଲ କାର୍ଯ୍ୟ ଯୋଗୁଁ ସମାଜରେ ପ୍ରତିଷ୍ଠା ବଢ଼ିବ। ମନୋରଞ୍ଜନ କାର୍ଯ୍ୟରେ ନିଜକୁ ସାମିଲ କରିବେ। ଅଫିସ୍‌ରେ ନୂଆ ଦାୟିତ୍ୱ ତୁଲାଇବେ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ଧନ ବୃଦ୍ଧି ସହ ଅର୍ଥ ସଞ୍ଚୟ କରିବେ। ବ୍ୟବହାରରେ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରିବେ। ଦାମ୍ପତ୍ୟ ଜୀବନ ହସଖୁସିରେ କଟିବ। ନିବେଶ ପାଇଁ ଅନୁକୂଳ ସମୟ।

**କୁମ୍ଭ:** ବ୍ୟବସାୟକୁ ମଜଭୁତ କରିବା ପାଇଁ ଅଧିକ ପ୍ରୟାସ କରିବାକୁ ହେବ। ସ୍ୱାସ୍ଥ୍ୟ ଭଲ ରହିବ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଛାତ୍ରଛାତ୍ରୀ ଦିନଚର୍ଯ୍ୟାରେ ପରିବର୍ତ୍ତନ ଆଣିବେ। ଅଫିସ୍ କାମରେ ବିଦେଶ ଯାତ୍ରା ଯୋଗ ରହିବ।

**ମୀନ:** କାର୍ଯ୍ୟ ଆରମ୍ଭ ପାଇଁ ଅନୁକୂଳ ସମୟ। ମାନସିକ ସ୍ୱାସ୍ଥ୍ୟରେ ସୁଧାର ଆସିବ। ପରୀକ୍ଷାର୍ଥୀ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ। ଅଫିସ୍‌ରେ ନୂଆ କାମ ଆରମ୍ଭ କରିବେ। ବିବାହ ପ୍ରସ୍ତାବ ଆସିବ।

## ଆଜିର ଇତିହାସ

- ୧୬୦୨- ୟୁନାଇଟେଡ୍ ଇଷ୍ଟ ଇଣ୍ଡିଆ କମ୍ପାନି ଅଫ୍ ନେଦରଲ୍ୟାଣ୍ଡର ସ୍ଥାପନା।
- ୧୯୨୦- ଲଣ୍ଡନ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ପ୍ରଥମ ବିମାନ ଉଡ଼ାଣ ଆରମ୍ଭ।
- ୧୯୭୭-ଇନ୍ଦିରା ଗାନ୍ଧୀ ଲୋକସଭା ନିର୍ବାଚନରେ ପରାଜିତ ହେଲେ।
- ୧୯୮୨- ଫ୍ରାନ୍ସ ପରମାଣୁ ପରୀକ୍ଷା କଲା।
- ୨୦୧୪- ଲେଖକ ଖୁସୱନ୍ତ ସିଂହଙ୍କ ପରଲୋକ।



# 'ବ୍ୟାଟଲ୍ ଅଫ୍ ଗଲୱାନ୍' ଟାଇଟଲ୍ ବଦଳିବାର କାରଣ କହିଲେ ନିର୍ଦ୍ଦେଶକ

ବଲିଉଡ୍‌ର ଦବଙ୍ଗ ଖାନ୍ ସଲମାନ୍‌ଙ୍କ ଫିଲ୍ମ 'ବ୍ୟାଟଲ୍ ଅଫ୍ ଗଲୱାନ୍'ର ନାଁ ଇତିମଧ୍ୟରେ ବଦଳି ଯାଇଛି। ଫିଲ୍ମର ଟାଇଟଲ୍ ଏବେ 'ମାତୃଭୂମି: ମେ ୱାର୍ ରେଷ୍ଟ ଇନ୍ ପିସ୍' ରଖାଯାଇଛି। ନିକଟରେ ଫିଲ୍ମର ପ୍ରଯୋଜକ ଏକ ପୋଷ୍ଟର୍ ସେୟାର୍ କରି ଟାଇଟଲ୍ ବିଷୟରେ ଘୋଷଣା କରିଛନ୍ତି। ଇତିମଧ୍ୟରେ ଏହାର ଟାଇଟଲ୍ ପରିବର୍ତ୍ତନ ହେବାର କାରଣ ମଧ୍ୟ ସାମ୍ନାକୁ ଆସିଛି। ଫିଲ୍ମର ଟାଇଟଲ୍ କାହିଁକି ବଦଳିଲା ସେସମ୍ପର୍କରେ ନିର୍ଦ୍ଦେଶକ ଅପୂର୍ବ ଲାଖିଆ ପ୍ରକାଶ କରିଛନ୍ତି। ଅପୂର୍ବ କହିଛନ୍ତି- 'ଆରମ୍ଭରୁ ଆମେ ଦୁଇଟି ଟାଇଟଲ୍ ରେଜିଷ୍ଟର କରୁଥିଲୁ। 'ବ୍ୟାଟଲ୍ ଅଫ୍ ଗଲୱାନ୍' ଓ 'ମାତୃଭୂମି'। ଫିଲ୍ମ ନିର୍ମାଣ କରିବା ସମୟରେ ଆମକୁ ଲାଗିଲା ଏହି ଫିଲ୍ମ କେବଳ ଯୁଦ୍ଧ ଉପରେ ଆଧାରିତ ନୁହେଁ। ପ୍ରକୃତରେ ଏହା ମାନବତା, ସହାନୁଭୂତି ତଥା ଏକ ନିରବ ଲଢ଼େଇ ଯାହାକୁ ଆମ ସୈନିକମାନେ ଲଢ଼ିଥାନ୍ତି। ଫିଲ୍ମରେ ଥିବା 'ମାତୃଭୂମି' ଗୀତକୁ ଦର୍ଶକ ବେଶ୍ ପସନ୍ଦ କରିବାରୁ ଏହାର ଟାଇଟଲ୍ 'ମାତୃଭୂମି: ମେ ୱାର୍ ରେଷ୍ଟ ଇନ୍ ପିସ୍' ରଖିବା ପାଇଁ ଭାବିଲୁ।' ଏଠାରେ ପ୍ରକାଶ ଥାଉ କି, ଫିଲ୍ମର କାହାଣୀ ୨୦୨୦ରେ ଗଲୱାନ୍ ଘାଟିରେ ଘଟିଥିବା ଭାରତ ଓ ଚୀନ୍ ସୈନିକଙ୍କ ମଧ୍ୟରେ ଘଟିଥିବା ସଂଘର୍ଷ ଉପରେ ଆଧାରିତ। ଏଥିରେ ସଲମାନ୍ କର୍ଣ୍ଣେଲ୍ ବି.ସନ୍ତୋଷ ବାବୁଙ୍କ ଭୂମିକାରେ ନଜର ଆସିବେ।

# ଓଡ଼ିଆଙ୍କ ପ୍ରିୟ ପଖାଳ

ଓଡ଼ିଆ ସଂସ୍କୃତିରେ ପଖାଳର ମହତ୍ତ୍ୱକୁ ନେଇ ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶଙ୍କ କଣ୍ଠରେ 'ଆସ ଜୀବନ ଧନ ମୋର ପଖାଳ କଂସା' ଗୀତର ଚାହିଦା ଆଜିବି କମି ନାହିଁ। ଏହା ପ୍ରତିଟି ଓଡ଼ିଆଙ୍କ ମନରେ ପଖାଳ ପ୍ରତି ଥିବା ଭଲପାଇବାକୁ ପୁନର୍ଜୀବିତ କରିଥାଏ। ଓଡ଼ିଆ ଜନଜୀବନ ସହିତ ପଖାଳର ସମ୍ପର୍କ ବହୁ ନିବିଡ଼ ଓ ପୁରାତନ। ଗାଁ ହେଉ ଅବା ସହର ଯେଉଁଠାରେ ବି ଓଡ଼ିଆ ଲୋକ ରୁହନ୍ତୁ ନା କାହିଁକି ପଖାଳ ପ୍ରତି ଥିବା ଲାଳସା କିନ୍ତୁ କମି ନ ଥାଏ। ଓଡ଼ିଆ ସଂସ୍କୃତି ଓ ପରମ୍ପରାରେ ପଖାଳର ଗୁରୁତ୍ୱକୁ ଆହୁରି ବଢ଼ାଇବା ପାଇଁ ମାର୍ଚ୍ଚ ୨୦କୁ 'ପଖାଳ ଦିବସ' ରୂପେ ପାଳନ କରାଯାଉଛି। ବିଶ୍ୱର କୋଣ ଅନୁକୋଣରେ ଥିବା ଓଡ଼ିଆମାନେ ଆଜିର ଦିନରେ ପଖାଳ ଖାଇ ଏହାକୁ ବେଶ୍ ଆଡ଼ମ୍ବରରେ ପାଳନ କରିଥାନ୍ତି । ହୋଟେଲ ଓ ରେଷ୍ଟୁରାଣ୍ଟଗୁଡ଼ିକ ମଧ୍ୟ ଏହି ଦିନରେ ସ୍ୱତନ୍ତ୍ର ପଖାଳ କଂସାକୁ ମେନ୍ୟୁରେ ସ୍ଥାନ ଦେଇଥାନ୍ତି । ପଖାଳର ନିବିଡ଼ତା ଓଡ଼ିଆ ଜାତି ସହ କାହିଁ କେଉଁ କାଳରୁ ଯୋଡ଼ି ହୋଇ ରହିଛି। ପ୍ରତିଟି ଓଡ଼ିଆଙ୍କ ଆରାଧ୍ୟ ଦେବତା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ମଧ୍ୟ ପଖାଳ ପ୍ରିୟ। ପୂର୍ବରୁ ପଖାଳ କେବଳ ଚାଷୀ ମୁଲିଆ ଶ୍ରେଣୀର ଲୋକଙ୍କ ଖାଦ୍ୟ ଭାବେ ପରିଗଣିତ ହେଉଥିଲା। ସମୟ ବଦଳିବା ସହ ଲୋକଙ୍କ ରୁଚିରେ ମଧ୍ୟ ଢେର୍ ପରିବର୍ତ୍ତନ ଆସିଲାଣି । ଏପରିକି ପଞ୍ଚତାରକା ହୋଟେଲ ଏବଂ ରେସ୍ତୋରାଁର ଖାଦ୍ୟ ମେନୁରେ ମଧ୍ୟ ପଖାଳ ସ୍ଥାନ ପାଇଲାଣି । ଗ୍ରାହକଙ୍କ ଚାହିଦାକୁ ନଜରରେ ରଖି ବିଭିନ୍ନ ବଡ଼ ବଡ଼ ରେସ୍ତୋରାଁମାନେ ମଧ୍ୟ ପଖାଳ ସାଙ୍ଗକୁ ଭଳିକି ଭଳି ଆନୁସଙ୍ଗିକ ଖାଦ୍ୟ ପରଷୁଥିବା ନଜରକୁ ଆସୁଛି । ପଖାଳ ସାଙ୍ଗକୁ ବଡ଼ି ଚୁରା, ଭଜା, ଶାଗ, ମାଛ ଭଜା, ଆଳୁ ଭର୍ତ୍ତା, ବାଇଗଣ ପୋଡ଼ା । ଏପରିକି ହୋଟେଲମାନଙ୍କରେ ମାଛ ପୋଡ଼ା, ଛତୁ ପୋଡ଼ା ମଧ୍ୟ ଦିଆଯାଉଛି । ଗରିବ ଲୋକଟିଏ ପାଇଁ ପଖାଳ ସାଙ୍ଗରେ ପିଆଜ, ଲୁଣ ଆଉ ଲଙ୍କା ଟିକେ ହେଲେ ତା'ର ଉଦର ଶାନ୍ତି । ପଖାଳ ଦେହ ପାଇଁ ବହୁ ଉପକାରୀ। ଲୋକେ ଭାତରେ ପାଣି ପୂରାଇ ଏହାକୁ ଚାଇଁ ପଖାଳ ତଥା ସଜ ପଖାଳ, ଦହି ପଖାଳ ଓ ବାସି ପଖାଳ ଭାବେ ଖାଇଥାନ୍ତି। ସେହିପରି ପଖାଳ ସହ ଶୁଖୁଆ, ଚୂନା ମାଛ, ଭଜା, ବଡ଼ି ଓ ଛତୁ ଆଦି ପରଷା ଯାଏ। ଖରାଦିନେ ତାତିରୁ ଆରାମ, ପେଟ ଗରମରୁ ରକ୍ଷା ତଥା ଦେହରେ ଜଳୀୟ ଅଂଶକୁ ଠିକ୍ ରଖିବା ପାଇଁ ପଖାଳ ରାମବାଣ ଭଳି କାମ ଦିଏ। ବିଶ୍ୱର କୋଣ ଅନୁକୋଣରେ ଓଡ଼ିଆଙ୍କର ଏହି ପାରମ୍ପରିକ ଓ ସୁସ୍ୱାଦୁ ଖାଦ୍ୟକୁ ଲୋକପ୍ରିୟ କରାଇବାକୁ ମାର୍ଚ୍ଚ ୨୦ ତାରିଖକୁ 'ବିଶ୍ୱ ପଖାଳ ଦିବସ' ଭାବେ ପାଳନ କରାଯାଉଛି। କେବଳ ଓଡ଼ିଶାରେ ରହୁଥିବା ଲୋକ ନୁହଁନ୍ତି, ବରଂ ରାଜ୍ୟ ତଥା ଦେଶ ବାହାରେ ରହୁଥିବା ପ୍ରତ୍ୟେକ ଓଡ଼ିଆ ଏହି ଦିନ ପଖାଳ ଖାଇ ଏହି ଦିବସକୁ ପାଳନ କରିବା ସହ ଗ୍ରୀଷ୍ମକୁ ସ୍ୱାଗତ କରିଥାନ୍ତି ।



# ଘରଚଟିଆଙ୍କ ପାଇଁ ଦିନଟିଏ



ଗାଁ ସୁନ୍ଦରତାର ଏକ ସ୍ୱତନ୍ତ୍ର ପରିଚୟ ହେଉଛି ଘରଚଟିଆ। ସକାଳ ହେଲେ ଘରଚଟିଆର କିଚିରିମିଚିରି ଶବ୍ଦରେ ଗାଁ ପରିବେଶ ପୂରି ଉଠେ । ପରିବେଶ ସୁନ୍ଦରତାର ସାରଥୀ ସାଜିଥିବା ଏହି ପକ୍ଷୀ ଏବେ ବିଲୁପ୍ତ ପ୍ରାୟ। ଘରଚଟିଆଙ୍କ ସଂଖ୍ୟା ଦିନକୁ ଦିନ ହ୍ରାସ ପାଉଥିବାରୁ ସେମାନଙ୍କ ସୁରକ୍ଷା ଉଦ୍ଦେଶ୍ୟରେ ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ମାର୍ଚ୍ଚ ୨୦ ତାରିଖକୁ 'ବିଶ୍ୱ ଘରଚଟିଆ ଦିବସ' ଭାବେ ପାଳନ କରାଯାଏ। ହେଲେ ଏବେ ମଣିଷ ସମାଜ ତଥା ଚାଷୀର ପରମ ବନ୍ଧୁ ଭାବେ ବେଶ୍ ଜଣାଶୁଣା ଏହି ଘରଚଟିଆ ଗାଁ ଗହଳିରେ ଆଉ ଦେଖିବାକୁ ମିଳୁନାହାନ୍ତି । ଗାଁରେ ଥିବା ଚାଳିଆ ଘରେ ଘରଚଟିଆ ବାସ କରି ରହୁଥିଲେ। ବର୍ତ୍ତମାନ ଗାଁ ଗହଳିରେ ପ୍ରାୟ ଚାଳିଆ ଘର ନ ଥିବା ଯୋଗୁଁ ଏହି ପକ୍ଷୀ ଆଉ ଦେଖା ଯାଉନାହାନ୍ତି। ଏହା ମଧ୍ୟ ଘରଚଟିଆ ବିଲୁପ୍ତ ହେବାର ଏକ ମୁଖ୍ୟ କାରଣ ବୋଲି କୁହାଯାଇପାରେ। ପ୍ରାୟ ଚାଳଘର ପକ୍କାଘରରେ ପରିବର୍ତ୍ତନ ହେବା ପରେ ଘରଚଟିଆଙ୍କ ସଂଖ୍ୟା କମିଯାଉଛି। ଖାଲି ସେତିକି ନୁହଁ, ବହୁଳ ମାତ୍ରାରେ ମୋବାଇଲ ବ୍ୟବହାର ଯୋଗୁଁ ଟାୱାରରୁ ବାହାରୁଥିବା ତରଙ୍ଗ ହେତୁ ଘରଚଟିଆଙ୍କ ସଂଖ୍ୟା ବିଶେଷ ଭାବରେ କମି ଯାଉଥିବା କୁହାଯାଉଛି। ଅନେକ ଅଞ୍ଚଳରେ ଘରଚଟିଆକୁ ଶୁଭ ବୋଲି ବିବେଚନା କରାଯାଏ। ସେଥିପାଇଁ କେତେକ ଆଦିବାସୀ ସମ୍ପ୍ରଦାୟରେ ଘରକାନ୍ଥରେ ସେମାନଙ୍କ ଚିତ୍ର ଅଙ୍କନ କରାଯାଇ ଥିବା ଦେଖିବାକୁ ମିଳେ। ପୂର୍ବରୁ ଘରଚଟିଆମାନେ ଚାଳ ଘରଗୁଡ଼ିକରେ ବସା ବାନ୍ଧି ରହୁଥିଲେ, ଅଣ୍ଡାରୁ ଛୁଆ ଫୁଟାଉଥିଲେ। ବିଭିନ୍ନ କାରଣରୁ ଏବେ କିନ୍ତୁ ଏହି ପକ୍ଷୀ ବିଲୁପ୍ତି ପଥରେ। ଭାରତୀୟ ପରିବେଶବିତ୍ ମହମ୍ମଦ ଦିଲାୱର୍‌ଙ୍କ ଦ୍ୱାରା ପ୍ରତିଷ୍ଠିତ 'ଦ ନେଚର୍ ଫର୍ଏଭର୍ ସୋସାଇଟି' ଦ୍ୱାରା ଏହି ଦିବସ ପାଳନ ଦିଗରେ ପଦକ୍ଷେପ ଆରମ୍ଭ କରାଯାଇଥିଲା। ୨୦୧୦ ମସିହାରେ ପ୍ରଥମ ଥର ପାଇଁ 'ବିଶ୍ୱ ଘରଚଟିଆ ଦିବସ' ପାଳନ କରାଯାଇଥିଲା। ବହୁମାତ୍ରାରେ କୀଟନାଶକ ବ୍ୟବହାର, ଗୃହନିର୍ମାଣ ଢାଞ୍ଚାରେ ପରିବର୍ତ୍ତନ ଓ ଘର ସହ ସଂଲଗ୍ନ ବଗିଚା ହ୍ରାସ ଏହି ପକ୍ଷୀଙ୍କ ହ୍ରାସର ମୁଖ୍ୟ କାରଣ କୁହାଯାଉଛି। ଏହା ସହିତ ମୋବାଇଲ୍ ଓ ଟିଭି ଟାୱାରଗୁଡ଼ିକର ବିକିରଣ ଘରଚଟିଆମାନଙ୍କ ବଂଶକ୍ଷୟର ଅନ୍ୟତମ କାରଣ ହୋଇଛି। ଘରଚଟିଆ ପ୍ରକୃତିର ଏକ ଅମୂଲ୍ୟ ଉପହାର। ବିଶ୍ୱ ଘରଚଟିଆ ଦିବସ ଆମକୁ ସେମାନଙ୍କ ସଂରକ୍ଷଣ ପାଇଁ ସଚେତନ କରେ। ଘରଚଟିଆ ଓ ଅନ୍ୟାନ୍ୟ ପକ୍ଷୀମାନଙ୍କ ସୁରକ୍ଷା ନିମନ୍ତେ ଅଂଶଗ୍ରହଣ କରିବା ପାଇଁ ଏହି ଦିବସ ବାର୍ତ୍ତା ଦିଏ।

## ସଞ୍ଜୀବନୀ

## 'ସକାଳ'ର ସ୍ୱାସ୍ଥ୍ୟ

# ବୋନ୍ ଟିବି

ଟିବି ବା ଟ୍ୟୁବରକୁଲୋସିସ୍ ଏକ ସଂକ୍ରାମକ ରୋଗ। ଏହା ସାଧାରଣତଃ ଫୁସ୍‌ଫୁସ୍‌ରେ ହୋଇଥାଏ । ହେଲେ ଫୁସ୍‌ଫୁସ୍ ପରି ଅସ୍ଥିରେ ବି ଟିବି ହୋଇଥାଏ। ବୋନ୍ ଟିବି ଏକ ଗମ୍ଭୀର ସଂକ୍ରାମକ ରୋଗ। ଏହା ମାଇକୋବ୍ୟାକ୍ଟେରିୟମ୍ ଟ୍ୟୁବରକୁଲୋସିସ୍ ଜୀବାଣୁ ଯୋଗୁଁ ହୋଇଥାଏ। ଏଥିରେ ରକ୍ତ ଜରିଆରେ ଜୀବାଣୁ ଅସ୍ଥିରେ ପହଞ୍ଚିଥାନ୍ତି। ଏହାଦ୍ୱାରା ମାଂସପେଶୀ ଯନ୍ତ୍ରଣା ହେଉଥିବାରୁ ଏହାକୁ ସାମାନ୍ୟ ଭାବି ଅନେକ ପେନ୍‌କିଲର ଖାଇଦେଇଥାନ୍ତି। ଫଳରେ ବୋନ୍ ଟିବିର ଚିକିତ୍ସାରେ ଅବହେଳା ହେଲେ ଶରୀରର ସନ୍ଧିଗୁଡିକ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇପାରେ।

**କାରଣ:** ବିଶୃଙ୍ଖଳିତ ଜୀବନ ଶୈଳୀ, ଭୂତାଣୁଜନିତ ରୋଗରେ ଆକ୍ରାନ୍ତ ହୋଇଥିଲେ, ଶରୀରର ପୁଷ୍ଟିକର ଏବଂ ରୋଗପ୍ରତିରୋଧକ ଶକ୍ତି ଦୁର୍ବଳ ଥିଲେ ଏହି ସମସ୍ୟା ହେବାର ଆଶଙ୍କା ଅଧିକ ଥାଏ। ଶରୀରରେ ରୋଗପ୍ରତିରୋଧକ ଶକ୍ତି କମ୍ ହେଲେ ଟ୍ୟୁବରକୁଲୋସିସର ସଂକ୍ରମଣ ଶରୀରର ଯେକୌଣସି ଅଙ୍ଗ କିମ୍ବା ଅସ୍ଥିରେ ହୋଇପାରେ।

**ଲକ୍ଷଣ:** ଚଲାବୁଲାରେ ସମସ୍ୟା, ଖଞ୍ଜାଗୁଡିକୁ ଚଳପ୍ରଚଳ କରିବାରେ କଠିନତା, ଏକ ନିର୍ଦ୍ଦିଷ୍ଟ ସନ୍ଧି କିମ୍ବା ହାଡ଼ ସ୍ଥାନରେ ଫୁଲା, କଠିନତା, ଅସ୍ଥି ଦୁର୍ବଳ ଯୋଗୁ ପକ୍ଷାଘାତ, ଅସ୍ଥିରତା ଆଦି ସମସ୍ୟା ହୋଇପାରେ। ମେରୁଦଣ୍ଡର ବକ୍ରତା, ହାଲୁକା ଜ୍ୱର, ରାତିରେ ଶରୀରରୁ ଝାଳ ବାହାରିବା, ଭୋକ ନଲାଗିବା ଆଦି ଲକ୍ଷଣ ଦେଖାଯାଇଥାଏ।

**ଚିକିତ୍ସା:** ଅସ୍ଥିରେ ହେଉଥିବା ଟିବିର ନିରାକରଣ ପାଇଁ ସଠିକ୍ ସମୟରେ ଏହାର ଲକ୍ଷଣକୁ ଚିହ୍ନଟ କରି ଗୁରୁତ୍ୱପୂର୍ଣ୍ଣ ଟେଷ୍ଟ କରାଯାଏ। ଚିକିତ୍ସା ପାଇଁ ପାଖାପାଖି ୯ ମାସରୁ ଦେଢ଼ ବର୍ଷ ସମୟ ଲାଗିପାରେ। ଜୀବନଶୈଳୀରେ ପରିବର୍ତ୍ତନ, ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଁ ପୁଷ୍ଟିକରଯୁକ୍ତ ଖାଦ୍ୟ ସେବନ କରିବା ଆବଶ୍ୟକ ।



# ସୁସ୍ଥ ମୁଖ, ସୁଖୀ ଜୀବନ



ଭଲ ମୁଖ ସ୍ୱାସ୍ଥ୍ୟ ପ୍ରତ୍ୟେକ ବୟସରେ ସାମଗ୍ରିକ ସୁସ୍ଥତା, ଆତ୍ମବିଶ୍ୱାସ ଏବଂ ଜୀବନର ଗୁଣବତ୍ତା ପାଇଁ ମୌଳିକ ଆବଶ୍ୟକତା। ମୁଖଗହ୍ୱର ସ୍ୱାସ୍ଥ୍ୟ ସମସ୍ତ ଶରୀର ସ୍ୱାସ୍ଥ୍ୟର ପ୍ରତିବିମ୍ବ । ତେଣୁ ପାଟିର ସ୍ୱାସ୍ଥ୍ୟ ତଥା ସ୍ୱଚ୍ଛତା ପ୍ରତି ଲୋକଙ୍କୁ ସଚେତନ କରିବା ପାଇଁ ପ୍ରତିବର୍ଷ ମାର୍ଚ୍ଚ ୨୦ ତାରିଖକୁ 'ବିଶ୍ୱ ମୁଖ ସ୍ୱାସ୍ଥ୍ୟ ଦିବସ' ଭାବେ ପାଳନ କରାଯାଇଥାଏ। ଚଳିତ ବର୍ଷର ବିଷୟବସ୍ତୁ ହେଉଛି: 'A Happy Mouth is a Happy Life' ଅର୍ଥାତ୍ ଏକ ସୁସ୍ଥ ପାଟି ହେଉଛି ଏକ ସୁଖୀ ଜୀବନ। ମୁଖ ସ୍ୱାସ୍ଥ୍ୟ ଅର୍ଥ ହେଉଛି ଦାନ୍ତ, ମାଢ଼ି, ଜିଭ ଏବଂ ସମ୍ପୂର୍ଣ୍ଣ ମୁଖକୁ ସଫା ଏବଂ ରୋଗମୁକ୍ତ ରଖିବା। କାରଣ ଖରାପ ମୁଖ ସ୍ୱାସ୍ଥ୍ୟ ହୃଦ୍‌ରୋଗ, ଷ୍ଟ୍ରୋକ୍, ନିମୋନିଆ, ମଧୁମେହ, ଆଲଜାଇମର ରୋଗ ଏବଂ ଗର୍ଭବତୀ ମହିଳାମାନଙ୍କ ମଧ୍ୟରେ ପ୍ରସବର ଯଥେଷ୍ଟ ସମୟ ପୂର୍ବରୁ ତଥା କମ୍ ଓଜନର ଶିଶୁ ପ୍ରସବ ହେବାର ବିପଦ ସହିତ ଜଡ଼ିତ । ତେଣୁ ମୁଖ ସ୍ୱାସ୍ଥ୍ୟକୁ ସୁରକ୍ଷା ଦେବା ପାଇଁ, ପ୍ରତିଦିନ ମୁଖ ପରିଷ୍କାର ଅଭ୍ୟାସ କରିବା ଆବଶ୍ୟକ।

- ପ୍ରତ୍ୟେକ ଖାଦ୍ୟ ପରେ ଦାନ୍ତ ଘଷନ୍ତୁ। ଦିନକୁ ଅତି କମ୍‌ରେ ସକାଳେ ଏବଂ ରାତିରେ ଶୋଇବା ପୂର୍ବରୁ ଫ୍ଲୋରାଇଡ୍ ଟୁଥ୍‌ପେଷ୍ଟ ବ୍ୟବହାର କରି ନରମ ବ୍ରଶ୍ ସହିତ ଦୁଇ ମିନିଟ୍ ପାଇଁ ଦାନ୍ତ ଘଷନ୍ତୁ।
- ମାଢ଼ି ତଳୁ ଏବଂ ଦାନ୍ତ ମଧ୍ୟରେ ପ୍ଲାକ୍ ଏବଂ ଖାଦ୍ୟ ପଦାର୍ଥ ବାହାର କରିବାକୁ ପ୍ରତିଦିନ ଦାନ୍ତ ଫ୍ଲସ୍ କରନ୍ତୁ। ଫ୍ଲସ୍ କରିବା ପରେ ଛାଡିଥିବା ଖାଦ୍ୟ କଣିକାକୁ ବାହାର କରିବାକୁ ମାଉଥୱାସ୍ ବ୍ୟବହାର କରନ୍ତୁ ।
- ଜିଭକୁ ବ୍ରଶ୍ କରନ୍ତୁ ଏବଂ ମାଢିକୁ ଆଙ୍ଗୁଠି ସାହାଯ୍ୟରେ ମାଲିସ କରନ୍ତୁ, ଏହା ମାଢ଼ିର ରକ୍ତ ସଞ୍ଚାଳନକୁ ବୃଦ୍ଧି କରିଥାଏ ।



ଡାକ୍ତର ଅଶୋକ କୁମାର ମହାନ୍ତି

- ପ୍ରତି ତିନି ମାସ ଅନ୍ତରରେ ଟୁଥବ୍ରଶ୍ ପରିବର୍ତ୍ତନ କରନ୍ତୁ। ଜ୍ୱର, ଥଣ୍ଡା, ଫ୍ଲୁ ଅଥବା ପାଟିରେ ଘା' ହେବାରୁ ସୁସ୍ଥ ହେଲା ପରେ ନୂଆ ଟୁଥବ୍ରଶ୍ ବ୍ୟବହାର କରନ୍ତୁ। ପ୍ରଚୁର ପାଣି ପିଅନ୍ତୁ ।
- ସନ୍ତୁଳିତ ଖାଦ୍ୟ ଯଥା- ଫଳ, ପରିବା, ଶସ୍ୟ, କ୍ଷୀରଜାତ ଦ୍ରବ୍ୟ, ମାଂସ, ମାଛ ଏବଂ ଅଣ୍ଡା ସହ ଭିଟାମିନ୍ A, C, D, କ୍ୟାଲସିୟମ ଓ ଫସଫରସ୍ ଯୁକ୍ତ ଖାଦ୍ୟ ଉପରେ ଧ୍ୟାନ ଦିଅନ୍ତୁ। ମିଠା କିମ୍ବା ଚିକ୍କଣଯୁକ୍ତ ଖାଦ୍ୟ ଖାଆନ୍ତୁ ନାହିଁ ।
- ମୁଖ ସମସ୍ୟାର ପ୍ରାରମ୍ଭିକ ଚିହ୍ନଟ ପାଇଁ ନିୟମିତ ଭାବରେ ପ୍ରତି ଛଅ ମାସରେ ଦନ୍ତ ଶଲ୍ୟ ଚିକିତ୍ସକଙ୍କ ସହିତ ପରାମର୍ଶ କରନ୍ତୁ ।
- ମୁଖ କର୍କଟ, ମାଢି ରୋଗ ଏବଂ ଦାନ୍ତ କ୍ଷତିର ବିପଦ ହ୍ରାସ କରିବା ପାଇଁ ତମାଖୁ ସେବନ ଓ ମଦ୍ୟପାନକୁ ବର୍ଜନ କରନ୍ତୁ।

ତେଣୁ ଏକ ସୁସ୍ଥ ମୁଖ ସ୍ୱାସ୍ଥ୍ୟ ଏବଂ ସୁଖୀଜୀବନ ପାଇଁ ବିଶ୍ୱ ମୁଖ ସ୍ୱାସ୍ଥ୍ୟ ଦିବସରେ ହସକୁ ପ୍ରାଥମିକତା ଦେବାକୁ ପ୍ରତିଜ୍ଞା କରିବା ଏବଂ ସୁସ୍ଥ ଦାନ୍ତ ତଥା ମାଢ଼ିର ଗୁରୁତ୍ୱ ବିଷୟରେ ସଚେତନତା ପ୍ରସାର କରିବା।

ମାଟିମଣ୍ଡପ ସାହି, ପାଟଣା ଲେନ୍, ପୁରୀ ଟାଉନ୍

# ଆଣ୍ଟି ଏଚ୍‌ସିଭି ଟେଷ୍ଟ




ଆଜିକାଲିର ବିଶୃଙ୍ଖଳିତ ଜୀବନଶୈଳୀ ଯୋଗୁଁ ଲୋକମାନେ ନାନା ରୋଗରେ ଆକ୍ରାନ୍ତ ହେଉଛନ୍ତି। ତେବେ ଲଗାତାର ଥକ୍କାଲାଗିବା, କାମଳ, କ୍ରୋନିକ ଯକୃତ ସଂକ୍ରମଣ, ରକ୍ତଦାନ କରିବା ସମୟରେ ଆଣ୍ଟି ଏଚ୍‌ସିଭି ଟେଷ୍ଟ କରିବା ଏକାନ୍ତ ଆବଶ୍ୟକ। ଆଣ୍ଟି ଏଚ୍‌ସିଭିକୁ ହେପାଟାଇଟିସ୍ ସି ଭାଇରସ୍ ଆଣ୍ଟିବଡି ଟେଷ୍ଟ ନାଁରେ ଜଣାଯାଏ। ଏହା ଏକ ଗୁରୁତ୍ୱପୂର୍ଣ୍ଣ ରକ୍ତ ପରୀକ୍ଷା। ଏଥିରୁ ରକ୍ତ ପ୍ରବାହରେ ହେପାଟାଇଟିସ୍ ସି ଭୂତାଣୁର ଆଣ୍ଟିବଡିକୁ ଚିହ୍ନଟ କରାଯାଏ। ଏଚ୍‌ସିଭି ଆଣ୍ଟିବଡି ପ୍ରୋଟିନ୍ ଅଟେ। ଏହା ପ୍ରତିରକ୍ଷାପ୍ରଣାଳୀ ହେପାଟାଇଟିସ୍ ସି ସହିତ ଲଢ଼ିବା ପାଇଁ ତିଆରି ହୁଏ। ଶରୀରରେ ହେପାଟାଇଟିସ୍ ସି ଭୂତାଣୁ ଅଛି କି ଏହି ଟେଷ୍ଟରୁ ଜଣାପଡ଼େ। ଆଣ୍ଟି ଏଚ୍‌ସିଭି ଟେଷ୍ଟ ରକ୍ତରେ ଯକୃତକୁ କ୍ଷତି ପହଞ୍ଚାଉଥିବା ଭୂତାଣୁର ଚିହ୍ନଟ, କ୍ରୋନିକ ସଂକ୍ରମଣକୁ ସୂଚାଏ। ଏହି ଟେଷ୍ଟ ସର୍ଜରୀ ପୂର୍ବରୁ ବହୁତ ଗୁରୁତ୍ୱପୂର୍ଣ୍ଣ। ଟେଷ୍ଟରେ ପଜିଟିଭ ରିପୋର୍ଟର ଅର୍ଥ ଭୂତାଣୁରେ ସଂକ୍ରମଣ ହୋଇଛନ୍ତି। ଏହି ରୋଗର ନିରୂପଣ ହେଲେ ଚିକିତ୍ସା ପାଇଁ ବିଶେଷଜ୍ଞମାନେ ଗୁରୁତ୍ୱପୂର୍ଣ୍ଣ ଟେଷ୍ଟ କରିଥାନ୍ତି। ତୁରନ୍ତ ସଂକ୍ରମଣ ନିଶ୍ଚିତ କରିବାକୁ ଏଚ୍‌ସିଭି ଆର୍‌ଏନ୍‌ଏ ଟେଷ୍ଟର ଆବଶ୍ୟକ ହୋଇଥାଏ।

## ଘର ବଇଦ

# ହାତ-ପାଦ ଜ୍ୱଳା

- ନାଗେଶ୍ୱର ଫୁଲ ଚୂର୍ଣ୍ଣ ଶତଧୌତ ଘୃତ ଅଭାବେ ପୁରୁଣା ଘିଅ ସହ ମିଶାଇ ହାତ ପାଦରେ ମାଲିସ୍ କରିବେ। ପୁରୁଣା ଘିଅ ନ ମିଳିଲେ ସଜ ଘିଅରେ କରିବେ।
- କଇଞ୍ଚିକାକୁଡ଼ି ପତ୍ର ରସ ଦୁଇ ତୋଳା, ରାଶିତେଲ ଦୁଇ ତୋଳା ଏକତ୍ର କଂସାପାତ୍ରରେ ରଖି ଖରାରେ ରଖିବେ। ହାତ ସହିବା ଭଳି ଗରମ ହେଲେ ସେଥିରୁ କିଛି ମୁଣ୍ଡରେ, କିଛି ହାତ ପାପୁଲି ଓ ପାଦରେ ମାଲିସ୍ କରିବେ।
- ବରକୋଳି ପତ୍ର ରସ ହାତ ପାଦରେ ମାଲିସ କରିଲେ ହାତ-ପାଦ ଜ୍ୱଳାରୁ ଉପଶମ ମିଳିଥାଏ।
- ଅମରପୋଇ ପତ୍ର ବାଟି ଲଗାଇବେ।
- ଅଗସ୍ତି ଫୁଲର ରସ ହାତ ଓ ପାଦରେ ମାଲିସ୍ କରିବେ।
- ଦହିଦହିକା ଗଛର ଚେର ସୁକି ଓଜନ ସେଥିରେ ସାତଟି ଗୋଲମରିଚ ମିଶାଇ ବାଟି ଖାଇବେ, ଏହିପରି ଅନ୍ତତଃ ସାତ ଦିନ ଖାଇଲେ ହାତ ପାଦ ଜ୍ୱଳାରୁ ଆରାମ ମିଳେ। (ଦିନକୁ ଏକ ପାନ)।

(ଲକ୍ଷ୍ମଣ ମିଶ୍ରଙ୍କ ଦ୍ୱାରା ଲିଖିତ ପୁସ୍ତକରୁ ଉଦ୍ଧୃତ)



### ଆଇପିଏଲ୍‌ରେ ଖେଳୁଛନ୍ତି ବିଶ୍ୱର ସୁପରଷ୍ଟାର

# 'ପିଏସ୍‌ଏଲ ହେଉଛି ରିଟାୟର୍ଡ କ୍ରିକେଟ ଲିଗ୍'







କରାଚି,୧୯।୩(ଏଜେନ୍ସି): ଆଇପିଏଲ ବା ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ଖେଳୁଛନ୍ତି ବିଶ୍ୱର ସୁପରଷ୍ଟାର। କିନ୍ତୁ ପିଏସଏଲ୍ ବା ପାକିସ୍ତାନ ପ୍ରିମିୟର ଲିଗ୍‌ରେ ଖେଳୁଛନ୍ତି ଅବସରପ୍ରାପ୍ତ ଖେଳାଳି ଓ କମେଣ୍ଟେଟର। ଏମାନଙ୍କୁ ନେଇ ପାକିସ୍ତାନ ବିଶ୍ୱବିଜୟୀ ହେବାକୁ ଚେଷ୍ଟା କରୁଛି। ପାକିସ୍ତାନ କ୍ରିକେଟ ବୋର୍ଡ ଏପରି ଏକ ସଂସ୍ଥା ଯାହା ନିକଟରେ କିଛି ଲକ୍ଷ୍ୟ, ଯୋଜନା କିମ୍ବା ମାର୍ଗଦର୍ଶନ ନାହିଁ। ଏଭଳି ବୋର୍ଡ ପାକିସ୍ତାନରେ କ୍ରିକେଟ୍‌କୁ ଧ୍ୱଂସ କରିଦେବ ବୋଲି କହିଛନ୍ତି ଦେଶର ପୂର୍ବତନ ଓପନର ଅହମ୍ମଦ୍ ସେହଜାଦ୍। ନିଜ ୟୁଟ୍ୟୁବ୍ ଚ୍ୟାନେଲରେ ଆଇପିଏଲ୍ ସହ ତୁଳନା କରି ପିଏସ୍‌ଏଲ୍‌କୁ 'ରିଟାୟର୍ଡ କ୍ରିକେଟ ଲିଗ୍' ବୋଲି ବର୍ଣ୍ଣନା କରିଛନ୍ତି ସେହଜାଦ୍। ନିକଟରେ ଅନୁଷ୍ଠିତ ଟି-୨୦ ବିଶ୍ୱକପ୍ ଓ ବାଂଲାଦେଶ ବିପକ୍ଷ ଦିନିକିଆ ସିରିଜ୍‌ରେ ପାକିସ୍ତାନର ଦୁର୍ବଳ ପ୍ରଦର୍ଶନକୁ ସମାଲୋଚନା କରି ସେ ଏହା କହିଛନ୍ତି।

ଅନ୍ୟପକ୍ଷରେ ସେ ଆଇପିଏଲ୍‌କୁ ଭୂୟସୀ ପ୍ରଶଂସା କରିଛନ୍ତି। ଆଇପିଏଲ୍‌ରେ ପ୍ରଚୁର ପରିମାଣରେ ଅର୍ଥ ବିନିଯୋଗ କରାଯାଉଛି। ନୂଆ ଖେଳାଳିଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ଓ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି ଓ ଦେଶ ବାହାରର ଖେଳାଳିମାନଙ୍କୁ ଉପଯୁକ୍ତ ଅର୍ଥରାଶି ଦେଇ ଦଳରେ ସାମିଲ କରାଯାଉଛି। ଏହା ଫଳରେ ଆଇପିଏଲ୍‌ରେ ଯେପରି ନବାଗତ ଖେଳାଳି ସୃଷ୍ଟି ହେଉଛନ୍ତି, ଠିକ୍ ସେହିପରି ପ୍ରତିଦ୍ୱନ୍ଦ୍ୱିତାର ମାନରେ ବୃଦ୍ଧି ହେଉଛି। ଏହାକୁ ଆଖିଆଗରେ ରଖି ପାକିସ୍ତାନ କ୍ରିକେଟ ବୋର୍ଡ କିଛି ଶିକ୍ଷା ଲାଭ କରୁ ବୋଲି ସେହଜାଦ୍ କହିଛନ୍ତି।

ଅନ୍ୟ ପକ୍ଷରେ ପାକିସ୍ତାନ ସୁପର ଲିଗ୍‌ରେ କିଛି ଅବସରପ୍ରାପ୍ତ ଖେଳାଳି ଓ କମେଣ୍ଟେଟରଙ୍କୁ ସୁଯୋଗ ଦେଇ ପାକିସ୍ତାନ କ୍ରିକେଟ ବୋର୍ଡ ସେମାନଙ୍କୁ ସୁପରଷ୍ଟାର କରୁଛି। ସେହଜାଦ୍‌ଙ୍କ ମତରେ ଗତ ୮ ବର୍ଷ ପୂର୍ବେ ବୋର୍ଡ ୬ରୁ ୭ ଜଣ ଖେଳାଳିଙ୍କ ଉପରେ ବେଶ ଭରସା କରିଥିଲା। ସେମାନଙ୍କୁ ପ୍ରଚୁର ଅର୍ଥ ଦେଲା ଓ ବିଭିନ୍ନ ଫ୍ରାଞ୍ଚାଇଜ୍‌ର ନେତୃତ୍ୱ ଦେଇ ଅନ୍ତର୍ଜାତୀୟ କ୍ରିକେଟ ଲାଗି ପ୍ରସ୍ତୁତ କରାଗଲା। ଫଳ କ'ଣ ମିଳିଲା? ସେହି ଖେଳାଳି ଏବେ ପର୍ଯ୍ୟନ୍ତ ପିଏସ୍‌ଏଲ୍‌ର ଭାଗ୍ୟ ନିର୍ଦ୍ଧାରଣ କରୁଛନ୍ତି। ସେମାନଙ୍କୁ ସୁପରଷ୍ଟାରର ମର୍ଯ୍ୟାଦା ଦିଆଯାଉଛି। ଏକାଧିକ ଖେଳାଳି ଏହା ମଧ୍ୟରେ ଅବସର ନେଇଯାଇଥିଲେ ମଧ୍ୟ ପିଏସ୍‌ଏଲ୍‌ରେ ଖେଳୁଛନ୍ତି। କିଛି କମେଣ୍ଟ୍ରି ମଧ୍ୟ କରୁଛନ୍ତି। ଏହି ଖେଳାଳିମାନେ ପିଏସ୍‌ଏଲ୍‌ର ପ୍ରତିଦ୍ୱନ୍ଦ୍ୱିତାର ମାନ ଆଦୌ ବଢ଼ାଇପାରିବେ ନାହିଁ। ଏଣୁ ନୂଆ ପ୍ରତିଭାକୁ ଚିହ୍ନଟ କରାଯାଉ ଓ ସେମାନଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ଦିଆଗଲେ ପାକିସ୍ତାନ କ୍ରିକେଟର ଉନ୍ନତି ହୋଇପାରିବ। ବର୍ତ୍ତମାନ ଯେଉଁ ଖେଳାଳିମାନେ ପାକିସ୍ତାନକୁ ପ୍ରତିନିଧିତ୍ୱ କରୁଛନ୍ତି, ସେମାନଙ୍କ ନିକଟରେ କିଛି ଦାୟିତ୍ୱବୋଧ ଥିଲାଭଳି ମନେ ହେଉନାହିଁ। ସେମାନେ ଭଲ ଖେଳିବା ପରିବର୍ତ୍ତେ ନିଜ ନିଜ ମଧ୍ୟରେ ଝଗଡା ଲାଗୁଛନ୍ତି। ଏହି ଅନ୍ତଦ୍ୱନ୍ଦ୍ୱର୍ ଯୋଗୁ ବର୍ତ୍ତମାନ ପାକିସ୍ତାନ ସବୁଠାରୁ ଦୁର୍ବଳ ଦଳରେ ପରିଣତ ହୋଇଛି। ଦେଶରେ ତ ପ୍ରତିଭାର ଅଭାବ, ଏହା ପରେ ଅନ୍ତଃଦ୍ୱନ୍ଦ୍ୱର୍ ପାକିସ୍ତାନ କ୍ରିକେଟ୍‌କୁ ଭୂଲୁଣ୍ଠିତ କରୁଛି। ଯାହା ଫଳରେ ଅନ୍ତର୍ଜାତୀୟ ସ୍ତରରେ ପାକିସ୍ତାନ ଏକ ଦୁର୍ବଳ ରାଷ୍ଟ୍ରରେ ପରିଣତ ହୋଇଛି। ପ୍ରଦର୍ଶନ ଲାଗି ଖେଳାଳିମାନେ ଉତ୍ତରଦାୟୀ ହେବା ଉଚିତ। ଯାହା ଫଳରେ ପ୍ରତିଦ୍ୱନ୍ଦ୍ୱିତାର ମାନ ବଢ଼ିବା ସହ ପାକିସ୍ତାନ ଏକ ଶକ୍ତିଶାଳୀ କ୍ରିକେଟ ରାଷ୍ଟ୍ରରେ ପରିଣତ ହୋଇପାରିବ ବୋଲି ଅହମ୍ମଦ୍ ସେହଜାଦ୍ କହିଛନ୍ତି।

## କ୍ୟାରିୟରରେ ୯୦୦ ଗୋଲ୍ ଦେଲେ ମେସି



ଫ୍ଲୋରିଡା, ୧୯ ।୩ (ଏଜେନ୍ସି): ଆର୍ଜେଣ୍ଟିନାର ମହାନ ଫୁଟ୍‌ବଲ ଖେଳାଳି ଲିଓନେଲ ମେସି ତାଙ୍କ କ୍ୟାରିୟରରେ ଆଉ ଏକ ମାଇଲଖୁଣ୍ଟ ହାସଲ କରିଛନ୍ତି। ମେସି କ୍ୟାରିୟରର ୯୦୦ତମ ଗୋଲ୍ ଦେଇଛନ୍ତି। ଏଠାରେ ଗତକାଲି ଅନୁଷ୍ଠିତ କନକାଫ୍ ଚାମ୍ପିଅନସିପ୍ କପ୍‌ର ପ୍ରି-କ୍ୱାର୍ଟର ଫାଇନାଲ ମ୍ୟାଚରେ ଇଣ୍ଟର ମିଆମି ତାରକା ମେସି ନାଶଭିଲ୍ଲେ ଏସ୍‌ସି ବିପକ୍ଷ ମ୍ୟାଚରେ ଏହି କୀର୍ତ୍ତିମାନ ହାସଲ କରିଥିଲେ। ମ୍ୟାଚର ୭ମ ମିନିଟରେ ମେସି ଗୋଲସ୍କୋର କରିଥିଲେ। ଯାହାକି ତାଙ୍କ କ୍ୟାରିୟରର ୯୦୦ତମ ଗୋଲ୍ ଥିଲା। ଯେଉଁଥିରେ ସେ ବାର୍ସିଲୋନା କ୍ଲବ ପାଇଁ ସର୍ବାଧିକ ୬୭୨ଟି ଗୋଲ୍ ଦେଇଛନ୍ତି। ସେହିଭଳି ପ୍ୟାରିସ ସେଣ୍ଟ-ଜର୍ମେନ ପାଇଁ ୩୨ଟି ଓ ବର୍ତ୍ତମାନର କ୍ଲବ ଇଣ୍ଟର ମିଆମି ପାଇଁ ୮୧ଟି ଗୋଲ୍ ଦେଇଛନ୍ତି। ଅପରପକ୍ଷରେ ଜାତୀୟ ଦଳ ଆର୍ଜେଣ୍ଟିନା ପକ୍ଷରୁ ଖେଳି ମେସି ୧୧୫ଟି ଗୋଲ୍‌ସ୍କୋର କରିଛନ୍ତି। ବିଶ୍ୱ ଫୁଟବଲରେ ୯୦୦ ଗୋଲ୍ ଦେବାରେ ମେସି ଦ୍ୱିତୀୟ ପୁରୁଷ ଖେଳାଳି ହୋଇଛନ୍ତି। ତାଙ୍କ ପୂର୍ବରୁ ପ୍ରଥମ ଖେଳାଳି ଭାବେ ପର୍ତ୍ତୁଗାଲର କ୍ରିଷ୍ଟିଆନୋ ରୋନାଲ୍ଡୋ ଏହି କୀର୍ତ୍ତିମାନ କରିଥିଲେ। ୪୧ ବର୍ଷୀୟ ରୋନାଲ୍ଡୋ ବର୍ତ୍ତମାନ ସୁଦ୍ଧା ୯୬୫ଟି ଗୋଲ୍ ଦେଇ ଶୀର୍ଷରେ ରହିଛନ୍ତି।

## ତୃତୀୟ ସନ୍ତାନର ପିତୃତ୍ୱ ଲାଭ କଲେ କାର୍ତ୍ତିକ



ଚେନ୍ନାଇ, ୧୯ ।୩ (ଏଜେନ୍ସି): ପୂର୍ବତନ ଭାରତୀୟ କ୍ରିକେଟର୍ ଦୀନେଶ କାର୍ତ୍ତିକ ୩ୟ ସନ୍ତାନର ଜନକ ହୋଇଛନ୍ତି। ତାଙ୍କ ପତ୍ନୀ ତଥା ଭାରତୀୟ ସ୍କ୍ୱାଶ ଖେଳାଳି ଦୀପିକା ପାଲିକଲ ଏକ କନ୍ୟା ସନ୍ତାନ ପ୍ରସବ କରିଛନ୍ତି। ୪୦ ବର୍ଷୀୟ ଦୀନେଶ ସାମାଜିକ ଗଣମାଧ୍ୟମରେ ଏହି ସୂଚନା ତାଙ୍କ ପ୍ରଶଂସକଙ୍କୁ ଜଣାଇଛନ୍ତି। କନ୍ୟା ସନ୍ତାନର ନାମ ରାହ ପାଲିକଲ କାର୍ତ୍ତିକ ରଖାଯାଇଛି। କବୀର ଓ ଜିଆନ ସେମାନଙ୍କ ଛୋଟ ଭଉଣୀକୁ ସ୍ୱାଗତ କରିବା ପାଇଁ ବହୁତ ଉତ୍ସାହିତ ରହିଛନ୍ତି ବୋଲି ଦୀନେଶ ସୂଚନା ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଏହି ଚର୍ଚ୍ଚିତ କ୍ରୀଡ଼ା ଦମ୍ପତି ୨୦୧୫ରେ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ। ୨୦୨୧ରେ ଉଭୟଙ୍କ କବୀର ଓ ଜିଆନ ନାମରେ ଯାଆଁଳା ପୁତ୍ର ସନ୍ତାନ ହୋଇଥିଲା। କାର୍ତ୍ତିକ ବର୍ତ୍ତମାନ ଆଇପିଏଲ୍‌ରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) କୋଚିଂ ଦଳରେ ସାମିଲ ରହିଛନ୍ତି। ସେ ଆର୍‌ସିବିର ବ୍ୟାଟିଂ କୋଚ୍ ଭାବେ କାର୍ଯ୍ୟ କରୁଛନ୍ତି।

## ● ଜାତୀୟ ପାରା ଆଥ୍‌ଲେଟିକ୍ସ
# ଜୟନ୍ତୀ, ଜାନକୀଙ୍କୁ ସ୍ୱର୍ଣ୍ଣ; ଓଡ଼ିଶାକୁ ୫ ପଦକ

ଭୁବନେଶ୍ୱର, ୧୯ ।୩ (ସମିସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୨୪ତମ ଜାତୀୟ ପାରା ଆଥଲେଟିକ୍ସ ଚାମ୍ପିଅନସିପ୍‌ର ପ୍ରଥମ ଦିବସରେ ଗୁରୁବାର ଓଡ଼ିଶା ୫ଟି ପଦକ ବିଜୟୀ ହୋଇଛି। ଯେଉଁଥିରେ ଦୁଇଟି ଲେଖାଏ ସ୍ୱର୍ଣ୍ଣ ଓ କାଂସ୍ୟ ଏବଂ ଗୋଟିଏ ରୌପ୍ୟ ପଦକ ରହିଛି। ମହିଳା ୧୦୦ ମିଟରର ଟି୪୭ ବର୍ଗରେ ଜୟନ୍ତୀ ବେହେରା ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ସେ ୧୩.୧୭ ସେକେଣ୍ଡରେ ରେସ ଶେଷ କରିଥିଲେ। ସେହିଭଳି ଜାନକୀ ଓରାମ ୧୦୦ ମିଟର ଟି୧୨ ବର୍ଗରେ ପୋଡିୟମର ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ହାତେଇଥିଲେ। ରେସ ଶେଷ କରିବାକୁ ଜାନକୀ ୧୩.୮୧ ସେକେଣ୍ଡ ସମୟ ନେଇଥିଲେ। ମହିଳା ୧୦୦ ମିଟରର ଟି୧୩ ବର୍ଗରେ କବିତା ପ୍ରବାହୁଏ ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟ ପଦକ ବିଜୟୀ ହୋଇଥିଲେ। ଅପରପକ୍ଷରେ ପୁରୁଷ ଜାଭେଲିନ ଥ୍ରୋ ଏଫ୍୪୬ ବର୍ଗରେ ରଞ୍ଜିତ ଚାନ୍ଦ ଓ ପୁରୁଷ ୧୦୦ ମିଟର ଟି୫୩ ବର୍ଗରେ କମଳକାନ୍ତ ନାୟକ କାଂସ୍ୟ ପଦକ ଜିତି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି।

## ବିଶ୍ୱକପ୍ ହକି
# ଭାରତ-ପାକିସ୍ତାନ ମୁକାବିଲା ୧୯ରେ



ନୂଆଦିଲ୍ଲୀ,୧୯।୩(ଏଜେନ୍ସି): ନେଦରଲାଣ୍ଡସ ଓ ବେଲଜିୟମରେ ଅଗଷ୍ଟ ୧୫ରୁ ୩୦ ତାରିଖଯାଏ ଖେଳାଯିବାକୁ ଥିବା ହକି ବିଶ୍ୱକପ୍‌ର ଖେଳସୂଚୀ ପ୍ରକାଶ ପାଇଛି। ଗ୍ରୁପ୍-ଡି'ରେ ସ୍ଥାନ ପାଇଥିବା ପୁରୁଷ ଦଳ ଅଗଷ୍ଟ ୧୫ରେ ୱେଲ୍ସ, ୧୭ରେ ଇଂଲଣ୍ଡ ଓ ୧୯ରେ ପାକିସ୍ତାନ ସହ ଖେଳିବାକୁ କାର୍ଯ୍ୟସୂଚୀ ପ୍ରକାଶ ପାଇଛି। ସେହିପରି ମହିଳା ଦଳ ମଧ୍ୟ ଗ୍ରୁପ୍-ଡି'ରେ ସ୍ଥାନ ପାଇଛି। ଅଗଷ୍ଟ ୧୬ରେ ମହିଳା ଦଳ ପ୍ରଥମ ମ୍ୟାଚ୍‌ରେ ଚୀନ୍, ୧୮ରେ ଦକ୍ଷିଣ ଆଫ୍ରିକା ଓ ୨୦ରେ ଇଂଲଣ୍ଡ ସହ ଖେଳିବାର କାର୍ଯ୍ୟସୂଚୀରୁ ଜଣାଯାଇଛି।

**ଭାରତର ପୁରୁଷ ଖେଳସୂଚୀ**

| ତାରିଖ | ପ୍ରତିଦ୍ୱନ୍ଦ୍ୱୀ | ଭାରତୀୟ ସମୟ |
|---|---|---|
| ୧୫।୮ | ୱେଲ୍ସ | ଅପରାହ୍ଣ ୪ଟା୩୦ |
| ୧୭।୮ | ଇଂଲଣ୍ଡ | ସନ୍ଧ୍ୟା ୬ଟା ୩୦ |
| ୧୯।୮ | ପାକିସ୍ତାନ | ସନ୍ଧ୍ୟା ୬ଟା ୩୦ |

**ମହିଳା ଦଳର ଖେଳସୂଚୀ**

| ତାରିଖ | ପ୍ରତିଦ୍ୱନ୍ଦ୍ୱୀ | ଭାରତୀୟ ସମୟ |
|---|---|---|
| ୧୬।୮ | ଚୀନ୍ | ଅପରାହ୍ଣ ୪ଟା୩୦ |
| ୧୮।୮ | ଦ.ଆଫ୍ରିକା | ସନ୍ଧ୍ୟା ୬ଟା ୩୦ |
| ୨୦।୮ | ଇଂଲଣ୍ଡ | ସନ୍ଧ୍ୟା ୬ଟା ୩୦ |

## ଏଥେନ୍ସ ଅନ୍ତର୍ଜାତୀୟ ଉଶୁ: ଜିନ୍ଦଲର ଶିବାନୀଙ୍କୁ ସ୍ୱର୍ଣ୍ଣ, ମଞ୍ଜୁଙ୍କୁ ରୌପ୍ୟ ପଦକ



ଭୁବନେଶ୍ୱର,୧୯ ।୩ (ସମିସ): ଅନ୍ତର୍ଜାତୀୟ ଉଶୁ ଚାମ୍ପିଅନସିପ୍‌ରେ ବଡ଼ବିଲ ଜିନ୍ଦଲ ସ୍ପୋର୍ଟ୍ସ ହଷ୍ଟେଲର ଦୁଇ ଅନ୍ତେବାସୀ ଶିବାନୀ ମୁଣ୍ଡା ଓ ମଞ୍ଜୁ ମୁଣ୍ଡା ପଦକ ବିଜୟୀ ହୋଇଛନ୍ତି। ଏଥେନ୍ସ ଅନ୍ତର୍ଜାତୀୟ ଉଶୁର ଶିବାନୀ ୧୪ ବର୍ଷରୁ କମ୍ ୩୯ କିଲୋଗ୍ରାମ୍ କାଟାଗୋରୀରେ ସ୍ୱର୍ଣ୍ଣ ପଦକ ଓ ମଞ୍ଜୁ ବରିଷ୍ଠ ୪୮ କେଜିରେ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ଜିନ୍ଦଲ ଫାଉଣ୍ଡେସନ, କେନ୍ଦୁଝର ଜିଲ୍ଲା ଓ ଓଡ଼ିଶା ଉଶୁ ସଂଘର ମିଳିତ ସହଯୋଗରେ ଏହି କ୍ରୀଡ଼ାର ଉନ୍ନତି ହୋଇଛି। କେନ୍ଦୁଝରରେ ୬୦ ଶଯ୍ୟା ବିଶିଷ୍ଟ ସ୍ପୋର୍ଟ୍ସ ହଷ୍ଟେଲ ରହିଛି। ଏଠାରେ ଅନ୍ତେବାସୀମାନେ ପାଠ ପଢ଼ିବା ସହ ଖେଳରେ ମଧ୍ୟ ପ୍ରଶିକ୍ଷଣ ନେଉଛନ୍ତି। କେନ୍ଦୁଝର ଜିଲ୍ଲା ସିଆଳିଯୋଡାଠାରେ ଆଉ ଏକ ଉଶୁ ପ୍ରଶିକ୍ଷଣ କେନ୍ଦ୍ର ରହିଛି। ଏହି କେନ୍ଦ୍ରରେ ୩୫୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ପ୍ରଶିକ୍ଷଣ ନେଉଛନ୍ତି। ଉଭୟ କେନ୍ଦ୍ର ଜିନ୍ଦଲ ଫାଉଣ୍ଡେସନର ଅଧ୍ୟକ୍ଷା ଶାଲୁ ଜିନ୍ଦଲଙ୍କ ନେତୃତ୍ୱ ଓ ଜିନ୍ଦଲ ଷ୍ଟିଲ୍‌ର ଅଧ୍ୟକ୍ଷ ନବୀନ ଜିନ୍ଦଲଙ୍କ ମାର୍ଗଦର୍ଶନରେ କ୍ରୀଡ଼ାରେ ଉତ୍କର୍ଷ ଆଣିବା ଲାଗି ସମସ୍ତ ପ୍ରକାର ଉଦ୍ୟମ ଚାଲୁରହିଛି।

## ଆଇପିଏଲ୍‌ରୁ ଏଲିସ୍, କରାନ ଆଉଟ

ଚେନ୍ନାଇ,୧୯।୩(ଏଜେନ୍ସି): ଚେନ୍ନାଇ ସୁପର କିଙ୍ଗସ (ସିଏସ୍‌କେ)ର ଅଷ୍ଟ୍ରେଲୀୟ ଫାଷ୍ଟ ବୋଲର ନାଥାନ ଏଲିସ୍ ଓ ରାଜସ୍ଥାନ ରୟାଲ୍ସର ଇଂଲିଶ ଅଲରାଉଣ୍ଡର ସାମ କରାନ ଆଇପିଏଲ୍‌ରୁ ବାଦ୍ ପଡ଼ିଛନ୍ତି। ଉଭୟ ଖେଳାଳିଙ୍କ ଆଘାତ ସମସ୍ୟା ଏବେ ଠିକ୍ ହୋଇପାରିବ ନାହିଁ ବୋଲି ଜଣାପଡ଼ିବା ପରେ ସିଏସ୍‌କେ ଓ ରୟାଲ୍ସକୁ ଶକ୍ତ ଧକ୍କା ଲାଗିଛି। 'ଏଲିସ୍ ଆମର ଡେଥ ଓଭର ସ୍ପେଶାଲିଷ୍ଟ ବୋଲର ଥିଲେ। ଏବେ ଆଉ ଜଣେ ବୋଲରଙ୍କୁ ଖୋଜିବୁ' ବୋଲି ସିଏସ୍‌କେର ସିଇଓ କାଶୀ ବିଶ୍ୱନାଥ କହିଛନ୍ତି। ଅଷ୍ଟ୍ରେଲିଆର ଅନ୍ୟତମ ଫାଷ୍ଟ ବୋଲର ତଥା ସନ୍‌ରାଇଜର୍ସ ହାଇଦରାବାଦ୍‌ର ଅଧିନାୟକ ପ୍ୟାଟ କମିନ୍ସ, ଚାମ୍ପିଅନ ଆର୍‌ସିବିର ଜୋଶ ହାଜ୍‌ଲେଉଡ୍‌ଙ୍କର ମଧ୍ୟ ଚଳିତ ଆଇପିଏଲ୍‌ରେ ଖେଳିବା ନେଇ ଆଶଙ୍କା ରହିଛି। କେକେଆର୍‌ର ଦୁଇ ଫାଷ୍ଟ ବୋଲର ହର୍ଷିତ ରାଣା ବାଦ୍ ପଡ଼ିଥିଲାବେଳେ ମାଥିଶା ପତିରାଣା ଏବେ ମଧ୍ୟ ଫିଟ୍ ହୋଇ ନାହାନ୍ତି। ଏଭଳି ଘଟଣାକୁ ଦେଖିଲେ ଚଳିତ ସଂସ୍କରଣରେ ଆଘାତ ଯୋଗୁଁ ସର୍ବାଧିକ ଖେଳାଳି ଖେଳିବା ନେଇ ଆଶଙ୍କା ପ୍ରକାଶ ପାଇଛି।

## ■ ସିନିଅର ଫେଡେରେସନ୍ କପ୍ ଥ୍ରୋ ବଲ୍
# ଓଡ଼ିଶା ଦଳକୁ କାଂସ୍ୟ

ଭୁବନେଶ୍ୱର, ୧୯ ।୩ (ସମିସ): ଆନ୍ଧ୍ର ପ୍ରଦେଶର ତିରୁପତିଠାରେ ୩୪ତମ ସିନିଅର ଫେଡେରେସନ କପ୍ ଥ୍ରୋ ବଲ୍ ଚାମ୍ପିଅନସିପ୍‌ରେ ଓଡ଼ିଶା ପୁରୁଷ ଦଳ କାଂସ୍ୟ ପଦକ ବିଜୟୀ ହୋଇଛି। ଗ୍ରୁପ୍ ପର୍ଯ୍ୟାୟରେ ରାଜସ୍ଥାନ, ଦିଲ୍ଲୀ ଓ କେରଳକୁ ପରାସ୍ତ କରି ଓଡ଼ିଶା ସେମିଫାଇନାଲରେ ପ୍ରବେଶ କରିଥିଲା। କିନ୍ତୁ ସେମିଫାଇନାଲରେ ମଧ୍ୟପ୍ରଦେଶ ନିକଟରୁ ଓଡ଼ିଶା ପରାସ୍ତ ହୋଇଥିଲା। ଏହାପରେ ୩ୟ/୪ର୍ଥ ସ୍ଥାନ ପାଇଁ ଖେଳାଯାଇଥିବା ମ୍ୟାଚରେ ଓଡ଼ିଶା ୨-୧ ସେଟରେ ତାମିଲନାଡୁକୁ ହରାଇ କାଂସ୍ୟ ପଦକ ଜିତିଛି। ଓଡ଼ିଶା ଦଳର ସଫଳତାରେ ରାଜ୍ୟ ଥ୍ରୋ ବଲ୍ ସଂଘର ସଭାପତି ଭୂପେନ୍ଦ୍ର ସିଂ, ସମ୍ପାଦକ ଜିତେନ୍ଦ୍ରନାଥ ଦାସ ଓ ଯୁଗ୍ମ ସମ୍ପାଦକ ଯଶୋବନ୍ତ ପରମଗୁରୁ ଶୁଭକାମନା ଜଣାଇଛନ୍ତି। ଏଥିସହ ଆର୍ଥିକ ସହାୟତା ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏହି ପ୍ରତିଯୋଗିତାରେ ଅର୍ଥାଭାବ ଯୋଗୁ ଓଡ଼ିଶା ମହିଳା ଦଳ ଅଂଶଗ୍ରହଣ କରିପାରି ନ ଥିଲା। ଏହାକୁ ନେଇ ସମ୍ପାଦକ ଦୁଃଖ ପ୍ରକାଶ କରିବା ସହ କ୍ରୀଡ଼ା ବିଭାଗ ସହ ଆଲୋଚନା କରିବେ ବୋଲି କହିଛନ୍ତି।



## ଜାତୀୟ ଯୁବ ଭଲିବଲ୍
# ସେମିଫାଇନାଲରେ ଓଡ଼ିଶା




ଭୁବନେଶ୍ୱର, ୧୯ ।୩ (ସମିସ): କିଟ୍‌ସ୍ଥିତ ବିଜୁ ପଟ୍ଟନାୟକ ଇନଡୋର ଷ୍ଟାଡିୟମରେ ଚାଲିଥିବା ୨୬ତମ ଜାତୀୟ ଯୁବ ଭଲିବଲ୍ ଚାମ୍ପିଅନସିପ୍‌ରେ ଆୟୋଜକ ଓଡ଼ିଶାକୁ ବଡ଼ ସଫଳତା ମିଳିଛି। ଓଡ଼ିଶାର ଉଭୟ ବାଳକ ଓ ବାଳିକା ଦଳ ସେମିଫାଇନାଲରେ ପ୍ରବେଶ କରିଛି। ପ୍ରଥମଥର ଲାଗି କୌଣସି ଜାତୀୟ ଭଲିବଲ୍ ଚାମ୍ପିଅନସିପ୍‌ର ଉଭୟ ପୁରୁଷ ଓ ମହିଳା ବିଭାଗରେ ଓଡ଼ିଶା ସେମିଫାଇନାଲ ଖେଳିବା ଏହା ପ୍ରଥମ ଘଟଣା। ଗୁରୁବାର ଅନୁଷ୍ଠିତ ବାଳିକା କ୍ୱାର୍ଟର ଫାଇନାଲରେ ଓଡ଼ିଶା ୩-୧ (୨୬-୨୪, ୨୫-୧୭, ୨୨-୨୫, ୨୫-୧୧) ସେଟରେ ଦିଲ୍ଲୀକୁ ପରାସ୍ତ କରିଥିଲା। ଓଡ଼ିଶା ବାଳିକା ଦଳ ଏଥିପୂର୍ବରୁ ଡିଫେଣ୍ଡିଂ ଚାମ୍ପିଅନ ପଶ୍ଚିମବଙ୍ଗକୁ ମାତ୍ ଦେଇଥିଲା। ସେହିଭଳି ବାଳକ କ୍ୱାର୍ଟରରେ ଓଡ଼ିଶା ସମାନ ୩-୧ ସେଟ (୧୬-୨୫, ୨୫-୧୯, ୨୫-୨୧, ୨୫-୧୭)ରେ ଶକ୍ତିଶାଳୀ ତାମିଲନାଡୁକୁ ହରାଇ ସେମିଫାଇନାଲ ଟିକଟ ହାସଲ କରିଥିଲା। ସେମିଫାଇନାଲରେ ଓଡ଼ିଶା ବାଳକ ଦଳ ପଞ୍ଜାବକୁ ଏବଂ ବାଳିକା ଦଳ ତାମିଲନାଡୁକୁ ଭେଟିବାର କାର୍ଯ୍ୟସୂଚୀ ରହିଛି। ଏହି ସଫଳତା ଲାଗି ଓଡ଼ିଶା ଭଲିବଲ୍ ସଂଘର ସଭାପତି ପ୍ରଫେସର ଅଚ୍ୟୁତ ସାମନ୍ତ ଉଭୟ ଦଳର ଖେଳାଳିଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।

## ■ ଦେବେନ୍ଦ୍ର ପ୍ରଧାନ ମେମୋରିଆଲ୍ ଫୁଟବଲ
# ସମଲେଶ୍ୱରୀକୁ ହରାଇଲା ମଙ୍ଗଳା କ୍ଲବ୍

ଭୁବନେଶ୍ୱର, ୧୯ ।୩ (ସମିସ): ଭୁବନେଶ୍ୱର ଫୁଟବଲ ଏକାଡେମୀରେ ଚାଲିଥିବା ପ୍ରଥମ ଡ. ଦେବେନ୍ଦ୍ର ପ୍ରଧାନ ମେମୋରିଆଲ ଫୁଟବଲରେ ଗୁରୁବାର କଟକର ମଙ୍ଗଳା କ୍ଲବ ବଡ଼ ବିଜୟ ହାସଲ କରିଛି। ଏହି ମ୍ୟାଚରେ ମଙ୍ଗଳା କ୍ଲବ ୬-୧ ଗୋଲରେ ସମ୍ବଲପୁରର ସମଲେଶ୍ୱରୀ ସ୍ପୋର୍ଟିଂକୁ ହରାଇଦେଇଛି। ବିଜୟୀ ଦଳ ପକ୍ଷରୁ ଆକାଶ ଓରାମ ଓ ଦୀନବନ୍ଧୁ ୨ଟି ଲେଖାଏ ଗୋଲ୍ ଦେଇଥିଲେ। ଆକାଶଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ବାବଦକୁ ଆକାଶଙ୍କୁ ୩ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ପୂର୍ବତନ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ଓଡ଼ିଶା ଅଲିମ୍ପିକ ସଂଘର ସଭାପତି ସମୀର ମହାନ୍ତି ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଶୁକ୍ରବାର ଅନୁଗୋଳର ଅଷ୍ଟକୀଳା କ୍ଲବ ପତାକା ଓ ମଙ୍ଗଳା କ୍ଲବ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ।

## ପ୍ରଶାନ୍ତ-ଶୁଭାଶିଷ ସ୍ମାରକୀ କ୍ରିକେଟ୍
# ଫାଇନାଲରେ ମୁକ୍ତେଶ୍ୱର




ଭୁବନେଶ୍ୱର, ୧୯ ।୩ (ସମିସ): ଆୟୋଜକ ମୁକ୍ତେଶ୍ୱର କ୍ରିକେଟ କ୍ଲବ୍ ପ୍ରଥମ ଦଳ ଭାବେ ପ୍ରଶାନ୍ତ ମହାପାତ୍ର ଓ ଶୁଭାଶିଷ ଭୂୟାଁ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପ୍ରବେଶ କରିଛି। ସ୍ଥାନୀୟ ବିଜେବି କଲେଜ୍ ଗ୍ରାଉଣ୍ଡରେ ଗୁରୁବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲ ମୁକାବିଲାରେ ମୁକ୍ତେଶ୍ୱର ୮୭ ରନରେ ସହରର ପ୍ରତିଦ୍ୱନ୍ଦ୍ୱୀ ପାରାମାଉଣ୍ଟ ସ୍ପୋର୍ଟିଂକୁ ପରାସ୍ତ କରିଥିଲା। ଏହି ମ୍ୟାଚରେ ୯୭ ବଲ୍‌ରୁ ୧୦୮ ରନ୍ କରିଥିବା ବରିଷ୍ଠ ଓପନର ଅନୁରାଗ ଷଡଙ୍ଗୀଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରିଥିଲେ ଅର୍କିଡ ବିଲ୍ଡର୍ସର ବନ୍ଧନ ମହାନ୍ତି। ଆସନ୍ତାକାଲି ଶୁକ୍ରବାର ଦ୍ୱିତୀୟ ସେମିଫାଇନାଲ ମୁକାବିଲା ରାଉରକେଲା ୟୁଥ୍ କ୍ରିକେଟ କ୍ଲବ୍ ଓ ଭୁବନେଶ୍ୱରର ପ୍ରଗତି ସ୍ପୋର୍ଟିଂ ମଧ୍ୟରେ ଖେଳାଯିବ। ଏହି ମ୍ୟାଚ୍‌ର ବିଜେତା ସହ ଆୟୋଜକ ମୁକ୍ତେଶ୍ୱର ଫାଇନାଲ ମୁକାବିଲା କରିବ। ଆଜିର ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ମୁକ୍ତେଶ୍ୱର ନିର୍ଦ୍ଧାରିତ ୪୦ ଓଭରରେ ୭ ୱିକେଟ ହରାଇ ୨୬୦ ରନ୍ କରିଥିଲା। ଦଳ ପକ୍ଷରୁ ଅନୁରାଗଙ୍କ ଶତକ ବ୍ୟତୀତ ହିମାଂଶୁ ବିସ୍ତ ୨୯ ବଲ୍‌ରେ ୫୧ ଓ ରମଣୀ ଜେନା ୪୫ ରନ୍ କରିଥିଲେ। ପ୍ରତିପକ୍ଷ ଦଳର ସେକ୍ ନକ୍ବିବ୍ ଓ ରୀତେଶ ପ୍ରିୟରଞ୍ଜନ ୨ଟି ଲେଖାଏଁ ୱିକେଟ ପାଇଥିଲେ।

ଜବାବରେ ୨୬୧ ରନ୍‌ର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିବା ପାରାମାଉଣ୍ଟ ୪ ଓଭରରେ ୫୧ ରନ୍ କରି ଧମାକାଦାର ବ୍ୟାଟିଂ ଆରମ୍ଭ କରିଥିଲା। କିନ୍ତୁ ମୁକ୍ତେଶ୍ୱର ବୋଲରମାନେ ମିଡଲ ଓଭରରେ ଚମତ୍କାର ବୋଲିଂ କରି ୧୮ ଓଭରରେ ୯୩ ରନ୍ ବ୍ୟୟ କରି ୬ଟି ୱିକେଟ ନେବା ଫଳରେ ପାରାମାଉଣ୍ଟର ଲଢ଼େଇ ଶେଷ ହୋଇଯାଇଥିଲା। ଫଳରେ ଦଳ ୨୮.୩ ଓଭରରେ ୧୭୩ ରନ୍ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ଦେବାଶିଷ ସାମନ୍ତରାୟ ୩୨ ଓ ବିଦ୍ୟାଧର ମହାପାତ୍ର ୩୫ ରନ୍ କରିଥିଲେ। ବିଜୟୀ ଦଳ ପକ୍ଷରୁ ସାଇପ୍ରୟାସ ପଟ୍ଟନାୟକ ସର୍ବାଧିକ ୪ଟି, ଚନ୍ଦ୍ରାଂଶୁ ବାଘେଲ, ପ୍ରତୀକ ସ୍ୱାଇଁ, ଅଭିନବ ନନ୍ଦ ୨ଟି ଲେଖାଏଁ ୱିକେଟ ନେଇ ଦଳକୁ ସହଜ ବିଜୟ ପ୍ରଦାନ କରିଥିଲେ।

## ଏଲ୍‌ଏଲ୍‌ସିସି କପ୍ କ୍ରିକେଟ
# କ୍ୱାର୍ଟର ଫାଇନାଲ୍‌ରେ ସହିଦ୍ ଓ ପ୍ରଗତି ସ୍ପୋର୍ଟିଂ

ଭୁବନେଶ୍ୱର, ୧୯ ।୩ (ସମିସ): ଭୁବନେଶ୍ୱରର ଦୁଇ ଦଳ ସହିଦ୍ ସ୍ପୋର୍ଟିଂ ଓ ପ୍ରଗତି ସ୍ପୋର୍ଟିଂ ଆଇଆର୍‌ସି ଭିଲେଜ୍ ପଡ଼ିଆରେ ଚାଲିଥିବା ୫ମ ଏଲଏଲସିସି କପ୍ ୧୪ ବର୍ଷରୁ କମ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଗୁରୁବାର ଖେଳାଯାଇଥିବା ପ୍ରି-କ୍ୱାର୍ଟର ମ୍ୟାଚରେ ସହିଦ୍ ସ୍ପୋର୍ଟିଂ ୭ ୱିକେଟରେ ବିବିସିଏ (ଭରତ ଭୂଷଣ କ୍ରିକେଟ ଏକାଡେମୀ)କୁ ପରାସ୍ତ କରିଛି। ସେହିପରି ପୂର୍ବରୁ ଖେଳାଯାଇଥିବା ମ୍ୟାଚ୍‌ରେ ମୁକ୍ତେଶ୍ୱର କ୍ରିକେଟ କ୍ଲବ୍‌କୁ ୭ ୱିକେଟରେ ହରାଇ ପ୍ରଗତି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା। ପ୍ରଗତିର ନମନ ଶତପଥୀ ୫୯ ବଲ୍‌ରେ ଅପରାଜିତ ୬୮ ରନ୍ କରି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ସେହିପରି ସହିଦ୍ ସ୍ପୋର୍ଟିଂର ଆର୍ଯ୍ୟ ମୋରେ ଅଲରାଉଣ୍ଡ ସଫଳତା ହାସଲ କରି ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ସେ ପ୍ରଥମେ ବୋଲିଂ କରି ୪ ଓଭରରେ ଗୋଟିଏ ମେଡେନ୍ ଓଭର ପକାଇ ମାତ୍ର ୧୫ ରନ୍ ଦେଇ ୪ଟି ୱିକେଟ ପାଇଥିଲେ। ଏହା ପରେ ବ୍ୟାଟିଂରେ ୨୫ ବଲ୍‌ରୁ ୧୦ ଚୌକା ସହ ୪୨ ରନ୍ କରିଥିଲେ।



ନମନ୍ ଶତପଥୀ | ଆର୍ଯ୍ୟ ମୋରେ

ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ବିବିସିଏ ୨୩.୨ ଓଭରରେ ୧୨୧ ରନ୍ କରି ଅଲଆଉଟ ହୋଇଯାଇଥିଲା। ଦଳର ହିତାଂଶୁ ଦାସ ୨୪ ରନ୍ କରିଥିଲେ। ଆର୍ଯ୍ୟଙ୍କ ବ୍ୟତୀତ ଜୟପ୍ରକାଶ ନାଥ ବୋଲିଂରେ ସଫଳତା ପାଇ ୧୩ ରନ୍‌ରେ ୩ଟି ୱିକେଟ ପାଇଥିଲେ। ଜବାବରେ ୧୨୨ ରନ୍‌ର ବିଜୟ ଲକ୍ଷ୍ୟକୁ ସହିଦ୍ ସ୍ପୋର୍ଟିଂ ୧୩.୨ ଓଭରରେ ୩ ୱିକେଟ ହରାଇ ହାସଲ କରିନେଇଥିଲା। ଦଳ ପକ୍ଷରୁ ଆର୍ଯ୍ୟଙ୍କ ୪୨ ରନ୍ ବ୍ୟତୀତ ସୁରଜ ଧଳ ୩୮ ବଲ୍‌ରେ ୧୦ ଚୌକା ସହ ୪୪ ରନ୍‌ର ଯୋଗଦାନ ଦେଇଥିଲେ। ପ୍ରତିପକ୍ଷ ଦଳର ପ୍ରତ୍ୟୁଷ ରଞ୍ଜନ ଜେନା ୨ଟି ୱିକେଟ ପାଇଥିଲେ।

ପୂର୍ବରୁ ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ମୁକ୍ତେଶ୍ୱର ପ୍ରଥମେ ବ୍ୟାଟିଂ କରି ୭ ୱିକେଟରେ ୧୩୬ ରନ୍ କରିଥିଲା। ଆଶୁତୋଷ ପଟ୍ଟନାୟକ ୭୬ ରନ୍ କରିଥିଲାବେଳେ ପ୍ରତିପକ୍ଷ ଦଳର ଶ୍ରୀରାମ ପ୍ରଧାନଙ୍କୁ ୫ଟି ୱିକେଟ ମିଳିଥିଲା। ଜବାବରେ ପ୍ରଗତି ମାତ୍ର ୩ ୱିକେଟ ହରାଇ ବିଜୟୀ ହୋଇଥିଲା।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS